# ଧରିତ୍ରୀ
DHARITRI

ଢେଙ୍କାନାଳ, ରବିବାର, ୧୫ ସେପ୍ଟେମ୍ବର, ୨୦୧୯ (୧୬ ପୃଷ୍ଠା + ଛୁଟିଦିନ) Dhenkanal, Sunday, 15 September, 2019 ★★★★★

୧୫ଶ ଭାଗ ୨୦୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ସୁମିତ ନାଗାଲ ଫାଇନାଲରେ**

ବୋସ୍‌ନିଆ ଓ ହର୍ଜଗୋଭିନାର ବଞ୍ଜା ଲୁକାଠାରେ ଚାଲିଥିବା ଚ୍ୟାଲେଞ୍ଜର ଟେନିସ ଟୁର୍ଣ୍ଣାମେଣ୍ଟରେ ଭାରତର ସୁମିତ ନାଗାଲ ଫାଇନାଲରେ ପ୍ରବେଶ କରିଛନ୍ତି। **୧୪**

**୦୨** **କ୍ୟାଟ୍ରିନା ଲୁଚିଛପି ବାହା ହୋଇଥିବା ଚର୍ଚ୍ଚା**

ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବଧୂବେଶ ସହ ହେଭି ଜୁଏଲେରୀ ପିନ୍ଧି ଥିବାରୁ ସେ ଲୁଚିଛପି ବିବାହ କରିଥିବା ଚର୍ଚ୍ଚା ହେଉଛି।



## ଛାଡ଼ପତ୍ର ଆବେଦନ କରିଥିବା ମହିଳାଙ୍କୁ ମିଳିବ ପେନ୍‌ସନ

■ ବାର୍ଷିକ ଆୟ ୪୦ ହଜାରରୁ କମ୍ ହୋଇଥିବା ଆବଶ୍ୟକ

ଭୁବନେଶ୍ୱର,୧୪।୯(ବ୍ୟୁରୋ)

କୋର୍ଟରେ ଛାଡ଼ପତ୍ର ମାମଲା ଚାଲିଥିବା ଏବଂ ଅସହାୟ ଅବସ୍ଥାରେ ରହୁଥିବା ମହିଳାମାନଙ୍କୁ ରାଜ୍ୟ ସରକାର ପେନ୍‌ସନ ଦେବେ। ଖୁବ୍‌ଶୀଘ୍ର ଏ ନେଇ ନିଷ୍ପତ୍ତି ନିଆଯିବ। ଶନିବାର ଭିନ୍ନକ୍ଷମ ଓ ସାମାଜିକ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି। ବିବାହ ବିଚ୍ଛେଦ ପରେ ଉଭୟ ସ୍ୱାମୀ ସ୍ତ୍ରୀ ଛାଡ଼ପତ୍ର ପାଇଁ କୋର୍ଟରେ ଆବେଦନ କରୁଛନ୍ତି। କିନ୍ତୁ ଏହି ଆବେଦନର ଫଇସଲା ହେବାକୁ ଦୀର୍ଘବର୍ଷ ଲାଗିଯାଇଥାଏ। ଏହି ସମୟରେ ଛାଡ଼ପତ୍ର ପାଇଁ ଆବେଦନ କରିଥିବା ମହିଳାମାନେ ନିଜ ସ୍ୱାମୀ କିମ୍ବା ଶାଶୁଘର ପକ୍ଷରୁ କୌଣସି ଆର୍ଥିକ ସହାୟତା ପାଇ ନ ଥାଆନ୍ତି। ଖର୍ଚ୍ଚ ତୁଲାଇବା ଲାଗି ଉକ୍ତ ମହିଳାଙ୍କ ନିକଟରେ କୌଣସି ସମ୍ବଳ ନ ଥାଏ। ବାପା, ଭାଇ କିମ୍ବା ଅନ୍ୟ ଆତ୍ମୀୟସ୍ୱଜନଙ୍କ ପାଖରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଥାଆନ୍ତି। ଏହାକୁ ବିଚାରକୁ ନେଇ ସେହି ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ପେନ୍‌ସନ ଯୋଗାଇଦେବାକୁ ସରକାର ବିଚାର କରୁଛନ୍ତି। ତେବେ ପେନ୍‌ସନ ପାଇବା ପାଇଁ ଆବେଦନକାରୀ ମହିଳା ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ପଡ଼ିବ। ଆବେଦନକାରୀଙ୍କ ବାର୍ଷିକ ଆୟ ୪୦ ହଜାର ଟଙ୍କାରୁ ଅଧିକ ହୋଇ ନ ଥିବ। ତେବେ ସେ ଯେଉଁ ପରିବାରରେ ରହୁଥିବେ ତାଙ୍କର ଆୟକୁ ଏଥିରେ ସାମିଲ କରାଯିବ ନାହିଁ। ଆବେଦନକାରୀ କୋର୍ଟରେ ଛାଡ଼ପତ୍ର ମାମଲା ଚାଲିଥିବା ନେଇ ଏକ ସେଲ୍ଫ ସାର୍ଟିଫିକେଶନ ଦେବେ। ପ୍ରଥମ ଥର ଲାଗି ଏଭଳି ଆବେଦନଗୁଡ଼ିକୁ ପେନ୍‌ସନ ପାଇଁ ଗ୍ରହଣ କରାଯିବ। ମଧୁବାବୁ ପେନ୍‌ସନ ଯୋଜନାରେ ଏହି ସହାୟତା ରାଶି ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।


NECC NATIONAL EGG CO-ORDINATION COMMITTEE 14.09.2019 Venco CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 63 | 110 | 120 |
| CTC | 65 | 113 | 123 |
| DKL | 65 | 113 | 123 |
| BDK | 65 | 113 | 123 |
| BLS | 66 | 114 | 124 |
| ANG | 65 | 113 | 123 |
| BHM | 61 | 107 | 117 |

Conditions Apply

Eggs Retail Price- 46/-Dozen
Issued in the Interest of Consumers


■ ମାନ୍ଦାବସ୍ଥା ଦୂର ପାଇଁ ୭୦ ହଜାର କୋଟିର ପ୍ୟାକେଜ ଘୋଷଣା

# ରିଏଲ ଇଷ୍ଟେଟ, ରପ୍ତାନି ବୃଦ୍ଧିକୁ ପ୍ରୋତ୍ସାହନ

ନୂଆଦିଲ୍ଲୀ,୧୪।୯

■ ହାଉସିଂ ପାଇଁ ସରକାର ଦେବେ ୧୦ହଜାର କୋଟି

■ ଅବଶିଷ୍ଟ ଏଲ୍‌ଆଇସି ଏବଂ ଅନ୍ୟ ସଂସ୍ଥା ଦେବେ

■ ରପ୍ତାନି ପାଇଁ ଦିଆଯିବ ୫୦ ହଜାର କୋଟି

■ ୨୦୨୦ ମାର୍ଚ୍ଚରୁ ୪ ମେଗା ଶପିଙ୍ଗ୍ ଫେଷ୍ଟିଭାଲ

■ ଡିସେମ୍ବରରୁ ବନ୍ଦରରେ ମାନୁଆଲ କ୍ଲିୟରାନ୍ସ ବନ୍ଦ



ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍

ଆର୍ଥିକ ମାନ୍ଦାବସ୍ଥାକୁ ଦୂର କରିବା ଉଦ୍ଦେଶ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶନିବାର ରିଏଲ ଇଷ୍ଟେଟ କ୍ଷେତ୍ରରେ ନିବେଶ ଓ ରପ୍ତାନି ବୃଦ୍ଧି ଲାଗି ୭୦ ହଜାର କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ଅର୍ଦ୍ଧନିର୍ମିତ ହୋଇ ପଡି ରହିଥିବା ଶସ୍ତା ଘରଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ୨୦ ହଜାର କୋଟି ଟଙ୍କାର ଏକ ଷ୍ଟ୍ରେସ୍‌ଡ ଆସେଟ ଫଣ୍ଡ ବା ସ୍ପେଶିଆଲ ୱିଣ୍ଡୋ ଗଠନ କରାଯିବ ବୋଲି ସୀତାରାମନ୍ କହିଛନ୍ତି। ଏଥିସହିତ ରପ୍ତାନି ବୃଦ୍ଧି ଲାଗି ୫୦ ହଜାର କୋଟି ଟଙ୍କାର ପ୍ୟାକେଜ ଘୋଷଣା କରାଯାଇଛି।

ଶନିବାର ନୂଆଦିଲ୍ଲୀରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ସୀତାରାମନ୍ କହିଛନ୍ତି ଯେ, ଘର କ୍ରେତା, ରପ୍ତାନି ଓ ଟିକସଦାତାଙ୍କ ଉପରେ ସରକାରଙ୍କ ସମ୍ପୂର୍ଣ୍ଣ ଫୋକସ୍ ରହିଛି। ସେ କହିଛନ୍ତି ଯେ, ଆଫୋର୍ଡେବଲ୍ ହାଉସିଂ ବା ଶସ୍ତା ଘର ନିର୍ମାଣ ପ୍ରକଳ୍ପ ପାଇଁ ଗଠିତ ସ୍ପେଶାଲ ୱିଣ୍ଡୋ ଫଣ୍ଡରେ ସରକାର ୧୦ ହଜାର କୋଟି ଟଙ୍କା ପ୍ରଦାନ କରିବେ। ଅବଶିଷ୍ଟ ସମ ପରିମାଣ(୧୦ ହଜାର କୋଟି ଟଙ୍କା) ଅର୍ଥ ଏଲ୍‌ଆଇସି, କେତେକ ଅନ୍ୟ ଆର୍ଥିକ ସଂସ୍ଥା, ବ୍ୟାଙ୍କ ଓ ସଭରେନ ଫଣ୍ଡ ପକ୍ଷରୁ ଦିଆଯିବ।

ରପ୍ତାନିକୁ ପ୍ରୋତ୍ସାହିତ କରିବାକୁ ଯାଇ ସୀତାରାମନ୍ ପ୍ୟାକେଜ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ୨୦୨୦ ଜାନୁୟାରୀ ପହିଲାରୁ ମର୍ଚ୍ଚାଣ୍ଡାଇଜ୍ ଏକ୍ସପୋର୍ଟ ଫ୍ରମ୍ ଇଣ୍ଡିଆନ ସ୍କିମ୍(ଏମ୍‌ଇଆଇଏସ) ସ୍ଥାନରେ ନୂଆ ସ୍କିମ୍ ରେମିଶନ ଅଫ୍ ଡ୍ୟୁଟିଜ୍ ଅର୍ ଟ୍ୟାକ୍ସେସ ଅନ୍ ଏକ୍ସପୋର୍ଟ ପ୍ରଡକ୍ଟ(ଆର୍‌ଓଡିଟିଇପି) ପ୍ରଚଳନ କରାଯିବ। ଏହି ନୂଆ ସ୍କିମ୍ ଅଧୀନରେ ସରକାରଙ୍କ ଉପରେ ୫୦ ହଜାର କୋଟି ଟଙ୍କାର ଅତିରିକ୍ତ ବୋଝ ପଡିବ। ସେହିପରି ରପ୍ତାନି ଉପରେ ଖୁବଶୀଘ୍ର ଇ-ରିଫଣ୍ଡ ଲାଗୁ କରାଯିବ। ରପ୍ତାନିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସରକାରୀ ସ୍ତରରେ ମାର୍ଚ୍ଚ ୨୦୨୦ରୁ ବାର୍ଷିକ ୪ ମେଗା ସପିଙ୍ଗ୍ ଫେଷ୍ଟିଭାଲ ଆୟୋଜନ କରାଯିବ। ଦେଶର ୪ ଭିନ୍ନ ଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଥିମ୍ ଯୋଗ, ଜେମ୍ସ ଆଣ୍ଡ ଜୁଏଲେରି, ବୟନଶିଳ୍ପ, ପର୍ଯ୍ୟଟନ ଓ ଚମଡା ଶିଳ୍ପ ଆଧାରରେ ସପିଙ୍ଗ୍ ଫେଷ୍ଟିଭାଲ ଆୟୋଜିତ ହେବ। ସୀତାରାମନ୍ ଆହୁରି କହିଛନ୍ତି ଯେ, ଚଳିତବର୍ଷ ଡିସେମ୍ବରରୁ ଦେଶର ସମସ୍ତ ବନ୍ଦରରେ ମାନୁଆଲ କ୍ଲିୟରାନ୍ସକୁ ବନ୍ଦ କରିଦିଆଯିବ। ସେହିପରି ପ୍ରାଥମିକତା ଥିବା ସେକ୍ଟର ଅଧୀନରେ ରପ୍ତାନି କ୍ରେଡିଟ ଲାଗି ୩୬ ହଜାର କୋଟିରୁ ୬୮ ହଜାର କୋଟି ଟଙ୍କା ଅତିରିକ୍ତ ଜାରି କରାଯିବ। ହସ୍ତଶିଳ୍ପ ଉଦ୍ୟୋଗକୁ ରପ୍ତାନି ଲାଗି ଇ-କମର୍ସ ବ୍ୟବହାର କରିବାକୁ ଅନୁମତି ପ୍ରଦାନ ମିଳିବ। ସେହିପରି ରପ୍ତାନି ସମୟ କମାଇବା ଲକ୍ଷ୍ୟରେ ଡିସେମ୍ବରରୁ ଏକ ସ୍ୱତନ୍ତ୍ର ଯୋଜନା ଆରମ୍ଭ କରାଯିବ। ଏଥିସହିତ ଏକ୍ସପୋର୍ଟ କ୍ରେଡିଟ ବୀମା ପରିସରକୁ ବୃଦ୍ଧି କରାଯିବ। ରପ୍ତାନି ପାଇଁ ଋଣ ଦେଉଥିବା ବ୍ୟାଙ୍କଗୁଡ଼ିକୁ ଅଧିକ ବୀମା ପରିସରଭୁକ୍ତ କରାଯିବ। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ ନିଜକୁ ଅଧିକ ସୁରକ୍ଷିତ ମଣିବେ ଏବଂ ରପ୍ତାନିକାରୀଙ୍କୁ ଅଧିକ ଋଣ ଦେଇପାରିବେ। ଏଥିଲାଗି ସରକାର ବାର୍ଷିକ ୧୭୦୦ କୋଟି ଟଙ୍କା ଖର୍ଚ୍ଚ କରିବେ।

ଅର୍ଥମନ୍ତ୍ରୀ ସୀତାରାମନ୍ କହିଛନ୍ତି ଯେ, ମୁଦ୍ରାସ୍ଫୀତି ନିୟନ୍ତ୍ରଣ ମଧ୍ୟରେ ରହିଛି। ଅଗଷ୍ଟରେ ଏହା ୩.୨୧% ରହିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ଲାଗି ମୁଦ୍ରାସ୍ଫୀତି ହାର ୪% ରଖିବାର ଲକ୍ଷ୍ୟ ରଖିଛନ୍ତି। ଔଦ୍ୟୋଗିକ ଉତ୍ପାଦନ ଏବଂ ନିବେଶରେ ସୁଧାର ହେଉଥିବାର ସଙ୍କେତ ସ୍ପଷ୍ଟ ଦେଖାଯାଉଛି। ବ୍ୟାଙ୍କଗୁଡ଼ିକ ପକ୍ଷରୁ ନଗଦ ପ୍ରବାହ ବଢ଼ାଇବାର ବ୍ୟବସ୍ଥା କରାଯାଉଛି। ରେପୋ ରେଟ୍ ହ୍ରାସର ଫାଇଦା ବ୍ୟାଙ୍କଗୁଡ଼ିକ ଦେବାକୁ ଆରମ୍ଭ କରିଛନ୍ତି। ଏହାର ସମୀକ୍ଷା ଲାଗି ସେ ଆସନ୍ତା ୧୯ରେ ବ୍ୟାଙ୍କ ପ୍ରମୁଖମାନଙ୍କ ସହ ବୈଠକ କରିବେ। ସୂଚନାଥାଉ କି, ଅର୍ଥମନ୍ତ୍ରୀ ଅଗଷ୍ଟ ୩୦ରେ ବ୍ୟାଙ୍କିଙ୍ଗ୍ ସେକ୍ଟରରେ ସୁଧାର ଆଣି ୧୦ ବ୍ୟାଙ୍କକୁ ମିଶାଇ ୪ ବୃହତ ବ୍ୟାଙ୍କ ଗଠନ କରିବା ସଂକ୍ରାନ୍ତରେ ଘୋଷଣା କରିଥିଲେ। ଏହାପୂର୍ବରୁ ସେ ଅଗଷ୍ଟ ☞ପୃଷ୍ଠା-୪



ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ

ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

## ୟୁରୋପୀୟ ସଂଘରୁ ଶିକ୍ଷା

**ଆଜିର ମନ୍ତବ୍ୟ**

" ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗି ତାଙ୍କ ମହାନତାକୁ ନଷ୍ଟ କରାଯାଇପାରିବ ନାହିଁ।

-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ନେତା

**କିଛି ତଥ୍ୟ**

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୦୦୪ ବିଲିୟନ ଡଲାର ବୃଦ୍ଧି ଘଟି ୪୨୯.୬୦୮ ବିଲିୟନ ଡଲାର ଛୁଇଁଛି।

-ରିଜର୍ଭ ବ୍ୟାଙ୍କ




ତାଳଚେରଠାରେ ଶନିବାର ଭସାଣି ଉତ୍ସବ ପୂର୍ବରୁ ୧୧ କୁଇଣ୍ଟାଲ ଓଜନର ଗଣେଶଙ୍କ ଶ୍ରଦ୍ଧା ଲଡୁ ଓ ଆଙ୍ଗାମାଳ ନିଲାମ କରାଯାଉଛି।

■ ବ୍ୟାଙ୍କରେ ଶୂନ, କ୍ୟାଶ୍‌ବୁକ୍‌ରେ ସୁଧ ସହ ଅପ୍‌ଡେଟ୍

# ଅନୁଗୋଳ ଜିଲାପାଳଙ୍କ ଆକାଉଣ୍ଟରୁ ୫୯ ଲକ୍ଷ ଗାଏବ

ଅନୁଗୋଳ ଅଫିସ, ୧୪।୯

■ ବର୍ଷେ ତଳୁ ବୁଲାଗଲାଣି କଳାକନା

■ ସେପ୍ଟେମ୍ବରରେ ଅଡିଟ୍ ବେଳେ ଧରାପଡ଼ିଲା

■ ଅଭିଯୋଗ ପରେ ତତ୍କାଳୀନ ବ୍ୟାଙ୍କ ମ୍ୟାନେଜର ଗିରଫ



ଅଭିଯୁକ୍ତ ବ୍ୟାଙ୍କ ମ୍ୟାନେଜର ଶକ୍ତି ବେଦାନ୍ତ ଦାସ।

ଅନୁଗୋଳ ଜିଲାପାଳଙ୍କ ଆକାଉଣ୍ଟରୁ ୫୯ ଲକ୍ଷ ଟଙ୍କା ଗାଏବ କରାଯାଇଛି। ୨୦୧୭ ଡିସେମ୍ବର ୧୫ରୁ ୨୦୧୮ ମେ ୩୧ ମଧ୍ୟରେ ତତ୍କାଳୀନ ଜିଲାପାଳ ଅନିଲ ସାମଲଙ୍କ ଦସ୍ତଖତ ଜାଲିଆତି କରାଯାଇ ଉକ୍ତ ଟଙ୍କା ଉଠାଇ ନିଆଯାଇଥିଲେ ହେଁ କ୍ୟାଶବୁକ୍‌ରେ କିନ୍ତୁ ସୁଧ ସହ ଅପଡେଟ୍ କରାଯାଉଥିବା ଚଳିତ ସେପ୍ଟେମ୍ବର ଅଡିଟରୁ ଧରାପଡ଼ିଛି। ବର୍ତ୍ତମାନର ଜିଲାପାଳ ମନୋଜ କୁମାର ମହାନ୍ତି ନିଜେ ଏହି ଠକେଇ ଧରିବା ପରେ ଘଟଣା ପଦାକୁ ଆସିଛି। ଏ ନେଇ ଜିଲାପାଳ ମହାନ୍ତି ଆକାଉଣ୍ଟ ଥିବା ବ୍ୟାଙ୍କର ତତ୍କାଳୀନ ମ୍ୟାନେଜର ଶକ୍ତି ବେଦାନ୍ତ ଦାସଙ୍କ ନାମରେ ଅନୁଗୋଳ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଶନିବାର ଅଭିଯୁକ୍ତ ତତ୍କାଳୀନ ମ୍ୟାନେଜର ଦାସଙ୍କୁ ଗିରଫ କରିଥିବା ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ, ୨୦୧୪-୧୫ରେ ଜିଲାପାଳଙ୍କ ନାମରେ ସ୍ଥାନୀୟ ଏକ ବ୍ୟାଙ୍କରେ ଆକାଉଣ୍ଟ ଖୋଲାଯାଇଥିଲା। ଟାଟା ସ୍ପଞ୍ଜ କମ୍ପାନୀ ଜିଲାରେ ଥିବା ଏକ ରାସ୍ତା ଓ ଗୃହର ଉନ୍ନୟନ ପାଇଁ ଦେଇଥିବା ୫୯ ଲକ୍ଷ ଟଙ୍କା ସେଥିରେ ଜମା କରାଯାଇଥିଲା। ନିର୍ମାଣ କାର୍ଯ୍ୟ ହୋଇ ନ ଥିବାରୁ ଉକ୍ତ ଟଙ୍କା ଆକାଉଣ୍ଟରେ ପଡ଼ି ରହିଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ କ୍ୟାଶ୍‌ବୁକ୍‌ରେ ମଧ୍ୟ ଉକ୍ତ ଟଙ୍କା ସୁଧ ସହ ଥିବା ଉଲ୍ଲେଖ କରାଯାଉଥିଲା। ହେଲେ ଚଳିତମାସରେ ଅଡିଟ୍ ବେଳେ କ୍ୟାଶବୁକ୍ ଓ ଆକାଉଣ୍ଟ ଯାଞ୍ଚ ପରେ ଏଭଳି ଠକେଇ ଧରାପଡ଼ିଛି। ଠକେଇ କରିଥିବା ବ୍ୟାଙ୍କ ମ୍ୟାନେଜର ଜିଲାପାଳଙ୍କ ଦସ୍ତଖତ ଜାଲିଆତି କରିବା ସହ ଜିଲାପାଳ ଓ ଜିଲା ମାଜିଷ୍ଟ୍ରେଟଙ୍କ ନାମରେ ନକଲି ସିଲ୍ ମାରିଛନ୍ତି। ସେହିପରି ଉକ୍ତ ☞ପୃଷ୍ଠା-୪

'ମୋ ସରକାର' ପ୍ରସ୍ତୁତି ବୈଠକ: ପୋଲିସ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

# ୫-ଟି ଅନୁସରଣ କର, ପଦୋନ୍ନତି ପାଅ

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

■ ସାଧାରଣ ଜନତାଙ୍କୁ ଉତ୍ତମ ବ୍ୟବହାର ଉପରେ ଗୁରୁତ୍ୱ

■ ଏପରି ବ୍ୟବସ୍ଥା ଦେଶରେ ପ୍ରଥମ

■ ଅଧିକାରୀଙ୍କୁ ଦିଆଯିବ ପ୍ରଶିକ୍ଷଣ

୫'ଟି ଅନୁସରଣ କର ଓ ପଦୋନ୍ନତି ପାଅ। ଏହି ନିୟମକୁ ନ ମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନ । ଲୋକସେବା ଭବନରେ ଶନିବାର 'ମୋ ସରକାର' କାର୍ଯ୍ୟକ୍ରମ ସମ୍ପର୍କିତ ବୈଠକରେ ଅଧ୍ୟକ୍ଷତା କରି ଅଧିକାରୀମାନଙ୍କୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ କାର୍ଯ୍ୟକ୍ରମର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଥାନା ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ। ତେଣୁ ଏହାର ସଫଳ ପ୍ରୟୋଗ ନେଇ ମୁଖ୍ୟମନ୍ତ୍ରୀ ଶୀର୍ଷ ପ୍ରଶାସନିକସ୍ତରରେ ପ୍ରସ୍ତୁତି ବୈଠକ କରିଥିବା କୁହାଯାଉଛି।

୫'ଟି ଯଥା 'ଟ୍ରାନ୍ସପରେନ୍ସି' (ସ୍ୱଚ୍ଛତା), ଟିମ୍‌ୱର୍କ(ଦଳଗତ ପ୍ରଚେଷ୍ଟା), ଟେକ୍ନୋଲୋଜି (ବୈଷୟିକ ଜ୍ଞାନକୌଶଳ), ଟାଇମ୍(ସମୟ) ଏବଂ ଟ୍ରାନ୍ସଫର୍ମେଶନ (ପରିବର୍ତ୍ତନ)କୁ 'ମୋ ସରକାର' କାର୍ଯ୍ୟକ୍ରମରେ ସଫଳ ପ୍ରୟୋଗ କରାଯିବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜନସାଧାରଣ ହିଁ ପ୍ରକୃତ ସରକାର। 'ମୋ ସରକାର' ହେଉଛି ସେମାନଙ୍କ ସରକାର। ସେମାନଙ୍କ ଅର୍ଥରେ ପ୍ରଶାସନ ଚାଲୁଛି, ପୋଲିସ ଷ୍ଟେଶନ ଚାଲୁଛି। ତେଣୁ ସେମାନଙ୍କୁ ସମ୍ମାନର ସହିତ ବ୍ୟବହାର କରିବା ଆମର ନୈତିକ ଦାୟିତ୍ୱ। ଯେତେବେଳେ କୌଣସି ଅଭିଯୋଗକାରୀ ଥାନାକୁ ଆସୁଛନ୍ତି, ସେତେବେଳେ ସେମାନଙ୍କୁ ଆମେ ସମ୍ପୂର୍ଣ୍ଣ ବୃତ୍ତିଗତ, ନୈତିକ ଓ ମାନବିକତାର ସହ ବ୍ୟବହାର କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସବୁ ସମୟରେ ମୁଖ୍ୟମନ୍ତ୍ରୀ ସରଳତା ଏବଂ ଗଣତାନ୍ତ୍ରିକ ଶିଷ୍ଟାଚାରକୁ ଗୁରୁତ୍ୱ ଦେଇଆସିଛନ୍ତି। ଅନ୍ୟପକ୍ଷେ ଥାନା ଅଧିକାରୀମାନେ କିପରି କାର୍ଯ୍ୟ କରୁଛନ୍ତି, ସେନେଇ ସାଧାରଣ ଜନତା ତଥା ଅଭିଯୋଗକାରୀଙ୍କ ମତାମତ ନିଆଯିବ। ଲୋକଙ୍କ ମତାମତ ସକାରାତ୍ମକ ରହିଲେ ନିଜେ ମୁଖ୍ୟମନ୍ତ୍ରୀ ସଂପୃକ୍ତ ଅଧିକାରୀଙ୍କୁ ପଦୋନ୍ନତି ଦେବେ। ଅନୁରୂପ ଭାବେ କାର୍ଯ୍ୟ ସନ୍ତୋଷଜନକ ନ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ପୋଲିସ ଅଧିକାରୀମାନଙ୍କୁ ଅଧିକ ସତର୍କ କରାଇଦେଇଛି। ଏଣିକି ଥାନାକୁ ଆସୁଥିବା ପ୍ରତି ଅଭିଯୋଗକାରୀଙ୍କ ଫୋନ୍ ନମ୍ବର ପଞ୍ଜୀକରଣ କରାଯିବ। ଏହା ଆରକ୍ଷୀ ଅଧୀକ୍ଷକଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ଉପଲବ୍ଧ ହେବ ବୋଲି ସୂଚନା ଦିଆଯାଇଛି। ନାଗରିକମାନେ କୌଣସି ସରକାରୀ ସେବା ପାଇଁ ବ୍ୟବସ୍ଥା ପଛରେ ଗୋଡ଼ାଇବେ ନାହିଁ ବରଂ ସରକାର ଅଭିଯୋଗକାରୀ ତଥା ନାଗରିକଙ୍କୁ ଯୋଗାଯୋଗ କରି ସେମାନଙ୍କୁ ଉତ୍ତମ ସେବା ଯୋଗାଇଦେବେ। ମହିଳାଙ୍କ ଦ୍ୱାରା ଅଣାଯାଇଥିବା ଅଭିଯୋଗଗୁଡ଼ିକୁ ପ୍ରାଥମିକତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଅଭିଯୋଗକାରୀଙ୍କ ମୋବାଇଲ ନମ୍ବର ନ ଥାଏ, ତେବେ ସେ ତାଙ୍କର ସମ୍ପର୍କୀୟଙ୍କ ନମ୍ବର ଦେବେ। ଥାନା ଅଧିକାରୀଙ୍କ ଅବହେଳାକ୍ରମେ ଯଦି ମୋବାଇଲ ନମ୍ବର ପଞ୍ଜୀକରଣ ହୋଇ ନ ଥିଲେ, ସେ କ୍ଷେତ୍ରରେ ଅଭିଯୋଗକାରୀ ଟୋଲ୍ ଫ୍ରି ନମ୍ବରକୁ ଫୋନ୍ କଲା ପରେ ଏସ୍‌ଏମ୍‌ଏସ୍ ପାଇପାରିବେ। ☞ପୃଷ୍ଠା-୪


## ୧୪ ଜିଲାରେ କାର୍ଯ୍ୟକାରୀ ହେବ ପେସା ରୁଲ୍

......୪......

## ବିବାଦରେ ଶାହଙ୍କ 'ଏକ ରାଷ୍ଟ୍ର ଏକ ଭାଷା' ପ୍ରସ୍ତାବ

# ହିନ୍ଦୀକୁ ନେଇ ହୁଲସ୍ଥୂଲ

ନୂଆଦିଲ୍ଲୀ,୧୪।୯(ପି.ଟି.)



■ ସରକାର ମିଥ୍ୟାର ପ୍ରସାର କରୁଛନ୍ତି: ସିଦ୍ଧାରାମାୟା

■ ଶାହଙ୍କ ମନ୍ତବ୍ୟ ଜାତୀୟ ସଂହତି ପ୍ରତି ବିପଦ: ଷ୍ଟାଲିନ

■ ହିନ୍ଦୀ, ହିନ୍ଦୁ, ହିନ୍ଦୁତ୍ୱରୁ ଉର୍ଦ୍ଧ୍ୱରେ ଭାରତ: ଓୱାଇସି

■ କେହି ନିଜ ମାତୃଭାଷା ଭୁଲିଯିବା ଉଚିତ ନୁହେଁ: ମମତା

ହିନ୍ଦୀ ଦିବସ ପାଳନ ଅବସରରେ ଶନିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ 'ଗୋଟିଏ ଦେଶ ଗୋଟିଏ ଭାଷା' ସପକ୍ଷରେ ମତ ଦେଇଛନ୍ତି। ଅଧିକାଂଶ ଲୋକ ହିନ୍ଦୀରେ କଥା ହେଉଥିବାରୁ ଏହାକୁ ସାଧାରଣ ଭାଷା ଭାବେ ଗ୍ରହଣ କରାଗଲେ ସାରା ଦେଶକୁ ଏକତା ସୂତ୍ରରେ ବନ୍ଧାଯାଇପାରିବ ବୋଲି ସେ କହିଛନ୍ତି। ଶାହଙ୍କ ଏଭଳି ପ୍ରସ୍ତାବକୁ ନେଇ ଦେଶରେ ହୁଲସ୍ଥୂଳ ସୃଷ୍ଟି ହୋଇଛି। ଦକ୍ଷିଣ ଭାରତ ସମେତ ବିଭିନ୍ନ ରାଜ୍ୟରେ ଏହାକୁ ବିରୋଧ କରାଯାଇଛି। ବେଙ୍ଗାଲୁରୁ ସମେତ କର୍ଣ୍ଣାଟକର ବିଭିନ୍ନ ସ୍ଥାନରେ କନ୍ନଡ ସପକ୍ଷବାଦୀ ସଂଗଠନଗୁଡିକ ଶାହଙ୍କ 'ଏକ ରାଷ୍ଟ୍ର ଏକ ଭାଷା' ପ୍ରସ୍ତାବ ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି। ସେହିପରି ଅନ୍ୟ ଅଣହିନ୍ଦୀଭାଷୀ ତାମିଲନାଡୁ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟରେ ମଧ୍ୟ ପ୍ରତିବାଦର ସ୍ୱର ଉଠିଛି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହ କହିଛନ୍ତି, ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କ ମାତୃଭାଷାକୁ ଯଥାସମ୍ଭବ ବ୍ୟବହାର କରନ୍ତୁ, କିନ୍ତୁ ଦେଶର ବିଭିନ୍ନ ପ୍ରାନ୍ତରେ ହିନ୍ଦୀକୁ ପହଞ୍ଚାଇବା ପାଇଁ ଏହାର ପ୍ରସାର କରାଯିବା ଆବଶ୍ୟକ। ଭାରତରେ ବିଭିନ୍ନ ଭାଷା ପ୍ରଚଳିତ ଓ ପ୍ରତ୍ୟେକ ଭାଷାର ନିଜସ୍ୱ ଗୁରୁତ୍ୱ ରହିଛି। ତେବେ ଭାରତକୁ ବିଶ୍ୱରେ ପରିଚିତ କରାଇବା ଲାଗି ଗୋଟିଏ ଭାଷା ସାରା ଦେଶରେ ପ୍ରଚଳିତ ହେବା ଜରୁରୀ ବୋଲି ସେ ଟୁଇଟ୍ କରିଛନ୍ତି। ମହାତ୍ମା ଗାନ୍ଧୀ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ 'ଗୋଟିଏ ଭାଷା' ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ପାଇଁ ସେ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି। ଉତ୍ତରପୂର୍ବାଞ୍ଚଳର ପ୍ରତ୍ୟେକ ପିଲାଙ୍କୁ ହିନ୍ଦୀ ଶିଖାଯିବ ବୋଲି ଏହି ଅବସରରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ କହିଛନ୍ତି।

ସରକାରୀ ଭାଷା ଆଇନ, ୧୯୬୩ ଅନୁଯାୟୀ କେନ୍ଦ୍ର ସରକାର ଓ ପାର୍ଲାମେଣ୍ଟ ପାଇଁ ହିନ୍ଦୀ ଓ ଇଂଲିଶକୁ ସରକାରୀ ଭାଷା ଭାବେ ଗ୍ରହଣ କରାଯାଇଥିଲା। ଦେଶର ୨୨ଟି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ୱୀକୃତି ପ୍ରଦାନ କରାଯାଇଛି। ଭାଷାର ଭିନ୍ନତା ଦେଶର ଶକ୍ତି ହୋଇଥିବାବେଳେ ଜାତୀୟ ଭାଷାର ମଧ୍ୟ ଆବଶ୍ୟକତା ରହିଛି। ଜାତୀୟ ଭାଷା ବିନା ଆମ ସଂସ୍କୃତି ବ୍ୟକ୍ତ କରିବାର ଶକ୍ତି ହରାଇବ ବୋଲି ହିନ୍ଦୀ ଦିବସରେ ଉଦ୍‌ବୋଧନ ଦେଇ ☞ପୃଷ୍ଠା-୪



ସେଲିବ୍ରିଟିମାନେ ଲୋକଙ୍କ ଆଗରେ ସେମାନଙ୍କ ଜୀବନର ବାସ୍ତବ ଚିତ୍ର ରଖି ସତ କହିବା ଦରକାର।

-ସୋନାକ୍ଷୀ ସିହ୍ନା,
ବଲିଉଡ୍ ଅଭିନେତ୍ରୀ

# ସନ୍ଧାନୀ କୁକୁରକୁ ସେନାର ଶ୍ରଦ୍ଧାଞ୍ଜଳି



**ନୂଆଦିଲ୍ଲୀ:** ଇଣ୍ଡିଆନ୍ ଆର୍ମିର ଇଷ୍ଟର୍ନ କମାଣ୍ଡ ନିଜର ଏକ ସାହସୀ ହିରୋକୁ ହରାଇଛି। ଦୀର୍ଘ ୯ବର୍ଷର ବିଶ୍ୱସ୍ତ କୁକୁର ଡଚ୍‌ର ମୃତ୍ୟୁ ହୋଇଛି। ଇଣ୍ଡିଆନ୍ ଆର୍ମିର ସାହସୀ କୁକୁର ଡଚ୍ ସେପ୍ଟେମ୍ବର ୧୧ରେ ନିଜ ଶେଷ ନିଃଶ୍ୱାସ ତ୍ୟାଗ କରିଛି। ଶନିବାର ଡଚ୍‌ର ବିୟୋଗରେ ଶୋକସଭା ଆୟୋଜନ କରାଯାଇଥିଲା। ସମସ୍ତ ଯବାନ୍ ଡଚ୍‌କୁ ସମ୍ମାନପୂର୍ବକ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଅନେକ ବର୍ଷ ଧରି ଡଚ୍ ଦେଶ ପାଇଁ ବିଶ୍ୱସ୍ତ ହୋଇ ସେବା ଯୋଗାଇଛି। ସେ ଅନେକ ବିସ୍ଫୋରକ ଖୋଜି ବଡ଼ ବଡ଼ ଦୁର୍ଘଟଣାରୁ ଦେଶବାସୀଙ୍କୁ ବଞ୍ଚାଇଥିଲା। ୨୦୧୦, ଏପ୍ରିଲ ୩ରେ ଡଚ୍ ଜନ୍ମ ହୋଇଥିଲା। ସେ ଭାରତୀୟ ସେନାର ସବୁଠାରୁ ବିଶ୍ୱସ୍ତ, ଆପଣାର ଓ ଲଡୁଆ କୁକୁର ଥିଲା। ଡଚ୍‌ର ମୃତ୍ୟୁ ପରେ ଇଷ୍ଟର୍ନ କମାଣ୍ଡ ପକ୍ଷରୁ ଟୁଇଟରରେ ଏହି ସୂଚନା ଦିଆଯାଇଥିଲା। ଏନେଇ ସୋସିଆଲ ମିଡିଆରେ ମଧ୍ୟ ଶୋକଭରା ଶ୍ରଦ୍ଧାଞ୍ଜଳି ଦିଆଯାଉଛି। ଦେଶର ସୁରକ୍ଷା ଦିଗରେ ବିଭିନ୍ନ ଆତଙ୍କବାଦ ବିରୋଧୀ ଅଭିଯାନଗୁଡ଼ିକରେ ଡଚ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ବିସ୍ଫୋରକ ସାମଗ୍ରୀକୁ ଶୁଂଘି ଖୋଜି ବାହାର କରିବାରେ ଡଚ୍ ଥିଲା ବିଶେଷଜ୍ଞ। ବିଶେଷ କରି ଇଣ୍ଡିଆନ୍ ଆର୍ମିର ଇଷ୍ଟର୍ନ କମାଣ୍ଡର ଅନେକ ଅପରେଶନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଡଚ୍‌କୁ ସମ୍ପୂର୍ଣ୍ଣ ସମ୍ମାନ ସହକାରେ ଅନ୍ତିମ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଠିକ୍ ଜଣେ ଯବାନ୍‌ଙ୍କ ପରି ଆର୍ମି କୁକୁରମାନେ ମଧ୍ୟ ଦେଶର ମନ ପ୍ରାଣ ଦେଇ ସେବା କରିଥାନ୍ତି, ଏଣୁ ସେମାନଙ୍କୁ ମଧ୍ୟ ସମ୍ମାନର ସହ ବିଦାୟ ଦିଆଯାଇଥାଏ। ୨୦୧୪ ଡିସେମ୍ବରରେ ଆସାମସ୍ଥିତ ଗୋଆଲ୍‌ପଡ଼ାରେ ଏକ ଯାତ୍ରୀବାହୀ ବସ୍‌ରେ ୬ କେଜି ଆଇଡି ଶୁଂଘି ବାହାର କରିଥିଲା ଡଚ୍। ଏହା ଦ୍ୱାରା ସେ ଏକ ବଡ଼ ଧରଣର ଦୁର୍ଘଟଣାରୁ ସାଧାରଣ ଲୋକଙ୍କୁ ରକ୍ଷା କରିଥିଲା। ଡଚ୍‌ର ସଫଳତା ପାଇଁ ତାଙ୍କୁ ଅନେକ ଥର ସମ୍ମାନିତ କରାଯାଇଥିଲା।




# ଲୁଚିଛପି ବାହାହେଲେ କ୍ୟାଟ୍ରିନା

ସୋସିଆଲ ମିଡ଼ିଆରେ ଚର୍ଚ୍ଚା



**ମୁମ୍ବାଇ:** ବଲିଉଡ୍ କୁଇନ୍ କ୍ୟାଟ୍ରିନା କୈଫ୍ କିଛି ନା କିଛି କାରଣ ପାଇଁ ଥାଆନ୍ତି ଚର୍ଚ୍ଚାରେ। ନିଜ ଫିଲ୍ମ ପାଇଁ ହେଉ ଅବା ରିଲେଶନ୍‌ଶିପ୍ ପାଇଁ ହେଉ, ଏହି ନାୟିକା ସବୁବେଳେ ଥାଆନ୍ତି ଚର୍ଚ୍ଚାରେ। ଏଥର କିନ୍ତୁ କ୍ୟାଟ୍ରିନାଙ୍କ ଏମିତି ଏକ ଭିଡିଓ ଭାଇରାଲ୍ ହୋଇଛି ଯାହାକୁ ଦେଖି ତାଙ୍କ ଫ୍ୟାନ୍‌ମାନେ ବିଗିଡି ଯାଇଛନ୍ତି। ଉକ୍ତ ଭିଡିଓରେ କ୍ୟାଟ୍ରିନା ବଧୂବେଶରେ ସଜେଇ ହେବା ସହ ହେଭି ଜୁଏଲେରୀ ମଧ୍ୟ ପିନ୍ଧିଛନ୍ତି। ହେଲେ ସମସ୍ତଙ୍କ ମନରେ ପ୍ରଶ୍ନ ଉଠିଛି, ଯଦି କ୍ୟାଟ୍ରିନା ବିବାହ କରିଛନ୍ତି ତେବେ କାହାକୁ ବିବାହ କରିଛନ୍ତି। କାରଣ ଉକ୍ତ ଭିଡିଓରେ ସେମିତି ଅଧିକ କିଛି ନଜର ଆସୁନାହିଁ। ଏବେ କିନ୍ତୁ ଏହି ଭିଡିଓକୁ ଦେଖି ତାଙ୍କ ଫ୍ୟାନ୍‌ଙ୍କର ହୃଦୟ ଭାଙ୍ଗି ଯାଇଛି ବୋଲି କୁହାଯାଉଛି। କାରଣ ସୋସିଆଲ ମିଡିଆରେ ଏହା ଭାଇରାଲ ହେବା ପରେ ଏହା କେବେକାର ଓ କେତେବେଳର ଭିଡିଓ ତାହା ସ୍ପଷ୍ଟ ହୋଇନାହିଁ। ଲୁଚି ଛପି କ୍ୟାଟ୍ରିନା ବାହା ହୋଇଥିବା କେତେକ ସନ୍ଦେହ କରୁଛନ୍ତି।

# ଯେଉଁଠି ମୋଟା ଝିଅଙ୍କୁ ପସନ୍ଦ କରନ୍ତି ବର

ଯୁବକମାନେ ସାଧାରଣତଃ ପତଳା ଝିଅଙ୍କୁ ଜୀବନସାଥୀ ଭାବରେ ଗ୍ରହଣ କରିବାକୁ ପସନ୍ଦ କରନ୍ତି। ତେବେ ଏପରି ଏକ ଅଞ୍ଚଳ ରହିଛି, ଯେଉଁଠି ମୋଟା ଝିଅଙ୍କୁ ଯୁବକ ପସନ୍ଦ କରନ୍ତି। ଆଫ୍ରିକାରେ ଲୋକଙ୍କ ପସନ୍ଦ ହେଉଛି ମୋଟାଝିଅ।



ଏଠାରେ କେତେକ ପତଳା ଝିଅ ବାହା ହୋଇ ନ ପାରିବା ଦେଖାଯାଇଥାଏ। ମୋଟା ମହିଳା ଏବଂ ଯୁବତୀଙ୍କୁ ଏଠାରେ ସୁନ୍ଦରତାର ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ। ଝିଅ ମୋଟା ହେଲେ ବିବାହରେ କୌଣସି ଅସୁବିଧା ନାହିଁ ବୋଲି ଲୋକଙ୍କର ବିଶ୍ୱାସ ଥାଏ। ଲେବ୍ଲୋହ ନାମକ ପରମ୍ପରା ଅନୁସାରେ ଝିଅକୁ ୫ ବର୍ଷ ହୋଇଗଲେ ତାକୁ ମୋଟା ହେବା ପାଇଁ ଟ୍ରେନିଂ ସେଣ୍ଟରକୁ ପଠାଯାଇଥାଏ। ଏସବୁ ସେଣ୍ଟର୍‌ରେ ଝିଅମାନେ ନିଜ ଓଜନ ବଢାଇବାର ଟ୍ରେନିଂ ନିଅନ୍ତି। ସେଠାରେ ସେମାନଙ୍କୁ ଜବରଦସ୍ତି ଅଧିକ ଖାଇବାକୁ ଦିଆଯାଏ। ଖାଇ ଖାଇ ଝିଅଟି ବାନ୍ତିକରୁ କିମ୍ବା ଅସୁସ୍ଥ ହେଉ ସେଥିପ୍ରତି ଦୃଷ୍ଟି ଦିଆଯାଏ ନାହିଁ। ଝିଅକୁ ମୋଟା କରିବା ଲାଗି ଟ୍ରେନିଂ ସେଣ୍ଟର୍‌ରେ ନାନା ପ୍ରକାର ଉପାୟ କରାଯାଇଥାଏ। ମୋଟା ଝିଅକୁ ବାହାହେବା ପାଇଁ ଏଠାରେ ବରଘର ପକ୍ଷରୁ ଅଧିକ ଟଙ୍କା କନ୍ୟା ଘରକୁ ଦିଆଯାଇଥାଏ। ମୋଟା ଝିଅ ଶାଶୁଘର ପାଇଁ ସୌଭାଗ୍ୟ ଆଣିଥାନ୍ତି ବୋଲି ସ୍ଥାନୀୟ ଲୋକେ ବିଶ୍ୱାସ କରନ୍ତି।

# ଡ୍ୟାମ ନିର୍ମାତା, ରାଷ୍ଟ୍ର ନିର୍ମାତା

## ଇଞ୍ଜିନିୟର୍ସ ଡେ



ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟା

ଭାରତରେ ଅଭିଯାନ୍ତ୍ରିକ (ଇଞ୍ଜିନିୟର) ସମୁଦାୟ ପ୍ରତିବର୍ଷ ସେପ୍ଟେମ୍ବର ୧୫କୁ ଇଞ୍ଜିନିୟର୍ସ ଡେ ଭାବେ ପାଳନ କରନ୍ତି। ଭାରତର ବିଶିଷ୍ଟ ଇଞ୍ଜିନିୟର ତଥା ଭାରତରତ୍ନ ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟାଙ୍କ ଜନ୍ମଦିନରେ ତାଙ୍କୁ ମନେପକାଇବା ପାଇଁ ଏହି ଦିବସ ପାଳନ କରାଯାଉଛି। ଯୁବପିଢ଼ିଙ୍କୁ ଇଞ୍ଜିନିୟରିଂରେ କ୍ୟାରିୟର କରିବା ପାଇଁ ପ୍ରେରଣା ଦେବା ଏବଂ ଯେଉଁ ଇଞ୍ଜିନିୟରମାନେ ଦେଶର ଉତ୍‌ଥାନ ସକାଶେ ନିଜର ଯୋଗଦାନ ଦେଇଛନ୍ତି ସେମାନଙ୍କ କାର୍ଯ୍ୟକୁ ସମ୍ମାନ ଦେବା ହେଉଛି ଏହି ଦିବସ ପାଳନର ଏକ ଲକ୍ଷ୍ୟ। ୧୯୬୮ ମସିହାରେ ଭାରତ ସରକାର ବିଶ୍ୱେଶ୍ୱରାୟାଙ୍କ ଜନ୍ମ ତାରିଖକୁ ଇଞ୍ଜିନିୟର୍ସ ଡେ ପାଳନ କରିବାକୁ ଘୋଷଣା କରିଥିଲେ।

ବିଶ୍ୱେଶ୍ୱରାୟା ୧୮୬୧ ସେପ୍ଟେମ୍ବର୧୫ରେ ମହୀଶୂର (ବର୍ତ୍ତମାନ କର୍ନାଟକ)ର କୋଲାର ଜିଲା ମୁଡେନାହାଲିର ଚିକ୍କାବାଲ୍ଲାପୁରରେ ଜନ୍ମଗ୍ରହଣ କରିଥିଲେ। ୧୯୬୨ ଏପ୍ରିଲ ୧୨ ତାରିଖରେ ତାଙ୍କର ବାଙ୍ଗାଲୋରରେ ପରଲୋକ ଘଟିଥିଲା। ସେ ଭାରତର ଜଣେ ପ୍ରତିଷ୍ଠିତ ସିଭିଲ ଇଞ୍ଜିନିୟର, ଡ୍ୟାମ ନିର୍ମାତା, ଅର୍ଥନୀତିଜ୍ଞ ତଥା ରାଜନେତା ଭାବେ ଜଣାଶୁଣା। ସେ ଥିଲେ ଜଣେ ଅଗ୍ରଣୀ ରାଷ୍ଟ୍ର ନିର୍ମାତା। ୧୯୧୨ରୁ ୧୯୧୮ ଯାଏ ସେ ମହୀଶୂରର ଦେଓ୍ୱାନ ରହିଥିଲେ। ଏହି ସମୟରେ ଶିକ୍ଷାର ବିକାଶ ପାଇଁ ସେ ଅନେକ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ ଓ ମହୀଶୂରରେ ବିଦ୍ୟାଳୟ ସଂଖ୍ୟା ୪,୫୦୦ରୁ ୧୦,୦୦୦ ବୃଦ୍ଧି କରିବାରେ ସକ୍ଷମ ହୋଇଥିଲେ। ସେତେବେଳେ ଛାତ୍ର ସଂଖ୍ୟା ୧,୪୦,୦୦୦ରୁ ୩,୬୬,୦୦୦ରେ ପହଞ୍ଚିଥିଲା। ମହୀଶୂରର କ୍ରିଷ୍ଣା ରାଜା ସାଗର ଡ୍ୟାମ ନିର୍ମାଣ ଲାଗି ତାଙ୍କୁ ଚିଫ୍ ଇଞ୍ଜିନିୟର ଦାୟିତ୍ୱ ପ୍ରଦାନ କରାଯାଇଥିଲା। ହାଇଦ୍ରାବାଦ ସହରର ବନ୍ୟା ସୁରକ୍ଷା ପ୍ରଣାଳୀର ମୁଖ୍ୟ ଡିଜାଇନ ପାଇଁ ମଧ୍ୟ ତାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ସମାଜ ଲାଗି ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ୧୯୫୫ରେ ଭାରତରତ୍ନ ପ୍ରଦାନ କରାଯାଇଥିଲା। ବିଶ୍ୱେଶ୍ୱରାୟା ୪୪ ବର୍ଷ ନିରବଚ୍ଛିନ୍ନ ଭାବେ ଦେଶସେବା କରିଥିଲେ। ମଧ୍ୟପ୍ରଦେଶର ଗୁନାଠାରେ ଏହା ଉପଲକ୍ଷେ ବିଶେଷ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଏହି ଦିବସ ଅବସରରେ ବିଭିନ୍ନ ବିଭାଗର ଇଞ୍ଜିନିୟରମାନେ ରକ୍ତଦାନ ଓ ପଲିଥିନମୁକ୍ତ ଭାରତର ସ୍ଲୋଗାନ ନେଇ ଏକ ବାଇକ ରାଲି କରାଯିବାକୁ ସ୍ଥିର କରାଯାଇଛି। ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରୟା ମଧ୍ୟ ଏମ୍‌ଭି ନାମରେ ଜଣାଶୁଣା। ସାର୍ ଏମ୍‌ଭିଙ୍କ ଜ୍ଞାନ ଓ ଭାରତର ଜଳସମ୍ପଦର ସୁବିନିଯୋଗ କରିବାର ସଫଳତା ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚିତି ଦେଇପାରିଛି। ସେ ବହୁ ଡ୍ୟାମ, ବ୍ରିଜ୍, ଜଳସେଚନ ଓ ପାନୀୟ ଜଳ ବ୍ୟବସ୍ଥା ପାଇଁ ଭାରତରେ ଯେଉଁ କାର୍ଯ୍ୟ କରିଛନ୍ତି, ତାହା ଏବେକାର ଓ ଆଗାମୀ ପିଢି ଲାଗି ପଥ ଦେଖାଇଛି। ଭାରତରେ ପ୍ରତିବର୍ଷ ୨୦ ଲକ୍ଷ ଇଞ୍ଜିନିୟର ସୃଷ୍ଟି ହେଉଛନ୍ତି। ସେମାନଙ୍କ କାର୍ଯ୍ୟକୁ ଏକ ଶୃଙ୍ଖଳିତ ମାର୍ଗ ଦେଖାଇବାରେ ଇଞ୍ଜିନିୟର୍ସ ଡେ ପ୍ରେରଣା ଦେଇ ଆସୁଛି ।

## ସଂକ୍ଷେପରେ

### ପୂର୍ବତନ ମୁଖ୍ୟ ଶାସନ ସଚିବ ନଳିନୀକାନ୍ତ ପଣ୍ଡାଙ୍କ ପରଲୋକ



ଭୁବନେଶ୍ୱର, ୧୪।୯(ବ୍ୟୁରୋ): ଭାରତୀୟ ପ୍ରଶାସନିକ ସେବା (ଆଇଏଏସ) ଅଫିସର ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ନଳିନୀକାନ୍ତ ପଣ୍ଡାଙ୍କର ଶନିବାର ପରଲୋକ ହୋଇଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ସେ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ସେ ଯାଜପୁରରେ ଜନ୍ମଗ୍ରହଣ କରିଥିଲେ। ରେଭେନ୍ସା କଲେଜରେ ସ୍ନାତକ କରିବା ପରେ ସେ ଦିଲ୍ଲୀ ସ୍କୁଲ ଅଫ ଇକୋନୋମିକ୍ସରୁ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ପଣ୍ଡା ଇଷ୍ଟ ଆଫ୍ରିକାରେ ଜାତିସଂଘର ମୁଖ୍ୟ ଉପଦେଷ୍ଟା ଭାବେ ୮ ବର୍ଷ ଦାୟିତ୍ୱ ତୁଲାଇଥିଲେ। ସେ ୫ ଅଗଷ୍ଟ ୧୯୮୭ରୁ ୩୧ ମେ ୧୯୮୯ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ସୁଧା ପଣ୍ଡା ଓ ୩ ପୁଅ, ଗୋଟିଏ ଝିଅ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଓ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଶ୍ରୀ ପଣ୍ଡାଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ପ୍ରଜାକୋର୍ଟରେ ଜଣକୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି, ୧୪।୯ (ସ୍ୱ.ପ୍ର.): ସୀମାନ୍ତ ଛତିଶଗଡ଼ ରାଜ୍ୟ ଦାନ୍ତେୱାଡା ଜିଲା ପୁଲୁମ ଗ୍ରାମର ମିଡିୟା ମଞ୍ଜାଲଙ୍କୁ ମାଓବାଦୀମାନେ ଅପହରଣ କରିନେଇ ପ୍ରଜାକୋର୍ଟରେ ନିର୍ମମ ଭାବେ ଗଳାକାଟି ହତ୍ୟା କରିଛନ୍ତି। ନିକଟସ୍ଥ ଜଙ୍ଗଲରେ ସେମାନେ ମିଡିୟାଙ୍କୁ ପୋଲିସ ସୂଚନାଦାତା ଦର୍ଶାଇ ହତ୍ୟା କରିଥିବା ଜଣାପଡିଛି। ଗ୍ରାମରୁ ଯିବା ବେଳେ ମାଓବାଦୀମାନେ ଗ୍ରାମବାସୀଙ୍କୁ ପୋଲିସ ଇନଫର୍ମର କାମ ବନ୍ଦ କରିବାକୁ ଚେତାବନୀ ଦେଇଥିଲେ। ମୃତଦେହ ନିକଟରେ ସେମାନେ ଏକ ହାତଲେଖା ପୋଷ୍ଟର ଛାଡ଼ି ଯାଇଛନ୍ତି। ସେଠାରେ ମାଓବାଦୀମାନେ ବୋମା ପୋତିଥିବା ଆଶଙ୍କା ଥିବାରୁ ବୋମା ନିଷ୍କ୍ରିୟକରୀ ଦଳକୁ ସେଠାକୁ ପଠାଯାଇଥିବା ଏସଡ଼ିପିଓ ଧୀରେନ୍ଦ୍ର ପଟେଲ କହିଛନ୍ତି।

ପୂଜା ପୂର୍ବରୁ ଅପରାଧୀ ସାବାଡ଼: ୭ ଏନ୍‌କାଉଣ୍ଟର




# ଭିତରକନିକାରେ ଦେଶୀୟ ପକ୍ଷୀ ଗଣନା ୧୮ରୁ

ରାଜନଗର,୧୪।୯(ଡି.ଏନ୍.ଏ.)

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ଭିତରକନିକା ଜାତୀୟଉଦ୍ୟାନରେ ପକ୍ଷୀଗଣନା କାର୍ଯ୍ୟ ଚଳିତ ମାସ ୧୮ରୁ ଆରମ୍ଭ ହୋଇ ୨୪ ପର୍ଯ୍ୟନ୍ତ ଚାଲିବ। ଏନେଇ ରାଜନଗର ଡିଏଫଓ ବିକାଶ ରଞ୍ଜନ ଦାଶ ଶନିବାର ସୂଚନା ଦେଇଛନ୍ତି। ଏହି ସମୟରେ ଭିତରକନିକା ଅନ୍ତର୍ଗତ ମଠଆଡିଆ ଓ ଲକ୍ଷ୍ମୀପ୍ରସାଦଡ଼ିଆରେ ଗଣନା କରିବା ଲାଗି ସ୍ଥିର କରାଯାଇଛି। ବନବିଭାଗର ୩ଟି ଟିମ୍ ପକ୍ଷରୁ ଏହି ଗଣନା କରାଯିବ। ଲକ୍ଷ୍ମୀପ୍ରସାଦଡିଆରେ ଥିବା ଓରୁଅ ଗଛରେ ଅଧିକ ସଂଖ୍ୟାରେ ଗେଣ୍ଡାଳିଆ ଓ ବଗ ବସା ବାନ୍ଧିଥିବା ସୂଚନା ମିଳିଛି। ସେଠାରେ ଅଞ୍ଜନା, ଖଇରା, ଦାବେଣ୍ଟିଆ ଆଦି ବିଭିନ୍ନ କିସମର ପକ୍ଷୀଙ୍କ ବସା ଦେଖିବାକୁ ମିଳୁଛି। ସେହିପରି ମଠଆଡିଆରେ ଗୁଆଁ ଓ ବନିଗଛରେ କପରଖାଇ, ପାଣିକୁଆ, ଦାବେଣ୍ଟିଆ ପକ୍ଷୀ ବସା ବାନ୍ଧିଥିବା ନେଇ ବନ ବିଭାଗ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ଅଗଷ୍ଟ ୨୩ରୁ ସେହି ମାସ ୨୯ ପର୍ଯ୍ୟନ୍ତ ପକ୍ଷୀଗଣନା କରିବା ଲାଗି ବନବିଭାଗ ପକ୍ଷରୁ ପୂର୍ବରୁ ସ୍ଥିର କରାଯାଇଥିଲା। ଏନେଇ ଗଣନାକାରୀ ଟିମ୍ ମଠଆଡିଆରେ ପହଞ୍ଚିଥିଲେ। ସେଠାରେ ସେତେବେଳେ ଅଳ୍ପ ସଂଖ୍ୟକ ପକ୍ଷୀ ବସା ବାନ୍ଧିଥିବା ବେଳେ ଅଧିକ ସଂଖ୍ୟାରେ ପକ୍ଷୀ କୁଟା କାଠି ଧରି ଉଡୁଥିବା ଦେଖିବାକୁ ମିଳିଥିଲା। ଏନେଇ ଗଣନା କାର୍ଯ୍ୟ ବନ୍ଦ କରି ଦିଆଯାଇଥିଲା। ଚଳିତମାସ ୨ ତାରିଖରେ ଲକ୍ଷ୍ମୀପ୍ରସାଦଡିଆରେ ହଜାର ହଜାର ଦେଶୀୟ ପକ୍ଷୀ ବସା ବାନ୍ଧିଥିବା ଜଣାପଡିବାପରେ ବନ ବିଭାଗ ପକ୍ଷରୁ ଏବେ ଗଣନା କରିବା ଲାଗି ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ, ଦେଶୀୟ ପକ୍ଷୀ ଭିତରକନିକାରେ ବାରମ୍ବାର ଠିକଣା ବଦଳାଉଛନ୍ତି। ପକ୍ଷୀବିହାରଭାବେ ପରିଚିତ ବଗଗହନକୁ ଛାଡି କିଛି ବର୍ଷ ହେବ ମଠଆଡ଼ିଆରେ ପକ୍ଷୀ ବସା ବାନ୍ଧୁଥିଲେ। ଏବେ ଲକ୍ଷ୍ମୀପ୍ରସାଦଡ଼ିଆରେ ନୂଆଠିକଣା ପାଇଛନ୍ତି।

# ସୀମାନ୍ତରେ ଏନ୍‌କାଉଣ୍ଟର: ୨ ମାଓବାଦୀ ନିହତ

ମାଲକାନଗିରି,୧୪।୯ (ସ୍ୱ.ପ୍ର.)

ଛତିଶଗଡ଼ର ଦାନ୍ତେୱାଡା ଜିଲାରେ ଆସନ୍ତା ୨୩ରେ ବିଧାନସଭା ଉପନିର୍ବାଚନ ହେବାକୁ ଯାଉଛି। ମାଓବାଦୀମାନେ ନିର୍ବାଚନକୁ ଭଣ୍ଡୁର କରିବା ପାଇଁ କିରନ୍ଦୁଲ ଥାନା ଅନ୍ତର୍ଗତ କୁଟରମ ଜଙ୍ଗଲରେ ଶିବିର କରି ଯୋଜନା କରୁଥିବା ଖବରପାଇ ଶନିବାର ସକାଳୁ ଡିଆରଜି ଯବାନମାନେ ଶିବିର ଉପରେ ଚଢାଉ କରିଥିଲେ। ଉଭୟଙ୍କ ମଧ୍ୟରେ ବେଶ୍ କିଛି ସମୟ ଧରି ଗୁଳି ବିନିମୟ ହେବା ପରେ ମାଓବାଦୀମାନେ ସେଠାରୁ ଛତ୍ରଭଙ୍ଗ ଦେଇ ପଳାଇଥିଲେ। ଗୁଳି ବିନିମୟ ପରେ ତଲାସି ବେଳେ ଯବାନଙ୍କ ଗୁଳିରେ ୨ଜଣ ମାଓବାଦୀ ନିହତ ହୋଇଥିବା ଜଣାପଡିଥିଲା। ସେମାନେ ହେଲେ ଏଲଓଏସ ମେମ୍ବର ଲକ୍ଷ୍ମୁ ମାଣ୍ଡବୀ ଏବଂ ପୋଦିୟା। ସେଠାରୁ ବନ୍ଧୁକ ଓ ୯ ଏମ୍‌ଏମ୍ ପିସ୍ତଲ ସହ ଅନ୍ୟାନ୍ୟ ମାଓବାଦୀ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ଉଭୟଙ୍କ ନାମରେ ଛତିଶଗଡ ସରକାର ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ।

■ ବିଧାୟକଙ୍କୁ ବାଚସ୍ପତିଙ୍କ ପରାମର୍ଶ

# ଗ୍ରନ୍ଥାଗାରରେ ଅଧ୍ୟୟନ କର



ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ସହ ବିଧାୟକମାନେ।

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

ବିଧାୟକମାନେ ବିଧାନସଭା ଗ୍ରନ୍ଥାଗାରରେ ଅଧ୍ୟୟନ କରନ୍ତୁ। ଅଧିବେଶନ ଚାଲିଥିବା ସମୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟ ସକ୍ରିୟ ଅଂଶ ଗ୍ରହଣ କରନ୍ତୁ। ଏହାଦ୍ୱାରା ଜନ ପ୍ରତିନିଧିମାନେ ଅଧିକ ଦକ୍ଷ ଓ ପାରଦର୍ଶୀ ହୋଇପାରିବେ। ଶନିବାର ଷୋଡ଼ଶ ବିଧାନସଭାର ନବ ନିର୍ବାଚିତ ସଦସ୍ୟଙ୍କ ପାଇଁ ଆୟୋଜିତ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦଯାପନୀ ଦିବସରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଏହା କହିଛନ୍ତି।

ସୂର୍ଯ୍ୟ କହିଥିଲେ ଯେ, ଜନପ୍ରତିନିଧି ଅଧିକ ଦକ୍ଷ ହୋଇପାରିଲେ ଲୋକମାନଙ୍କ ଆଶା, ଆକାଂକ୍ଷାକୁ ଅଧିକ ମାତ୍ରାରେ ପୂରଣ କରିପାରିବେ। ଗୃହ ପରିଚାଳନା ବିଧିବ୍ୟବସ୍ଥା, ଆଇନ ପ୍ରଣୟନ, ବଜେଟ୍ ପ୍ରସ୍ତୁତି, ବିଶେଷ ଅଧିକାର, ବୈଧାନିକ ପ୍ରଥା, ପରମ୍ପରା ସମ୍ପର୍କରେ ପ୍ରଦାନ କରାଯାଇଥିବା ପ୍ରଶିକ୍ଷଣ ନିଶ୍ଚିତ ଉପାଦେୟ ହେବ ବୋଲି ସୂର୍ଯ୍ୟ କହିଥିଲେ। ସେହିପରି ସରକାରୀ

### ୨ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ ଯେ, ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ସମସ୍ତଙ୍କ ପାଇଁ ଉପାଦେୟ। ନବାଗତ ଏଥିରୁ ଜ୍ଞାନ ଅର୍ଜନ କରିଥିବା ବେଳେ ବରିଷ୍ଠମାନେ ଅଭିଜ୍ଞତା ବାଣ୍ଟିଛନ୍ତି। ଏହା ନିଶ୍ଚିତ ରୂପେ ଜନ ପ୍ରତିନିଧିଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି ପ୍ରମିଳା କହିଛନ୍ତି। ପ୍ରଥମାର୍ଦ୍ଧରେ ଲୋକ ସଭା ସଚିବାଳୟ ନିର୍ଦ୍ଦେଶକ(ପିଆରଆଇଡିଇ) ପୁଲିନ୍ ପୁନିଆ ଏବଂ କୃଷିମନ୍ତ୍ରୀ ଅରୁଣ ସାହୁ ବକ୍ତବ୍ୟ ରଖିଥିଲେ। ଉଭୟେ କିଭଳି ପ୍ରଭାବୀ ବିଧାୟକ ହୋଇପାରିବେ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ବିଧାନସଭାର ବଜେଟ୍ ପ୍ରକ୍ରିୟା ବିଷୟରେ ଲୋକ ସଭା ସଚିବାଳୟ ନିର୍ଦ୍ଦେଶକ ଏମ୍.କେ. ମଧୁସୂଦନ ଓ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ଆଲୋଚନା କରିଥିଲେ। ଦ୍ୱିତୀୟାର୍ଦ୍ଧରେ ସାର୍ବଜନୀନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ନିର୍ଦ୍ଦେଶକ ପି. ପୁନିଆ ମତ ରଖିଥିଲେ। ଶେଷ ପର୍ଯ୍ୟାୟରେ ପ୍ରଥମଥର ପାଇଁ ବିଧାନସଭାରେ ଇ-ବିଧାନସଭା ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ଏଥିରେ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ସଂସଦୀୟ ବ୍ୟାପାର(ଏନ୍‌ଆଇସି) ଉପ ମହାନିର୍ଦ୍ଦେଶକ ଏନ୍.ଏସ୍. ଅର୍ଣ୍ଣେଜା ଆଲୋଚନା କରିଥିଲେ। ଏହି ବିଷୟକୁ ଜାଣିବା ନେଇ ସମସ୍ତ ବିଧାୟକ, ବିଧାନସଭା କର୍ମଚାରୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଆସନ୍ତା ଅଧିବେଶନଗୁଡିକ ଯେପରି କାଗଜମୁକ୍ତ ହୋଇପାରିବ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। କିଛିଦିନ ପୂର୍ବେ ଇ-ବିଧାନସଭା ସମ୍ପର୍କରେ ଜ୍ଞାନ ଅର୍ଜନ କରିବା ପାଇଁ ଏକ କମିଟି ହିମାଚଳପ୍ରଦେଶ ଗସ୍ତ କରିଥିଲା। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପବାଚସ୍ପତି ରଜନୀକାନ୍ତ ସିଂ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

■ କେନ୍ଦ୍ରୀୟ ବିଦ୍ୟାଳୟ ସମୂହର ଇ-କ୍ଲାସରୁମ୍ ଲୋକାର୍ପିତ

# ୧୮୪ ଶ୍ରେଣୀଗୃହ ହେଲା ସ୍ମାର୍ଟ କ୍ଲାସରୁମ୍

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

କେନ୍ଦ୍ରୀୟ ବିଦ୍ୟାଳୟ ସମୂହର ଇ-କ୍ଲାସରୁମ୍‌କୁ ଶନିବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଲୋକାର୍ପିତ କରିଛନ୍ତି। ଓଏନ୍‌ଜିସି ସହାୟତାରେ ଦେଶରେ ମୋଟ ୮କୋଟି ଟଙ୍କା ବ୍ୟୟରେ ପ୍ରାୟ ୪୦୦ଟି ଶ୍ରେଣୀଗୃହ ଇ-କ୍ଲାସରୁମ୍ ଲୋକାର୍ପଣ କରାଯାଇଛି। ଏଥିମଧ୍ୟରୁ ଓଡ଼ିଶାରେ ୪କୋଟି ଟଙ୍କା ବ୍ୟୟରେ କଟକ ଓ ଭୁବନେଶ୍ୱରର ୮ଟି କେନ୍ଦ୍ରୀୟ ବିଦ୍ୟାଳୟର ୧୮୪ଟି ଶ୍ରେଣୀଗୃହ ରହିଛି। ଫଳରେ କଟକ, ଭୁବନେଶ୍ୱର ଓ ଜଟଣୀର କେଭିର ଛାତ୍ରୀଛାତ୍ରମାନେ ସ୍ମାର୍ଟ କ୍ଲାସରୁମ୍ ଓ ଅନ୍ୟାନ୍ୟ ସୁବିଧା ଆଧାରରେ ନିଜକୁ ଶ୍ରେଷ୍ଠ ପ୍ରମାଣ କରିବାରେ ସଫଳ ହେବେ ବୋଲି ଧର୍ମେନ୍ଦ୍ର ଦୃଢୋକ୍ତି ପ୍ରକାଶ କରିଛନ୍ତି। ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଯେ, ବିଦ୍ୟା ଦାନଠାରୁ ପୁଣ୍ୟ କାମ କିଛି ନାହିଁ। ବିଦ୍ୟା ଏକ ତତ୍ତ୍ୱ, ବିଜ୍ଞାନ ଓ ସଂସ୍କାର ଅଟେ। ବିଦ୍ୟାକୁ ଯେ ଅଧ୍ୟୟନ କରି ନୂଆ ପିଢ଼ିକୁ ପହଞ୍ଚାଇବାଠାରୁ ବଳି ପୁଣ୍ୟ କାମ କିଛି ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଦେଶରେ ପ୍ଲାଷ୍ଟିକ୍ ବର୍ଜନ ଓ ଜଳ ସଂରକ୍ଷଣ କରିବାର ଆବଶ୍ୟକତା ରହିଛି। ଏହିଭଳି ନୂଆ ନୂଆ ଦିଗରେ ଦେଶକୁ ଏକାଠି କରିବାକୁ ହେବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଜଟଣୀ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟ, ରାଜ୍ୟ ସଭା ସଦସ୍ୟ ଅଶ୍ୱିନୀ ବୈଷ୍ଣବ, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୧୬ରୁ ବଢ଼ିବ ବର୍ଷା

ଭୁବନେଶ୍ୱର,୧୪।୯(ବ୍ୟୁରୋ)

ରାଜ୍ୟରେ ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ରାୟଗଡା, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ୧୬ ତାରିଖରୁ ବର୍ଷା ପରିମାଣ ବୃଦ୍ଧି ପାଇବ। ସମୁଦ୍ର ଆଡୁ ସ୍ଥଳ ଭାଗକୁ ବାୟୁ ପ୍ରବାହ ହେବାକୁ ଥିବାରୁ ଆସନ୍ତା ୧୯ ଏବଂ ୨୦ ତାରିଖରେ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଜୁନ ପହିଲାରୁ ସେପ୍ଟେମ୍ବର ୧୪ ତାରିଖ ମଧ୍ୟରେ ରାଜ୍ୟରେ ବର୍ଷା ସ୍ୱାଭାବିକଠାରୁ ୪ ପ୍ରତିଶତ ଅଧିକ ରହିଛି। ଏହି ସମୟରେ ୧୦୫୫.୩ ମି.ମି. ବର୍ଷା ହେବାକୁ ଥିବା ବେଳେ ହୋଇଛି ୧୦୯୩.୯ ମିଲିମିଟର। ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ କେତେକ ଅଞ୍ଚଳରେ କାଁଭାଁ ବର୍ଷା ହୋଇଛି।



## ଜିଲା ଟିଠି ସମ୍ବଲପୁର

# ଶିଳାନ୍ୟାସରେ ସୀମିତ ଶୀତଳଭଣ୍ଡାର

ସମ୍ବଲପୁର ଜିଲା ସମେତ ପଶ୍ଚିମ ଓଡ଼ିଶାର ୧୦ଟି ଜିଲାର ଚାଷୀମାନଙ୍କ ଉତ୍ପାଦିତ ଶସ୍ୟ,ପନିପରିବା ତଥା ବଜାର ସୁବିଧା ପାଇଁ ଏକ ମଡର୍ନ ଟର୍ମିନାଲ ନିର୍ମାଣ ପାଇଁ ରାଜ୍ୟ ସରକାର ସ୍ଥିର କରିଥିଲେ। ଏଥିପାଇଁ ଅନୁଦାନ ଘୋଷଣା କରାଯାଇଥିଲା। ୨୦୧୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ଆସି ସେହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ୫ ବର୍ଷ ବିତିଛି। କେବଳ ଶିଳାନ୍ୟାସରେ ରହିଯାଇଛି ମଡର୍ନ ଟର୍ମିନାଲ (ଶୀତଳଭଣ୍ଡାର)ର ନିର୍ମାଣ କାମ। ଟେଣ୍ଡର ପାଇଥିବା ଠିକା କମ୍ପାନୀ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ କୁଆଡ଼େ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଚିହ୍ନଟ ହୋଇଥିବା ସରକାରୀ ଜମିର କିସମ ପରିବର୍ତ୍ତନ ପାଇଁ ଠିକା କମ୍ପାନୀକୁ ୧ କୋଟି ୩୦ ଲକ୍ଷ ଟଙ୍କା ଦେବାକୁ ସରକାର ବାରମ୍ବାର ଚିଠି କରିଛନ୍ତି। ହେଲେ ଠିକା କମ୍ପାନୀ ସରକାର ଜମି ଦେଲେ କାମ କରାଯିବ ବୋଲି କହୁଛି। ୫ ବର୍ଷ ତଳେ ଟର୍ମିନାଲ ନିର୍ମାଣ ପାଇଁ ବ୍ୟୟ ଅଟକଳ ନିର୍ଦ୍ଧାରିତ ହୋଇଥିଲା। ଏବେ ସମସ୍ତ ନିର୍ମାଣ ସାମଗ୍ରୀ ଦର ବୃଦ୍ଧି ପାଇଛି। ତେଣୁ ଠିକା କମ୍ପାନୀ କୁଆଡ଼େ କାମ କରିବାକୁ ପଛଘୁଞ୍ଚା ଦେଉଛି ବୋଲି ଆଲୋଚନା ହେଉଛି। ଏଣେ ମଡର୍ନ ଟର୍ମିନାଲ ନିର୍ମାଣ ପାଇଁ ଜନସାଧାରଣଙ୍କ ଦାବି ଜୋର ଧରିଛି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ସମ୍ବଲପୁର ଜିଲା ଯୁଯୁମୁରା ତହସିଲ ନୀଳଡୁଙ୍ଗୁରୀ ଗ୍ରାମରେ ପ୍ରଶାସନ ପକ୍ଷରୁ ୬୦ ଏକର ଜମିର ବ୍ୟବସ୍ଥା କରାଯାଇଛି। ସମ୍ବଲପୁର ସହରଠାରୁ ଯାହାର ଦୂରତା ୧୬ କିଲୋମିଟର। ଏଥିପାଇଁ ୭୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ହେଲେ ଏବେ ତାହା ବୃଦ୍ଧି ପାଇ ପ୍ରାୟ ଶହେ କୋଟି ଟଙ୍କାରୁ ଅଧିକ ହୋଇଛି। ନିର୍ମାଣରେ ବିଳମ୍ବ ଯୋଗୁ ସରକାର ଅଧିକ ଆର୍ଥିକ ବୋଝ ମୁଣ୍ଡାଇବା ସ୍ପଷ୍ଟ ହୋଇଛି। ସୂଚନାଯୋଗ୍ୟ, ଏହି ପ୍ରକଳ୍ପ ପାଇଁ ୨୦୧୩ ଡିସେମ୍ବର ୧୨ ତାରିଖରେ ତତ୍କାଳୀନ ମୁଖ୍ୟଶାସନ ସଚିବ ଯୁଗଳ କିଶୋର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ହୋଇଥିଲା। ରାଜ୍ୟ ସରକାର ଉକ୍ତ ପ୍ରକଳ୍ପ ପାଇଁ ସବୁଜ ସଙ୍କେତ ଦେବା ପରେ କେନ୍ଦ୍ର କୃଷି ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁରୀ ମିଳିଥିଲା। ଉକ୍ତ ମଡର୍ନ ଟର୍ମିନାଲରେ କୃଷିଜାତ ଦ୍ରବ୍ୟ ରଖିବା ପାଇଁ ଏକ ଅଧିକ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାର ସହ ମାନ ନିୟନ୍ତ୍ରଣ ବ୍ୟବସ୍ଥା, ଜେଟି, ଓଜନ ଓ ପ୍ୟାକିଂ ସେବା ଯୋଗାଇ ଦେବା ପାଇଁ ବ୍ୟବସ୍ଥା ରହିବ ବୋଲି ଘୋଷଣା କରାଯାଇଥିଲା। ଖାଦ୍ୟ ନିରାପତ୍ତା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ସଙ୍ଗେ ସଙ୍ଗେ ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦିତ କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟ ମିଳିବ ବୋଲି ସରକାର ଘୋଷଣା କରିଥିଲେ। କଳାହାଣ୍ଡି, ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ, ସୁନ୍ଦରଗଡ଼, ଅନୁଗୋଳ, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ଦେବଗଡ଼ ଓ ସମ୍ବଲପୁର ଜିଲାର ଚାଷୀମାନଙ୍କଠାରୁ ମୂଲ୍ୟଯୁକ୍ତ ଦରରେ ଖାଦ୍ୟଦ୍ରବ୍ୟ ସଂଗ୍ରହ କରାଯିବା ମଧ୍ୟ ଏହି ପ୍ରକଳ୍ପର ଅନ୍ୟ ଲକ୍ଷ୍ୟ ଥିଲା। ଫଳ, ପନିପରିବା, ଫୁଲ, ଔଷଧୀୟ ଲତା ଗୁଳ୍ମ, ତୈଳବୀଜ, ଡାଲି ଜାତୀୟ ଶସ୍ୟ ଉତ୍ପାଦନ ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରାଯିବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ ରହିଥିଲା। – ଶୁଭାଶିଷ ପାଢ଼ୀ

# କଣ୍ଟେନରକୁ ୬ଲକ୍ଷ ୫୩ ହଜାର ଜରିମାନା

ସମ୍ବଲପୁର,୧୪।୯(ବ୍ୟୁରୋ)

ସମ୍ବଲପୁର ଜିଲା ଆର୍‌ଟିଓ ପକ୍ଷରୁ କଟାଯାଇଥିବା ଏକ ରସିଦ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଏହି ରସିଦ ୨୦୧୯ ଅଗଷ୍ଟ ୧୦ ତାରିଖରେ କଟାଯାଇଛି। ଏଥିରେ ରୋଡ ଟ୍ୟାକ୍ସ ସହ ବିଭିନ୍ନ ଜରିମାନା ବାବଦକୁ ଏକ ନାଗାଲାଣ୍ଡ କଣ୍ଟେନର (ନଂ.ଏନଏଲ୦୮ଡି-୦୭୦୯) କୁ ୬ଲକ୍ଷ ୫୩ ହଜାର ଟଙ୍କା ଉଲ୍ଲେଖ ରହିଛି।

ନୂଆ ଟ୍ରାଫିକ ନିୟମ ସେପ୍ଟେମ୍ବର ୧ ତାରିଖରୁ ଲାଗୁ ହେବା ପରେ ଏହି ରସିଦ ଶନିବାର ଭାଇରାଲ ହୋଇଛି। ଦେଶରେ ପ୍ରଥମ ଥର ପାଇଁ ସର୍ବାଧିକ ଫାଇନ କଟା ଯାଇଥିବା ଆଲୋଚନା ହେଉଛି। ତଥ୍ୟ ମୁତାବକ, ରସିଦ ଅଇଁଠାପାଲି ଥାନା ଅଧୀନ ରେମେଡ ଅଞ୍ଚଳରେ ଅଗଷ୍ଟ ମାସରେ କଟାଯାଇଥିଲା। ରସିଦରେ ନାଗାଲାଣ୍ଡର ବେଥେଲ୍

### ସୋସିଆଲ ମିଡିଆରେ ରସିଦ ଭାଇରାଲ

ଅଞ୍ଚଳର ଶୈଳେଶ ଶଙ୍କର ଲାଲ ଗୁପ୍ତା ଉକ୍ତ କଣ୍ଟେନରର ମାଲିକ ବୋଲି ଦର୍ଶାଯାଇଛି। ଉକ୍ତ କଣ୍ଟେନର ୨୦୧୪ରୁ କିଣା ହୋଇଥିଲେ ମଧ୍ୟ ୨୦୧୯ ପର୍ଯ୍ୟନ୍ତ ରୋଡ ଟ୍ୟାକ୍ସ ଦିଆଯାଇ ନ ଥିଲା। ତେଣୁ ରୋଡ ଟ୍ୟାକ୍ସ ଓ ଏମ୍‌ଭିଟି-୩ ଟ୍ୟାକ୍ସ ୨୧ ଜୁଲାଇ, ୨୦୧୪ରୁ ୩୦ ସେପ୍ଟେମ୍ବର, ୨୦୧୯ ପର୍ଯ୍ୟନ୍ତ ୬ଲକ୍ଷ ୪୦ ହଜାର ୫ଶହ ଟଙ୍କା ଟ୍ୟାକ୍ସ ଲାଗିଛି। ସେହିପରି ପଲ୍ୟୁଶନ୍ ବାବଦକୁ ୧ ହଜାର ଟଙ୍କା, କ୍ୟାରି ପାସେଞ୍ଜର ନେବା ବାବଦକୁ ୫ ହଜାର ଟଙ୍କା, ବିନା ପରମିଟରେ ଗାଡ଼ି ଚଳାଇବା ଲାଗି ୫ ହଜାର ଟଙ୍କା, ବୀମା ପାଇଁ ୧ ହଜାର ଟଙ୍କା, ସାଧାରଣ ନିୟମ ଖିଲାପ ଯୋଗୁ ୧ଶହ ଟଙ୍କା ଓ ଅନ୍ୟାନ୍ୟ ବାବଦକୁ ୫ଶହ ଟଙ୍କା ମୋଟ ୧୨ ହଜାର ୬ଶହ ଟଙ୍କା ଫାଇନ୍ ଲାଗିଛି।

# ଜୁଏଲ ପ୍ରତିରକ୍ଷା, ଭର୍ତ୍ତୃହରି ଶ୍ରମ କମିଟି ଅଧ୍ୟକ୍ଷ

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

ଲୋକ ସଭା ଓ ରାଜ୍ୟ ସଭାର ଏମ୍‌ପିମାନଙ୍କୁ ନେଇ ଶୁକ୍ରବାର ବିଭିନ୍ନ ସଂସଦୀୟ କମିଟି ଗଠନ କରାଯାଇଛି। ଏଥିରେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ପ୍ରତିରକ୍ଷା କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଶ୍ରମ ଓ ନିୟୋଜନ କମିଟିର ଅଧ୍ୟକ୍ଷଭାବେ ମନୋନୀତ ହୋଇଛନ୍ତି।

ଓଡ଼ିଶାର ଅନ୍ୟ ଏମ୍‌ପିମାନେ ମଧ୍ୟ ବିଭିନ୍ନ କମିଟିରେ ସ୍ଥାନ ପାଇଛନ୍ତି। ପୁରୀ ବିଜେଡି ଏମ୍‌ପି ପିନାକୀ ମିଶ୍ର ଓ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ ଅର୍ଥ କମିଟିର ସଦସ୍ୟ ହୋଇଛନ୍ତି। ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ବାଣିଜ୍ୟ କମିଟି, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ସ୍ୱରାଷ୍ଟ୍ର କମିଟି, ରାଜଶ୍ରୀ ମଲ୍ଲିକ ଏବଂ ନିତେଶ ଗଙ୍ଗଦେବ ପ୍ରତିରକ୍ଷା କମିଟିର ସଦସ୍ୟ ହୋଇଛନ୍ତି। ନବରଙ୍ଗପୁର ଏମ୍‌ପି ରମେଶ ମାଝି ଓ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ପରିବହନ, ପର୍ଯ୍ୟଟନ ଓ ସଂସ୍କୃତି କମିଟିର ସଦସ୍ୟ ହୋଇଛନ୍ତି। କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ବୈଦେଶିକ ବ୍ୟାପାର କମିଟିର

### ସଂସଦୀୟ କମିଟିରେ ଓଡ଼ିଶା ଏମ୍‌ପି

ସଦସ୍ୟ ଭାବେ ନିଯୁକ୍ତ ହୋଇଥିବା ଜଣାପଡିଛି। ଭାଜପାର ରାଜ୍ୟ ସଭା ଏମ୍‌ପି ଅଶ୍ୱିନୀ ବୈଷ୍ଣବ, ବିଜେଡିର ରାଜ୍ୟ ସଭା ଏମ୍‌ପି ଏନ୍.ଭାସ୍କର ରାଓ ଏବଂ ବିଜେଡିର ଢେଙ୍କାନାଳ ଏମପି ମହେଶ ସାହୁ ବିଜ୍ଞାନ, ପ୍ରଯୁକ୍ତି, ପରିବେଶ ଓ ଜଙ୍ଗଲ କମିଟିର ସଦସ୍ୟ ହୋଇଛନ୍ତି। କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ଓ ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର ମାନବ ସମ୍ବଳ ବିକାଶ କମିଟିର ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ଆସ୍କା ବିଜେଡି ଏମ୍‌ପି ପ୍ରମିଳା ବିଷୋୟୀ ଓ କଂଗ୍ରେସ ଏମ୍‌ପି ସପ୍ତଗିରି ଉଲ୍ଲାକା ସଂସଦୀୟ ଉପଭୋକ୍ତା ବ୍ୟାପାର ଏବଂ ଖାଦ୍ୟ ଓ ସାଧାରଣ ବଣ୍ଟନ କମିଟି, ଅନୁଭବ ମହାନ୍ତି ଓ ସଙ୍ଗୀତା ସିଂଦେଓ ରେଲୱେ, ପ୍ରଶାନ୍ତ ନନ୍ଦ କୋଇଲା ଓ ଖଣି କମିଟି, ଚନ୍ଦ୍ରଶେଖର ସାହୁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ଏବଂ ନରେନ୍ଦ୍ର ସ୍ୱାଇଁ ଜଳସମ୍ପଦ କମିଟିର ସଦସ୍ୟ ହୋଇଛନ୍ତି। ଭୁବନେଶ୍ୱର ଭାଜପା ଏମ୍‌ପି ଅପରାଜିତା ଷଡଙ୍ଗୀ ସହରାଞ୍ଚଳ ବିକାଶ କମିଟିରେ ସ୍ଥାନ ପାଇଛନ୍ତି।




## ମୋଟରଯାନ ବୀମା (Insurance) ସମ୍ବନ୍ଧୀୟ ସୂଚନା

ଏତଦ୍ୱାରା ସମସ୍ତ ଗାଡ଼ି ମାଲିକ, ଚାଳକ ତଥା ଜନସାଧାରଣଙ୍କ ଅବଗତି ନିମିତ୍ତ ଜଣାଇ ଦିଆଯାଉଅଛି ଯେ, **Motor Vehicle Act** ର **Section 146** ଅନୁଯାୟୀ କୌଣସି ମୋଟର ଯାନ ବୀମା **(Insurance)** ନ ହୋଇ ରାସ୍ତାରେ ଚାଲିପାରିବ ନାହିଁ ।

ମାନ୍ୟବର ସୁପ୍ରିମ କୋର୍ଟ ଙ୍କ ଆଦେଶମତେ ଯଦି ବୀମାଭୁକ୍ତ ହୋଇନଥିବା କୌଣସି ମୋଟରଯାନ ଦୁର୍ଘଟଣା ଘଟାନ୍ତି, ତେବେ ଉକ୍ତ ମୋଟରଯାନକୁ ପୋଲିସ ଜବତ କରିବେ ଏବଂ ତାହା କୌଣସି ନ୍ୟାୟଳୟ ଦ୍ୱାରା ଖଲାସ ହେବ ନାହିଁ । ଉକ୍ତ ଯାନକୁ ନିଲାମ କରି ସେହି ଅର୍ଥକୁ ଦୁର୍ଘଟଣା **Claim** ନିମନ୍ତେ ଭରଣା କରାଯିବ । **OMV Accident Claim Tribunal Rule-2019** ଅନୁଯାୟୀ ଏ ସମ୍ବନ୍ଧୀୟ ପ୍ରାବଧାନ ରହିଅଛି ।

ତେଣୁ ସମସ୍ତ ବେସରକାରୀ ଗାଡି ମାଲିକମାନଙ୍କୁ ସୂଚାଇ ଦିଆଯାଉଅଛି ଯେ, ଗାଡିଗୁଡିକୁ ବୀମାକରଣ କରାଇ ଚଳାନ୍ତୁ । ଏତତ୍ ବ୍ୟତୀତ ସମସ୍ତ ସରକାରୀ ଏବଂ ସରକାରୀ ଅଧିନସ୍ଥ ସଂସ୍ଥା ମାନଙ୍କର ଗାଡିଗୁଡ଼ିକୁ **CMV Rule 1989** ର **Rule 148** ଅନୁଯାୟୀ **Form-53** ରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଠାରୁ ଆବଶ୍ୟକ ପ୍ରମାଣପତ୍ର ହାସଲ କରି ଗାଡି ଗୁଡିକ ଚଳାନ୍ତୁ ।

ପରିବହନ ଆୟୁକ୍ତ, ଓଡ଼ିଶା

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ପାୟଲ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## କଶ୍ମୀର ପ୍ରସଙ୍ଗରେ ଜନ ସମ୍ପର୍କ ଅଭିଯାନ | ୩୭୦ ଉଚ୍ଛେଦକୁ ରମାକାନ୍ତ ରଥଙ୍କ ସମର୍ଥନ

**ଭୁବନେଶ୍ୱର, ୧୪।୯(ବ୍ୟୁରୋ)**

କଶ୍ମୀର ପ୍ରସଙ୍ଗରେ ଭାଜପାର ଦେଶବ୍ୟାପୀ ଜନ ସମ୍ପର୍କ ଓ ଜନ ଜାଗରଣ ଯାତ୍ରା ଅଭିଯାନ ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଖ୍ୟାତିସମ୍ପନ୍ନ ଲେଖକ ତଥା ପୂର୍ବତନ ପ୍ରଶାସକ ପଦ୍ମଭୂଷଣ ରମାକାନ୍ତ ରଥଙ୍କୁ ଭେଟିଛନ୍ତି। ରମାକାନ୍ତ ରଥ ସମ୍ବିଧାନର ଅନୁଚ୍ଛେଦ ୩୭୦ଧାରା ଉଚ୍ଛେଦକୁ ସମର୍ଥନ କରିବା ସହ ଏହି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପୂର୍ବରୁ ହିଁ ହେବାର ଥିଲା ବୋଲି କହିଛନ୍ତି। ଭାଜପାର ଜନ ସମ୍ପର୍କ ଓ ଜନ ଜାଗରଣ ଯାତ୍ରା ଅଭିଯାନକୁ ମଧ୍ୟ ସେ ସମର୍ଥନ କରିଥିବା ଧର୍ମେନ୍ଦ୍ର କହିଛନ୍ତି। ସୂଚନାଯୋଗ୍ୟ, ଜମ୍ମୁ-କଶ୍ମୀରରେ ଧାରା ୩୭୦ ଓ ୩୫(କ) ଉଚ୍ଛେଦ ପରବର୍ତ୍ତୀ ଲାଭ ସମ୍ପର୍କରେ ଦେଶର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟ ନେଇ ଭାଜପା ପକ୍ଷରୁ ଗତ ୧ରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ୩୦ ପର୍ଯ୍ୟନ୍ତ ଚାଲିବ।

## ■ ବରୁଣେଇରେ ହେବ ପାଇକ ସ୍ମାରକୀ
# ୨୭ରେ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟମାନେ ବରୁଣେଇ ପାଦଦେଶରେ ହେବାକୁ ଥିବା ପାଇକ ସ୍ମାରକୀ ସ୍ଥଳ ବୁଲି ଦେଖୁଛନ୍ତି।

**ଖୋର୍ଦ୍ଧା ଅଫିସ,୧୪।୯**

ଖୋର୍ଦ୍ଧାର ବରୁଣେଇ ପାହାଡ ପାଦଦେଶରେ ନିର୍ମାଣ ହେବ ପାଇକ ସ୍ମାରକୀ। ଆସନ୍ତା ୨୭ ଓ ୨୮ ତାରିଖ ଦୁଇଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆସୁଥିବା ସୂଚନା ମିଳିଛି। ୨୭ ତାରିଖରେ ରାଷ୍ଟ୍ରପତିଙ୍କ କରକମଳରେ ପାଇକ ସ୍ମାରକୀ ଶୁଭ ଦିଆଯିବ। ସ୍ମାରକୀ ଚିହ୍ନିତ କ୍ଷେତ୍ର ବରୁଣେଇ ପାଦଦେଶରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ, ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପରୋକ୍ତ ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ରାଷ୍ଟ୍ରମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଶନିବାର ଅପରାହ୍ନରେ ସ୍ମାରକୀ ଚିହ୍ନଟ ସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ମନ୍ତ୍ରୀଙ୍କ ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ପର୍ଯ୍ୟଟନ ବିଭାଗ ପରିଚାଳନା ନିର୍ଦ୍ଦେଶକ ନିର୍ମଳ ଚନ୍ଦ୍ର ମିଶ୍ର, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଜିଲାପାଳ ସିତାଂଶୁ କୁମାର ରାଉତ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ କହିଥିଲେ, ପାଇକ ବିଦ୍ରୋହର ଦୁଇଶହ ବାର୍ଷିକୀ ଅବସରରେ ରାଷ୍ଟ୍ରୀୟ ସ୍ମାରକ ନିର୍ମାଣ କରିବା କେନ୍ଦ୍ର ସରକାର ପରିକଳ୍ପନା ଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରୀୟ ସଂସ୍କୃତି ମନ୍ତ୍ରୀଙ୍କୁ ପତ୍ର ଲେଖି ବରୁଣେଇ ପାହାଡ ତଳେ ପାଇକ ସ୍ମାରକୀ ପାଇଁ ୧୦ ଏକର ଜମି ଉପଲବ୍ଧ କରାଇଥିବା ସୂଚନା ଦେଇଛନ୍ତି। ଏଣୁ ରାଜ୍ୟର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗୀୟ ରାଷ୍ଟ୍ର ମନ୍ତ୍ରୀ ପାଣିଗ୍ରାହୀଙ୍କ ସହ ସେ ଓ ଅଧିକାରୀମାନେ ପାଇକ ସ୍ମାରକୀ ଚିହ୍ନଟ ଅଞ୍ଚଳ ବୁଲି ଦେଖିଲେ। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ଓ ପାଇକ ସ୍ମାରକୀ ପାଇଁ ଜିଲାପାଳଙ୍କ ଅଫିସରେ ଯୋଜନା କରାଯାଇଛି। ଓଡ଼ିଆ ଜାତିର ପ୍ରେରଣା କେନ୍ଦ୍ର ବରୁଣେଇ ପାହାଡର ଭବିଷ୍ୟତକୁ ଧ୍ୟାନରେ ରଖି ୨୦୦ ବର୍ଷ ପାଳନ ଅବସରରେ ଗୋଟିଏ ନୂଆ ତୀର୍ଥକ୍ଷେତ୍ର, ପର୍ଯ୍ୟଟନସ୍ଥଳ ତିଆରି କରାଯିବ, ଯେଉଁଠାରେ କି ଓଡ଼ିଆ ଜାତିର ବୀରଗାଥା ଜନଜୀବନର କଥା ରହିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

# ୧୪ ଜିଲାରେ କାର୍ଯ୍ୟକାରୀ ହେବ ପେସା ରୁଲ୍

- ■ ୨୦୬୮ ପଞ୍ଚାୟତ ହାତରୁ ଯିବ କ୍ଷମତା
- ■ ସବୁ ଆଦିବାସୀ ଗ୍ରାମରେ ଗଠନ ହେବ ପରିଷଦ
- ■ ନିଜ ନିଷ୍ପତ୍ତି ନିଜେ ନେବେ ଆଦିବାସୀ
- ■ ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ଅଡୁଆରେ ସରକାର

**ଭୁବନେଶ୍ୱର,୧୪।୯(ବ୍ୟୁରୋ)**

ଆଦିବାସୀ ଗ୍ରାମକୁ ମିଳିବ କ୍ଷମତା। ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ବିକାଶ ଗ୍ରାମ ପରିଷଦ(କାଉନ୍‌ସିଲ) ହାତରେ ରହିବ। ସେମାନଙ୍କ ଜୀବନଜୀବିକା, ପରମ୍ପରା ଓ କୌଳିକ ବୃତ୍ତିରେ ସରକାର କିମ୍ବା ସ୍ଥାନୀୟ ପ୍ରଶାସନ ହସ୍ତକ୍ଷେପ କରିବେ ନାହିଁ। ରାଜ୍ୟରେ ଥିବା ୧୪ଟି ଅନୁସୂଚିତ ଜନଜାତିବହୁଳ ଜିଲାରେ କାର୍ଯ୍ୟକାରୀ ହେବ ପଞ୍ଚାୟତ ଏକ୍ସଟେନ୍‌ସନ ସିଡ୍ୟୁଲ ଏରିଆ(ପେସା) ନିୟମ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପେସା ରୁଲ୍-୨୦୧୯ ପ୍ରସ୍ତୁତ କରାଯାଇଛି। ଏହି ଚିଠା ବିଲ୍ ଆଇନ ବିଭାଗର ଅନୁମୋଦନ ଲାଭ କରିସାରିଛି। ଅବକାରୀ ଅଧିକାର ଗ୍ରାମଗୁଡ଼ିକୁ ଦିଆଯିବ କି ନାହିଁ ସେ ନେଇ ଅବକାରୀ ବିଭାଗର ମତାମତ ଲୋଡ଼ାଯାଇଛି। ଏହି ରୁଲ୍‌ର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହୋଇସାରିଛି। ବିଧାନସଭାରେ କେବଳ ଏହାକୁ ଉପସ୍ଥାପନ କରି କାର୍ଯ୍ୟକାରୀ କରାଯିବ ବୋଲି ପଞ୍ଚାୟତିରାଜ ବିଭାଗର ଜଣେ ଅଧିକାରୀ କହିଛନ୍ତି।

କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କନ୍ଧମାଳ, ସୁନ୍ଦରଗଡ଼ ଏବଂ ମୟୂରଭଞ୍ଜ ଆଦି ୭ ଜିଲାରେ ସମ୍ପୂର୍ଣ୍ଣ ପେସା ରୁଲ୍ ଲାଗୁ ହେବାକୁଥିବା ବେଳେ ସମ୍ବଲପୁର, କଳାହାଣ୍ଡି, ଗଞ୍ଜାମ, ଗଜପତି, ଦେବଗଡ଼, ବାଲେଶ୍ୱର, କେନ୍ଦୁଝର ଆଦି ଜିଲାରେ ଆଂଶିକ ଭାବେ ଏହି ରୁଲ୍ କାର୍ଯ୍ୟକାରୀ ହେବ। ମୋଟ ୧୨୨ ବ୍ଲକର ୨୦୬୮ଟି ଗ୍ରାମପଞ୍ଚାୟତରେ ଏହା କାର୍ଯ୍ୟକାରୀ ହେବ। ଏହି ସବୁ ଜିଲାରେ ଥିବା ପଞ୍ଚାୟତଗୁଡ଼ିକରେ ୧୩ ହଜାର କାଉନ୍‌ସିଲ ଗଠନ କରାଯିବ। ପ୍ରତ୍ୟେକ ଅନୁସୂଚିତ ଜନଜାତି ଗ୍ରାମରେ ଗୋଟିଏ ଲେଖାଏଁ କାଉନ୍‌ସିଲ ରହିବ। ଗ୍ରାମସଭା ଦ୍ୱାରା ଗଠିତ ପ୍ରତ୍ୟେକ କାଉନସିଲ୍‌ରେ ଜଣେ ଅଧ୍ୟକ୍ଷ ଓ ୬ଜଣ ସଦସ୍ୟ ରହିବେ। ଏହି ପରିଷଦ ହାତରେ ଗ୍ରାମର ସମସ୍ତ ଦାୟିତ୍ୱ ନ୍ୟସ୍ତ ରହିବ। ଲଘୁ ବନଜାତ ଦ୍ରବ୍ୟ, କ୍ଷୁଦ୍ର ଶସ୍ୟର ମୂଲ୍ୟ ନିର୍ଦ୍ଧାରଣ, କ୍ଷୁଦ୍ର ଜଳସେଚନ, ହିତାଧିକାରୀ ଚୟନ କରିବା, ପ୍ରକଳ୍ପ କାର୍ଯ୍ୟକାରୀ କରିବା, ଶିକ୍ଷାନୁଷ୍ଠାନ ଏବଂ ଅଙ୍ଗନୱାଡି ଆଦିର ପରିଚାଳନା ଓ ଅନ୍ୟାନ୍ୟ ସ୍ଥାନୀୟ ବିଷୟରେ ଗ୍ରାମସଭା ପ୍ରସ୍ତାବ ଆଧାରରେ କାଉନ୍‌ସିଲ ନିଷ୍ପତ୍ତି ନେବ। ଏହା ଦ୍ୱାରା ଆଦିବାସୀମାନଙ୍କର ସଂସ୍କୃତି, ପରମ୍ପରା ଓ ଜୀବିକା ସୁରକ୍ଷିତ ରହିବା ସହ ଜଳ, ଜମି, ଜଙ୍ଗଲଗୁଡ଼ିକୁ ସୁରକ୍ଷା ଦିଆଯାଇପାରିବ। ଜଙ୍ଗଲ ଅଧିକାର ବିଷୟରେ ମଧ୍ୟ ଗ୍ରାମ ପରିଷଦ ନିଷ୍ପତ୍ତି ନେବ। ପେସା ଆଇନ କାର୍ଯ୍ୟକାରୀ ହେବାକୁ ଥିବା ପଞ୍ଚାୟତଗୁଡ଼ିକର କୌଣସି କ୍ଷମତା ରହିବ ନାହିଁ। କେନ୍ଦ୍ର ସରକାର ୧୯୯୬ରେ ପେସା ଆଇନ କାର୍ଯ୍ୟକାରୀ କରିଛନ୍ତି। ବିଭିନ୍ନ ପ୍ରକଳ୍ପ ଯୋଗୁ ଆଦିବାସୀମାନଙ୍କୁ ନିଜର ମୂଳ ବସତିରୁ ବିସ୍ଥାପିତ ହେବାକୁ ପଡୁଛି। ହଠାତ ହେଉଥିବା ପରିବର୍ତ୍ତନକୁ ସେମାନେ ଗ୍ରହଣ କରିପାରୁ ନାହାନ୍ତି। ଜଙ୍ଗଲ ଛାଡ଼ି ଅନ୍ୟତ୍ର ଚାଲିଯାଉଛନ୍ତି। ଫଳରେ ଯେତେ ଯୋଜନା କଲେ ମଧ୍ୟ ଆଦିବାସୀଙ୍କ ବିକାଶ ହୋଇପାରୁନାହିଁ। ସେମାନଙ୍କ ଜରିଆରେ ସେମାନଙ୍କର ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ବିକାଶ କରିବା ପେସା ଆଇନର ମୂଳ ଲକ୍ଷ୍ୟ। ୧୧ଟି ଆଦିବାସୀବହୁଳ ରାଜ୍ୟରେ ପେସା ଆଇନ ଲାଗୁ କରିବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଥିଲେ। ଦୀର୍ଘ ୨୪ ବର୍ଷ ପରେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରିନାହିଁ।

ରାଜ୍ୟ ସରକାର ଦୀର୍ଘବର୍ଷ ପରେ ପେସା ରୁଲ୍ ଆଣିବାକୁ ଉଦ୍ୟମ କରୁଥିଲେ ମଧ୍ୟ ଏହାର କାର୍ଯ୍ୟକାରିତା ନେଇ ଆଶଙ୍କା ଦେଖାଦେଇଛି। ଅନୁସୂଚିତ ଅଞ୍ଚଳର ପଞ୍ଚାୟତ ଗୁଡିକରେ ୫୦ ପ୍ରତିଶତ ପଦବୀ ଆଦିବାସୀଙ୍କ ପାଇଁ ସଂରକ୍ଷିତ ରଖିଛନ୍ତି। ତେବେ ଏହି ନୂଆ ରୁଲ୍ କାର୍ଯ୍ୟକରୀ ହେଲେ ସେହିସବୁ ଅଞ୍ଚଳରେ ପଞ୍ଚାୟତର କୌଣସି ଭୂମିକା ରହିବ ନାହିଁ। ସେହିସବୁ ଅଞ୍ଚଳରେ ପଞ୍ଚାୟତ ନିର୍ବାଚନ ହେବ କି ନାହିଁ ସେନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେବ। ସରକାର ପେସା ରୁଲ୍‌କୁ ଯଦି କଡ଼ାକଡ଼ି ଭାବେ ଲାଗୁ କରିବେ ତେବେ ଅନୁସୂଚିତ ଅଞ୍ଚଳରେ ସରପଞ୍ଚଙ୍କର କୌଣସି କ୍ଷମତା ରହିବ ନାହିଁ। ଏ ନେଇ ପଞ୍ଚାୟତସ୍ତରରେ ବିଦ୍ରୋହ ହେବାର ମଧ୍ୟ ସମ୍ଭାବନା ରହିଛି। ସରକାର ଯଦି ରୁଲ୍ କରି ଲାଗୁ ନ କରନ୍ତି ତେବେ ଆଦିମ ଆଦିବାସୀମାନଙ୍କର ବିକାଶ ସମ୍ଭବ ହେବନାହିଁ। କେତେକ ମୁଷ୍ଟିମେୟ ଚତୁର ଆଦିବାସୀମାନେ ସମ୍ବିଧାନ ଦ୍ୱାରା ଦିଆଯାଇଥିବା ସମସ୍ତ କ୍ଷମତାକୁ ପିଢ଼ି ପରେ ପିଢ଼ି ଉପଭୋଗ କରିଚାଲିବେ । ଆଦିମ ଏବଂ ବିଲୁପ୍ତ ହେବାକୁ ବସିଥିବା ଆଦିବାସୀମାନେ ସ୍ୱାଧୀନତା ପରଠାରୁ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହୋଇ ଚାଲିଛନ୍ତି। ପେସା ରୁଲ୍ ଲାଗୁ କରି ସରକାର ତୃଣମୂଳସ୍ତରରୁ ବିଭିନ୍ନ ବର୍ଗର ଅବହେଳିତ ଆଦିବାସୀମାନଙ୍କ ବିକାଶ କରିବାକୁ ଲକ୍ଷ୍ୟ ରଖିଛନ୍ତି। ତେବେ ଏହି ରୁଲ୍ କିପରି ଲାଗୁହେବ ତାହା ଉପରେ ରହିଛି ନଜର। ପଞ୍ଚାୟତିରାଜ ବିଭାଗର ଜଣେ ଅଧିକାରୀଙ୍କ କହିବା କଥା ହେଲା-ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ, ଯିଏ କି ଆଦିବାସୀବହୁଳ ଜିଲାରେ ଆଦିବାସୀମାନଙ୍କୁ ପଞ୍ଚାୟତସ୍ତରରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଦେଇପାରିଛି।

## ପ୍ରଥମ ପୃଷ୍ଠାରୁ...

## ଅନୁଗୋଳ ଜିଲାପାଳଙ୍କ...

ପାଶ୍‌ବୁକ୍‌ର ଚେକ୍‌ବୁକ୍ ନ ଥିବାବେଳେ ବ୍ୟାଙ୍କ ମ୍ୟାନେଜର ୮ଟି ଚେକ୍ ଲଗାଇ ନଗଦ ଆକାରରେ ଟଙ୍କା ଉଠାଇ ନେଇଥିବା ଜିଲାପାଳ ଅଭିଯୋଗରେ ଦର୍ଶାଇଛନ୍ତି। ଉକ୍ତ ଅଭିଯୋଗ ପାଇବା ପରେ ଅନୁଗୋଳ ପୋଲିସ ନଂ. ୭୦୯/୧୯ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ମ୍ୟାନେଜର ଶକ୍ତି ବେଦାନ୍ତ ଦାସଙ୍କୁ ଶନିବାର କଟକ ଜିଲାରୁ ଅନୁଗୋଳ ଥାନାକୁ ଉଠାଇ ଆଣିଥିଲା। ଅପରାହ୍ନ ସାଢ଼େ ଚାରିଟାରେ ଏସ୍‌ପି ଜଗମୋହନ ମୀନା ଥାନାରେ ପହଞ୍ଚି ଅଭିଯୁକ୍ତଙ୍କୁ ପଚରା ଉଚରା କରିଥିଲେ। ଏସ୍‌ଡିପିଓ ଓ ଥାନା ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।

ଏ ନେଇ ଏସ୍‌ପି କହିଛନ୍ତି, ସରକାରୀ ଆକାଉଣ୍ଟରୁ ଟଙ୍କା ହଡ଼ପ ନେଇ ଜିଲାପାଳ ଅଭିଯୋଗ କରିଥିଲେ। ଏଥିରେ ତତ୍କାଳୀନ ବ୍ୟାଙ୍କ ମ୍ୟାନେଜରଙ୍କ ସମ୍ପୃକ୍ତି ଥିବା ତଦନ୍ତରୁ ଜଣାପଡ଼ିବାରୁ ତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଏହି ଟଙ୍କା ହଡ଼ପ ଘଟଣା ପରେ ସମ୍ପୃକ୍ତ ମ୍ୟାନେଜର ଉକ୍ତ ବ୍ୟାଙ୍କ ଛାଡ଼ି ଅନ୍ୟ ଏକ ଘରୋଇ ବ୍ୟାଙ୍କରେ କାର୍ଯ୍ୟ କରୁଥିଲେ। ଜିଲାପାଳ ମହାନ୍ତି କହିଛନ୍ତି, ପ୍ରତି ବ୍ୟାଙ୍କରେ ସରକାରୀ ଟଙ୍କା ନେଣଦେଣ ସମୟରେ ଜିଲାପାଳ ଅନୁଗୋଳଙ୍କ ନାମରେ ସିଲ୍ ମରାଯାଇଥାଏ। ହେଲେ ଏହି ଠକେଇ କରିଥିବା ବ୍ୟାଙ୍କ ମ୍ୟାନେଜର ଜିଲାପାଳ ଓ ଜିଲା ମାଜିଷ୍ଟ୍ରେଟଙ୍କ ନାମରେ ସିଲ୍ ମାରିଛନ୍ତି। ଏହି ଘଟଣାରେ ଜିଲା କାର୍ଯ୍ୟାଳୟର କୌଣସି କର୍ମଚାରୀଙ୍କ ସମ୍ପୃକ୍ତି ଥିବା ତଦନ୍ତରୁ ଜଣାପଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

### ସନ୍ଦେହରେ କ୍ୟାଶ୍‌ବୁକ୍ ଅପ୍‌ଡେଟ୍

ଅନୁଗୋଳ ଜିଲାକୁ ଆସିଥିବା ସରକାରୀ ଟଙ୍କା କେଉଁ ଆକାଉଣ୍ଟରେ ରହୁଛି ତାହାର ଦେଖାଶୁଣା କରିବାକୁ ଜିଲା କାର୍ଯ୍ୟାଳୟରେ ନିଜାରତ ଅଧିକାରୀମାନେ ନିଯୁକ୍ତ ହୋଇଛନ୍ତି। କେଉଁ ବ୍ୟାଙ୍କରେ ଜିଲା କାର୍ଯ୍ୟାଳୟର କେତୋଟି ପାଶ୍‌ବୁକ ଖୋଲାଯାଇଛି ଓ ଆକାଉଣ୍ଟଗୁଡ଼ିକରେ କେତେ ଟଙ୍କା ରହିଛି ତାହାର ହିସାବ କରିବା, କ୍ୟାଶ୍‌ବୁକ୍‌ରେ ଚଢାଇବା ସେମାନଙ୍କ କାର୍ଯ୍ୟ। ଏପରି କି କେଉଁ ଆକାଉଣ୍ଟକୁ କେତେ ଟଙ୍କା ସୁଧ ଆସିଲା ତାହା ମଧ୍ୟ ସେମାନେ କ୍ୟାଶ୍‌ବୁକରେ ଉଲ୍ଲେଖ କରିଥାନ୍ତି। ପ୍ରତି ମାସରେ ବ୍ୟାଙ୍କ ଆକାଉଣ୍ଟ ସହ କ୍ୟାଶ୍‌ବୁକ ତୁଳନା କରି ଠିକ୍ ଭାବେ ଟଙ୍କା ରହିଛି କି ନାହିଁ ତାହା ଅପଡେଟ୍ କରନ୍ତି। ତତ୍କାଳୀନ ଜିଲାପାଳ ଅନିଲ କୁମାର ସାମଲଙ୍କ ସମୟରେ ମଧ୍ୟ ଜିଲା କାର୍ଯ୍ୟାଳୟରେ କେତେଜଣ ନିଜାରତ ଅଧିକାରୀ କାର୍ଯ୍ୟରତ ଥିଲେ। ହେଲେ ଉକ୍ତ ଆକାଉଣ୍ଟରେ ଟଙ୍କା ନ ଥିବାବେଳେ ସେମାନେ କିପରି କ୍ୟାଶ୍‌ବୁକରେ ଟଙ୍କା ରହିଛି ବୋଲି ଦର୍ଶାଉଥିଲେ ତାହାକୁ ନେଇ ଏବେ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ବ୍ୟାଙ୍କ ଖାତା ସହ କ୍ୟାଶ୍‌ବୁକ ମିଳାଯାଉଥିଲା କି ଆଖିବୁଜି ସେମାନେ ସୁଧ ସହ ଅପ୍‌ଡେଟ୍ କରୁଥିଲେ ତାହା ଏବେ ପ୍ରଶ୍ନବାଚୀରେ। ଇତିମଧ୍ୟରେ ସମ୍ପୃକ୍ତ ଅଧିକାରୀମାନେ ପଦୋନ୍ନତି ପାଇସାରିଥିଲେ ବି ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ସାଧାରଣରେ ଦାବି ହେଉଛି।

### ହ୍ୱାଇଟ କୋଲାର କ୍ରାଇମ

ଅନୁଗୋଳ ଜିଲାପାଳଙ୍କ ଆକାଉଣ୍ଟରେ ଥିବା ୫୯ ଲକ୍ଷ ଟଙ୍କା ଆତ୍ମସାତ ଘଟଣାକୁ ହ୍ୱାଇଟ୍‌କୋଲାର କ୍ରାଇମ୍ ବୋଲି କହିଛନ୍ତି ଏସ୍‌ପି ଜଗମୋହନ ମୀନା। ଏସ୍‌ପି କହିଛନ୍ତି ଯେ, ଉଚ୍ଚ ପଦବୀରେ ରହିଥିବା କୌଣସି ଅଧିକାରୀ ଏପରି ଅପରାଧରେ ସମ୍ପୃକ୍ତି ଥିଲେ ତାହାକୁ ହ୍ୱାଇଟ୍ କୋଲାର କ୍ରାଇମ୍ ବୋଲି କୁହାଯାଏ। ଯେହେତୁ ବ୍ୟାଙ୍କ ମ୍ୟାନେଜର ଟଙ୍କା ଠକେଇ କରିଥିବା ଅଭିଯୋଗ ଆସିଛି ତେଣୁ ପୋଲିସ ଭାଷାରେ ତାହାକୁ ହ୍ୱାଇଟ୍ କୋଲାର କ୍ରାଇମ୍ ବୋଲି କୁହାଯାଉଛି।

## ରିଏଲ ଇଷ୍ଟେଟ...

୨୩ରେ ବିଦେଶୀ ନିବେଶକଙ୍କ ଉପରେ ଲାଗୁଥିବା ଅତିରିକ୍ତ ସରଚାର୍ଜକୁ ପ୍ରତ୍ୟାହାର କରିନେଇଥିଲେ ଏବଂ ବ୍ୟାଙ୍କଗୁଡ଼ିକୁ ଖୁବଶୀଘ୍ର ୭୦ ହଜାର କୋଟି ଟଙ୍କାର ସହାୟତା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ଏହାଛଡ଼ା ଅଟୋ ଶିଳ୍ପରେ ଅଭିବୃଦ୍ଧି ହାସଲ ଲାଗି ୨୦୨୦ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କିଣାଯାଇଥିବା ବିଏସ୍-୪ ଇଞ୍ଜିନଯୁକ୍ତ ଗାଡ଼ି ରେଜିଷ୍ଟ୍ରେଶନକୁ ଅନୁମତି ଦେଇଥିଲେ। ଏତଦ୍‌ବ୍ୟତୀତ ୱାନ୍ ଟାଇମ୍ ରେଜିଷ୍ଟ୍ରେଶନ ଫିଶ୍ ଦାଖଲ ନିୟମକୁ କୋହଳ କରିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଓ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୀତାରାମନ୍ କହିଛନ୍ତି ଯେ, ଟିକସଦାତାଙ୍କ ଉପରେ ସରକାରଙ୍କ ଧ୍ୟାନ ରହିଛି। ଆୟକରରେ ଫେସ୍‌ଲେସ୍ ଆସେସ୍‌ମେଣ୍ଟ ଆରମ୍ଭ ହେବ। ଏଥିଲାଗି ବିଜ୍ଞପ୍ତି ଜାରି ହୋଇଛି। ସାମାନ୍ୟ ତ୍ରୁଟି ପାଇଁ କ୍ଷୁଦ୍ର ଟିକସଦାତାଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ। ୨୫ ଲକ୍ଷ ଟଙ୍କାରୁ କମ୍ ଟିକସ ବିବାଦ ଉପରେ କଲେଜିୟମ ମଞ୍ଜୁରୀ ନେବା ଜରୁରୀ ବୋଲି ଅର୍ଥମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

## ହିନ୍ଦୀକୁ ନେଇ...

ସ୍ୱରାଷ୍ଟ୍ରମନ୍ତ୍ରୀ କହିଥିଲେ। ଅନ୍ୟପକ୍ଷରେ ହିନ୍ଦୀ ଜାତୀୟ ଭାଷା ବୋଲି କେନ୍ଦ୍ର ସରକାର ମିଥ୍ୟା ସୂଚନା ଦେଉଥିବା କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଟୁଇଟ୍ କରିଛନ୍ତି। ଦେଶର ୨୨ ସରକାରୀ ଭାଷା ମଧ୍ୟରୁ ହିନ୍ଦୀ ଗୋଟିଏ ବୋଲି ସେ କହିଛନ୍ତି। ମିଥ୍ୟା ଓ ଭୁଲ୍ ତଥ୍ୟ ଦେଇ କୌଣସି ଭାଷାର ପ୍ରସାର କରାଯାଇପାରିବ ନାହିଁ ବୋଲି ସେ ମତ ଦେଇଛନ୍ତି। ହିନ୍ଦୀ ଦିବସ ଭଳି କନ୍ନଡ ଦିବସ କେବେ ପାଳନ ହେବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣାନ୍ତୁ ବୋଲି ଅନ୍ୟତମ ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ କହିଛନ୍ତି। କନ୍ନଡ ଏକ ସରକାରୀ ଭାଷା ଓ କର୍ଣ୍ଣାଟକ ସଂଘୀୟ ବ୍ୟବସ୍ଥାର ଏକ ଅଂଶ ବୋଲି ସେ ଟୁଇଟ୍ କରିଛନ୍ତି। ସେହିପରି ହିନ୍ଦୀ ପ୍ରତ୍ୟେକ ଭାରତୀୟଙ୍କ ମାତୃଭାଷା ହୋଇପାରିବ ନାହିଁ। ସମ୍ବିଧାନର ଅନୁଚ୍ଛେଦ ୨୯ ପ୍ରତ୍ୟେକ ଭାରତୀୟଙ୍କୁ ନିଜସ୍ୱ ଭାଷା ଓ ସଂସ୍କୃତି ବାଛିବାର ଅଧିକାର ଦେଇଛି। ହିନ୍ଦୀ, ହିନ୍ଦୁ ଓ ହିନ୍ଦୁତ୍ୱଠାରୁ ଭାରତ ବହୁତ ବଡ଼ ବୋଲି ହାଇଦ୍ରାବାଦ ଏମ୍‌ପି ତଥା ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି କହିଛନ୍ତି। ଅନୁରୂପ ଭାବେ ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ ମଧ୍ୟ ଏହାକୁ ଜୋରଦାର ବିରୋଧ କରିଛନ୍ତି। ଅଣହିନ୍ଦୀ ଭାଷୀଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ବିବେଚନା କରିବା ଲାଗି ଏହି ନୀତି ଉଦ୍ଦିଷ୍ଟ ବୋଲି ସେ ସମାଲୋଚନା କରିଛନ୍ତି। ଶାହଙ୍କ ଏଭଳି ମନ୍ତବ୍ୟ ଜାତୀୟ ସଂହତି ପ୍ରତି ବିପଜ୍ଜନକ ହୋଇଥିବାରୁ ସେ ତୁରନ୍ତ ତାଙ୍କ ମନ୍ତବ୍ୟ ଫେରାଇନେବାକୁ ଷ୍ଟାଲିନ ଦାବି କରିଛନ୍ତି। ହିନ୍ଦୀକୁ ଜୋର ଜବରଦସ୍ତ ଲଦିଦେବା ପାଇଁ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ଚଳାଇଥିବା ଉଦ୍ୟମକୁ ଅଣହିନ୍ଦୀଭାଷୀ ରାଜ୍ୟଗୁଡିକ ଦୀର୍ଘଦିନ ହେଲା ବିରୋଧ କରିଆସୁଛନ୍ତି।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ଲୋକେ ସବୁ ଭାଷା ଓ ସଂସ୍କୃତିକୁ ସମାନ ଭାବେ ସମ୍ମାନ ଦେବା ଉଚିତ। ତା' ମାନେ ନୁହେଁ ନିଜ ମାତୃଭାଷାକୁ ଜଳାଞ୍ଜଳି ଦେବା। ଆମେ ଅନେକ ଭାଷା ଶିଖିପାରୁ, କିନ୍ତୁ ନିଜ ମାତୃଭାଷାକୁ ଭୁଲିଯିବା ଉଚିତ ନୁହେଁ ବୋଲି ସେ ଟୁଇଟ୍ କରିଛନ୍ତି। ଅମିତ୍ ଶାହଙ୍କ ମନ୍ତବ୍ୟକୁ ସିପିଆଇ ପକ୍ଷରୁ ଦୃଢ଼ବିରୋଧ କରାଯାଇଛି। ଏହା ଦେଶର ସଂଘୀୟ ବ୍ୟବସ୍ଥା ଓ ବିବିଧତା ଉପରେ ଆକ୍ରମଣ। ହିନ୍ଦୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ହିନ୍ଦୁତ୍ୱ ଏଜେଣ୍ଡାର ଅଂଶବିଶେଷ। ସରକାର ଏଭଳି ଉଦ୍ୟମରୁ ଓହରି ଯାଆନ୍ତୁ ବୋଲି ସିପିଆଇ ଦାବି କରିଛି। ପୂର୍ବତନ ଏମ୍‌ପି ତଥାଗତ ସତପଥୀ ମଧ୍ୟ ଏହି ପ୍ରସ୍ତାବକୁ ବିରୋଧ କରିଛନ୍ତି। 'ୱାନ ନେଶନ ୱାନ ଲାଙ୍ଗୁଏଜ୍' ଥିଓରୀ ଦେଶକୁ ଏକାଠି କରିବ ନାହିଁ, ବରଂ ଭାଙ୍ଗିଦେବ। ଏହା ଅଣହିନ୍ଦୀଭାଷୀଙ୍କୁ ଅଣଭାରତୀୟରେ ପରିଣତ କରିବ ବୋଲି ତଥାଗତ ଟୁଇଟ୍ କରିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନ ହିନ୍ଦୀ ଭାଷାର ପ୍ରସାର ସପକ୍ଷରେ ମତ ଦେଇଛନ୍ତି। ସୁପ୍ରିମକୋର୍ଟ ଓ ସମସ୍ତ ହାଇକୋର୍ଟରେ ଭାରତୀୟ ଭାଷା ବ୍ୟବହାର ପାଇଁ ସମ୍ବିଧାନ ସଂଶୋଧନ କରାଯିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ୧୯୫୦ରେ ସମ୍ବିଧାନ ପ୍ରଣୟନ ହେଲା ବେଳେ ଇଂଲିଶକୁ ୧୫ ବର୍ଷ ନିମନ୍ତେ ସରକାରୀ ଭାଷା ଭାବେ ବ୍ୟବହାର କରିବାକୁ ପ୍ରସ୍ତାବ ଥିଲା। ହିନ୍ଦୀକୁ ସରକାରୀ ଭାଷା ଭାବେ ଗ୍ରହଣ କରାଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟାଳୟରେ ଇଂଲିଶ ପ୍ରାଧାନ୍ୟ ବଜାୟ ରଖିଆସିଛି ବୋଲି ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ଅଧ୍ୟକ୍ଷ କହିଛନ୍ତି।

## ୫-ଟି ଅନୁସରଣ...

ଥାନା ଅଧିକାରୀଙ୍କ ଏହି ଅବହେଳାକୁ ଗୁରୁତ୍ୱର ସହ ନିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯଦି ଅଧିକାରୀମାନେ ଉତ୍ତମ କାର୍ଯ୍ୟ କରିବେ, ତେବେ ସେମାନଙ୍କୁ ପଦୋନ୍ନତି ଦିଆଯିବ। ପ୍ରତି ମାସରେ ଜିଲାସ୍ତରରେ ୫'ଟିରେ ଭଲ କାର୍ଯ୍ୟ ପାଇଁ 'ମୋ ସରକାର' ପୁରସ୍କାର ଏବଂ ରାଜ୍ୟସ୍ତରରେ ଆନ୍ତଃ ବିଭାଗୀୟ ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ସରକାରୀ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କରାଯାଉଛି। ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟ ମାଧ୍ୟମରେ ପୋଲିସ ଦ୍ୱାରା ଅତୀତରେ କରାଯାଇଥିବା ଉଲ୍ଲେଖନୀୟ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସେ କହିଥିଲେ, ମାଓବାଦକୁ ରାଜ୍ୟରେ ଦମନ କରିବା, ପୁରୁଷ ହକି ବିଶ୍ୱକପ୍‌ର ଶୃଙ୍ଖଳାଗତ ପରିଚାଳନା ତଥା ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ପୋଲିସ ଉତ୍ତମ ରୂପେ ନିଜ ଦାୟିତ୍ୱ ସମ୍ପାଦନ କରିଛି। ତେଣୁ 'ମୋ ସରକାର' କାର୍ଯ୍ୟକ୍ରମକୁ ସଫଳତାର ସହ ପୋଲିସ ବିଭାଗ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶା ପ୍ରକାଶ କରିଛନ୍ତି।

ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ କହିଥିଲେ ଯେ, ପୋଲିସ ଅଧିକାରୀମାନେ ବୈଷୟିକ ଜ୍ଞାନର ପ୍ରୟୋଗ ଉପରେ ଗୁରୁତ୍ୱ ଦିଅନ୍ତୁ। ସମସ୍ତ କର୍ମଚାରୀଙ୍କ ୫'ଟି ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯିବ ବୋଲି ଅସିତ୍ କହିଥିଲେ। ଏହି କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଅଧିକାରୀମାନଙ୍କୁ ବ୍ୟାପକ ପ୍ରଶିକ୍ଷଣ ଦିଆଯିବ ବୋଲି ପୋଲିସ ମହାନିର୍ଦ୍ଦେଶକ ବି.କେ. ଶର୍ମା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ୫'ଟି ସଚିବ ଭି.କେ. ପାଣ୍ଡିଆନ କହିଥିଲେ ଯେ, 'ମୋ ସରକାର' ୫'ଟି କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ସାରା ଦେଶରେ ଏଭଳି କାର୍ଯ୍ୟକ୍ରମ ଗ୍ରହଣ କରିବାରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ। ଏଥିରେ ଅଭିଯୋଗକାରୀଙ୍କୁ କୁଆଡ଼େ ଯିବାକୁ ପଡ଼ିବ ନାହିଁ। ପୋଲିସ ଏହାକୁ ଗୁରୁତ୍ୱ ଦେଇ ତୁରନ୍ତ ପଦକ୍ଷେପ ନେବ, ଏହା ହିଁ ପରିବର୍ତ୍ତନ। ଥାନା ଓ ଡାକ୍ତରଖାନାକୁ ଲୋକମାନେ ନିଜ ଦୁଃଖ ଲାଘବ ପାଇଁ ଆସିଥାନ୍ତି। ତେଣୁ 'ମୋ ସରକାର' କାର୍ଯ୍ୟକ୍ରମ ଏହି ୨ ବିଭାଗରୁ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିବା ପାଣ୍ଡିଆନ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସିଏମ୍‌ଓ ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ଗୃହ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା ପ୍ରମୁଖ ଉପସ୍ଥିତ ଥିଲେ।



ମୋ ସରକାର କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ପଦାଧିକାରୀ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଚନ୍ଦ୍ରଙ୍କ ସୁପ୍ରଭାବରେ ଆପଣଙ୍କ କାମକୁ ସହଜରେ କରିବା ସକାଶେ ଆନୁଷଙ୍ଗିକ ଅନୁକୂଳ ପରିବେଶ ସୃଷ୍ଟି ହେବ। କିନ୍ତୁ କେତେକ କ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ଆଜି ଆକସ୍ମିକ ଭାବରେ ଘରକୁ ନୂତନ ବନ୍ଧୁ କେହି ଆସିପାରନ୍ତି। କଚେରି ମାମଲାରେ ପ୍ରତିପକ୍ଷ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ।

**ବୃଷ** — ବ୍ୟୟାଧିପ ମଙ୍ଗଳ ଆପଣଙ୍କୁ ଯାନବାହନ କ୍ରୟ, ନିର୍ମାଣ, ଯାନ୍ତ୍ରିକ ଜିନିଷ ସଜାଡିବା କ୍ଷେତ୍ରରେ ଖର୍ଚ୍ଚାନ୍ତ କରାଇପାରେ। ବନ୍ଧୁଙ୍କ ପରାମର୍ଶକୁ ଶ୍ରେୟ ମନେକରି କାମ କରିଚାଲିଲେ କେତେକାଂଶରେ ଉପକୃତ ହୋଇପାରନ୍ତି। କଳା, ସାହିତ୍ୟ ଓ କ୍ରୀଡ଼ା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ ଓ ସମସ୍ୟା ସମାଧାନ ହୋଇଯିବ।

**ମିଥୁନ** — ବଳବାନ୍ ବୁଧ ଆପଣଙ୍କୁ ବୌଦ୍ଧିକତା ପ୍ରଦାନ କରି ଶିକ୍ଷା,ପରୀକ୍ଷା, ଉଚ୍ଚପଦାଧିକାରୀ ସହ ଆଲୋଚନା କ୍ଷେତ୍ରରେ ଉନ୍ନତମାନର ଫଳ ପ୍ରଦାନ କରିବେ। କିନ୍ତୁ ମୃଗଶିରା ନକ୍ଷତ୍ର କର୍ମକ୍ଷେତ୍ରରେ ଚାପର ବଶବର୍ତ୍ତୀ ହୋଇ କେତେକ କାମ କରିବାକୁ ବାଧ୍ୟ ହୋଇପାରନ୍ତି। ପଡ଼ୋଶୀମାନେ ଭିନ୍ନ ପ୍ରକାରର କଟୁମନ୍ତବ୍ୟ ପ୍ରଦାନ କରିବାର ସୂଚନା ରହିଛି।

**କର୍କଟ** — ଦ୍ୱିତୀୟ ଭାବରେ ରବି ଓ ମଙ୍ଗଳ ଆପଣଙ୍କ ବ୍ୟବହାରକୁ କଠୋର କରିଦେବା କାରଣରୁ ସମସ୍ୟାର ଆଶଙ୍କା ରହିଛି। ଏଣେ ସନ୍ତାନଙ୍କ ବୈବାହିକ ସମସ୍ୟା କିମ୍ବା ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିଯାଇପାରେ । ଦୀର୍ଘଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ପାଇବା ପାଇଁ ବ୍ୟାକୁଳତା ବଢ଼ିପାରେ ।

**ସିଂହ** — ଦୈହିକ ସୁସ୍ଥତା ପୂର୍ଣ୍ଣମାତ୍ରାରେ ରହିଥିଲେ ମଧ୍ୟ ଅଷ୍ଟମସ୍ଥ ଚନ୍ଦ୍ର ମାନସିକ ଅସ୍ଥିରତା ସୃଷ୍ଟିକରିବ। ଅବ୍ୟ ବ୍ୟୟାଧିପ ଅଷ୍ଟମଭାବରେ ବିପରୀତ ରାଜଯୋଗ ସୃଷ୍ଟି କରି ସମସ୍ୟାର ଅନ୍ତରାଳେ କାର୍ଯ୍ୟସିଦ୍ଧି ପ୍ରଦାନ କରିବ। ସାମାଜିକ ସ୍ତରରେ ନୀତିଗତ କାମରୁ ପ୍ରଶଂସିତ ହେବେ। ମାତ୍ର ଭୁଲ୍ ବୁଝାମଣାରୁ ପାରିବାରିକ ଶାନ୍ତି ବ୍ୟାହତ ହୋଇପାରେ।

**କନ୍ୟା** — ଚତୁର୍ଥକେନ୍ଦ୍ରସ୍ଥ ଶନିଙ୍କ ପ୍ରଭାବରୁ କେତେକ ଅନିଚ୍ଛାକୃତ କାରଣବଶତଃ ପରିସ୍ଥିତି ବିଗିଡ଼ିଯାଇ ପାରେ। ବାରମ୍ବାର ସମସ୍ୟା ବୃଦ୍ଧି ପାଉଥିବାରୁ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା କ୍ରମଶଃ ହ୍ରାସ ପାଇଯିବ। ପାରିବାରିକ ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବାକୁ ବାଧ ହେବେ। ନିଜର ଅବହେଳା ହେତୁ ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ହୋଇପାରେ।

**ତୁଳା** — ଚନ୍ଦ୍ରଙ୍କ ପ୍ରତି ଶୁକ୍ରଙ୍କ ଦୃଷ୍ଟି ଆପଣଙ୍କୁ ବିଳାସବ୍ୟସନ ଦିଗକୁ ଆକର୍ଷିତ କରିପାରେ। ଅନ୍ୟମାନେ ନିଜର ସୁବିଧା ଅନୁଯାୟୀ କାମ କରି ଆପଣଙ୍କ ପାଇଁ ସମସ୍ୟାର କାରଣ ସାଜି ପାରନ୍ତି। ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ସଭାସମିତିରେ ଯୁକ୍ତି ଯୁକ୍ତ କଥା କହି ପ୍ରଶଂସିତ ହେବେ।

**ବିଛା** — ବିଭିନ୍ନ ସମସ୍ୟା ମଧ୍ୟରେ ଗତିକରି ମନରେ ବିଭିନ୍ନ ପ୍ରକାରର ଚିନ୍ତା ସୃଷ୍ଟି ହେବ। ଅବଶ୍ୟ ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବାରେ ନିକଟ ସମ୍ପର୍କୀୟ ମାନଙ୍କ ଅବଦାନକୁ ଭୁଲି ପାରିବେ ନାହିଁ। ନିଜ ଖର୍ଚ୍ଚରେ ମୂଲ୍ୟବାନ କ୍ରୟ କରିବାରେ ଖୁସି ହେବେ। ରାଜନୈତିକ ସ୍ତରରେ ନେତୃ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି।

**ଧନୁ** — ପରିବାରରେ ପାରସ୍ପରିକ ସାହାଯ୍ୟ, ସହଯୋଗ ଓ ସଦିଚ୍ଛା ଲାଭ କରି ଖୁସି ରହିବେ। ଅଫିସରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରୁହନ୍ତୁ, ନଚେତ୍ ଅଯଥା ଅଶାନ୍ତି ସୃଷ୍ଟି ହେବାର ଆଶଙ୍କା ରହିଛି। ବିବାଦୀୟ ପରିସ୍ଥିତିରେ ଉପସ୍ଥିତ ବୁଦ୍ଧି ଖଟାଇ କାର୍ଯ୍ୟସାଧନ କରିବେ। ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

**ମକର** — କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା କାରଣରୁ ଛୋଟ କଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ନିଶ୍ଚିତ ସଫଳତା ହାସଲ କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଅପରାହ୍ନେ ଆଶା କରୁଥିବା ଜିନିଷଟି ପାଇ ଖୁସି ହୋଇଯିବେ।

**କୁମ୍ଭ** — ଆଜିର କର୍ମକ୍ଷେତ୍ରରେ ମଧ୍ୟ ଯୋଜନାଗୁଡିକ ଠିକ୍ ଭାବେ କାର୍ଯ୍ୟକାରୀ ହେବ ନାହିଁ। ବିଭିନ୍ନ ଅସୁବିଧାରେ ବୁଡ଼ି ରହିଥିବା ସମୟରେ ନିଜ ଲୋକମାନେ ଦାଉ ସାଧିବେ। ସହକର୍ମୀମାନଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ, ଯାହାକି ନିଜ ପାଇଁ କ୍ଷତିର କାରଣ ହୋଇପାରେ। ଯାତ୍ରା, ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

**ମୀନ** — ସାମାଜିକ ସ୍ତରରେ ଜନହିତକର କାର୍ଯ୍ୟରେ ନିଜକୁ ଲିପ୍ତ ରଖିବେ। ଆନୁଷ୍ଠାନିକ କାର୍ଯ୍ୟର ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବା ହେତୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ବନ୍ଧୁମିଳନ ସାଙ୍ଗକୁ ଦୂରଯାତ୍ରାର ସୁଯୋଗ ପାଇପାରନ୍ତି । ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

ଆଜି ଆଶ୍ୱିନ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ରବିବାର, ସେପ୍ଟେମ୍ବର ୧୫ ତାରିଖ, ଅଭିଯାନ୍ତ୍ରିକ(ଇଞ୍ଜିନିୟର୍ସ)ଦିବସ, ରାଶିନକ୍ଷତ୍ର- ଉତ୍ତରଭାଦ୍ରପଦ/ମୀନ, ଦ୍ୱିତୀୟାର ଶ୍ରାଦ୍ଧ, ସକାଳ ଘ୬।୫୫ମି. ମଧ୍ୟେ ଘ୫।୦୦ମି. ଗତେ, ଘ୬।୨୦ମି. ମଧ୍ୟେ ଅମୃତବେଳା। ଦିବା ଘ୮।୩୨ମି. ଗତେ ଘ୧୦।୦୯ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୪।୧୫ମି. ଗତେ ଘ୫।୪୭ମି. ମଧ୍ୟେ ରାହୁକାଳ।



ମହାରାଷ୍ଟ୍ର ଏନ୍‌ସିପିର ସତାରା ସାଂସଦ ଉଦୟନ୍‌ରାଜେ ଭୋସଲେ ଶନିବାର ଭାଜପାରେ ଯୋଗ ଦେଇଛନ୍ତି। ଭାଜପା ଅଧ୍ୟକ୍ଷ ଅମିତ ଶାହ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କ ଉପସ୍ଥିତିରେ ସେ ଯୋଗଦେଇ ଆଗାମୀ ବିଧାନସଭା ନିର୍ବାଚନରେ ଦଳ ଦୁଇ-ତୃତିୟାଂଶ ସିଟ୍ ଦଖଲ କରିବ ବୋଲି କହିଛନ୍ତି। ମୋଦିଙ୍କ ନୀତି ଆଦର୍ଶ ତାଙ୍କୁ ପ୍ରଭାବତ କରିଥିବା ଉଦୟନ୍‌ରାଜେ ପ୍ରକାଶ କରିଛନ୍ତି।

## ଅନ୍‌ଲାଇନରେ ଏନ୍‌ଆର୍‌ସି ଆବେଦନକାରୀଙ୍କ ନାମ

# ଅଟକ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଜୋରଦାର

ଗୁଆହାଟୀ,୧୪।୯(ପି.ଟି.)

ଆସାମ ପାଇଁ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)ର ସମ୍ପୂର୍ଣ୍ଣ ତାଲିକା ଶନିବାର ଅନ୍‌ଲାଇନରେ ପ୍ରକାଶ ପାଇଛି। ଚୂଡାନ୍ତ ତାଲିକାରେ ଥିବା ବ୍ୟକ୍ତିଙ୍କ ସମେତ ବାଦ୍ ପଡିଥିବା ବ୍ୟକ୍ତିଙ୍କୁ ମିଶାଇ ସମସ୍ତ ୩.୩୦ କୋଟି ଆବେଦନକାରୀଙ୍କ ନାଁ ରହିଛି। କେବଳ ଅନ୍‌ଲାଇନରେ ଉପଲବ୍ଧ ଏହି ତାଲିକା ଉଭୟ ଇଂଲିଶ ଓ ଅସମିୟା ଭାଷାରେ ପ୍ରକାଶ ପାଇଛି। ଯେଉଁମାନେ ବାଦ୍ ପଡିଛନ୍ତି ସେମାନେ ଫରେନର୍ସ ଟ୍ରିବ୍ୟୁନାଲରେ ଆବେଦନ କରିପାରିବେ। ତେବେ ଏଥିପାଇଁ ଆବଶ୍ୟକ ସାର୍ଟିଫିକେଟ ଏପର୍ଯ୍ୟନ୍ତ ଇସ୍ୟୁ କରାଯାଇନାହିଁ। ସେପଟେ ବାଦ୍ ପଡିଥିବା ଲୋକଙ୍କୁ ରଖିବା ପାଇଁ ଅଟକ କେନ୍ଦ୍ର



ଜଣେ ବୟସ୍କ ବ୍ୟକ୍ତି ଅନ୍‌ଲାଇନରେ ଏନ୍‌ଆର୍‌ସି ତାଲିକା ଦେଖୁଛନ୍ତି।



ଗୋଆଲପଡ଼ା ଜିଲାର ପଶ୍ଚିମ ମାଟିଆ ଅଞ୍ଚଳରେ ନିର୍ମାଣାଧୀନ ଡିଟେନ୍‌ଶନ ସେଣ୍ଟର।

ନିର୍ମାଣ କାର୍ଯ୍ୟ ଜୋରଦାରରେ ଚାଲିଛି। ଏଥିପାଇଁ ୧୫ଟି ବିଲ୍ଡିଂ ସମେତ ସ୍କୁଲ୍ ଓ ହସ୍ପିଟାଲ ଗୋଆଲପଡ଼ା ଜିଲାର ପଶ୍ଚିମ ମାଟିଆ ଅଞ୍ଚଳରେ ନିର୍ମାଣ ହେଉଛି। ନିର୍ମାଣ କାର୍ଯ୍ୟ ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବା ଆଶା କରାଯାଉଛି।

ଏନ୍‌ଆର୍‌ସି ଚୂଡାନ୍ତ ତାଲିକାରୁ ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବାଦ୍ ପଡିଥିବାବେଳେ ସେମାନଙ୍କୁ ଟ୍ରିବ୍ୟୁନାଲ ଓ କୋର୍ଟରେ ଆଶ୍ରୟ ନେବା ପାଇଁ ୧୨୦ ଦିନ ସମୟ ଦିଆଯାଇଛି। ଏହା ସତ୍ତ୍ୱେ ନିଜକୁ ତାଲିକାରେ ସାମିଲ କରିବାରେ ବିଫଳ ହେଲେ ସେମାନଙ୍କୁ ବିଦେଶୀ ଘୋଷଣା କରାଯିବ। ଦେଶ ଛାଡ଼ିବା ପର୍ଯ୍ୟନ୍ତ ସେମାନଙ୍କୁ ଉକ୍ତ ଅଟକ କେନ୍ଦ୍ରରେ ରଖାଯିବ। ୪୬ କୋଟି ଟଙ୍କାରେ

### ଆସାମରୁ ୧୦ ହଜାର ଯବାନ ପ୍ରତ୍ୟାହୃତ

ନିର୍ମିତ ହେଉଥିବା ଅଟକ କେନ୍ଦ୍ରରେ ୧୫ଟି ଚାରିମହଲା ବିଶିଷ୍ଟ ବିଲ୍ଡିଂ ରହିଛି ଯେଉଁଥିରୁ ୨ଟି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ।

ଅଗଷ୍ଟ ୩୧ରେ ଏନ୍‌ଆର୍‌ସି ତାଲିକା ପ୍ରକାଶ ପାଇବା ପୂର୍ବରୁ ହିଂସାକାଣ୍ଡ ସୃଷ୍ଟି ହେବା ଆଶଙ୍କାରେ ଆସାମରେ ୧୦ ହଜାର ଅର୍ଦ୍ଧସାମରିକ ଯବାନଙ୍କୁ ମୁତୟନ କରାଯାଇଥିଲା। ସରକାର ସେମାନଙ୍କୁ ଶନିବାର ପ୍ରତ୍ୟାହାର କରିନେଇଛନ୍ତି। ଏନ୍‌ଆର୍‌ସି ପ୍ରକାଶ ପାଇବା ପରଠାରୁ କୌଣସି ହିଂସାକାଣ୍ଡ ଘଟି ନ ଥିବାରୁ ସେନା ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନିଆଯାଇଥିଲା।

ଯେଉଁମାନେ ଚୂଡ଼ାନ୍ତ ତାଲିକାରୁ ବାଦ୍ ପଡିଛନ୍ତି ସେମାନଙ୍କୁ ବିଭିନ୍ନ ଏନ୍‌ଆର୍‌ସି ସେବା କେନ୍ଦ୍ରରୁ ଏକ୍ସକ୍ଲୁଶନ୍ ସାର୍ଟିଫିକେଟ ସଂଗ୍ରହ କରିବାକୁ କୁହାଯାଇଛି। ସେମାନେ ଯେତେଶୀଘ୍ର ସାର୍ଟିଫିକେଟ ସଂଗ୍ରହ କରିବେ ସେତେଶୀଘ୍ର ଟ୍ରିବ୍ୟୁନାଲରେ ଆବେଦନ କରିପାରିବେ ବୋଲି ଜଣେ ଅଧିକାରୀ କହିଛନ୍ତି।

ସୁପ୍ରିମକୋର୍ଟଙ୍କ ୨୦୧୩ ନିର୍ଦ୍ଦେଶନାମା ପରେ ଆସାମରେ ଏନ୍‌ଆର୍‌ସି ସଂଶୋଧନ କାର୍ଯ୍ୟ ଆରମ୍ଭ ହୋଇଥିଲା। ସମୁଦାୟ ପ୍ରକ୍ରିୟା ଉପରେ ସର୍ବୋଚ୍ଚ ଅଦାଲତ ନଜର ରଖିଥିଲେ। ୨୦୧୫ ମେ'ରୁ ଆବେଦନପତ୍ର ଗ୍ରହଣ ଆରମ୍ଭ ହୋଇ ଅଗଷ୍ଟ ୩୧ ପଯ୍ରନ୍ତ ଚାଲିଥିଲା। ମୋଟ ୩ କୋଟି ୩୦ ଲକ୍ଷ ୨୭ ହଜାର ୬୬୧ ଜଣ ଆବେଦନ କରିଥିବାବେଳେ ସେମାନଙ୍କ ନାଗରିକ ଯୋଗ୍ୟତା ଯାଞ୍ଚ କରାଯାଇଥିଲା।

## ସୌଦି ତୈଳ ପ୍ଲାଣ୍ଟରେ ଡ୍ରୋନ୍ ଆକ୍ରମଣ



ଦୁବାଇ,୧୪।୯

### ୟେମେନ ବିଦ୍ରୋହୀ ନିଜକୁ ଦାୟୀ କଲେ

ସୌଦି ଆରବରେ ଥିବା ବିଶ୍ୱର ସର୍ବବୃହତ୍ ତୈଳ ପ୍ରକ୍ରିୟାକରଣ ପ୍ଲାଣ୍ଟ ଏବଂ ତୈଳକ୍ଷେତ୍ର ଉପରେ ଶନିବାର ଡ୍ରୋନ୍ ଆକ୍ରମଣ ହୋଇଛି। ଫଳରେ ବିଶ୍ୱକୁ ଇନ୍ଧନ ଯୋଗାଉଥିବା ଗୁରୁତ୍ୱପୂର୍ଣ୍ଣ ପ୍ରୋସେସରରେ ବ୍ୟାପକ ଅଗ୍ନିକାଣ୍ଡ ଘଟିଛି। ଆବକିକ୍ ଓ ଖୁରାଇସରେ ହୋଇଥିବା ଏହି ଆକ୍ରମଣ ପାଇଁ ୟେମେନ୍‌ର ହୁଥି ବିଦ୍ରୋହୀ ନିଜକୁ ଦାୟୀ କରିଛନ୍ତି। ଏମାନେ ପୂର୍ବରୁ ସୌଦିରେ ଏଭଳି ଆକ୍ରମଣ କରିଥିଲେ। ଆକ୍ରମଣ ଯୋଗୁ କେହି ମୃତାହତ ହୋଇଛନ୍ତି କି ନାହିଁ ଏବଂ ତୈଳ ଉତ୍ପାଦନ ବାଧାପ୍ରାପ୍ତ ହେବା ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଆଣବିକ ଚୁକ୍ତିନାମାକୁ ନେଇ ଆମେରିକା ଓ ଇରାନ ମଧ୍ୟରେ ବିବାଦ ଯୋଗୁ ପାରସ୍ୟ ଉପସାଗରରେ ଉତ୍ତେଜନା ଲାଗି ରହିଥିବାବେଳେ ଶନିବାରର ଡ୍ରୋନ ଆକ୍ରମଣ ଏହାକୁ ଆହୁରି ବଢ଼ାଇବ ବୋଲି କୁହାଯାଉଛି।

ବିଦ୍ରୋହୀମାନେ ଦୁଇ ତୈଳ ପ୍ରକଳ୍ପକୁ ଲକ୍ଷ୍ୟ କରି ୧୦ଟି ଡ୍ରୋନରେ ଆକ୍ରମଣ କରିଥିଲେ। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ସୌଦି ଆରାମକୋ ପରିଚାଳିତ ଦୁଇ ପ୍ଲାଣ୍ଟରେ ଅଗ୍ନିକାଣ୍ଡ ଫଳରେ ପ୍ରବଳ ଧୂଆଁ ଉଠୁଥିବା ଦେଖାଯାଇଛି। ଦୀର୍ଘ ସମୟର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରାଯାଇଛି। ଘଟଣାର ତଦନ୍ତ ଆରମ୍ଭ ହୋଇଛି। ତେବେ ଡ୍ରୋନ୍ କେଉଁଠୁ ଆସିଲା ତାହା ସ୍ପଷ୍ଟ ହୋଇନାହିଁ। ଘଟଣାସ୍ଥଳକୁ କାହାକୁ ଛଡ଼ାଯାଉ ନ ଥିବାରୁ କ୍ଷୟକ୍ଷତିର ସ୍ପଷ୍ଟ ଚିତ୍ର ମଧ୍ୟ ମିଳିନାହିଁ। ସେଠାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗତ ମାସରେ ହୁଥି ବିଦ୍ରୋହୀ ସୀମା ଆରପଟୁ ଡ୍ରୋନ ଓ ମିସାଇଲରେ ଆକ୍ରମଣ କରିଥିଲେ।

## ଓସାମାଙ୍କ ପୁଅ ହମ୍‌ଜା ନିହତ

ୱାଶିଂଟନ,୧୪।୯



### ଟ୍ରମ୍ପ ସ୍ପଷ୍ଟ କଲେ

ଅଲ୍-କାଏଦାର ପ୍ରତିଷ୍ଠାତା ଓସାମା ବିନ ଲାଡେନଙ୍କ ପୁଅ ହମ୍‌ଜା ନିହତ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ସ୍ପଷ୍ଟ କରିଛନ୍ତି। ପାକ୍-ଆଫଗାନିସ୍ତାନ ସୀମାରେ ଆତଙ୍କବାଦ ନିରୋଧୀ ଅଭିଯାନ ବେଳେ ହମ୍‌ଜା ନିହତ ହୋଇଥିଲେ। ଫଳରେ ଅଲ୍ କାଏଦା ଜଣେ ଗୁରୁତ୍ୱପୂର୍ଣ୍ଣ ନେତାଙ୍କୁ ହରାଇଛି ବୋଲି ହ୍ୱାଇଟ୍ ହାଉସ ପକ୍ଷରୁ କୁହାଯାଇଛି। ହାମ୍‌ଜା ବିନ୍ ଲାଡେନ ନିହତ ହୋଇଥିବା ନେଇ ଗୋଇନ୍ଦା ଅଧିକାରୀଙ୍କ ସୂଚନାକ୍ରମେ ଅଗଷ୍ଟରେ ଆମେରିକା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ଦୁଇବର୍ଷ ପୂର୍ବେ ଆମେରିକାର ଆତଙ୍କ ନିରୋଧୀ କାର୍ଯ୍ୟାନୁଷ୍ଠାନରେ ହମ୍‌ଜା ମରିଥିବା ନେଇ ପରରାଷ୍ଟ୍ର ସଚିବ ମାର୍କ ଏସ୍‌ପର ମଧ୍ୟ ଗତମାସରେ ସୂଚନା ଦେଇଥିଲେ। ହମ୍‌ଜା ହେଉଛନ୍ତି ଓସାମାଙ୍କ ତୃତୀୟ ସ୍ତ୍ରୀଙ୍କ ପୁଅ।

## ୨ ସଂସଦୀୟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପଦରୁ କଂଗ୍ରେସ ନେତା ବାଦ୍

ନୂଆଦିଲ୍ଲୀ,୧୪।୯(ପି.ଟି.)

ଦୁଇ ଗୁରୁତ୍ୱପୂର୍ଣ୍ଣ ସଂସଦୀୟ ଷ୍ଟାଣ୍ଡିଂ କମିଟିରୁ କଂଗ୍ରେସ ନେତାଙ୍କୁ ବାଦ୍ ଦିଆଯାଇ ସେମାନଙ୍କ ସ୍ଥାନରେ ଭାଜପା ଏମ୍‌ପିଙ୍କୁ ନିଆଯାଇଛି। ପୂର୍ବରୁ ଅର୍ଥ ଓ ବହିର୍ବ୍ୟାପାର ଷ୍ଟାଣ୍ଡିଂ କମିଟିର ମୁଖ୍ୟ କଂଗ୍ରେସ ଏମ୍‌ପି ରହିଆସିଥିଲେ। ସପ୍ତଦଶ ଲୋକ ସଭା ପାଇଁ ଗଠିତ ଆର୍ଥିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଭାବେ ଭାଜପା ଏମ୍‌ପି ଜୟନ୍ତ ସିହ୍ନାଙ୍କୁ ରଖାଯାଇଥିବା ବେଳେ ବହିର୍ବ୍ୟାପାର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ହୋଇଛନ୍ତି ପି.ପି. ଚୌଧୁରୀ। ଲୋକ ସଭା ସଚିବାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ପୂର୍ବ ଲୋକ ସଭାରେ କଂଗ୍ରେସ ନେତା ବୀରାପ୍ପା ମୋଇଲି ଓ ଶଶୀ ଥରୁର ଯଥାକ୍ରମେ ଅର୍ଥ ଓ ବହିର୍ବ୍ୟାପାର ଷ୍ଟାଣ୍ଡିଂ



ଜୟନ୍ତ ସିହ୍ନା



ପି.ପି. ଚୌଧୁରୀ

କମିଟି ଅଧ୍ୟକ୍ଷ ଥିଲେ। ଏଥର ଥରୁରଙ୍କୁ ସୂଚନା ପ୍ରଯୁକ୍ତି ଷ୍ଟାଣ୍ଡିଂ କମିଟି ମୁଖ୍ୟ କରାଯାଇଥିବାବେଳେ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ପ୍ରତିରକ୍ଷା ଷ୍ଟାଣ୍ଡିଂ କମିଟି ସଦସ୍ୟ ଭାବେ ନିଆଯାଇଛି। ଏହି କମିଟିର ଅଧ୍ୟକ୍ଷ ଅଛନ୍ତି ଜୁଏଲ୍ ଓରାମ। ଟିଏମ୍‌ସିର ଡେରେକ୍ ଓ' ବ୍ରାଏନ୍‌ଙ୍କୁ ପରିବହନ, ପର୍ଯ୍ୟଟନ, ସଂସ୍କୃତି କମିଟିର ଅଧ୍ୟକ୍ଷ ପଦରୁ ହଟାଯାଇ ତାଙ୍କ ସ୍ଥାନରେ ନିକଟରେ ଭାଜପାରେ ଯୋଗଦେଇଥିବା ପୂର୍ବତନ ଟିଡିପି ନେତା ଟି.ଜି. ଭେଙ୍କଟେଶଙ୍କୁ ନିଆଯାଇଛି।

## ପେନ୍ ଡ୍ରାଇଭ୍‌ରେ ପ୍ରମାଣ ଦେଲେ ଛାତ୍ରୀ

### ଚିନ୍ମୟାନନ୍ଦ ମାମଲା

ଶାହଜାହାନ୍‌ପୁର, ୧୪।୯(ପି.ଟି.) : ଆଇନ ଛାତ୍ରୀ ବଳାତ୍କାର ମାମଲାରେ ଫସିଥିବା ଉତ୍ତରପ୍ରଦେଶର ଭାଜପା ନେତା ଚିନ୍ମୟାନନ୍ଦଙ୍କ ଅଡୁଆ ବଢିବାରେ ଲାଗିଛି। ଶନିବାର ଅଭିଯୋଗକାରିଣୀ ଛାତ୍ରୀ ଏସ୍‌ଆଇଟି(ସ୍ୱତନ୍ତ୍ର ତଦନ୍ତକାରୀ ଦଳ) ସମ୍ମୁଖରେ ପ୍ରମାଣ ସଦୃଶ ପେନ୍ ଡ୍ରାଇଭ୍ ପ୍ରଦାନ କରିଛନ୍ତି। ପେନ୍ ଡ୍ରାଇଭ୍‌ରେ ଥିବା ୪୩ ଭିଡିଓ ଭାଜପା ନେତାଙ୍କୁ ବଳାତ୍କାରୀ ସଜାଇବାର ପ୍ରମାଣ ଦେବ ବୋଲି ସେ ଦାବି କରିଛନ୍ତି। ଦିଆଯାଇଥିବା ତଥ୍ୟ ଚିନ୍ମୟାନନ୍ଦଙ୍କ ବେଡ୍‌ରୁମ୍‌ର ବୋଲି କୁହାଯାଇଛି। ପୂର୍ବରୁ ପ୍ରମାଣ ଦେବା ଲାଗି ଏସ୍‌ଆଇଟି ଉକ୍ତ ଆଇନ ଛାତ୍ରୀଙ୍କୁ କହିଥିଲେ। ପ୍ରମାଣ ଦେବା ପରେ ଛାତ୍ରୀଙ୍କୁ ଅନ୍ୟ କେତେକ ଅଭିଯୋଗ ସମ୍ପର୍କରେ ଏସ୍‌ଆଇଟି ପକ୍ଷରୁ ଶନିବାର ପଚରାଉଚରା କରାଯାଇଛି। ଚିନ୍ମୟାନନ୍ଦଙ୍କ ଅନୁଷ୍ଠାନ କେତେକ କଲେଜ ପ୍ରତିଷ୍ଠା କରି ଅନ୍ତେବାସୀଙ୍କୁ ସେଠାରେ ନିର୍ଯାତନା ଦେଇଆସୁଥିବା ଅଭିଯୋଗ ହୋଇଛି। ଆଇନ ଛାତ୍ରୀ ବଳାତ୍କାର



ମାମଲାରେ ଚିନ୍ମୟାନନ୍ଦଙ୍କୁ ପୂର୍ବରୁ ୭ ଘଣ୍ଟା ଜେରା କରାଯାଇଥିଲା। ପରେ ଆଇନ ଛାତ୍ରୀଙ୍କୁ ଚିନ୍ମୟାନନ୍ଦଙ୍କ ଘରକୁ ଅଣାଯାଇ ପ୍ରମାଣ ସଂଗ୍ରହ କରାଯାଇଥିଲା। ପ୍ରକାଶଥାଉ କି, ଏହି ସ୍ୱର୍ଶକାତର ମାମଲାର ତଦନ୍ତ ଲାଗି ସୁପ୍ରିମକୋର୍ଟ ଏସ୍‌ଆଇଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଜେନେଭାରେ ବାଲୋଚ୍ କର୍ମୀଙ୍କ ପାକ୍ ବିରୋଧୀ ପୋଷ୍ଟର ଅଭିଯାନ

ଜେନେଭା,୧୪।୯(ପି.ଟି.)

ପାକିସ୍ତାନ ସରକାର ବେଲୁଚିସ୍ତାନ ଜନସାଧାରଣଙ୍କ ଅଧିକାରର ଉଲ୍ଲଂଘନ କରୁଥିବା ନେଇ ସେଠାର ମାନବାଧିକାର କର୍ମୀମାନେ ଜେନେଭାରେ ପୋଷ୍ଟର ଅଭିଯାନ କରିଛନ୍ତି। ଜେନେଭାରେ ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି)ର ୪୨ତମ ଅଧିବେଶନ ଚାଲିଥିବାବେଳେ ସେଠାର ବ୍ରୋକନ୍ ଚେୟାରଠାରେ 'ବେଲୁଚିସ୍ତାନରେ ନରହତ୍ୟା ବନ୍ଦ କର' ଲେଖାଥିବା ପୋଷ୍ଟର ବାଲୋଚ୍ ମାନବାଧିକାର ପରିଷଦ (ବିଏଚ୍‌ଆର୍‌ସି) ପକ୍ଷରୁ ଲଗାଯାଇଛି।

ବେଲୁଚିସ୍ତାନ ହେଉଛି ପାକିସ୍ତାନର ସର୍ବାଧିକ ଅବହେଳିତ ଅଞ୍ଚଳ। ଏହି ଅଞ୍ଚଳ ଦେଇ ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି) ପ୍ରକଳ୍ପ ଯାଉଥିବାରୁ ସେଠାର ପର୍ଯ୍ୟାପ୍ତ ଖଣିଜ ସମ୍ପଦ ଉକ୍ତ ଅଞ୍ଚଳର ବିକାଶରେ ସହାୟକ ହେବ ବୋଲି ଇସ୍‌ଲାମାବାଦ ପକ୍ଷରୁ କୁହାଯାଉଛି। ତେବେ ସରକାର ଉକ୍ତ ଅଞ୍ଚଳରେ ଦମନଲୀଳା ଚଳାଇଥିବା ଅଭିଯୋଗ ହୋଇଛି। ସରକାରୀ ଅଧିକାରୀ ଓ ସୁରକ୍ଷାବଳର ଅତ୍ୟାଚାରରେ ଅନେକେ ଉକ୍ତ ଅଞ୍ଚଳ ଛାଡ଼ି ପଳାଇଲେଣି। ସେଠାରେ ବହୁ ଲୋକଙ୍କୁ ହତ୍ୟା କରାଯିବା ସହ ନିଖୋଜଙ୍କ ସଂଖ୍ୟା ମହାମାରି ଭଳି ବଢ଼ିଚାଲିଛି। ପାକିସ୍ତାନୀ ସେନା ସେଠାରେ ଚାଇନା ଲୋକଙ୍କୁ ଥଇଥାନ କରିବା ପାଇଁ ଗାଁ ଜାଳିଦେଉଛନ୍ତି। ଯେଉଁମାନେ ଘରଦ୍ୱାର ହରାଉଛନ୍ତି ସେମାନେ ପାକ୍ ସେନା କ୍ୟାମ୍ପ ନିକଟରେ ପ୍ରତିକୂଳ ପରିସ୍ଥିତିରେ ରହିବାକୁ ବାଧ ହେଉଛନ୍ତି ଓ ସେନା ଅତ୍ୟାଚାରର ସମ୍ମୁଖୀନ ହେଉଛନ୍ତି। ଅଧିକୃତ ବେଲୁଚିସ୍ତାନରେ ଅନେକ ଗଣକବରସ୍ଥାନ ଥିବା ପୋଷ୍ଟର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରାଯାଇଛି। ପାକ୍ ସେନା ହଜାର ହଜାର ବାଲୋଚ୍ ଲୋକଙ୍କୁ ହତ୍ୟାକରି ଉକ୍ତ କବରସ୍ଥଳରେ ସମାଧି ଦେଇଥିବା ବିଏଚ୍‌ଆର୍‌ସି ପକ୍ଷରୁ କୁହାଯାଇଛି।

ଇତିହାସର ଆଇନାରେ

### ସେପ୍ଟେମ୍ବର ୧୫ର ପ୍ରମୁଖ ଘଟଣା

୧୯୭୪ ସେପ୍ଟେମ୍ବର ୧୫ରେ ଭିଏତ୍‌ନାମର ଏକ ବିମାନ ଦକ୍ଷିଣର ଫ୍ୟାନ୍ ର୍ୟାଙ୍ଗ୍ ଏୟାର ବେସ୍ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ ୭୬ ଜଣ ଯାତ୍ରୀ ଥିଲେ। ବିମାନଟିକୁ ଅପହରଣ କରାଯାଇ ଏଭଳି ଦୁର୍ଘଟଣା କରାଯାଇଥିବା କୁହାଯାଉଛି।

୧୯୪୭ ମସିହା ସେପ୍ଟେମ୍ବର ୧୫ରେ ଜାପାନର କାଣ୍ଟୋ ଅଞ୍ଚଳରେ ଝଡ଼ବାତ୍ୟା 'କ୍ୟାଥ୍‌ଲିନ୍'ର ତାଣ୍ଡବ ଦେଖିବାକୁ ମିଳିଥିଲା। ଏଥିରେ ପ୍ରାୟ ୧,୦୭୬ ଲୋକଙ୍କ ପ୍ରାଣହାନି ଘଟିଥିଲା। ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ଝଡ଼ବାତ୍ୟାରେ ଆହତ ଓ ନିଖୋଜ ମଧ୍ୟ ହୋଇଥିଲେ। ଅନେକ ଘରଦ୍ୱାରା ଭାଙ୍ଗି ଧ୍ୱଂସ ପାଇଯାଇଥିଲା।




# ସମର୍ଥନ ଜୁଟାଇବାରେ ପାକ୍ ବିଫଳ

ଜାତିସଂଘ,୧୪।୯

କଶ୍ମୀର ପ୍ରସଙ୍ଗରେ ଅନ୍ତର୍ଜାତୀୟ ହସ୍ତକ୍ଷେପ ପାଇଁ ଜୋରଦାର ଉଦ୍ୟମ ଚଳାଇଥିବା ପାକିସ୍ତାନ ଗୋଟିଏ ପରେ ଗୋଟିଏ ଫୋରମରେ ବିଫଳ ହେବାରେ ଲାଗିଛି। ଏହାକୁ ନେଇ ଭାରତ ଇସ୍‌ଲାମାବାଦକୁ ତୀବ୍ର ସମାଲୋଚନା କରିଛି। ଜାତିସଂଘ ସୁରକ୍ଷା ପରିଷଦ ଓ ମାନବାଧିକାର ପରିଷଦରେ ବିଫଳ ହେବା ପରେ ପାକିସ୍ତାନ କଶ୍ମୀର ପ୍ରସଙ୍ଗକୁ ଜାତିସଂଘ ସାଧାରଣ ପରିଷଦରେ ଉଠାଇବା ପାଇଁ ଉଦ୍ୟମ କରୁଛି। ଆତଙ୍କବାଦର କେନ୍ଦ୍ର ସାଜିଥିବା ପାକିସ୍ତାନ ଭିତ୍ତିହୀନ ଓ ଛଳନାପୂର୍ଣ୍ଣ ବିବରଣୀର ପ୍ରସାର ପାଇଁ ଜାତିସଂଘ ଫୋରମ୍‌ର ଅପବ୍ୟବହାର କରୁଥିବା ଭାରତ ଅଭିଯୋଗ କରିଛି।

ଜାତିସଂଘରେ ପାକିସ୍ତାନ ପ୍ରତିନିଧି ମଲିହା ଲୋଧି ଶୁକ୍ରବାର ସାଧାରଣ ପରିଷଦ ଅଧିବେଶନରେ କଶ୍ମୀର ପ୍ରସଙ୍ଗ ଉଠାଇଥିଲେ। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଭାରତ ସରକାର ଅଗଷ୍ଟ ୫ରେ ଉଚ୍ଛେଦ କରିବା ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ଭାରତର ଏହି କାର୍ଯ୍ୟ ଜାତିସଂଘ ସୁରକ୍ଷା ପରିଷଦ ଏକାଧିକ ସଂକଳ୍ପର ଖୋଲା ଉଲ୍ଲଂଘନ ବୋଲି ଲୋଧି କହିଥିଲେ। ଉପତ୍ୟକାରୁ ତୁରନ୍ତ କଟକଣା ହଟାଇବା ସହ ଯୋଗାଯୋଗ ବ୍ୟବସ୍ଥା



ସନ୍ଦୀପ୍ କୁମାର ବାୟାପ



ମଲିହା ଲୋଧି

କଶ୍ମୀର ପ୍ରସଙ୍ଗ

ପୁନଃସଂସ୍ଥାପିତ କରିବା ଓ ଗୃହବନ୍ଦୀ ଥିବା ନେତାମାନଙ୍କୁ ମୁକ୍ତ କରିବା ପାଇଁ ଜାତିସଂଘ ସୁରକ୍ଷା ପରିଷଦ ଭାରତ ଉପରେ ଚାପ ପକାଉ ବୋଲି ସେ ଦାବି କରିଥିଲେ। ଅନ୍ୟପକ୍ଷରେ ଜାତିସଂଘରେ ଭାରତର ସ୍ଥାୟୀ ସଦସ୍ୟ ସନ୍ଦୀପ୍ କୁମାର ବାୟାପୁ ପାକିସ୍ତାନକୁ କଡ଼ା ସମାଲୋଚନା କରିଥିଲେ। ଇସ୍‌ଲାମାବାଦ ଭାରତ ବିରୋଧରେ ମିଥ୍ୟା ଓ ଭିତ୍ତିହୀନ ପ୍ରଚାର ଚଳାଇଥିବା ସେ କହିଥିଲେ। ପାକିସ୍ତାନ ଆତଙ୍କବାଦର କେନ୍ଦ୍ର ଏହା ପ୍ରକୃତ ସତ୍ୟ ଯାହା ସାରା ବିଶ୍ୱ ଜାଣେ। ସେମାନଙ୍କ ଭିତ୍ତିହୀନ ଭାଷଣ ଉପରେ କୌଣସି ମନ୍ତବ୍ୟ ଦେଇ ତାହାର ମର୍ଯ୍ୟାଦା ବଢ଼ାଇବାକୁ ଚାହୁଁନୁ ବୋଲି ସନ୍ଦୀପ୍ କହିଥିଲେ।

ଜମ୍ମୁ-କଶ୍ମୀରର ଅତ୍ୟାଚାରିତ ଜନସାଧାରଣଙ୍କ ପାଇଁ ଆଗାମୀ ଜାତିସଂଘ ସାଧାରଣ ପରିଷଦ ସମେତ ସମସ୍ତ ଅନ୍ତର୍ଜାତୀୟ ଫୋରମରେ ଲଢ଼େଇ କରିବେ ବୋଲି ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଶୁକ୍ରବାର ପ୍ରତିଜ୍ଞା କରିଥିଲେ। ଏଥିସହିତ ସେ ଆକ୍ରମଣ ଧମକ ମଧ୍ୟ ଦେଇଥିଲେ। ଆସନ୍ତା ସପ୍ତାହରେ ଜାତିସଂଘ ସାଧାରଣ ପରିଷଦର ୭୪ତମ ଅଧିବେଶନ ଅନୁଷ୍ଠିତ ହେବାକୁ ଯାଉଛି। ପୂର୍ବରୁ ଜାତିସଂଘ ସୁରକ୍ଷା ପରିଷଦରେ ସମର୍ଥନ ହାସଲ କରିବାରେ ପାକ୍ ବିଫଳ ହୋଇଥିଲା। ଏପରିକି ପାକିସ୍ତାନର ସବୁଦିନିଆ ବନ୍ଧୁ ଚାଇନା ମଧ୍ୟ କଶ୍ମୀରକୁ ଦ୍ୱିପାକ୍ଷିକ ପ୍ରସଙ୍ଗ କହିଥିଲା।

ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା– ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି।
–ଶ୍ରୀଅରବିନ୍ଦ



# ୟୁରୋପୀୟ ସଂଘରୁ ଶିକ୍ଷା



ଆକାର ପଟେଲ

ୟୁରୋପୀୟ ସଂଘର ବିଶ୍ୱରେ ବୃହତ୍ତମ ମୁକ୍ତ ବାଣିଜ୍ୟ ଅଞ୍ଚଳ ରହିଛି। ଏହାର ଗୋଟିଏ ବଜାରରେ ୫୦ କୋଟିରୁ ଅଧିକ ଲୋକ ଅଛନ୍ତି ଏବଂ ଏହାର ଅର୍ଥନୀତି ଭାରତ ଅର୍ଥନୀତିର ୧୦ ଗୁଣ ହେବ। ଏସବୁ ଦେଶ ଭିତରେ ଦ୍ରବ୍ୟ, ପୁଞ୍ଜି ଓ ସେବାର ମୁକ୍ତ କାରବାର ଚାଲିଛି। ଫ୍ରେଞ୍ଚ ମଦ ବିନା ସୀମା କଟକଣାରେ ଇଟାଲୀରେ ବିକ୍ରି ହୋଇପାରିବ। ଜର୍ମାନ କାର୍ ସ୍ପେନ୍‌ରେ ବିକ୍ରି ହେବା ପାଇଁ କୌଣସି ସୀମା ଶୁଳ୍କ ବା କଟକଣା ନାହିଁ। ସେହିପରି ଇଂଲଣ୍ଡର ପ୍ରମୁଖ ଅର୍ଥନୈତିକ କେନ୍ଦ୍ର ଲଣ୍ଡନ ସମଗ୍ର ୟୁରୋପରେ ପ୍ରତିଭୂତି କାରବାର କରିପାରିବ। ପୋଲାଣ୍ଡ ଓ ପର୍ତ୍ତୁଗାଲର ନାଗରିକ ବିନା ବାଧାରେ ଲଣ୍ଡନ ବା କୋପେନ୍‌ହାଗେନ ଯାଇ ସେଠାରେ ଘର କରି ପରିବାର ସହ ରହିପାରିବ। ଏହା ଏକ ଅଦ୍ୱିତୀୟ ବ୍ୟବସ୍ଥା ଯାହାର ସାରା ବିଶ୍ୱରେ କୌଣସି ବିକଳ୍ପ ବା ତୁଳନା ନାହିଁ। ୟୁରୋପୀୟ ସଂଘ ଗଠନର ପରିକଳ୍ପନା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆସିଥିଲା। ଲୋକମାନେ ଭାବିଲେ ଯଦି ୟୁରୋପୀୟ ଦେଶଗୁଡ଼ିକ ଅର୍ଥନୀତି ଦ୍ୱାରା ପରସ୍ପର ସହ ବାନ୍ଧି ହୋଇଯିବେ, ତା'ହେଲେ ପରସ୍ପର ସହ ଯୁଦ୍ଧ କରିବାର କ୍ୱଚିତ୍ ଅବକାଶ ରହିବ। ଏହାପରେ ସେ ଦେଶଗୁଡ଼ିକ ଇସ୍ପାତ ଶିଳ୍ପ ମାଧ୍ୟମରେ ପରସ୍ପର ସହ ଅର୍ଥନୀତି ଦ୍ୱାରା ଯୋଡ଼ି ହେବାକୁ ଲାଗିଲେ, ଯାହା ଯୁଦ୍ଧ ସରଞ୍ଜାମ ତିଆରି ପାଇଁ ଗୁରୁତ୍ୱପୂର୍ଣ୍ଣ। ଧୀରେ ଧୀରେ ସେମାନେ ଏକତାବଦ୍ଧ ହେବାକୁ ଲାଗିଲେ ଏବଂ ସମଗ୍ର ୟୁରୋପ ଏକ ସଂଘୀୟ ଢାଞ୍ଚା ସହ ଗୋଟିଏ ଦେଶ ପରି ପ୍ରତୀୟମାନ ହେବାକୁ ଲାଗିଲା। ବର୍ତ୍ତମାନ ଅଧିକାଂଶ ୟୁରୋପୀୟ ଦେଶରେ ଗୋଟିଏ ସାଧାରଣ ମୁଦ୍ରା 'ୟୁରୋ' ପ୍ରଚଳିତ। ୟୁରୋକୁ ଆପଣେଇବାକୁ ଯାଇ ଇଟାଲୀ ତା'ର ପ୍ରଚଳିତ ମୁଦ୍ରା ଲିରା, ଫ୍ରାନ୍ସ ଫ୍ରାଙ୍କ୍ ଓ ଜର୍ମାନୀ ଡଏଚ୍‌ମାର୍କକୁ ତ୍ୟାଗ କରିଛନ୍ତି। ଯଦିଚ ସେମାନେ ଭିନ୍ନ ଭିନ୍ନ ଭାଷା ବ୍ୟବହାର କରନ୍ତି, ୟୁରୋପୀୟ ସଂଘଭୁକ୍ତ ଦେଶଗୁଡ଼ିକ ଏକ ସାଧାରଣ ସଭ୍ୟତା ଓ ଐତିହ୍ୟସମ୍ପନ୍ନ ବୋଲି ବିଶ୍ୱାସ କରନ୍ତି। ସେମାନେ ଏକ ସାଧାରଣ ଧାର୍ମିକ ଓ ସାଂସ୍କୃତିକ ବନ୍ଧନରେ ଆବଦ୍ଧ। ବୀର ଚାର୍ଲସ ଦ ଗ୍ରେଟ୍ ପ୍ରାୟ ୧୦୦୦ ବର୍ଷ ତଳେ ଏହି ଦେଶଗୁଡ଼ିକୁ ଯେପରି ଏକତ୍ରିତ କରିଥିଲେ, ସେମାନେ ସେହି ଅନୁଭବ ପୁନଶ୍ଚ ଲାଭ କରିଛନ୍ତି।

ଦେଶଗୁଡ଼ିକୁ ଅର୍ଥନୈତିକ ଦୃଷ୍ଟିରୁ ଏକାଠି କରିବା ମୂଳରେ ରହିଥିବା ଯୁଦ୍ଧ ନ ହେବାର ଚିନ୍ତାଧାରା କାମ କରିଛି, କାରଣ ୭୫ ବର୍ଷ ହେଲା ଉକ୍ତ ଦେଶଗୁଡ଼ିକ ଭିତରେ ଯୁଦ୍ଧ ହୋଇନାହିଁ। ଫ୍ରାନ୍ସ ଓ ଜର୍ମାନୀ ମଧ୍ୟରେ ରହିଥିବା ପୁରୁଣା ଶତ୍ରୁତାର ଅନ୍ତ ଘଟିଛି। ଅର୍ଥନୀତିକୁ ପରସ୍ପର ସହ ଯୋଡ଼ିବା ହିଁ ଉକ୍ତ ଦେଶଗୁଡ଼ିକୁ ଏକତାବଦ୍ଧ କରିବାରେ ସହାୟକ ହୋଇଛି। ଯେଉଁ ଦେଶଗୁଡ଼ିକ ମାନବ ପୁଞ୍ଜି ଓ ଶ୍ରମ ଆବଶ୍ୟକ କରୁଥିଲେ ସେମାନେ ଏହାଦ୍ୱାରା ଲାଭବାନ୍ ହୋଇଛନ୍ତି। ପ୍ରାୟ ୨୦ ବର୍ଷ ପୂର୍ବେ ପୋଲାଣ୍ଡ ୟୁରୋପୀୟ ସଂଘ ଅନ୍ତର୍ଭୁକ୍ତ ହେବା ପରେ ଇଂଲଣ୍ଡ ଏହାର ସୀମାକୁ ପୋଲାଣ୍ଡବାସୀଙ୍କ ଲାଗି ଉନ୍ମୁକ୍ତ କଲା। ବର୍ତ୍ତମାନ ଇଂଲଣ୍ଡରେ ପ୍ରାୟ ୩୦ ଲକ୍ଷ ପୋଲାଣ୍ଡ ଆପ୍ରବାସୀ ରହିଛନ୍ତି ଏବଂ ୧୦ ଲକ୍ଷରୁ ଅଧିକ ବ୍ରିଟିଶର ୟୁରୋପରେ, ବିଶେଷତଃ ସ୍ପେନରେ ବାସ କରୁଛନ୍ତି। ୟୁରୋପୀୟ ସଂଘ ପୂର୍ବ ଆଡ଼କୁ ସମ୍ପ୍ରସାରିତ ହେବାରେ ଲାଗିଛି। ତୁର୍କୀ ସହ ଏହାର ଏକ ସୀମାଶୁଳ୍କ ସଂଘ ରହିଛି, ଯିଏ ଦୀର୍ଘଦିନ ହେଲା ୟୁରୋପର ଅଙ୍ଗୀଭୂତ ହେବାକୁ ଇଚ୍ଛା ପ୍ରକାଶ କରିଆସିଛି। ପୂର୍ବତନ ସୋଭିଏତ ଦେଶଗୁଡ଼ିକ ଆଡ଼କୁ ମଧ୍ୟ ଏହା ସମ୍ପ୍ରସାରିତ ହେବାରେ ଲାଗିଛି। ଏହା ଭାରତ ପାଇଁ ଏକ ଶିକ୍ଷା ହେବା ଉଚିତ।

ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଦକ୍ଷିଣ ଏସିଆରେ ମଧ୍ୟ ୟୁରୋପୀୟ ସଂଘ ଢାଞ୍ଚାରେ ଏକ ଅର୍ଥନୀତି ଆମେ ପ୍ରତିଷ୍ଠା କରିପାରିବା, ଯାହା ଉପରେ ଆମେ କେବେ ଚିନ୍ତା କରିନାହୁଁ। ଆଞ୍ଚଳିକ ସହଯୋଗ ପାଇଁ ସମ୍ଭାବ୍ୟ ଦକ୍ଷିଣ ଏସୀୟ ସଂଘ ଭିତରେ ନେପାଳ, ବାଂଲାଦେଶ, ପାକିସ୍ତାନ, ଶ୍ରୀଲଙ୍କା, ଭୁଟାନ ଓ ଭାରତ ରହିପାରିବ। ଏହି ଦେଶଗୁଡ଼ିକର ମୋଟ ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ଏକପଞ୍ଚମାଂଶ। କିନ୍ତୁ ଏହି ଦେଶଗୁଡ଼ିକ ଭିତରେ ଗୁରୁତ୍ୱପୂର୍ଣ୍ଣ ଦେଶ ଓ ଅର୍ଥନୀତି ହେଉଛି ଭାରତ, ବାଂଲାଦେଶ ଓ ପାକିସ୍ତାନ। ଆମର ଶ୍ରୀଲଙ୍କା, ଭୁଟାନ ଓ ନେପାଳ ସହ ସୀମିତ ମୁକ୍ତ ଚଳାଚଳ ବ୍ୟବସ୍ଥା ରହିଛି, କିନ୍ତୁ ଅନ୍ୟ ଦୁଇଟି ବୃହତ୍ ଦେଶ ସହିତ ନାହିଁ। ଜଣେ ଅଣଭାରତୀୟଙ୍କୁ ପାକିସ୍ତାନ ଯିବା ପାଇଁ ସହଜରେ ଭିଜା ମିଳିପାରୁଥିବା ବେଳେ ଭାରତୀୟଙ୍କ ପାଇଁ ତାହା ମିଳିବା କଷ୍ଟକର। ବାଣିଜ୍ୟ ଦୃଷ୍ଟିରୁ ଦେଖିଲେ ଆମ ଅର୍ଥନୀତିରେ ଜାତୀୟତାବାଦର ପ୍ରତିବନ୍ଧକ ରହିଛି। ପାକିସ୍ତାନ ସହ ସୀମିତ ବାଣିଜ୍ୟ କାରବାର ବି କୌଣସି ଘଟଣା ଘଟିଲେ ବନ୍ଦ କରିଦିଆଯାଏ।

ତେବେ ପ୍ରଶ୍ନ ହେଉଛି ସାର୍କ ଦେଶଗୁଡ଼ିକ ଭିତରେ ୟୁରୋପୀୟ ସଂଘ ଢାଞ୍ଚାରେ ଏକ ସଂଘ ଗଠନ କରାଗଲେ ଆମର କିଛି ଲାଭ ହେବ କି? ନିଶ୍ଚିତ ଭାବରେ ହେବ। ଯେତେବେଳେ ଆମ ଦେଶରେ ଚାହିଦା ହ୍ରାସଜନିତ ମାନ୍ଦାବସ୍ଥା ଦେଖାଦେଉଛି, ସେତେବେଳେ ଆମ କମ୍ପାନୀମାନଙ୍କୁ ପାକିସ୍ତାନ ଓ ବାଂଲାଦେଶ ସହ ବାଣିଜ୍ୟ କରିବା ପାଇଁ ଖୋଲା ଛାଡ଼ିଦେଲେ ସେମାନେ ଲାଭବାନ୍ ହେବେ ଓ ମାନ୍ଦାବସ୍ଥା ହଟିଯାଇପାରିବ। କିନ୍ତୁ ଉଭୟ ଦେଶର ନେତା ପରସ୍ପର ସହ ବାଣିଜ୍ୟ କାରବାର ଚାହୁଁ ନ ଥିବା ବେଳେ ପାକିସ୍ତାନର ବ୍ୟବସାୟିକ ଗୋଷ୍ଠୀ ମଧ୍ୟ ଭାରତ ସହ ଗଭୀର ଅର୍ଥନୈତିକ ସମ୍ବନ୍ଧ ରଖିବାକୁ ଚାହୁଁନାହାନ୍ତି। କିନ୍ତୁ ଭାରତୀୟ ବ୍ୟବସାୟୀମାନେ ପଡ଼ୋଶୀ ଦେଶ ସହ ବାଣିଜ୍ୟ କରିବାକୁ ଚାହୁଁଥିଲେ ମଧ୍ୟ ସେମାନଙ୍କୁ ସେ ସୁଯୋଗ ଦିଆଯାଉ ନାହିଁ। ବର୍ତ୍ତମାନ ଭାରତରେ ଏକ ଅଦ୍ଭୁତ ପରିସ୍ଥିତି ଦେଖାଦେଇଛି। ଆମେ ଅଖଣ୍ଡ ଭାରତର କଥା କହୁଛୁ ଏବଂ ଭାରତୀୟ ସଭ୍ୟତା କହିଲେ କାବୁଲଠାରୁ ଆରମ୍ଭକରି ବର୍ମା ପର୍ଯ୍ୟନ୍ତ ବିସ୍ତାରିତ ଅଞ୍ଚଳର ସଭ୍ୟତାକୁ ବୁଝାଏ। କିନ୍ତୁ ଆମେ ମୁକ୍ତ ଚଳାଚଳ ଓ ଅର୍ଥନୀତି ମାଧ୍ୟମରେ ଏସବୁ ଦେଶ ସହ ବାନ୍ଧିହେବାର ଚିନ୍ତାଧାରାକୁ ନାପସନ୍ଦ କରୁଛୁ।

Email: aakar.patel@gmail.com

## ୨୫ ବର୍ଷ ତଳର ଧରିତ୍ରୀ

୧୫ ସେପ୍ଟେମ୍ବର ୧୯୯୪

- ଲେସୋଥୋର ରାଜାଙ୍କ ଦ୍ୱାରା ବରଖାସ୍ତ ହୋଇଥିବା ପ୍ରଧାନମନ୍ତ୍ରୀ ନିମୁ ମୋଖେଲଙ୍କ ସରକାରଙ୍କୁ ରାଜା ଲେଟସ ପୁଣି କ୍ଷମତାସୀନ କରିଛନ୍ତି।
- ସୁପ୍ରିମ୍‌କୋର୍ଟ ଓ ରାଷ୍ଟ୍ରପତିଙ୍କ ଅନୁମତି ମିଳିଲେ ସରକାର ଅଯୋଧ୍ୟାରେ ମନ୍ଦିର ଓ ମସ୍‌ଜିଦ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିବେ ବୋଲି ଜଣାଇଛନ୍ତି।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 4 | | | | 8 | A | | | | | | | | |
| | 9 | 6 | | 3 | | C | | E | | | 5 | | | |
| A | | | B | | | | 6 | | 9 | | | | | 4 |
| | | C | | 0 | | | 5 | 1 | | | | | | 3 |
| 2 | | E | | 4 | | | | | | | | | | |
| 1 | | 8 | | | | | | 2 | | | A | 7 | 0 | |
| | | 3 | | | | B | | 5 | | | | 1 | | 9 |
| | | | | 6 | | E | A | 8 | | 0 | | | C | D |
| 5 | | | C | | 4 | | | 0 | | | | | 6 | |
| | E | | | 2 | | | | | | | | B | | |
| | | A | 0 | | E | | | | | D | | 2 | | |
| | C | | 2 | A | 6 | | | | | B | | 3 | | |
| | 0 | | | | 5 | 7 | 8 | B | | | | | | E |
| | B | | | D | | | 3 | A | | | 4 | 9 | | 8 |
| 9 | | 2 | | 8 | | 6 | | | E | 1 | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 4 | C | 5 | A | D | E | 6 | B | 2 | 9 | 7 | 1 | 8 | 0 |
| 0 | E | D | C | 9 | B | 7 | A | 8 | 1 | 6 | 4 | 2 | 5 | 3 |
| 8 | 9 | 1 | 2 | 0 | 3 | D | 4 | C | A | 5 | E | 6 | 7 | B |
| 5 | 6 | B | 7 | E | 8 | 1 | 2 | 0 | 3 | D | C | 4 | A | 9 |
| 7 | A | 2 | 1 | 6 | 4 | 3 | 9 | 5 | B | 0 | 8 | C | D | E |
| D | 0 | 8 | 6 | 4 | 5 | 9 | 3 | 7 | E | 2 | A | B | C | 1 |
| 6 | C | 3 | B | 7 | 9 | A | 0 | E | D | 1 | 5 | 8 | 2 | 4 |
| E | B | 7 | A | 8 | 1 | 6 | 5 | 2 | 4 | C | 0 | 3 | 9 | D |
| 2 | 1 | A | D | 3 | E | C | 8 | 4 | 6 | B | 9 | 5 | 0 | 7 |
| 9 | 5 | 4 | 0 | C | 2 | B | D | 1 | 8 | 7 | 3 | E | 6 | A |
| B | 3 | 5 | E | 1 | 6 | 2 | C | 9 | 0 | A | D | 7 | 4 | 8 |
| 4 | 8 | 9 | 3 | 2 | 0 | 5 | 7 | D | C | E | B | A | 1 | 6 |
| 1 | 7 | 0 | 8 | D | C | 4 | E | A | 5 | 3 | 6 | 9 | B | 2 |
| A | 2 | 6 | 4 | 5 | 7 | 0 | B | 3 | 9 | 8 | 1 | D | E | C |
| C | D | E | 9 | B | A | 8 | 1 | 6 | 7 | 4 | 2 | 0 | 3 | 5 |

ଗତକାଲି ପ୍ରକାଶିତ ଉତ୍ତର

# ଇଚ୍ଛା ପୂରଣ ଯନ୍ତ୍ର



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ଏ ଯନ୍ତ୍ରଟି ସେସବୁ ଯନ୍ତ୍ରମାନଙ୍କ ପରି ନୁହେଁ, ଯେମିତିକି ଟେଲିଫୋନ୍, ଟେଲିଭିଜନ, କମ୍ପ୍ୟୁଟର ବା ରୋବୋ। ବିଜ୍ଞାନର ବରଦାନ ଲାଭ କରି ଆଧୁନିକ ମଣିଷ ଏସବୁ ଯନ୍ତ୍ର କେବେଠୁଁ ହାସଲ କରିସାରିଲେଣି। ଜୀବନକୁ ସହଜ, ସୁନ୍ଦର ଓ ସୁଖମୟ କରିବାକୁ ଏସବୁ ଯନ୍ତ୍ରସେବାର ଉପଲବ୍ଧି ପାଇଁ ଲୋଡ଼ାପଡ଼େ ଅର୍ଥ। ଯେଉଁମାନଙ୍କ ପାଖରେ ଅର୍ଥ ଥାଏ, ସେଇମାନେ ହିଁ ଏହି ବିଜ୍ଞାନ ପ୍ରସୂତ ଯନ୍ତ୍ରଗୁଡିକର ଅଧିକାରୀ ହୁଅନ୍ତି। ଅର୍ଥ ବିନିମୟରେ ଅପ୍ରାପ୍ୟ ହୋଇ ରହିବ, ଏମିତି ଚିଜ ଦୁନିଆରେ କିଛି ନାହିଁ ବୋଲି ଏମାନେ ଭାବନ୍ତି ଓ ସାରା ଜୀବନ ଅଧିକରୁ ଅଧିକ ଅର୍ଥ ଅର୍ଜନ କରିବାରେ ଲାଗିପଡିଛନ୍ତି। ଅବଶ୍ୟ ଏମାନଙ୍କ ପ୍ରତିପକ୍ଷ ଅବଶିଷ୍ଟ ଅନ୍ୟମାନେ, ଯେଉଁମାନେ କେବଳ ବଞ୍ଚିବା ପାଇଁ ଅର୍ଥର ଉପଯୋଗିତା ଅନୁଭବ କରନ୍ତି, ସେମାନେ ବି ଅର୍ଥମୋହରେ ଘାଣ୍ଟି ହୁଅନ୍ତି ସାରା ଜୀବନ। ସୁତରାଂ, ଅର୍ଥ ମୋହରୁ କାହାର ବି ମୁକ୍ତି ନାହିଁ। ଧନୀ ଚାହେଁ ଅଧିକରୁ ଅଧିକ ଅର୍ଥ ବିନିମୟରେ ସଂସାରର ଯାବତୀୟ ସୁଖ କିଣିବା ପାଇଁ। ନିର୍ଦ୍ଧନ ଲାଗି ଲୋଡା ପଡେ ଅର୍ଥ ବଞ୍ଚିବାକୁ ନିଃଶ୍ୱାସ କିଣିବା ପାଇଁ। ଅର୍ଥ ହିଁ ସମସ୍ତଙ୍କର ପହିଲି ପ୍ରେମ, ପ୍ରଥମ ଇଚ୍ଛା!

ଏମିତି କ'ଣ ହୁଅନ୍ତାନି! ବହୁବିଧ ଯନ୍ତ୍ର ଉଦ୍ଭାବନ କରୁଥିବା ବିଜ୍ଞାନ ଏମିତି ଏକ ଯନ୍ତ୍ର ନିର୍ମାଣ କରନ୍ତା, ଯାହାର ନାମ ହୁଅନ୍ତା 'ଇଚ୍ଛା ପୂରଣ ଯନ୍ତ୍ର' ବା ଅର୍ଥ ନିର୍ମାଣ ଯନ୍ତ୍ର। ଯନ୍ତ୍ରଟିକୁ ଛୁଇଁ ଦେଇ 'ଆ' କହିଲା ମାତ୍ରେ ଅଜାଡି ପଡନ୍ତା ଅସୁମାରି ଅର୍ଥ। ପୁଣି 'ଯାଆ' କହିଲେ ଚାଲି ଯାଉଥାନ୍ତା ଯୁଗଯୁଗର ଦାରିଦ୍ର୍ୟଜନିତ ଯନ୍ତ୍ରଣା। ସମଗ୍ର ଜୀବନକାଳରେ ଥରେ ମାତ୍ର ଯଦି ଏ ଯନ୍ତ୍ର ସମସ୍ତଙ୍କୁ ଉପଲବ୍ଧ ହୁଅନ୍ତା, ତେବେ ସବୁଦିନ ପାଇଁ ଲୋପ ପାଇଯା'ନ୍ତା ଅଭିଧାନରୁ ଦରିଦ୍ର, ଦାରିଦ୍ର୍ୟ ଆଦି ଶବ୍ଦଗୁଡିକ।

ଇଚ୍ଛା ଯଦି ଘୋଡା ହୁଅନ୍ତା, ତା'ହେଲେ କାଙ୍ଗାଳ ଭିକାରିଟିଏ ମଧ ତା' ଉପରେ ବସି ଘେରାଏ ବୁଲିଆସନ୍ତା। ଆପାତତଃ ସବୁ ଅସମ୍ଭବକୁ ସମ୍ଭବ କରିପାରୁଥିବା ବିଜ୍ଞାନ ପାଇଁ ଯାହା ଅପହଞ୍ଚ, ସେଭଳି ଇଚ୍ଛା ପୂରଣ ଯନ୍ତ୍ର କିନ୍ତୁ ସହଜରେ ନିର୍ମାଣ କରିପାରୁଛନ୍ତି କିଛି ଲୋକ ଓ ଗରାଖ ସାଜି ସେସବୁ ଯନ୍ତ୍ରକୁ ଆଗ୍ରହରେ କିଣି ନେଉଛନ୍ତି ଆଉ ଥୋକେ ଲୋକ। ଜ୍ଞାନରେ ଦକ୍ଷତା ନାହିଁ, ବିଜ୍ଞାନରେ ପ୍ରବେଶ ନାହିଁ, ଶିକ୍ଷାଦୀକ୍ଷା ସମ୍ପୂର୍ଣ୍ଣ ବିବର୍ଜିତ। ତଥାପି ଏମାନଙ୍କ ପଛରେ ବେଶ୍ ଭିଡ ବିନା ଶ୍ରମରେ ପୁଳାଏ ଅର୍ଥ ଅର୍ଜନ କରିବାକୁ ଚାହିଁଥିବା ଲୋକମାନଙ୍କର। ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପରିଚୟ ଏମାନଙ୍କର। କେଉଁଠି ଶ୍ମଶାନ ବାବା କାଳୀ ସାଧକ, ଅନ୍ୟ କେଉଁଠି ସଂସାରତ୍ୟାଗୀ ସନ୍ନ୍ୟାସୀ ତ ପୁଣି କେଉଁଠି ସଂସାରୀ ସିଦ୍ଧ ସାଧକ।

ଏମାନଙ୍କ କୃପା ଓ କୃତିତ୍ୱ ସମ୍ପର୍କରେ ଚମକପ୍ରଦ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହୁଏ। ଏମାନଙ୍କ ଚରଣାଶ୍ରିତ ଭକ୍ତମାନେ ଯେଉଁ ସିଦ୍ଧି ପ୍ରାପ୍ତ ହୋଇଥାନ୍ତି, ସେ ସମ୍ପର୍କରେ ବିଶଦ ବିବରଣୀ ପ୍ରକାଶ ପାଏ। ତଥାପି ଜନମାନସରେ କମି ନ ଥାଏ ଏମାନଙ୍କ ମହତ୍ତ୍ୱ। ବିନା ଶ୍ରମରେ କିଛି ଉଦ୍ୟମ ନ କରି ବି ଯେଉଁଠି ପୁଳାଏ ଅର୍ଜନ କରିବାକୁ ଚାହୁଁଥିବା ଭକ୍ତମାନଙ୍କ ସଂଖ୍ୟା ବଢି ବଢି ଚାଲିଛି, ସେଠି ଚମତ୍କାରୀ ବାବାମାନଙ୍କ ମହତ୍ତ୍ୱ କମିଯିବ ବା କାହିଁକି?

ଅତଏବ, ମୁଣ୍ଡରେ ଜଟାଜୁଟ ଧାରଣ କରି କପାଳରେ ରକ୍ତଚନ୍ଦନର ତିଳକ ଆଙ୍କି ଗୈରିକ ବସନଧାରୀ ସିଦ୍ଧ ପୁରୁଷଙ୍କର ଆବିର୍ଭାବ ହେବ। ଗୃହସ୍ୱାମୀ ସପତ୍ନୀକ ମହାତ୍ମା ପୁରୁଷଙ୍କ ସେବା କରି ନିଜକୁ କୃତାର୍ଥ ମଣିବେ। ଭକ୍ତପ୍ରବରଙ୍କ ଉପରେ ପ୍ରୀତ ହୋଇ ଉଠିବେ ସିଦ୍ଧ ମହାରାଜ। ପୂର୍ବରୁ ନିଜସ୍ୱ ସୂତ୍ରରୁ ସଂଗୃହୀତ ହୋଇଥିବା ତାଙ୍କ ଅତୀତର ପୃଷ୍ଠା ମେଲାଇ ଧରି ମହାତ୍ମା ତାଙ୍କ ଚମତ୍କାରିତାର ପ୍ରମାଣ ଦେଲା ପରେ ଭବିଷ୍ୟତ ସମ୍ପର୍କରେ ଜାଣିବା ପାଇଁ ଉତ୍ସୁକ ହୋଇ ଉଠିବେ ପତିପତ୍ନୀ। ବାବା ଧ୍ୟାନମୁଦ୍ରାରେ ବସି ଏକ ଭୟଙ୍କର ଭବିଷ୍ୟତର ସୂଚନା ଦେବେ ଓ ରିଷ୍ଟ ଖଣ୍ଡନ ବା ସଙ୍କଟମୋଚନ ପାଇଁ ତତ୍କ୍ଷଣାତ୍ ଏକ ବିଶେଷ ପୂଜାର ପରାମର୍ଶ ଦେବେ। କହିବେ ଏକାନ୍ତରେ ଏକ ନିଭୃତ କକ୍ଷରେ ସେ ରିଷ୍ଟ ଖଣ୍ଡନ ପାଇଁ ପୂଜାପାଠ ସମ୍ପାଦନ କରିବେ। ପୂଜା ମଣ୍ଡପରେ ଗଚ୍ଛିତ ରହିବ ଗୃହସ୍ୱାମୀଙ୍କର ଯେତେ ଯାହା ଗଚ୍ଛିତ ଅର୍ଥ ଓ ସ୍ୱର୍ଣ୍ଣାଭ ସମ୍ପଦ। ବିଶେଷ ପୂଜା ସମ୍ପନ୍ନ ହେବା ପରେ ଚମକାଇ ଦେଲା ଭଳି ପରିଣାମ ଆଗକୁ ଆସିବ। ଏକ ବିଶେଷ ମନ୍ତ୍ରର ପ୍ରଭାବରେ ଭାଗ୍ୟଦେବୀ ପ୍ରସନ୍ନ ହେବେ। ପୂଜାବେଦିରେ ସମର୍ପିତ ସମସ୍ତ ସମ୍ପଦ ପାଞ୍ଚଗୁଣ ହୋଇଯିବ।

ବିନା ଶ୍ରମରେ ସମ୍ପତ୍ତି ପାଞ୍ଚଗୁଣ ହୋଇଯିବାର ପ୍ରସ୍ତାବ ଶୁଣି ଖୁସିରେ କୁରୁଳି ଉଠିବ ପତିପତ୍ନୀଙ୍କର ମନ। ନିଜ ସଞ୍ଚିତ ସମସ୍ତ ଅର୍ଥ ଓ ଅଳଙ୍କାର ପୂଜାବେଦିରେ ସମର୍ପଣ କରିଦେବେ ସେମାନେ। ପୂଜା ସରିଲା ପରେ ନିଭୃତରେ ମନ୍ତ୍ର ଉଚ୍ଚାରଣ ପାଇଁ ସାଧୁଙ୍କୁ ଏକାକୀ ଛାଡି ଦୂରେଇଯିବେ ଦମ୍ପତି। କିଛି ସମୟ ପରେ ମହାତ୍ମା ପୂଜାକକ୍ଷରୁ ବାହାରି ସେମାନଙ୍କୁ ଯଜ୍ଞ ବିଭୂତି ଦେବେ ଓ ପରଦିନ ସେ ଆସିବା ଯାଏ ପୂଜା କକ୍ଷରେ ନ ପଶିବାକୁ ତାଗିଦ କରି ଚାଲିଯିବେ। ପାଞ୍ଚଗୁଣା ଧନପ୍ରାପ୍ତିର ସ୍ୱପ୍ନ ଦେଖି ଦେଖି ରାତି ପୁହାଇଦେବେ ପତିପତ୍ନୀ। ପରଦିନ ଚାତକ ଭଳି ଚାହିଁରହିବେ ସିଦ୍ଧ ମହାତ୍ମାଙ୍କ ଆଗମନକୁ। ମାତ୍ର ସେ ଆସିବେ ନାହିଁ। ଅଥୟ ହୋଇ ପୂଜା କକ୍ଷ ଖୋଲିଲା ପରେ ଜଣାପଡିବ ପାଞ୍ଚଗୁଣ ତ ଦୂରର କଥା, ମୂଳଧନ ବି ଉଭେଇ ଯାଇଛି। ନିଜ ଲୋଭ ଉପରେ ଲୁହ ଢାଳିବା ବ୍ୟତୀତ ଅନ୍ୟ କିଛି କରିବାର ନ ଥିବ।

ବିନା ପରିଶ୍ରମରେ ନିଜ ପ୍ରାପ୍ୟଠାରୁ ଅଧିକ ପାଇବାକୁ ଚାହୁଁଥିବା ଲୋକଙ୍କର ଶେଷ ଗତି ଏମିତି ହିଁ ହୋଇଥାଏ। ଏ ପ୍ରସଙ୍ଗରେ ଏକ ହିନ୍ଦୀ କାହାଣୀର ଶେଷକଥା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ପ୍ରୌଢ଼ାବସ୍ଥା ଅତିକ୍ରମ କରି ବାର୍ଦ୍ଧକ୍ୟ ଛୁଇଁବାକୁ ଯାଉଥିବା ଏକ ବୟସ୍କ ଦମ୍ପତିଙ୍କୁ କୌଣସି ଏକ ସୂତ୍ରରୁ ଏକ ଇଚ୍ଛା ପୂରଣ ଯନ୍ତ୍ର ପ୍ରାପ୍ତ ହେଲା। ଯନ୍ତ୍ର ବୋଇଲେ ମଲା ମାଙ୍କଡର ହାଡ଼ଟିଏ। ହାଡ଼ଟିର ଶକ୍ତି ଏମିତି ଯେ ତାକୁ ଧରି ଜଣେ ଯାହା ଇଚ୍ଛା କରିବ, ଅବିଳମ୍ବେ ତାହା ଉପଲବ୍ଧ ହେବ। କିନ୍ତୁ ସର୍ତ୍ତ ହେଉଛି ସେଇ କାଉଁରୀ ମାଙ୍କଡ ହାଡ଼ଟି ତିନୋଟିରୁ ଅଧିକ ଇଚ୍ଛା ପୂରଣ କରିବ ନାହିଁ। ସୁତରାଂ, ମାମୁଲି ଇଚ୍ଛା ପୂରଣ ପାଇଁ ହାଡ଼ଟିର ଶକ୍ତି ଖର୍ଚ୍ଚ ନ କରିବାକୁ ତାଗିଦ୍ କରିଥିଲେ ତାହାର ଦାତା।

ସଂସାରର ଅନ୍ୟ ବହୁ ଲୋକଙ୍କ ପରି ପୁଳାଏ ଅର୍ଥପ୍ରାପ୍ତିକୁ ଜୀବନର ସବୁଠାରୁ ବଡ଼ ସୌଭାଗ୍ୟ ବୋଲି ବିଚାରୁଥିଲେ ପ୍ରୌଢ ଦମ୍ପତି। ସୁତରାଂ ସେମାନେ କେବେ ବି ଏକକାଳୀନ ଦେଖି ନ ଥିବା ଭଳି ମୋଟା ଅଙ୍କର ଅର୍ଥ ପ୍ରାପ୍ତ ହୁଅନ୍ତୁ ବୋଲି କାଉଁରୀ ହାଡ଼ଟିକୁ ଧରି ଇଚ୍ଛା ପ୍ରକଟ କଲେ ସେ ଦୁହେଁ। କାଉଁରୀ ହାଡ଼ର ମହିମାରୁ ତାଙ୍କ ଇଚ୍ଛା ପୂରଣ ହେବାକୁ ବେଶି ବିଳମ୍ବ ହେଲା ନାହିଁ। ଲକ୍ଷେଟଙ୍କାର ଚେକ୍‌ଟିଏ ଡାକରେ ଆସି ସେମାନଙ୍କ ପାଖରେ ପହଞ୍ଚିଲା। ଚକିତ ହୋଇ ପତିପତ୍ନୀ ଦୁହେଁ ଏତେଗୁଡିଏ ଟଙ୍କା କେଉଁଠୁ ଆସିଲା ବୋଲି ଯାହା ଜାଣିଲେ, ତହିଁରେ ସେମାନଙ୍କ ଆନନ୍ଦ ମହା ଦୁଃଖରେ ପରିଣତ ହେଲା। ବିବାହର ବହୁବର୍ଷ ପରେ ଜନ୍ମ ହୋଇଥିବା ସେମାନଙ୍କର ଏକମାତ୍ର ପୁତ୍ର ଦୂରବର୍ତ୍ତୀ ଏକ ଖଣିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲା। ଏକ ଦୁର୍ଘଟଣାରେ ମୃତ୍ୟୁ ହୋଇ ଯାଇଥିଲା ତା'ର। ଲକ୍ଷେ ଟଙ୍କାର କ୍ଷତିପୂରଣ କମ୍ପାନୀ ପଠାଇ ଜଣାଇଥିଲା ଯେ ଖଣି ଭିତରେ ପୋତି ହୋଇ ଯାଇଥିବା ପୁଅର ଶବ ପାଞ୍ଚଦିନ ପରେ ବି ଉଦ୍ଧାର ହୋଇପାରି ନାହିଁ।

ବିପୁଳ ଅର୍ଥ ପାଇ ବି ଘନ ଘନ ମୂର୍ଚ୍ଛା ଯାଉଥିଲା ମା'। ବାପା ବି ଥିଲା ଅର୍ଦ୍ଧମୃତ ପ୍ରାୟ। ନିଜର ଏକମାତ୍ର ପୁଅକୁ ଶେଷଥର ପାଇଁ ଦେଖିବାର ଇଚ୍ଛା ପ୍ରକଟ କରି କାଉଁରୀ ହାଡ଼କୁ ଛୁଇଁ କାମନା କଲା ମା'– ମୋ ପୁଅର ଶବ ଖଣି ଭିତରୁ ଉଦ୍ଧାର ହୋଇ ଏଠାକୁ ପଠାଯାଉ। ମା'ର ଏମନ୍ତ କାମନା ଶୁଣି ବାପାର ଚିନ୍ତା ବଢିଗଲା। ସେ ଭାବିଲା, ଦୁର୍ଘଟଣାର ପାଞ୍ଚଦିନ ପରେ ଶବ ମିଳିଲେ ବି ତାହା ପଚିଶଢି ଯାଇଥିବ। ପୁଅର ଗଳିତ ବିକୃତ ଚେହେରା ଦେଖି ଶୋକଦଗ୍ଧା ମା' ହୁଏତ ସମ୍ଭାଳି ନ ପାରେ! ଏମିତି ବି ହୋଇପାରେ, ପୁଅକୁ ଦେଖୁ ଦେଖୁ ମା'ର ପ୍ରାଣ ଛାଡି ଯାଇପାରେ!! ତେଣୁ କାଳବିଳମ୍ବ ନ କରି କାଉଁରୀ ହାଡ଼କୁ ଛୁଇଁ ସେ ଇଚ୍ଛା ପ୍ରକାଶ କଲେ, ''ପୁଅର ଶବ ଏଠାକୁ ନ ଆସୁ। ସେଇଠି ସତ୍କାର ହୋଇଯାଉ।''ବାସ୍, ଏମିତି ପୂରିଗଲା ତିନୋଟି ଇଚ୍ଛା। ଶେଷ ହୋଇଗଲା ଇଚ୍ଛା ପୂରଣ ଯନ୍ତ୍ରର ସକଳ ସାମର୍ଥ୍ୟ। ଅଲୌକିକ ଭାବେ କିଛି ହାସଲ କରିବାକୁ ଆଶା ରଖିଥିବା ପତିପତ୍ନୀ ଦୁହେଁ ବଞ୍ଚିରହିଲେ ବାକି ଜୀବନ ଲକ୍ଷେ ଟଙ୍କାର ସମ୍ବଳ ନେଇ।

ଜୀବନରେ ସ୍ୱପ୍ନ ଦେଖାର ଶେଷ ନ ଥାଏ। ସବୁ ଇଚ୍ଛା ପୂରଣ ହୁଏନା। ନିଜ ସମ୍ବଳ, ଶକ୍ତି ଓ ସାମର୍ଥ୍ୟ ବାହାରେ ଇଚ୍ଛା ପୋଷଣ କଲେ କିମ୍ବା ତନ୍ତ୍ର, ମନ୍ତ୍ର ବା ଯନ୍ତ୍ର ବଳରେ ନିଜ ଭାଗ୍ୟରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କଲେ ଲାଭ ତ ମିଳେନା, ବରଂ ଅତ୍ୟନ୍ତ ଦୟନୀୟ ଭାବେ ମୂଳ ବି ଉତ୍କୁଡିଯାଏ। ସୁତରାଂ ସାଧୁ ସାବଧାନ!!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇସିହାଣି,
ଭୁବନେଶ୍ୱର, ମୋ–୮୮୯୫୬୨୪୧୦୫

# ମହାପରୀକ୍ଷାର ମନ୍ତ୍ରଧାରୀ

ବ୍ୟକ୍ତିତ୍ୱ



ପ୍ରିୟବ୍ରତ ପାଟିଲ

ଭାରତ ବହୁବିଧ ଭାଷା ବ୍ୟବହାର କରୁଥିବା ଦେଶ। ହେଲେ 'ଏକ ରାଷ୍ଟ୍ର, ଏକ ଭାଷା' ଲାଗୁ କରିବା ନିମିତ୍ତ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ହିନ୍ଦୀ ଉପରେ ଜୋର ଦେବା ପରେ ଏବେ ବିବାଦ ସୃଷ୍ଟି ହୋଇଛି। ଦେଖିବାକୁ ଗଲେ ସଂସ୍କୃତ, ତେଲୁଗୁ, ତାମିଲ, କନ୍ନଡ, ମାଲାୟାଲମ ଏବଂ ଓଡ଼ିଆ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛନ୍ତି। ବୈଦିକ ଭାଷା ଭାବେ ସଂସ୍କୃତକୁ ଗୁରୁତ୍ୱ ଦିଆଯାଉଥିବାରୁ ଏଥିରେ ରୁଚି ରଖୁଥିବା ଛାତ୍ରଙ୍କ ସକାଶେ ତେନାଲି ମହାପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଅଭିଳଷିତ ରହିଆସିଛି। ଉଲ୍ଲେଖଯୋଗ୍ୟ, ପ୍ରାଚୀନ ଭାରତୀୟ ପଦ୍ଧତିରେ ୧୪ ମହାଗ୍ରନ୍ଥକୁ ମୁଖସ୍ଥ କରି ତା'ର ବ୍ୟାଖ୍ୟା କରିପାରୁଥିବା ଛାତ୍ର ଏଭଳି ଜଟିଳ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥାଆନ୍ତି। ଅବଶ୍ୟ ସବୁ ଛାତ୍ରଙ୍କ ଭାଗ୍ୟରେ ଏହା ଜୁଟି ନ ଥାଏ। ହେଲେ ମାତ୍ର ୧୬ ବର୍ଷ ବୟସ୍କ ଗୋଆର ପ୍ରିୟବ୍ରତ ପାଟିଲ ଏପରି ସଫଳତା ଅର୍ଜନ କରି ଏବେ ଇତିହାସ ରଚିଛନ୍ତି। ଫଳରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାର ବିଷୟ ହୋଇଛି। ଏହି କୀର୍ତ୍ତି ସ୍ଥାପନ କରିପାରିଥିବାରୁ ପ୍ରିୟବ୍ରତଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠୁ ଆରମ୍ଭ କରି ଦେଶର କୋଣଅନୁକୋଣରୁ ଶୁଭେଚ୍ଛା ମିଳିବାରେ ଲାଗିଛି।

କୁହାଯାଏ 'ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସିଥାଏ'। ଦୃଢ଼ ମନୋବଳ ପ୍ରିୟବ୍ରତଙ୍କୁ ଖୁବ୍ କମ୍ ବୟସରେ ପାଣ୍ଡିତ୍ୟ ଅର୍ଜନ କରିବାକୁ ସୁଯୋଗ ଦେଇଛି। ଗୋଆ ରାଜଧାନୀ ପଣଜୀଠାରୁ ୬୦ କିଲୋମିଟର ଦୂର ରିଭାନ୍‌ଠାରେ ପ୍ରିୟବ୍ରତଙ୍କ ଜନ୍ମ। ପରିବାରର ୪ ପିଢ଼ି ସଂସ୍କୃତବିଦ୍ୟାରେ ଅଗାଧ ଜ୍ଞାନ ଅର୍ଜନ କରିପାରିଥିବାରୁ ତାହାର ପ୍ରଭାବ ବାଳକଙ୍କ ଉପରେ ପଡ଼ିଥିଲା। ପିତା ଦେବଦତ୍ତ ଓ ମାତା ଅପର୍ଣ୍ଣାଙ୍କ ଏହି ସନ୍ତାନ ଖୁବ୍ କମ୍ ବୟସରେ ମହାପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ତାଙ୍କ ଗୁରୁମାନଙ୍କୁ ଆଚମ୍ବିତ କରିଦେଇଥିଲେ। ଯଦି ଦେଖାଯାଏ ପ୍ରତ୍ୟେକ ମହାଗ୍ରନ୍ଥରେ ୫୦୦ରୁ ୭୦୦ ଯାଏ ପୃଷ୍ଠା ରହିଛି। ୧୪ ମହାଗ୍ରନ୍ଥକୁ ସେ ମୁଖସ୍ଥ କରିବା ସହ ତାହାକୁ ବୁଝି ବ୍ୟାଖ୍ୟା କରିବାର ଦକ୍ଷତା ହାସଲ କରିପାରିଛନ୍ତି। ତାଙ୍କ ଜୀବନଚର୍ଯ୍ୟାକୁ ଦେଖିଲେ ସେ ଦୈନିକ ୧୨ରୁ ୧୪ ଘଣ୍ଟା ପଢ଼ିବାରେ ବିତାଇଥାଆନ୍ତି। ପିଲାବେଳ କଥା ମନେପକାଇ ସେ କହିଛନ୍ତି ଯେ, ଏଭଳି ସଫଳତା ପାଇବା ପାଇଁ ସେ ଗ୍ରନ୍ଥଗୁଡ଼ିକୁ ନିଜ ସାମ୍ନାରେ ରଖିଥାଆନ୍ତି।

ଗତ ଦୁଇବର୍ଷ ଧରି ପ୍ରତ୍ୟେକ ଦିନ ସକାଳ ୭ଟାରୁ ପୂର୍ବାହ୍ଣ ୧୧ଟା ଯାଏ ଶ୍ଳୋକଗୁଡ଼ିକୁ ପ୍ରଥମେ ବଡ଼ ପାଟିରେ ଉଚ୍ଚାରଣ କରିଥାଆନ୍ତି। କେବଳ ସେତିକି ନୁହେଁ, ଋକ୍ ବେଦର ୮ ଅଷ୍ଟକ ମଧ୍ୟରୁ ୫ଟିକୁ ମନେ ରଖିପାରିଛନ୍ତି। ମାତା ଅପର୍ଣ୍ଣା ପ୍ରାଚୀନ ଗ୍ରନ୍ଥରେ ପାଣ୍ଡିତ୍ୟ ଅର୍ଜନ କରିଥିବା ବେଳେ ପିତା ଦେବଦତ୍ତ ୩ଟି ଶାସ୍ତ୍ରରେ ତେନାଲି ମହାପରୀକ୍ଷା ସମ୍ପୂର୍ଣ୍ଣ କରି ଏକ ଗୁରୁକୁଳ ପ୍ରତିଷ୍ଠା କରିଛନ୍ତି। ଗୋଆସ୍ଥିତ ଗୁରୁକୁଳମ୍‌ରୁ ୨୮ ବିଦ୍ୱାନ୍ ସୃଷ୍ଟି ହୋଇସାରିଲେଣି। ଦେବଦତ୍ତ ଛାତ୍ରମାନଙ୍କୁ ପଢ଼ାଉଥିବା ଦେଖି ପ୍ରିୟବ୍ରତ ଏହି ବିଦ୍ୟା ପ୍ରତି ଅନୁପ୍ରାଣିତ ହୋଇଥିଲେ ବୋଲି କହିଛନ୍ତି। ପ୍ରିୟବ୍ରତଙ୍କ ବ୍ୟାକରଣ ଗୁରୁ ମୋହନଲାଲ ଶର୍ମା। ସେ ଏକଦା ତାଙ୍କ ପିତାଙ୍କ ଛାତ୍ର ଥିଲେ। ମହାପରୀକ୍ଷାରେ ପ୍ରିୟବ୍ରତ ଉତ୍ତୀର୍ଣ୍ଣ ହେବା ପରେ ମୋହନଲାଲ ତାଙ୍କୁ ଉଚ୍ଚପ୍ରଶଂସା କରିଛନ୍ତି। ସେହିପରି ସଂସ୍କୃତକୁ ଗଣଙ୍କ ମଧ୍ୟରେ ପରିଚିତ କରାଇବା ଦିଗରେ କାର୍ଯ୍ୟ କରୁଥିବା ଅନ୍ୟତମ ବିଦ୍ୱାନ୍ ଛାମୁ କ୍ରିଷ୍ଣା ଶାସ୍ତ୍ରୀ କହିଛନ୍ତି ଯେ, ପ୍ରିୟବ୍ରତ ଏହି ସମୟର ଏକ ବିସ୍ମୟ ଓ କିମ୍ବଦନ୍ତୀ ପାଲଟି ଯାଇଛନ୍ତି।

ବ୍ୟାକରଣ, ନ୍ୟାୟ, ମୀମାଂସା (ଦର୍ଶନ) ବ୍ୟତୀତ ମହାପରୀକ୍ଷା ଏବେ ଛାତ୍ରଙ୍କ ଗଣିତ ପରୀକ୍ଷା କରୁଛି। ବ୍ୟାକରଣ ଶେଷ କରିଥିବା ପ୍ରିୟବ୍ରତ ନ୍ୟାୟ ଓ ମୀମାଂସା ପରୀକ୍ଷା ଦେବାକୁ ପ୍ରସ୍ତୁତ ହେଉଛନ୍ତି। ଖୁବ୍ କମ୍ ବର୍ଷ ବୟସରେ ଏହି ମନ୍ତ୍ରଧାରୀଙ୍କ ନିଷ୍ଠା ସାହିତ୍ୟ, ଚିକିତ୍ସା ହେଉ ବା ଶୁଦ୍ଧ ବିଜ୍ଞାନ ବିଦ୍ୟାର୍ଥୀଙ୍କ ପାଇଁ ନିଶ୍ଚିତ ପ୍ରେରଣାର ଉତ୍ସ ପାଲଟିବ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଜଳାଭାବ କେବଳ ମଣିଷକୁ ନୁହେଁ ମହାବିନାୟକଙ୍କୁ ବି ସଙ୍କଟରେ ପକାଇଦେଇଛି। ଏମିତି ପରିସ୍ଥିତି ଦେଖାଦେଇଛି ମହାରାଷ୍ଟ୍ରର ଲାଟୁର୍‌ରେ। ସେଠାରେ ବିନାୟକଙ୍କ ମୂର୍ତ୍ତି ବିସର୍ଜନ ହେଉନି। ପୂଜା ମଣ୍ଡପଗୁଡିକ ମୂର୍ତ୍ତିକୁ ଜିଲା ପ୍ରଶାସନ ଓ ମୂର୍ତ୍ତି କାରିଗରଙ୍କୁ ଦାନ କରିଦେଉଛନ୍ତି। କେତେକ ମଣ୍ଡପ ତାହାକୁ ଆସନ୍ତା ବର୍ଷ ପୂଜା କରାଯିବାକୁ ନିଷ୍ପତ୍ତି ବି ନେଇଛନ୍ତି। ମରୁଡ଼ି ପରିସ୍ଥିତି ଯୋଗୁ ୩ ବର୍ଷ ହେବ ଲାଟୁରକୁ ପ୍ରତି ୧୫ ଦିନରେ ଥରେ ପାଣି ଯୋଗାଯିବା ସହ ନିୟମିତ ୧୨୫ଟି ଟ୍ୟାଙ୍କର୍ ଯୋଗେ ପିଇବା ପାଣି ଦିଆଯାଉଛି। ଲାଟୁର ଜିଲାପାଳ, ଗଣପତି ପୂଜା ମଣ୍ଡପ, ପୋଲିସ ତଥା ସମାଜିକ କର୍ମୀଙ୍କ ସହ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ୫୯ଟି ମଣ୍ଡପ ମୂର୍ତ୍ତିକୁ ଆସନ୍ତା ବର୍ଷ ପୁନଃସଂସ୍ଥାପନ କରିବାକୁ ରାଜି ହୋଇଛନ୍ତି, ୧୨ଟି ମଣ୍ଡପ ମୂର୍ତ୍ତି କାରିଗରଙ୍କୁ ଦେଇ ଦେଇଛନ୍ତି। ସେଠାକାର ହନୁମାନ ସାଂସ୍କୃତିକ ଗଣେଶ ମଣ୍ଡପରେ ୧୮ ବର୍ଷ ହେବ ଫାଇବର ଗଣେଶ ମୂର୍ତ୍ତି କରାଯାଇ ତାହାକୁ ପାଣି ଛିଞ୍ଚି ବିସର୍ଜନ କରାଯାଇ ପୁଣି ଆର ବର୍ଷକୁ ରଖାଯାଉଛି। ଏମିତି ୧୮ ବର୍ଷ ହେବ ପୂଜା ଚାଲିଛି ବୋଲି କହନ୍ତି ଏହି ମଣ୍ଡପର ସଭାପତି। ବିସର୍ଜନ ଉତ୍ସବରେ ଯାହା ଖର୍ଚ୍ଚ ହେବା କଥା ସେହି ପରିମାଣର ଅର୍ଥ ସେଠାକାର ବାସିନ୍ଦାଙ୍କ ପାଇଁ ପାଣି ଟାଙ୍କି ନିର୍ମାଣ କରିବାରେ ବ୍ୟୟ କରୁଛନ୍ତି ବୋଲି କହନ୍ତି ରାଜ ଗଣେଶ ମଣ୍ଡପର ସଭାପତି ଶ୍ୟାମ ଯାଦବ।

## ଚିରନ୍ତନୀ

ନ ଲାଗୁଣୁ ଶିଶୁ ମୁଖେ ଆଲୋକର ଚାରୁ ହାସରେଖା
ମୃତ୍ୟୁର ମଳିନ ଛବି ଅଧର କୋଣରେ ଦେଲେ ଦେଖା
ସ୍ଥିର ହେଲେ ଜୀବନର ସଧୀର ଚାଳନା
ଅଚଞ୍ଚଳ ତବଧ ଚେତନା। (ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାଜଧାନୀରେ ମେଡିକାଲ କଲେଜ ଖୋଲୁ

ମହାଶୟ,

କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି ଅନୁଯାୟୀ ଦେଶରେ ଆଉ ୭୫ଟି ମେଡିକାଲ କଲେଜ ଖୋଲିବା ପାଇଁ ଆଗାମୀ ତିନି ବର୍ଷରେ ୨୪,୩୭୫ କୋଟି ଟଙ୍କାର ବ୍ୟୟବରାଦ ହେବା ଖବର ପ୍ରକାଶ ପାଇଛି। ଓଡ଼ିଶା ସରକାରଙ୍କ ଉଦ୍ୟମ କ୍ରମେ ଏବେ ବଲାଙ୍ଗୀର, ବାରିପଦା, କୋରାପୁଟ ଆଦିରେ ମେଡିକାଲ କଲେଜ ଖୋଲାଯାଇ ପାଠପଢ଼ା ଚାଲୁ ରହିଛି। ଏହି ୭୫ଟି ପ୍ରସ୍ତାବିତ କଲେଜ ମଧ୍ୟରୁ ଓଡ଼ିଶାର ଭାଗ କେତେ ତାହା ଜଣା ପଡି ନ ଥିଲେ ସୁଦ୍ଧା ପ୍ରାୟ ୫ଟି ଖୋଲିବ ବୋଲି ଅନୁମାନ କରାଯାଉଛି। ପୁରୀରେ ମେଡିକାଲ କଲେଜ ଖୋଲିବା ନିମନ୍ତେ ଉଦ୍ୟମ ଜାରି ରହିଥିବା ବେଳେ କେତେକ କାରଣ ଯୋଗୁ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ। ରାଜଧାନୀ ଭୁବନେଶ୍ୱରରେ ଘରୋଇ ମାଲିକାନାରେ ଦୁଇଟି ମେଡିକାଲ କଲେଜ ଖୋଲିଥିଲେ ହେଁ ଅତ୍ୟଧିକ ଖର୍ଚ୍ଚରେ ପିଲାମାନେ ଏଠାରେ ପଢ଼ିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଠାରେ ସରକାରୀ ହସ୍ପିଟାଲ ବହୁବର୍ଷ ଧରି ଚାଲୁ ରହିବା ସହ ଆବଶ୍ୟକ ଭିତ୍ତିଭୂମି ଥିବା ବେଳେ ଏଠାରେ ମେଡିକାଲ କଲେଜ ନ ଖୋଲିବା ପରିତାପର ବିଷୟ। କେତେକ ଅନୁନ୍ନତ ଜିଲା ସମେତ ଭୁବନେଶ୍ୱରରେ ଏହା ଖୋଲିବାର ଆବଶ୍ୟକତା ରହିଛି।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

### ପ୍ଲାଷ୍ଟିକ୍ ବର୍ଜ୍ୟରେ ସଡ଼କ ନିର୍ମାଣ

ବର୍ତ୍ତମାନ ସମୟରେ ଆମେ ସମସ୍ତେ ପ୍ଲାଷ୍ଟିକ୍ ଜିନିଷ ଯଥା ଟୁଥବ୍ରଶ୍, ସାବୁନ କେସ୍, ପାନିଆ, ଟେବୁଲ, ଚେୟାର, କ୍ୟାରିବ୍ୟାଗ୍, ଦୁଗ୍ଧ ଦହି ପ୍ୟାକେଟ, ତେଲ ପ୍ୟାକେଟ, ଥଳି, ଖେଳନା, ରୋଷେଇ ସରଞ୍ଜାମ, କଲମ, ପାଇପ ଆଦି ବ୍ୟବହାର କରୁଥାଉ। ଏସବୁ ଜିନିଷ ଅକାମୀ ହୋଇଗଲେ ପୋଡି ନଷ୍ଟ କଲେ ବିଷାକ୍ତ ବାଷ୍ପର ଭୟ ଥାଏ। ଏହା ମାଟିରେ ସହଜରେ ମିଶେନାହିଁ। ଆମର କହିବାର କଥା ହେଲା ଝାଡ଼ଖଣ୍ଡ ଜାମସେଦପୁରରେ ଏକ ସଡ଼କ ଏଇ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁରେ ନିର୍ମିତ ହୋଇଛି। ଆମ ଓଡ଼ିଶାର ବିଶେଷଜ୍ଞଗଣ ଓ ପ୍ରଶାସନ ଜାମସେଦପୁର ଯାଇ ଏହି ସଡକ କେଉଁ ପ୍ରଣାଳୀରେ ନିର୍ମିତ ହୋଇଛି ନିରୀକ୍ଷଣ କରି ଓଡିଶାରେ ସେପରି ସଡ଼କ କରାଯାଉ। ପ୍ଲାଷ୍ଟିକ ସମସ୍ୟା ଅତ୍ୟନ୍ତ ଗୁରୁତର ବୋଲି ସମସ୍ତେ ବୁଝିବା ଦରକାର।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର,
ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କୋଇଲା ଟ୍ରକ୍ ଜବତ, ଡ୍ରାଇଭର ଗିରଫ



ଭୁବନ, ୧୪ା୯(ଡି.ଏନ.ଏ.) କୋଇଲା ଚୋରା ଚାଲାଣ ବେଳେ ଭୁବନ ପୋଲିସ ଏକ ଟ୍ରକ୍‌କୁ ଜବତ କରିଛି। ପ୍ରାଥମିକ ତଦନ୍ତରୁ ଉକ୍ତ ଟ୍ରକ୍‌ର ନମ୍ବର ନକଲି ବୋଲି ଜଣାପଡ଼ିଛି। ଚାଳକ ଢେଙ୍କାନାଳ ସଦର ଥାନା ବାରଦା ଗ୍ରାମର ଗଜେନ୍ଦ୍ର ବରାଳ (୨୯)ଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଉକ୍ତ ଟ୍ରକ୍‌ଟି ତାଳଚେରରୁ ବାଲେଶ୍ୱର ଇମାମି କମ୍ପାନୀକୁ ଯାଉଥିଲା। ଗାଡ଼ିଟିର ପ୍ରକୃତ ନମ୍ବର ଓଆର୍ ୧୯ ଏନ୍ ୪୮୩୪ ହୋଇଥିବାବେଳେ ଏହାର ନମ୍ବର ପ୍ଲେଟ୍‌ରେ ଓଆର ୦୬ ଜି ୪୧୧୯ ଦର୍ଶାଯାଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଘଟଣାର ଖୋଳତାଡ଼ କରାଯାଉଥିବା ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ ସୂଚନା ଦେଇଛନ୍ତି।

### ହିନ୍ଦୀ ଦିବସ ପାଳିତ




ଢେଙ୍କାନାଳ ଅଫିସ,୧୪ା୯ ଗଁଦିଆ ବ୍ଲକ କପିଳାସ ବିଜ୍ଞାନ କେନ୍ଦ୍ରରେ ଶନିବାର ହିନ୍ଦୀ ଦିବସ ପାଳିତ ହୋଇଛି। ଜିଲା ବିଜ୍ଞାନ କେନ୍ଦ୍ର ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଶଙ୍କର ଗୁରୁଙ୍ଗ, ଦେଓଗାଁ ସ୍କୁଲର ପ୍ରଧାନ ଶିକ୍ଷକ ହରିହର ସାହୁ ଯୋଗଦେଇ ହିନ୍ଦୀ ଦିବସ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ବିଜ୍ଞାନକେନ୍ଦ୍ରର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

### ଭାଗବତ ଜନ୍ମ ଉତ୍ସବ

ଢେଙ୍କାନାଳ ଅଫିସ, ୧୪ା୯ ଢେଙ୍କାନାଳ ସଦର ବ୍ଲକ ମଣ୍ଡାପାଳ ଗ୍ରାମରେ ଶନିବାର ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ଭାଗବତ ଘରେ ଠାକୁରଙ୍କୁ ବ୍ୟାସ ଆସନରେ ବସାଯାଇ ମହାପୁରାଣକୁ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରାଣବନ୍ଧୁ ବ୍ରହ୍ମ, ପୁଷ୍ପଲତା ବ୍ରହ୍ମ କର୍ତ୍ତା ଏବଂ ପ୍ରଦୀପ କୁମାର ଦାଶ ପୁରୋଧା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ପୀତବାସ ପ୍ରଧାନ, ନୃସିଂହ ବରାଳ, ନାରାୟଣ ବ୍ରହ୍ମ, ଯୁଧିଷ୍ଠିର ବରାଳ, ଡାକ୍ତର ବ୍ରହ୍ମ, ବିଜୟାନନ୍ଦ ବରାଳ, ଧରଣୀ ବ୍ରହ୍ମ, ବିପିନ ବରାଳ, ପ୍ରମୋଦ ବରାଳ ପ୍ରମୁଖ ନାମସଂକୀର୍ତ୍ତନ କରିଥିଲେ। ଶେଷରେ ପ୍ରସାଦସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନିହଳପ୍ରସାଦରେ ନଗଡ଼ାର ଚିତ୍ର

# ସତ୍ୟ ଶଯ୍ୟାଶାୟୀ



- ଦୃଷ୍ଟିହୀନ ଶିଶୁ ଅପପୁଷ୍ଟିର ଶିକାର
- ବିଛଣାରେ ପଡ଼ି ପଡ଼ି ଦେହସାରା କ୍ଷତ
- ସମନ୍ୱିତ ଶିଶୁ ବିକାଶ ଯୋଜନାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ

ଢେଙ୍କାନାଳ ଅଫିସ, ୧୪ା୯

କଙ୍କାଳସାର ଶରୀର। ଗଣି ହୋଇଯାଉଛି ପଞ୍ଜରା। ଦେହସାରା ଗଭୀର କ୍ଷତ। ଉଠି ବସିବାକୁ ବଳ ନାହିଁ। ନିସ୍ତେଜ ହୋଇ ବିଛଣାରେ ପଡ଼ିରହିଛନ୍ତି। ଆଖି ପୂରାଇ ଦେଖିଲେ ଯେ କେହି ବି ସହଜରେ ଠଉରାଇ ପାରିବ କଅଁଳ ଶିଶୁଟିର ଅସହାୟତା। ହେଲେ ଫାଇଲ ଚାଷରେ ବ୍ୟସ୍ତ ପ୍ରଶାସନର ନଜର କିନ୍ତୁ ପଡ଼ିନି ଅବୋଧ ଶିଶୁଟି ଉପରେ। ଏପରି ନୁହେଁ ଯେ, ଅଭିଯୋଗ ହୋଇନି କି ବିଭାଗୀୟ ଅଧିକାରୀଙ୍କ କାନରେ କଥା ପଡ଼ିନି। ହେଲେ ଆନ୍ତରିକତା ଅଭାବରୁ ଶିଶୁ ପାଖରେ ପହଞ୍ଚି ପାରିନି ପୁଷ୍ଟିକର ଖାଦ୍ୟ। ଅପପୁଷ୍ଟିର ଶିକାର ହୋଇଥିବା ସମ୍ପୃକ୍ତ ସାଢ଼େ ୩ ବର୍ଷର ଦିବ୍ୟାଙ୍ଗ ଶିଶୁ ହେଲେ ଗଁଦିଆ ବ୍ଲକ ନିହଳପ୍ରସାଦ ଗ୍ରାମର କାର୍ତ୍ତିକ ସେଠୀଙ୍କ ବଡ଼ପୁଅ ସତ୍ୟ। ଶିଳ୍ପ ସମୃଦ୍ଧ ଢେଙ୍କାନାଳ ଜିଲାରେ ଏଭଳି ଚିତ୍ର ନଗଡ଼ାକୁ ମନେପକାଇ ଦେଇଛି। ଏହି ଘଟଣା ପଦାକୁ ଆସିବା ପରେ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ସମନ୍ୱିତ ଶିଶୁ ବିକାଶ ଯୋଜନାକୁ ନେଇ ପ୍ରଶ୍ନ ଉଠିଛି।

ନିହଳପ୍ରସାଦ ଗ୍ରାମରେ ରୁହନ୍ତି କାର୍ତ୍ତିକ ସେଠୀଙ୍କ ପରିବାର। ସ୍ତ୍ରୀ, ଦୁଇପୁଅଙ୍କୁ ନେଇ ତାଙ୍କ ସଂସାର। ବଡ଼ ପୁଅ ସତ୍ୟ ଦୃଷ୍ଟିହୀନ। ସୁଷମ ଖାଦ୍ୟ ଅଭାବରୁ ସେ ଅପପୁଷ୍ଟିର ଶିକାର। ଉଠିବାକୁ ବଳ ପାଉ ନ ଥିବାରୁ ସତ୍ୟ ଏବେ କତରାଗଲା। ଦୀର୍ଘଦିନ ଧରି ବିଛଣାରେ ପଡ଼ି ରହିଥିବାରୁ ତାଙ୍କ ଶରୀରରେ ଘା' ହୋଇଯାଇଛି। କାର୍ତ୍ତିକ କୁହନ୍ତି, ସେ ଦିନମଜୁରିଆ। ଖଟିଲେ ପରିବାର ଚଳେ। ମଜୁରି ଟଙ୍କାରେ ଘର ଖର୍ଚ୍ଚ ଉଠାଇବା କାଠିକର ପାଠ। ଦୁଇ ପିଲାଙ୍କ ପାଇଁ ଭଲ ଖାଇବା କେଉଁଠୁ ଯୋଗାଡ଼ କରିବେ। ଏ ନେଇ ସେ ବହୁବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ତାଙ୍କ ପୁଅକୁ ଦିବ୍ୟାଙ୍ଗ ଭତ୍ତା ତାଲିକାରେ ସାମିଲ କରାଯାଉନାହିଁ। ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରୁ ପୁଷ୍ଟିକର ଖାଦ୍ୟ ମିଳୁନାହିଁ। ପୁଅର ସମସ୍ୟା ନେଇ ସେ ୪୦ କିମି ଦୂର ଗଁଦିଆ ବ୍ଲକ କାର୍ଯ୍ୟାଳୟ ଏବଂ ୭୦କିମି ଦୂର ଢେଙ୍କାନାଳକୁ ଆସି ଜିଲା ପ୍ରଶାସନ ନିକଟରେ ଗୁହାରି କରିଛନ୍ତି। ହେଲେ କେହି ତାଙ୍କ କଥା ବୁଝୁ ନ ଥିବା ସେ କହିଛନ୍ତି। ଅନ୍ୟପଟେ ଅବହେଳିତ ଶିଶୁଙ୍କ ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରିୟ'ର କର୍ମକର୍ତ୍ତା ଟଙ୍କଧର ବାରିକ ସତ୍ୟଙ୍କୁ ସହାୟତା ଯୋଗାଇଦେବାକୁ ଆଗେଇ ଆସିଛନ୍ତି। ଏ ନେଇ ସେ ଗଁଦିଆ ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ (ସିଡିପିଓ)ଙ୍କୁ ଅବଗତ କରାଇଛନ୍ତି। ସିଡିପିଓ ଉର୍ମିଳା ଦେହୁରୀ କୁହନ୍ତି, ସ୍ଥାନୀୟ ସୁପରଭାଇଜରଙ୍କୁ ଘଟଣାର ଅନୁଧ୍ୟାନ କରି ରିପୋର୍ଟ ଦେବାକୁ କୁହାଯାଇଛି। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଜିଲା ସମାଜ ମଙ୍ଗଳ ଅଧିକାରୀ ଦାୟିତ୍ୱରେ ଥିବା ଜିଲା ସାମାଜିକ ସଶକ୍ତୀକରଣ ଓ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲିକ କୁହନ୍ତି, ଏ ସମ୍ପର୍କରେ ପଦକ୍ଷେପ ନେବାକୁ ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କୁ ଜଣାଇବୁ।

## ମା' ସହ ଗଲା ଗୋଠଛଡ଼ା ହାତୀଛୁଆ



ଉଦ୍ଧାର ହୋଇଥିବା ହାତୀ ଶାବକ।

- ସକାଳେ ଉଦ୍ଧାର କରିଥିଲେ ଗ୍ରାମବାସୀ
- ଅସୁସ୍ଥ ଅଛି, ନାଭିରେ ସଂକ୍ରମଣ

ପରଜଙ୍ଗ, ୧୪ା୯(ଡି.ଏନ.ଏ.)

ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ବାଇଗିଣିଆ ଗ୍ରାମ ଦଳିତ ବସ୍ତି ପାଖ ପଡ଼ିଆରୁ ଶନିବାର ଗ୍ରାମବାସୀ ଉଦ୍ଧାର କରିଥିବା ଅସୁସ୍ଥ ହାତୀ ଶାବକ ଜଙ୍ଗଲକୁ ବାହୁଡ଼ିଛି। ବନ କର୍ମଚାରୀ, ପ୍ରାଣୀଧନ ଚିକିତ୍ସା ଅଧିକାରୀଙ୍କ ଉପସ୍ଥିତିରେ ହାତୀଛୁଆକୁ ପଲରେ ମିଶାଇବାକୁ ଉଦ୍ୟମ କରାଯାଇଥିଲା। ରାତି ପ୍ରାୟ ସାଢ଼େ ୮ଟାରେ ମା' ହାତୀ ଛୁଆକୁ ସାଙ୍ଗରେ ନେଇଯାଇଥିବା ରେଞ୍ଜର ହରମୋହନ ନାୟକ ସୂଚନା ଦେଇଛନ୍ତି।

ଉକ୍ତ ଅଞ୍ଚଳରେ ଶୁକ୍ରବାର ରାତିରେ ହାତୀପଲ ବିଚରଣ କରୁଥିଲେ। ହାତୀପଲ ଫେରିବାବେଳକୁ ଶାବକ ଗୋଠରୁ ଅଲଗା ହୋଇଯାଇଥିଲା। ସକାଳୁ ଗ୍ରାମବାସୀ ହାତୀଛୁଆକୁ ଉଦ୍ଧାର କରି ବନ ବିଭାଗ ଜିମା ଦେଇଦେଇଥିଲେ। ରେଞ୍ଜର ହରମୋହନ ନାୟକ, ଫରେଷ୍ଟର ରାମଚନ୍ଦ୍ର ରାଉତ, ଗାର୍ଡ ଲୁସ୍ମିତା ସିଂ, ହାତୀ ସ୍କ୍ୱାଡ୍ କର୍ମଚାରୀ ଶାବକକୁ ପରଜଙ୍ଗ ପ୍ରାଣୀଧନ ଚିକିତ୍ସାଳୟରେ ଚିକିତ୍ସା କରାଇଥିଲେ। ପ୍ରାଣୀଧନ ଚିକିତ୍ସକ ରଞ୍ଜିତ କୁମାର ସାହୁ, ସହକାରୀ ଚିକିତ୍ସକ ସରୋଜ ମହାନ୍ତିଙ୍କ ନେତୃତ୍ୱରେ ହାତୀଟିର ଚିକିତ୍ସା କରାଯାଇଥିଲା। ହାତୀ ଛୁଆର ଆନୁମାନିକ ବୟସ ପ୍ରାୟ ମାସେ ହେବ। ତା'ର ନାଭିରେ ସଂକ୍ରମଣ ହୋଇଯାଇଛି। ରକ୍ତ ଝରୁଛି। ସେ ଅସୁସ୍ଥ ଅଛି। ଠିକ୍‌ରେ ଚାଲି ପାରୁନାହିଁ। ବନ ବିଭାଗ ପକ୍ଷରୁ ତରଳ ଲାକ୍ଟୋଜେନ୍ ଦିଆଯିବା ପରେ ଛୁଆ ସାମାନ୍ୟ ସୁସ୍ଥ ହୋଇଥିଲା। ସନ୍ଧ୍ୟାରେ ବନ ବିଭାଗ ଟିମ୍ ହାତୀ ଶାବକକୁ ପଲରେ ମିଶାଇବାକୁ ଉଦ୍ୟମ ଚଳାଇଥିଲେ। ରାତିରେ ବାଇଗିଣିଆ ଗ୍ରାମ ସଂରକ୍ଷିତ ଜଙ୍ଗଲ ନିକଟରେ ଶାବକ ସହ ମା'ର ମିଳନ ହୋଇଥିଲା। ହାତୀପଲ ଛୁଆକୁ ଧରି ଜଙ୍ଗଲ ମୁହାଁ ହୋଇଥିବା ଜଣାପଡ଼ିଛି। ମହାବିରୋଡ ଫରେଷ୍ଟର ଅଜିତ କୁମାର ଧଳ, ପଙ୍ଗାତୀରା ଫରେଷ୍ଟର ଅମର ପ୍ରସାଦ ନନ୍ଦ, ଦଦରାଘାଟି ଫରେଷ୍ଟର ବିଶ୍ୱନାଥ ସୋରେନ୍ ପ୍ରମୁଖ ସହଯୋଗ କରିଥିଲେ।

## ବ୍ରାହ୍ମଣୀରୁ ମୃତଦେହ ଉଦ୍ଧାର ଘଟଣା

# କେହି ଦେଇପାରିଲେନି ପ୍ରମାଣ

ଭୁବନ, ୧୪ା୯(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ ଥାନା ଓଡ଼ଣା-ମାଳପୁରା ଗ୍ରାମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀରୁ ଶୁକ୍ରବାର ମିଳିଥିବା ଗଳିତ ମୃତଦେହକୁ ନେଇ ଅଡୁଆ ବଢ଼ିବାରେ ଲାଗିଛି। ଶନିବାର ଦିନତମାମ କସରତ ସତ୍ତ୍ୱେ ମୃତଦେହ ଚିହ୍ନଟ ହୋଇପାରିନାହିଁ। ମୃତଦେହର ୨ ଦାବିଦାର ପ୍ରମାଣ ଦେଇପାରିନାହାନ୍ତି। ଫଳରେ ୭୨ଘଣ୍ଟା ପାଇଁ ଶବକୁ ପୋଲିସ ନିଜ ହେପାଜତରେ ରଖିଛି। ଅନ୍ୟପଟେ ମୃତଦେହର ଡିଏନ୍ଏ ଟେଷ୍ଟ କରିବାକୁ ରାଜି ହୋଇଛନ୍ତି ଉଭୟ ଦାବିଦାର ପରିବାର। ରିପୋର୍ଟ ଆସିବା ପରେ ମୃତକଙ୍କ ପରିଚୟ ମିଳିପାରିବ ବୋଲି ପୋଲିସ ଆଶାବ୍ୟକ୍ତ କରିଛି।

ପରଜଙ୍ଗ ବ୍ଲକ କୁନ୍ଦନଦେଇପୁର ନଦୀଘାଟରେ ଗତ ୭ ତାରିଖରେ ଡଙ୍ଗାବୁଡ଼ି ଘଟଣାରେ ୩ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ନିଖୋଜ ଥିବା ରୋଡ୍ ଗ୍ରାମର ବିନୋଦ ସାହୁଙ୍କ ପୁଅ ରମେଶଙ୍କ ଏଯାଏ କୌଣସି ପତ୍ତା ମିଳିପାରିନାହିଁ। ସେହିପରି କାମାକ୍ଷାନଗର ଥାନା ନୂଆଆଳତୁମା ଗ୍ରାମ ଦୁଇଗୋଡ଼ିଆ ସାହିର ପରିଆ ମଲ୍ଲିକଙ୍କ ପୁଅ କରୁଣାକର ଗତ ଶନିବାର ବ୍ରାହ୍ମଣୀର ଶାଖା ନଦୀ ରାମିଆଳରେ ଭାସି ଯାଇଥିଲେ। ଓଡ଼ଣା-ମାଳପୁରା ଗ୍ରାମ ନିକଟରୁ ଉଦ୍ଧାର କରାଯାଇଥିବା ମୃତଦେହକୁ ଉଭୟେ ନିଜର ବୋଲି ଦାବି କରୁଛନ୍ତି। ଏହାକୁ ନେଇ ଅଡୁଆ ବଢ଼ିବାରେ ଲାଗିଛି।

ଏ ନେଇ ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ କୁହନ୍ତି, ସୁଶାନ୍ତଙ୍କ ବାପା ବିନୋଦ ଏବଂ କରୁଣାକରଙ୍କ ବାପା ପରିଆ ନିଜର ସମ୍ପର୍କୀୟଙ୍କ ସହ ପହଞ୍ଚି ମୃତଦେହ ଚିହ୍ନଟ କରିବାକୁ ଉଦ୍ୟମ କରିଥିଲେ। ହେଲେ ମୃତଦେହ ଅଧିକ ଫୁଲିଯାଇଥିବାରୁ ସେମାନେ ଦେଇଥିବା ତଥ୍ୟ ମେଳ ଖାଇ ନ ଥିଲା। ଏହାପରେ ଉଭୟ ପରିବାରକୁ ନେଇ ଆଲୋଚନା କରାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ୭୨ ଘଣ୍ଟା ପାଇଁ ସଂରକ୍ଷଣ କରି ରଖାଯିବ। ଯଦି ସେହି ସମୟ ମଧ୍ୟରେ କେହି ବଳିଷ୍ଠ ପ୍ରମାଣ ଦିଅନ୍ତି ତେବେ ସମ୍ପୃକ୍ତ ପରିବାରକୁ ଶବ ହସ୍ତାନ୍ତର କରାଯିବ। ଏହା ନ ହେଲେ ୭୨ ଘଣ୍ଟା ପରେ ପୋଲିସ ନିଜ ତତ୍ତ୍ୱାବଧାନରେ ମୃତଦେହ ସଂସ୍କାର କରିବ। ମୃତଦେହର ନମୁନା ଡିଏନ୍ଏ ଟେଷ୍ଟ ପାଇଁ ପଠାଇବାକୁ ଉଭୟ ପରିବାର ସହମତି ଜଣାଇଛନ୍ତି। ରିପୋର୍ଟ ଆସିବା ପରେ ଦାବିଦାରଙ୍କ ରକ୍ତ ନମୁନା ସହ ଏହାକୁ ମେଳ କରାଯିବ। ଏଥିରୁ ପ୍ରକୃତ ସତ୍ୟତା ଜଣାପଡ଼ିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।



ଭୁବନ ଡାକ୍ତରଖାନାରେ ମୃତଦେହର ଦାବିଦାରମାନେ।

- ୭୨ ଘଣ୍ଟା ସଂରକ୍ଷଣ କରି ରଖାଯିବ
- ଡିଏନ୍ଏ ଟେଷ୍ଟ ପାଇଁ ରାଜିହେଲେ ଦାବିଦାର

## ଗୋଷ୍ଠୀ ବିବାଦରୁ ସଂଘର୍ଷ: ଯୁବକ ଗୁରୁତର, ରାସ୍ତାରୋକୋ

ଢେଙ୍କାନାଳ ଅଫିସ, ୧୪ା୯

ଗଣେଶପୂଜା ଭସାଣିକୁ କେନ୍ଦ୍ରକରି ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳରେ ଶନିବାର ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ଏହାକୁ ନେଇ ଚାପା ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ଅପରାହ୍ନ ୧ଟାରୁ ଦୁଇଘଣ୍ଟା ଧରି ୫୫ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ପୋଲିସ ସୂଚନା ଅନୁଯାୟୀ, ପାଇକଦହିକୋର ଗ୍ରାମରେ ଗଣେଶପୂଜା ଭସାଣିରେ ବଳଦିଆବନ୍ଧ ଗ୍ରାମର କେତେଜଣ ଯୁବକ ଗଣ୍ଡଗୋଳ କରିଥିଲେ। ପୋଲିସ ହସ୍ତକ୍ଷେପ ପରେ ବିବାଦର ସମାଧାନ ହୋଇଥିଲା। ଶନିବାର ବଳଦିଆବନ୍ଧର କେତେଜଣ ଯୁବକ ପାଇକଦହିକୋର ଗ୍ରାମର ଗଣେଶ୍ୱର ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ଏ ନେଇ ଗଣେଶ୍ୱରଙ୍କ ମା ସୌଦାମିନୀ ପ୍ରଧାନ ଗୋବିନ୍ଦପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ପାଇକଦହିକୋର ଅଞ୍ଚଳବାସୀ ୫୫ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ସଦର ଥାନା ଅଧିକାରୀ ସନ୍ଧ୍ୟାରାଣୀ ବେଉରିଆ, ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ସବିତା ପାତ୍ର ସଦଳବଳ ପହଞ୍ଚି ରାସ୍ତା ଅବରୋଧକାରୀଙ୍କ ସହିତ ଆଲୋଚନା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏ ନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି। ଫାଣ୍ଡି ଅଧିକାରୀ କୁହନ୍ତି, ଅଭିଯୁକ୍ତଙ୍କୁ ଧରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ରାସ୍ତା ଅବରୋଧ ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

## ବିନୟାନନ୍ଦ ଥିଲେ ଜଣେ ପ୍ରଭାବଶାଳୀ ସଂଗଠକ

ଢେଙ୍କାନାଳ ଅଫିସ, ୧୪ା୯

ଢେଙ୍କାନାଳ ମୁକ୍ତାଦେଇପୁର ଶାସନ ମହାଜନ ମହାସଭା ପକ୍ଷରୁ ଶନିବାର ସ୍ଥାନୀୟ ଶ୍ରୀଗୋପୀନାଥଜୀଉଙ୍କ ମନ୍ଦିରରେ ବରିଷ୍ଠ ଆଇନଜୀବୀ ବିନୟାନନ୍ଦ ମହାପାତ୍ରଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ମହାସଭାର ସଭାପତି ଶଶିମୌଳି ରଥ ଏଥିରେ ସଭାପତିତ୍ୱ କରିଥିଲେ। ବିନୟାନନ୍ଦ ଜଣେ ପ୍ରେରଣାଦାୟୀ ସାମାଜିକ କର୍ମୀ ଏବଂ ପ୍ରଭାବଶାଳୀ ସଙ୍ଗଠକ ଥିଲେ ବୋଲି ମତପ୍ରକାଶ ପାଇଥିଲା। ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ରାମେଶ୍ୱର ମିଶ୍ର, ରମାକାନ୍ତ ମିଶ୍ର, ଡ. ଅଜୟ ନନ୍ଦ, କୈଳାସ ରଥ, ତାରାପ୍ରସନ୍ନ ପାଣି, କାମାକ୍ଷାପ୍ରସାଦ ମିଶ୍ର, ମାନସ ରଥ, ମୁରଲିଧର ପାଣି ପ୍ରମୁଖ ଉପସ୍ଥିତ ଥିଲେ।

NOTICE
IN THE DEBTS RECOVERY TRIBUNAL, CUTTACK
C-71, SECTOR-7, CDA, CUTTACK-753014
O.A. No. 422 of 2018

IDBI Bank Limited, Puri Branch,
At/P.O.: Puri, Dist.: Puri ...Applicant
AND
M/s. Dash Transporters and others ...Defendants

To
1. **M/s. Dash Transporters,** At: Duttatota, GP- Puri, Nagarpalika, Kumbharpada, Dist.: Puri, PIN-752001, represented through its Prop.: Mr. Saumaya Ranjan Dash.
2. **Sri Saumaya Ranjan Dash,** S/o: Madhabananda Dash, At: Duttatota, GP- Puri, Nagarpalika, Kumbharpada, Dist.: Puri, PIN-752001.
3. **Sri Rasa Ranjan Dash,** S/o- Sri Madhabanand Dash, Prabhat Lane, Duttatota, Dist.: Puri, PIN-752001.
4. **Sri Siba Prasad Mishra,** S/o- Late Banchanidhi Mishra, At: Naranpur, P.O./P.S.: Brahmagiri, Dist.: Puri-752001.

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted a suit in **O.A. No. 422 of 2018** in the Court of Debts Recovery Tribunal at Cuttack for a recovery of **Rs.58,33,797.00** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **16th day of Oct. 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **03rd day of September 2019.**

Sd/- Registrar
Debts Recovery Tribunal
(Manoj Kumar Patnaik)

## ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ

# ୨୬୩ ମାମଲାର ଫଇସଲା



ଜିଲା ଦୌରାଜଜ୍ ମଳୟ ରଞ୍ଜନ ଦାସ ଏକ ମାମଲା ସମାଧାନ କରୁଛନ୍ତି।

ଢେଙ୍କାନାଳ ଅଫିସ, ୧୪ା୯

ଢେଙ୍କାନାଳ ଜିଲାର ବିଭିନ୍ନ ଅଦାଲତରେ ଶନିବାର ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ମୋଟ ୨୬୩ଟି ମାମଲାର ଫଇସଲା କରାଯାଇଛି। ତନ୍ମଧ୍ୟରୁ ୩୯ ମୋଟର ଦୁର୍ଘଟଣା, ୧୩ ପାରିବାରିକ, ୧୯୧ ଦେୱାନୀ, ୨୦ ଫୌଜଦାରି ଏବଂ ବ୍ୟାଙ୍କ ସମ୍ପର୍କିତ ମାମଲା ରହିଛି। ମୋଟର ଦୁର୍ଘଟଣାଜନିତ ପ୍ରାପ୍ୟ ବାବଦକୁ ୧ କୋଟି ୫୨ଲକ୍ଷ ୫୭ହଜାର ପ୍ରଦାନ କରାଯାଇଛି। ସେହିପରି ଜରିମାନା ଏବଂ ବ୍ୟାଙ୍କରଣ ଫଏସଲା ବାବଦକୁ ୬୭ଲକ୍ଷ ୪୨ହଜାର ୭୨୮ ଟଙ୍କା ଆଦାୟ କରାଯାଇଛି।

ଜିଲା ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ମଳୟ ରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ସିଭିଲ କୋର୍ଟ ପରିସରରେ ଲୋକ ଅଦାଲତ ଆୟୋଜିତ ହୋଇଥିଲା। ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ବିରଞ୍ଚି କୁମାର ରଥ, ଏଡିଜେ ରାଜକିଶୋର ମହାପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମୁକ୍ତିରଞ୍ଜନ ଶତପଥୀ, ବିଚାରପତି ଅଞ୍ଜନା ସ୍ୱାଇଁ, ସୁଜାତା ପ୍ରିୟମ୍ବଦା ସ୍ୱାଇଁ, ଅଭିଜିତ ପୁରୋହିତ, ସୁଶାନ୍ତ ନାୟକ, ମୈତ୍ରୀ ସାମନ୍ତରାୟ, ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ, ନିଶା ଅଗ୍ରୱାଲ ପ୍ରମୁଖ ମାମଲାଗୁଡ଼ିକୁ ପରିଚାଳନା କରିଥିଲେ।

ସିଭିଲକୋର୍ଟ ରେଜିଷ୍ଟ୍ରାର ସଞ୍ଜିତ ବେହେରା, ବରିଷ୍ଠ ଦେୱାନୀ ବିଚାରପତି (ମହିଳା ଅଦାଲତ) ଗୀତାଞ୍ଜଳି ନନ୍ଦ ଉପସ୍ଥିତ ଥିଲେ। ଆଇନସେବା ପ୍ରାଧିକରଣ ସଚିବ ଅରୁଣ ପଟ୍ଟନାୟକ, ସରକାରୀ ଆଇନଜୀବୀ ପତିତପାବନ ମହାପାତ୍ର, କନ୍‌ସିଲିଟର ସୁବାସିନୀ ମହାକୁଡ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତକୁ ପରିଚାଳନା କରିଥିଲେ। ପ୍ରାଧିକରଣ ପ୍ୟାନେଲ ଲୟର, ପାରାଲିଗାଲ ଭଲ୍ୟୁଣ୍ଟିୟରଙ୍କ ସମେତ ସମସ୍ତ କୋର୍ଟ କର୍ମଚାରୀ ସହଯୋଗ କରିଥିଲେ।

### ୩ ଦମ୍ପତିଙ୍କ ମନ ମିଶିଲା

ରାଷ୍ଟ୍ରୀୟ ଲୋକ ଅଦାଲତରେ ୩ ଦମ୍ପତିଙ୍କ ମନମିଶିଛି। ସମ୍ପୃକ୍ତ ସ୍ତ୍ରୀ ଏବଂ ସ୍ୱାମୀଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା। ପାରିବାରିକ ଅଦାଲତର ବିଚାରପତି ଦୀପ୍ତୀରଞ୍ଜନ କାନୁନ୍‌ଗୋ ଏବଂ ଜିଲା ମଧ୍ୟସ୍ଥତା କେନ୍ଦ୍ରର ସଦସ୍ୟ ଓମ୍ ପ୍ରକାଶ ଶରଣଙ୍କ ଉପସ୍ଥିତିରେ ଆପୋସ ବୁଝାମଣା ମାଧ୍ୟମରେ ମାମଲାର ସମାଧାନ କରାଯାଇଛି। ସେହିପରି ଅନ୍ୟ ୪ ମାମଲାରେ ଭରଣ ପୋଷଣ ବାବଦରେ ୫ଲକ୍ଷ ୩୪ହଜାର ଟଙ୍କା ଆଦାୟ କରି ପ୍ରଦାନ କରାଯାଇଛି। ଅଦାଲତରେ ମୋଟ ୧୦ ମାମଲାର ଫଇସଲା କରାଯାଇଥିବା ଜଣାପଡ଼ିଛି।

OFFICE OF THE MUNICIPAL COUNCIL, TITILAGARH Letter No.1591, Dated : 13.09.19, QUOTATION CALL

NOTICE:- Sealed quotations in prescribed format are invited from the interested party / Manufacture / Suppliers for supplying. Installation and commissioning of playing equipments of community parks. The quotation Paper can be obtained from Municipality Office, Titilagarh Municipality from dated 16.09.2019 to dated 24.09.2019 up to 1.00p.m. during office working hour on payment of Rs.2000.00 (Rupees two thousand) only non refundable) to towards cost of quotation paper. The quotation should be reached at office of the NAC Titilagarh through Speed/ Regd. Post or in person or before dt. 25.09.2019 by 3.30p.m. and same will be opened the same day at 4.00p.m. in presence of quotationer or their authorized agent who may wish to attend. The quotation may be accompanied by Earnest Money Deposit (EMD) of Rs.10,000/- (Rupees ten thousand) only in shape of demand draft/Bankers Cheque/Pay order in favour of Executive Officer, Titilagarh Municipality Payable at Titilagarh along with the self attested Xerox copy of license / registration certificate, PAN Card, GST Registration, previous supply record to other Govt. office / EPM Rate contract company price list if available, failing which the quotation may be liable for rejection. The rate should be quoted inclusive of supplying, installation and commissioning in all respect with all taxes. The payment will be made after inspection and successful functioning of the materials instrument after receipt of Bill. Any other details can be obtained from the DQCN. The authority reserves the right to accept or reject any or all quotation without assigning any reason thereof. **Sd./- Executive Officer, Titilagarh Municipality**

OFFICE OF THE MUNICIPAL COUNCIL, SUNDARGARH

No.4529 Dt: 13.09.2019

COMPETITIVE BIDDING THROUGH e-Procurement

NOTICE INVITING TENDER

Bid Reference No. SNGM-07/2019-20 / Dt.13.09.2019

On behalf of the Sundargarh Municipality, on-line e-tender Percentage Rate Bids are invited by the Executive Officer, Sundargarh Municipality from the intending and eligible class/ category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered/empanelled under Sundargarh Municipality are also eligible to participate for the works.

1. Total No. of works for which Tenders invited: 17 Nos.
2. Place of Execution: Inside of Sundargarh Municipality.
3. Estimated Cost of Works: Rs. 4,07,050/- to Rs. 45,19, 904/-
4. Eligible Class of Contractors: Registered Contractors of Class- 'D' to Class- 'B' as indicated against each work mentioned in the Tender Call Notice.
5. Intending bidders have to participate through "On-Line" bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from 11 P.M on 14.09.2019 to 5 P.M on 20.09.2019 for online bidding.
7. Bids received online will be opened at 02 P.M on 23.09.2019.
8. The bidder must possess valid and compatible Digital Signature Certificate (DSC).
9. The DTCN. for 17 Nos. of work shall be available in the e-procurement portal https://www.tendersodisha.gov.in for on-line bidding.

Sd./- Executive Officer
Sundargarh Municipality

OFFICE OF THE MUNICIPAL COUNCIL, TITILAGARH

No.1600 Dated : 13.09.2019

"e" - Tender Notice

Bid Identification No.MUN-TIG No.001/2019-20

Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in

| | | | |
|---|---|---|---|
| 1. | Name of the work | : | Civil construction works as mentioned in website |
| 2. | No. of works. | : | 6 Nos. |
| 3. | Estimated Cost | : | 1.85 Lakhs to 38.15 Lakhs. |
| 4. | Period of Completion | : | 60 Days to 90 Days |
| 5. | Date & Time of availability of Bid Documents in the Portal | : | From 16.09.2019, 11:00 A.M. to 23.09.2019, 5:00 P.M. |
| 6. | Last date & time for receipt of bids in the portal. | : | On 23.09.2019 at 5:00 P.M. |
| 7. | Last date & time for deposit of Fees & Documents (in sealed envelope) at Office | : | On 25.09.2019 at 12:00 P.M. |
| 8. | Bids received online shall be opened on | : | 26.09.2019 at 11:00 A.M. |
| 9. | Name and address of the officer inviting Bid | : | Executive Officer, Titilagarh Municipality. |

Further details can be seen from the procurement portal i.e. https://tendersodisha.gov.in

Sd./- Executive Officer
Titilagarh Municipality

## ସାପ୍ତାହିକ କାର୍ଯ୍ୟକ୍ରମ

**ଅନୁଗୋଳ**

୧୬।୯।୧୯
- ମିଳିତ ଜନଶୁଣାଣି ଶିବିର
  ସ୍ଥାନ- କିଶୋରନଗର ବ୍ଲକ କାର୍ଯ୍ୟାଳୟ
  ସମୟ- ପୂର୍ବାହ୍ନ ୧୦ଟା

୧୭।୯।୧୯
- ବିଶ୍ୱକର୍ମା ପୂଜା
  ସ୍ଥାନ- ଅନୁଗୋଳ
  ସମୟ- ପୂର୍ବାହ୍ନ ୯ଟା
- ଭାଜପା ପକ୍ଷରୁ ରକ୍ତଦାନ ଶିବିର
  ସ୍ଥାନ- ଜିଲା କଳାକେନ୍ଦ୍ର
  ସମୟ- ପୂର୍ବାହ୍ନ ୮ ଟା

୧୮।୯।୧୯
- ଭାଜପା ପକ୍ଷରୁ ପ୍ଲାଷ୍ଟିକ ବର୍ଜନ ଦିବସ ପାଳନ
  ସ୍ଥାନ- ବିଭିନ୍ନ ବିଦ୍ୟାଳୟ
  ସମୟ- ପୂର୍ବାହ୍ନ ୧୦ଟା

୨୦।୯।୧୯
- ଭାଜପା ପକ୍ଷରୁ ସ୍ୱଚ୍ଛଭାରତ ଅଭିଯାନ
  ସ୍ଥାନ- ଅନୁଗୋଳ ସହର
  ସମୟ- ପୂର୍ବାହ୍ନ ୬ ଟା

## ସଂକ୍ଷେପରେ

### ମୃତଦେହ ସତ୍କାର କରିବାକୁ ଯାଇ ପାଣିରେ ବୁଡ଼ିଗଲେ

**ପାଲଲହଡ଼ା, ୧୪।୯(ଡି.ଏନ.ଏ.):** ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ଥାନା ପଦାପଶି ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ସେହି ଗ୍ରାମର ଜଣେ ମୃତକଙ୍କ ସତ୍କାର କାର୍ଯ୍ୟରେ ଯୋଗ ଦେବାକୁ ଯାଇଥିବା କାଳିଆ ସାହୁ(୪୪) ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ଏହାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଘଟଣାରୁ ଜଣାପଡିଛି, ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତଦେହ ସତ୍କାର କାର୍ଯ୍ୟକ୍ରମରେ କାଳିଆ ଯୋଗ ଦେବାକୁ ଯାଇଥିଲେ। ସେଠାରୁ ଫେରି ଗ୍ରାମବାସୀଙ୍କ ସହ ଅନ୍ଧାରି ନାଳରେ ଗାଧୋଉଥିବାବେଳେ ତାଙ୍କ ଗୋଡ଼ ଖସି ଯାଇଥିଲା। ଫଳରେ ସେ ପାଣିରେ ବୁଡ଼ି ଯାଇଥିଲେ। ପାଖରେ ଥିବା ଗ୍ରାମବାସୀ ତାଙ୍କୁ ପାଣିରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖମାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସଂକ୍ରାନ୍ତରେ ନଂ.୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଗୌରାଙ୍ଗ ବେହେରା ସୂଚନା ଦେଇଛନ୍ତି।

### ରାଷ୍ଟ୍ରୀୟ ଲୋକ ଅଦାଲତ

**ଛେଣ୍ଡିପଦା,୧୪।୯(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଦରମହକୁମାରେ ଦେୱାନୀ ବିଚାରପତି (କନିଷ୍ଠ ବିଭାଗ) ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ପ୍ରଥମ ଥର ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଫୌଜଦାରି ଓ ଗୋଟିଏ ଦେୱାନି ମାମଲା ଆସିଥିଲା। ବିଚାରପତି ଶାନ୍ତା ସାମଲ ଗୋଟିଏ ଫୌଜଦାରି ଓ ଦେୱାନି ମାମଲାର ଫଇସଲା କରିଥିଲେ। ସରକାରୀ ଓକିଲ ଲକ୍ଷ୍ମୀଧର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛେଣ୍ଡିପଦା ବାର ଆସୋସିଏଶନର ଆଇନଜୀବୀମାନେ ସହଯୋଗ କରିଥିଲେ।

### ସାପ କାମୁଡ଼ାରେ ଛାତ୍ରୀ ମୃତ

**ବନ୍ତଲା, ୧୪।୯(ଡି.ଏନ.ଏ.):** ସାପ କାମୁଡ଼ାରେ ଅନୁଗୋଳ ଜିଲା ବନ୍ତଲା ଥାନା ପୋକତୁଙ୍ଗା ଢିପସାହିର ଅଷ୍ଟମ ଶ୍ରେଣୀ ଛାତ୍ରୀ ସସ୍ମିତା ସାହୁ(୧୩)ଙ୍କ ଶନିବାର ମୃତ୍ୟୁ ଘଟିଛି। ଅପରାହ୍ନରେ ସେ ସ୍କୁଲରୁ ଫେରି ଘର ପାଖରେ ଖେଳୁଥିବାବେଳେ ଏକ ନାଗ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ବନ୍ତଲା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ବନ୍ତଲା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

### ମଝିକାରେ ବିଶ୍ୱଶାନ୍ତି ମହାଯଜ୍ଞ

**ତାଳଚେର,୧୪।୯(ନି.ପ୍ର.)-** ତାଳଚେର ବ୍ଲକ କଳମଛୁଇଁ ପଞ୍ଚାୟତ ମଝିକା ଗ୍ରାମରେ ଏକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସକାଳୁ ଗ୍ରାମର ଶତାଧିକ ପୁରୁଷ ଓ ମହିଳା କଳସ ଶୋଭାଯାତ୍ରାରେ ପାଣି ଆଣି ଗ୍ରାମ ଠାକୁର ଘର ନିକଟସ୍ଥ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପୂଜକ ବୈଷ୍ଣବ ଚରଣ ଶତପଥୀଙ୍କ ପୌରୋହିତ୍ୟରେ ହୃଦୟ କୁମାର ଶତପଥୀ ପୂଜାକାର୍ଯ୍ୟ କରିଥିଲେ। ଗୌରଚନ୍ଦ୍ର ପ୍ରଧାନ ଓ ଯଶୋମତୀ ପ୍ରଧାନ କର୍ତ୍ତା ସାଜିଥିଲେ। ସାନତ୍ରିବିଡା, ହରିଚନ୍ଦନପୁର, କଳମଛୁଇଁ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରିଥିଲେ। ମଝିକା ଗ୍ରାମ ସଭାପତି ଟଙ୍କଧର ପ୍ରଧାନ, ସମ୍ପାଦକ କାଠି ମହାନ୍ତ ପ୍ରମୁଖଙ୍କ ସହ ଗ୍ରାମବାସୀ ଯଜ୍ଞ କାର୍ଯ୍ୟରେ ସକ୍ରିୟ ସହଯୋଗ କରିଥିଲେ।

ରୁଲିଂ ପ୍ଲାଣ୍ଟର ବିଶ୍ୱକର୍ମା ପୂଜା ପ୍ରସ୍ତୁତି

# ଆକର୍ଷଣ ସାଜିବ ଶବରଙ୍କ ଜୀବନୀ

**ବଅଁରପାଳ, ୧୪।୯ (ଡି.ଏନ୍.ଏ)**



ରୁଲିଂ ପ୍ଲାଣ୍ଟର ମେଢ଼।



ବସନ୍ତ ବାରିକ



ତାପସ କୁମାର ପ୍ରଧାନ



ଦେବଦର୍ଶୀ ଦେବତା

ଆଉ ୩ ଦିନ ପରେ ଧରାପୃଷ୍ଠରେ ଅବତରଣ କରିବେ ବିଶ୍ୱ ନିର୍ମାତା। ଦେବଶିଳ୍ପୀଙ୍କୁ ଆବାହନ କରିବା ପାଇଁ ସମଗ୍ର ନାଲକୋବାସୀ ଉତ୍ସାହିତ ହୋଇପଡ଼ିଛନ୍ତି। ବିଶ୍ୱନିର୍ମାତାଙ୍କ ପୂଜାକୁ କିପରି ଆକର୍ଷଣୀୟ କରାଯିବ ସେଥିପାଇଁ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନେ ଉଦ୍ୟମ ଜାରି ରଖିଛନ୍ତି। ଏଥିପାଇଁ ସମଗ୍ର ନାଲକୋନଗର ଉତ୍ସବମୁଖର ହୋଇପଡ଼ିଛି। ଚଳିତ ବର୍ଷ ରୁଲିଂ ପ୍ଲାଣ୍ଟ ପକ୍ଷରୁ ପୂଜାକୁ ଧୁମ୍‌ଧାମ ସହିତ ପାଳନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ତୋରଣ ସାଜସଜ୍ଜା ସାଙ୍ଗକୁ ସୁସଜ୍ଜିତ ପୂଜା ମଣ୍ଡପ ନିର୍ମାଣ କରାଯାଉଛି। ଶବର ପଲ୍ଲୀରେ ଶବରମାନଙ୍କ ଜୀବନ ଶୈଳୀକୁ ଆଧାର କରି ପୂଜା ମଣ୍ଡପ ଓ ସାଜସଜ୍ଜା ଉପସ୍ଥାପନ କରାଯାଇଛି। ଏହା ଦର୍ଶକଙ୍କୁ ଆକର୍ଷିତ କରିବ ବୋଲି କମିଟି ଆଶା ରଖିଛି।

କମିଟି ସମ୍ପାଦକ ତାପସ କୁମାର ପ୍ରଧାନ କୁହନ୍ତି, ଆମ ମଣ୍ଡପରେ ୧୦୧ ଜଣ ସଦସ୍ୟ ସାମିଲ ହୋଇଛନ୍ତି। ପ୍ରାୟ ୪ ଲକ୍ଷ ଟଙ୍କା ବଜେଟରେ ପୂଜା ମଣ୍ଡପର ସମସ୍ତ କାରୁକାର୍ଯ୍ୟ ଅନୁଷ୍ଠିତ ହେଉଛି। ପୂଜାକୁ ଧୁମ୍‌ଧାମ୍ ଭାବେ ପାଳନ କରିବା ପାଇଁ ଉଦ୍ୟମ ଜାରି ରହିଛି। ଉପଦେଷ୍ଟା ଦେବୀଦର୍ଶୀ ଦେବତା କୁହନ୍ତି, ଶବର ପଲ୍ଲୀରେ ଶବରମାନଙ୍କ ଜୀବନୀ ଉପରେ ମେଢ଼ କରାଯାଉଛି। ସେମାନଙ୍କର ଜୀବନ ଜୀବିକା ଉପରେ ସମସ୍ତ ପ୍ରକାର ମୂର୍ତ୍ତି ଉପସ୍ଥାପନା କରାଯିବ। ଏହା ଦର୍ଶକମାନଙ୍କୁ ଉତ୍ସାହିତ କରିବ ବୋଲି ସେ କହିଛନ୍ତି। ସଭ୍ୟ ମଳୟ ବସନ୍ତ ବାରିକ କୁହନ୍ତି, ରଙ୍ଗୀନ ଆଲୋକସଜ୍ଜାରେ ପୂଜା ମଣ୍ଡପ ଝଲସିବ। ଏଥିପାଇଁ ସ୍ୱତନ୍ତ୍ର ଭାବେ ବିଭିନ୍ନ କାରୁକାର୍ଯ୍ୟ କରାଯାଉଛି। ପୂଜା ଅବସରରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନର ବ୍ୟବସ୍ଥା ରହିଛି।

# ନିଶା ଦେଇ ନାଲ୍‌କୋ ଅଧିକାରୀଙ୍କଠାରୁ ଲୁଟ୍

**ବଅଁରପାଳ, ୧୪।୯(ଡି.ଏନ.ଏ.)**

ଅନୁଗୋଳ ଜିଲା ବଅଁରପାଳ ସ୍ଥିତ ନାଲ୍‌କୋ ସିପିପି ସିଏଚପିରେ କାମ କରୁଥିବା ଜଣେ ଅଧିକାରୀ ମୋହିନୀ ଚରଣ ମଲ୍ଲିକଙ୍କଠାରୁ ଶୁକ୍ରବାର ରାତିରେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ତାଙ୍କୁ ନିଶା ଦେଇ ପ୍ରାୟ ୨୦ ହଜାର ଟଙ୍କା, ସୁନା ଚେନ, ମୋବାଇଲ, ଏଟିଏମ୍ କାର୍ଡ ଆଦି ନେଇଯାଇଛନ୍ତି। ଘଟଣାରୁ ପ୍ରକାଶ, ମୋହିନୀ ଶୁକ୍ରବାର ସନ୍ଧ୍ୟାରେ ଯାଜପୁରରୁ ବସ୍ ଯୋଗେ ଆସି କଟକ ମଙ୍ଗୁଳି ଛକରେ ଓହ୍ଲାଇଥିଲେ। ସେଠାରୁ ଜଣେ ଯୁବକଙ୍କ ସହ ଲିଫ୍ଟରେ ଯାଇଥିଲେ। ବାଟରେ ଆଉ ଜଣେ ଯୁବକ ସେମାନଙ୍କ ସାଙ୍ଗରେ ଆସିଥିଲେ। ଗୋବିନ୍ଦପୁର ନିକଟରେ ସେମାନେ ଏକ ଚା' ଦୋକାନରେ ଚା' ପିଇଥିଲେ। ସେଥିରେ ନିଶା ଥିବାରୁ ମୋହିନୀ ଚେତାଶୂନ୍ୟ ହୋଇଯିବା ପରେ ଦୁର୍ବୃତ୍ତମାନେ ଲୁଟ୍ କରି ତାଙ୍କୁ ରାସ୍ତାପାର୍ଶ୍ୱରେ ଥିବା ପକାଇ ପଳାଇଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନାଲ୍‌କୋ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ତେବେ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

## ଭାଗବତ ଜନ୍ମ ଉତ୍ସବ

**ବନ୍ତଲା/ଛେଣ୍ଡିପଦା, ୧୪।୯(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଲା ଥାନା ପୋକତୁଙ୍ଗା ରଣେଶ୍ୱର ଛକ ଭାଗବତ ପିଣ୍ଡିରେ ଶନିବାର ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ହୋମଯଜ୍ଞ ସହ ଭାଗବତ ପଠନ ହୋଇଥିଲା। ଅଧିକାରୀ ସାହୁଙ୍କ ନେତୃତ୍ୱରେ ବ୍ରାହ୍ମଣ ପୂଜକ ଲାଛବନ୍ଧ ବନ୍ଧର ରଞ୍ଜନ କର ପୂଜା ପାଠ କରିଥିଲେ। ସହିପରି ଦେହୁରୀ ସାହି ଭାଗବତ ଘରେ ସଭାପତି ଶ୍ରୀଧର ଦେହୁରୀ ଓ ସମ୍ପାଦକ ଦିନେଶ ଦେହୁରୀଙ୍କ ନେତୃତ୍ୱରେ ଏହି ଉତ୍ସବ ପାଳନ କରାଯାଇଛି। ପାଟଣା ସାହି, ସାହୁ ସାହି, ପ୍ରଧାନ ସାହିରେ ପ୍ରଫୁଲ୍ଲ ଦେହୁରୀ, ପ୍ରଶ୍ନ ପ୍ରଧାନ, ରଞ୍ଜିତ ପ୍ରଧାନ, ବସନ୍ତ ସାହୁ, ବିବେକ ଦେହୁରୀ, ଚକର ଦେହୁରୀ, ରତ୍ନାକର ଦେହୁରୀଙ୍କ ସହଯୋଗରେ ଉତ୍ସବ ପାଳିତ ହୋଇଯାଇଛି। ଛେଣ୍ଡିପଦା ବ୍ଲକ ଢୁକୁଡା ଗ୍ରାମ ଭାଗବତ ଟୁଙ୍ଗି, ଦୁର୍ଗାପୁର, ଜରପଡା,ପରା, କତଡା,ଛେଣ୍ଡିପଦା, ବାଗେଡିଆ, କୋଶଳା, ବ୍ରାହ୍ମଣବିଲ ଆଦି ସ୍ଥାନରେ ଏହିଉତ୍ସବ ପାଳିତ ହୋଇଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ଖାଏ ଲୋ ବାଇଗଣ,**
**ପୁଣି ତ ସେହି ତୁଅଣ;**
**ରୁଷିବାର କେଉଁ ଗୁଣ ।**

ତରକାରିରେ ବାଇଗଣ ପଡ଼ି ରୋଷେଇ ହୋଇଥିବା ଦେଖି ରୁଷି କରି ଖାଉ ନ ଥିବା ବ୍ୟକ୍ତି ପୁଣି ସେଇ ତରକାରି ଖାଇବା ଅନେକଙ୍କ ଆଖିରେ ଭ୍ରୂକୁଞ୍ଚନ ସୃଷ୍ଟି କରିଥାଏ। ସେଇ କଥା ତ ହେଲା, ଏତେ ସୁଆଙ୍ଗ କରି ଲାଭ କ'ଣ ? ସାଧାରଣତଃ ଯେଉଁ କଥାପାଇଁ ଜଣେ ରୁଷିଥାଏ ପୁନଶ୍ଚ ସେଇକଥାକୁ ଆଦରିନେବା ବା ସାଦରେ ଗ୍ରହଣ କରିନେବା ବ୍ୟକ୍ତି ପକ୍ଷେ ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନଈ ଆଡ଼େ ଚାଷ,**
**ଅନ୍ତୁଡି ପୁଅକୁ ଆଶ ।**

ନଈ ବନ୍ଧ ତଳେ କରାଯାଉଥିବା ଚାଷ ଉପରେ ଭରସା ନ ଥାଏ। ନଈରେ ବଢ଼ି ଆସିଲେ ଫସଲ ପାଣିରେ ବୁଡ଼ିଯାଇ ନଷ୍ଟ ହୋଇଯିବାର ଆଶଙ୍କା ରହିଥାଏ। ସେହିପରି ଜନ୍ମିତ ସନ୍ତାନର ଭବିଷ୍ୟତ କ'ଣ ହେବ କିପରି ହେବ ତାହା ଏବେଠୁ କହି ହୋଇ ନ ଥାଏ। ଏପରିସ୍ଥଳେ ତା' ଉପରେ ଆସ୍ଥା ପ୍ରକଟ କରିବା ମୁର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସ୍କୁଲରେ ସ୍ୱାସ୍ଥ୍ୟ ସେବା ଶିବିର

**ବନ୍ତଲା, ୧୪।୯(ଡି.ଏନ.ଏ.)**



ଅନୁଗୋଳ ଜିଲା ବନ୍ତଲା ଥାନା ପୋକତୁଙ୍ଗା ହାଇସ୍କୁଲରେ ଗୁରୁବାର ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭ୍ରାମ୍ୟମାଣ ସାସ୍ଥ୍ୟସେବା ପକ୍ଷରୁ ଟିଡି (ଟିଟାନାଶ ଡିଫଥେରିଆ) କ୍ୟାମ୍ପେନ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା କମିଟି ସଭାପତି ଦିନେଶ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସନାତନ ମୁଦୁଲି ଅଧକ୍ଷତା କରିଥିଲେ। ଡାକ୍ତର ବୀରେନ ସାହୁ, ଫାର୍ମାସିଷ୍ଟ ଛବିନ୍ଦ୍ର ସାମଲ, ସୁପରଭାଇଜର ଆକାଶ ଦେହୁରୀ, ଏଏନଏମ ଅଂଯୁକ୍ତା ସାହୁ, ବିଦ୍ୟୁତଲତା ସାହୁ, ଆଶା କର୍ମୀ ଅସ୍କରା ସାହୁ, ସବିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଦଶମ ଶ୍ରେଣୀର ୬୦ ଜଣ ଛାତ୍ରୀଛାତ୍ରଙ୍କୁ ଟିଡି ଟିକା ଦିଆଯାଇଥିଲା। କାଶ ସଂକ୍ରମିତ ରୋଗ ତଥା ଧନୁଷ୍ଟଙ୍କାରର ପ୍ରତିଷେଧକ ଭାବେ ଏହି ଟିକା ଦିଆଯାଇଥାଏ। ପୋକତୁଙ୍ଗା ପ୍ରାଥମିକ ବିଦ୍ୟାଳୟରେ ୧୩, ପୋକତୁଙ୍ଗା ଶିଶୁ ମନ୍ଦିରରେ ୧୫ ଓ ଧକୁଟା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ୩୫ ଜଣ ମୋଟ ୧୨୩ ଜଣଙ୍କୁ ଟିଡି ଦିଆଯାଇଛି। ଏଥିରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକମାନେ ସହଯୋଗ କରିଥିଲେ।

CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହରୁଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

FINANCE
ଲୋନ ଧମାକା ପ୍ରଥମେ ଆସନ୍ତୁ ପ୍ରଥମ ପାଆନ୍ତୁ Vasundhara Capital ଭାରତର ଏକ ନମ୍ବର କମ୍ପାନୀ ପ୍ରପର୍ଟି, ମାର୍କସିଟ୍, ପର୍ସନାଲ, ଆଧାରକାର୍ଡ, ବିଜିନେସ, ଷ୍ଟାଟପ୍, କ୍ଷୁଦ୍ର ବ୍ୟବସାୟ ଏବଂ ଦୋକାନୀମାନେ ଋଣ ଘରେ ବସି ୩୬ ଘଣ୍ଟା ମଧ୍ୟରେ ପାଆନ୍ତୁ। କମ୍ ସୁଧ ଏବଂ ସହଜ କିସ୍ତି । କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି ।
Office No. 2b/44, Indra Complex, Main Market Road, Ranchi, Jharkhand, 834001
9582606103
9654417419

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍. ପ୍ରପର୍ଟି. ପର୍ସନାଲ. ଗ୍ରୁପ୍. ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଭାରତର ସର୍ବଶ୍ରେଷ୍ଠ କଂପାନୀ ହିନ୍ଦୁସ୍ଥାନ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ । ୨ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9499452368

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ । ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ କୁ ସାବଧାନ !
10, 2nd Floor, Subramanya Arcade. Tower D, Bannerghatta Main Road Banglore, Karnataka - 560029
Call or SMS Now
9728782718

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
GOVT. APPROVED ପଞ୍ଜୀକୃତ କମ୍ପାନୀ
GLOBAL TOWER
ନିଜର ଖାଲି ଜମି, ଛାତ, କ୍ଷେତ୍ର, ଫ୍ଲଟ୍‌ରେ ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ ୨୦ ଲକ୍ଷ, ଭଡ଼ା + 75000 + 25,000ର ଅନ୍ୟାନ୍ୟ ସୁବିଧା + ରହିବା ଖାଇବା ଫ୍ରି + ବାଇକ୍
7325835499
B-36/7 A-Block Vijay Enclave Burari New Delhi 74

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course
(OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

## ସଂକ୍ଷେପରେ

### ଭାଷାବିତ୍ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ସାରସ୍ୱତ ସମ୍ମାନ



**ଢେଙ୍କାନାଳ ଅଫିସ,୧୪।୯:** ଭାଷାବିତ୍ ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ 'ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମାନ-୨୦୧୯'ରେ ସମ୍ମାନିତ କରାଯାଇଛି। କଟକ ଜିଲା ସାଲେପୁରସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଭବନରେ ମଙ୍ଗଳବାର ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ ଏବଂ ସାଲେପୁର ସାରସ୍ୱତ ସମାରୋହ ସମିତିର ଅଷ୍ଟାଦଶ ରାଜ୍ୟସ୍ତରୀୟ ସ୍ୱନକ୍ଷତ୍ର ଉତ୍ସବରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଅକ୍ଷୟ କୁମାର ଦାଶଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ରବିନାରାୟଣ ନନ୍ଦ, ସମ୍ମାନିତ ଅତିଥି କଟକ ରାଜସ୍ୱ ପର୍ଷଦର ଯୁଗ୍ମ ସଚିବ ବ୍ରହ୍ମାନନ୍ଦ ବେହେରା, ମୁଖ୍ୟବକ୍ତା ଭାଷାବିଜ୍ଞାନୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଯୋଗ ଦେଇଥିଲେ। ଶାସ୍ତ୍ରୀୟ ଓଡ଼ିଆ ଭାଷା ଉପରେ ଗବେଷଣା ପାଇଁ ପଣ୍ଡିତ ମିଶ୍ର ରାଷ୍ଟ୍ରପତି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ରାଜ୍ୟ ପାଇଁ ଗୌରବ ଆଣିଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

### ଶ୍ରୀମଦ୍ ଭାଗବତ ଜୟନ୍ତୀ



**ସାତମାଇଲ, ୧୪।୯(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ଖଜୁରିଆକଟାସ୍ଥିତ ନୀଳାଦ୍ରିବିହାର ଜଗନ୍ନାଥମନ୍ଦିର ପରିସରରେ ଶନିବାର ଶ୍ରୀମଦ୍ ଭାଗବତ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟି ସଭାପତି ପ୍ରିୟରଞ୍ଜନ ମାହନ୍ତ, ସମ୍ପାଦକ ମଙ୍ଗରାଜ ପ୍ରଧାନ, ଉପଦେଷ୍ଟା ଅଧାପକ ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟୁଷରୁ ଠାକୁରଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ଘୃତଯଜ୍ଞ, ଅନ୍ନଯଜ୍ଞ, ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ନିତ୍ୟପୂଜକ ନରେଶ ତ୍ରିପାଠୀ, ପଣ୍ଡିତ ଲକ୍ଷ୍ମୀଧର ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ ପ୍ରଦୀପ ପତି, ସବିତାଞ୍ଜଳି ପତି କର୍ତ୍ତା ରହିଥିଲେ। ଗୁରିଲୋ ଗ୍ରାମର କଣ୍ଠଶିଳ୍ପୀ ଦୁଃଖବନ୍ଧୁ ସାମଲଙ୍କ ନେତୃତ୍ୱରେ ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ ପୂର୍ଣ୍ଣାହୁତି ପରେ ଶ୍ରଦ୍ଧାଳୁଙ୍କ ପାଇଁ ସାମୂହିକ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ଭାଗବତ ଟୁଙ୍ଗୀ, ମନ୍ଦିରରେ ମହାସମାରୋହରେ ଭାଗବତ ଜୟନ୍ତୀ ପାଳିତ ହୋଇଯାଇଛି

### ଦୃଢ଼ ଇଚ୍ଛାଶକ୍ତି ବଳରେ ସଫଳତା ଅର୍ଜନ କରିହେବ




**ଢେଙ୍କାନାଳ ଅଫିସ, ୧୪।୯:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଯୁକ୍ତ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ଗୁରୁବାର ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଲେଜ ଅଧକ୍ଷ ଡ. ଶମ୍ଭୁ ପ୍ରସାଦ ପ୍ରଧାନ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧାପକ ଡ. ମାନସୀ କର ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦୃଢ଼ ଇଚ୍ଛାଶକ୍ତି ବଳରେ ସଫଳତା ଅର୍ଜନ କରିହେବ ବୋଲି ଅଧକ୍ଷ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଛାତ୍ରୀ ରୀନା ସାହୁ, ରଶ୍ମିତା ସାହୁ, ରିଙ୍କି ରାଉତ, ଗାୟତ୍ରୀ ସାମଲ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ନବାଗତମାନେ ନିୟମିତ କଲେଜକୁ ଆସିବା, ନୀତିନିୟମ ମାନି ଚଳିବାକୁ ବରିଷ୍ଠ ଛାତ୍ରୀଛାତ୍ରମାନେ ପରାମର୍ଶ ଦେଇଥିଲେ। ଅଧାପକ ରଞ୍ଜନ ସାହୁ, ନିରଞ୍ଜନ କଅଁର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର ଦେବୀଦତ୍ତ ଦାସ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

■ଦୁଇଦିନିଆ ପାଲା ମହୋତ୍ସବ ଆରମ୍ଭ

# 'ଓଡ଼ିଆଙ୍କ ପରିଚୟ ପାଲା'



ବାଲିମୀରେ ଆୟୋଜିତ ପାଲା ମହୋତ୍ସବରେ ପାଲା ପରିବେଷଣ।

**ସାତମାଇଲ, ୧୪।୯(ଡି.ଏନ୍.ଏ.)**

ପାରମ୍ପରିକ ଲୋକକଳା ପାଲା ଓଡ଼ିଆଙ୍କ ପରିଚୟ। ଆଧୁନିକତାର ବ୍ୟାପକ ପ୍ରଭାବ ମଧ୍ୟରେ ପାଲା ମାଧ୍ୟମରେ ପୁରାତନ ସଂସ୍କୃତି, ଇତିହାସ ବଞ୍ଚିରହିଛି। ଏହା ପଛରେ ରହିଛି କଳାକାରଙ୍କ କଠୋର ପରିଶ୍ରମ। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେମାନଙ୍କ ନିଷ୍ଠାପର ଉଦ୍ୟମ ହିଁ ପାଲା ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇ ପାରିଛି ବୋଲି କହିଛନ୍ତି ଢେଙ୍କାନାଳ ଏମ୍‌ପି ମହେଶ ସାହୁ। ହିନ୍ଦୋଳ ବ୍ଲକ ବାଲିମୀସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଫାର' କାର୍ଯ୍ୟାଳୟରେ ଶ୍ରୀଜଗନ୍ନାଥ ପାଲା ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଶନିବାରଠାରୁ ଆରମ୍ଭ ହୋଇଥିବା ଦୁଇଦିନିଆ ପାଲା ମହୋତ୍ସବ-୨୦୧୯କୁ ଉଦ୍‌ଘାଟନ କରି ସେ ଏହା କହିଛନ୍ତି।

ପାଲା ଗବେଷଣା କେନ୍ଦ୍ରର ଅଧକ୍ଷ ଲକ୍ଷ୍ମୀଧର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବ୍ଲକ ଅଧକ୍ଷ ପ୍ରିୟରଞ୍ଜନ ମାହନ୍ତ, ଗବେଷଣା କେନ୍ଦ୍ରର କାର୍ଯ୍ୟକାରୀ ସଭାପତି ସନ୍ଦୀପ ମିଶ୍ର, 'ଫାର'ର ସଭାପତି ମହେଶ ମିଶ୍ର, ମୁନିଗୁଡ଼ା କେନ୍ଦ୍ରର ସଂଯୋଜକ ବିଜୟ ବାବୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ଶାଖାର ସଂଯୋଜକ କାର୍ତ୍ତିକେଶ୍ୱର ସାମଲ ସ୍ୱାଗତ ଭାଷଣ ଦେଇଥିବାବେଳେ ଦାମୋଦର ଦାଶ ମଙ୍ଗଳାଚରଣ ଗାନ କରିଥିଲେ। ଉଦ୍‌ଘାଟନୀ ଦିବସରେ ଖ୍ୟାତନାମା ଗାୟକ ବିଚିତ୍ରାନନ୍ଦ ପଟ୍ଟନାୟକ, ପାର୍ଥବୀର ଅମାନ୍ତ ଏବଂ ସାଥୀ ସଚେତନବାର୍ତ୍ତା ବହନ କରୁଥିବା ପୁରାଣଶାସ୍ତ୍ରର କଥାବସ୍ତୁକୁ ନେଇ ପାଲା ପରିବେଷଣ କରିଥିଲେ। ଅଞ୍ଚଳର ବହୁ ସଂସ୍କୃତିପ୍ରେମୀ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## 'ଗାୟକଙ୍କ ଉଦ୍ୟମ ପ୍ରଶଂସନୀୟ'

**ଢେଙ୍କାନାଳ ଅଫିସ,୧୪।୯**

ଢେଙ୍କାନାଳ ଶାଖା ନିଖିଳ ଉତ୍କଳ ପାଲାଗାୟକ ପରିଷଦ ପକ୍ଷରୁ ଟାଉନ ପ୍ଲାନିଂ କଲୋନୀରେ ଶନିବାର ଗୁରୁ ପୂଜନ ମହୋତ୍ସବ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ପଣ୍ଡିତ ମନୋରଞ୍ଜନ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଭାଷାର ସୁରକ୍ଷା ପାଇଁ ପାଲା ଏକ ମାଧ୍ୟମ। ଭାଷାର ପ୍ରସାର ପାଇଁ ପାଲା ଗାୟକଙ୍କ ଉଦ୍ୟମ ପ୍ରଶଂସନୀୟ। ଶାସ୍ତ୍ର ଉପରେ ଠିକ୍ ଭାବେ ଅନୁଶୀଳନ କରି ପାଲା ପରିବେଷଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ଟାଉନ ପ୍ଲାନିଂ କଲୋନୀ ସଭାପତି ଭ୍ରମରବର ଦଳେଇଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଗାୟକ ପରିଷଦ ସଭାପତି ଜଗବନ୍ଧୁ ମହନ୍ତ, ସାହିତ୍ୟିକ ଇନ୍ଦ୍ରମଣି ନାୟକ ପାଲାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସମ୍ପାଦକ ଡ. ଧର୍ମାନନ୍ଦ ପୃଷ୍ଟି, ଶ୍ରୀମତୀ ସ୍ୱାଇଁ, କେଲୁଚରଣ ଦାସ, ବସନ୍ତ ବେହେରା, ପ୍ରଭାକର ପାଣି, ବିଶ୍ୱନାଥ ସ୍ୱାଇଁ, ଦିଲୀପ ସାହୁ, ପ୍ରଶାନ୍ତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ।

■ବିପିଏଲ୍ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦାବି

# ଦିନସାରା ଏନ୍‌ଜେନ୍ କର୍ମଚାରୀ ଅଟକ



ପୋଲିସ କର୍ମଚାରୀ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

**ଭାପୁର, ୧୪।୯(ଡି.ଏନ୍.ଏ.)**

ଉଜ୍ଜ୍ୱଳା ବଲ୍‌ବ ପ୍ରଦାନ, ବିପିଏଲ୍ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦାବିରେ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୋବିନ୍ଦପ୍ରସାଦ ଗ୍ରାମର ଶତାଧିକ ମହିଳା ଶନିବାର ଦିନତମାମ ଏନ୍‌ଜେନ୍ କର୍ମଚାରୀଙ୍କୁ ଅଟକ ରଖିଥିଲେ। ୭ଦିନ ମଧ୍ୟରେ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ସେସୁ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ଅପରାହ୍ନରେ ଏନ୍‌ଜେନ୍ କର୍ମଚାରୀ ଛାଡ଼ ପାଇଥିଲେ।

ଏନ୍‌ଜେନ୍ କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ସୂତାର, ଏମ୍‌ଆର୍‌ଟି ଏସ୍‌ଡିଓ ଶକ୍ତି ମଲ୍ଲିକ, ଲାଇନମ୍ୟାନ ମାନସ ପୃଷ୍ଟି ଶନିବାର ପୂର୍ବାହ୍ନ ୧୦ଟାରେ ମିଟର ରିଡିଂ ପାଇଁ ଯାଇଥିବାବେଳେ ଗ୍ରାମର ମହିଳା ସେମାନଙ୍କୁ ଘେରିଥିଲେ। ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଉଜ୍ଜ୍ୱଳା ଯୋଜନାରେ ବଲ୍‌ବ ମିଳୁ ନ ଥିବା ସେମାନେ ଅଭିଯୋଗ କରିବା ସହ ଗ୍ରାମର ବିପିଏଲ୍ ପରିବାର ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ ହୋଇଥିବା କହିଥିଲେ। ତେବେ ବିଦ୍ୟୁତ୍ ବିଭାଗ ପକ୍ଷରୁ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ବଲ୍‌ବ ପ୍ରଦାନ କରାଯାଉଛି ଏବଂ ବିପିଏଲ୍ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦାୟିତ୍ୱ ସେସୁର ବୋଲି କନିଷ୍ଠ ଯନ୍ତ୍ରୀ ସ୍ପଷ୍ଟୀକରଣ ଦେଇଥିଲେ। ଏହାସତ୍ତ୍ୱେ ଗ୍ରାମବାସୀ ମାନି ନ ଥିଲେ। ଭାପୁର ଫାଣ୍ଡି ଏସ୍‌ଆଇ ପ୍ରଶାନ୍ତ ପଡ଼ିଆରୀ, ଏଏସ୍‌ଆଇ ପଦ୍ମନାଭ ସାହୁ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଅପରାହ୍ନ ୫ଟାରେ ସେସୁ କନିଷ୍ଠ ଯନ୍ତ୍ରୀ ପ୍ରକାଶ କୁମାର ସ୍ୱାଇଁ ପହଞ୍ଚି ୭ଦିନ ମଧ୍ୟରେ ବିପିଏଲ୍ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

# ୬ ଗ୍ରାହକ ସେବା କେନ୍ଦ୍ର ସମ୍ବର୍ଦ୍ଧିତ



ସମ୍ବର୍ଦ୍ଧିତ ହୋଇଥିବା ଗ୍ରାହକ ସେବା କେନ୍ଦ୍ରର ପ୍ରତିନିଧିମାନେ।

**ଢେଙ୍କାନାଳ ଅଫିସ, ୧୪।୯**

ରାଜ୍ୟସ୍ତରୀୟ ସମାରୋହରେ ସମ୍ବର୍ଦ୍ଧିତ ହୋଇଛନ୍ତି ଢେଙ୍କାନାଳ ଜିଲାର ୬ ଗ୍ରାହକ ସେବାକେନ୍ଦ୍ର। ଗ୍ରାହକଙ୍କୁ ସେବା ପ୍ରଦାନ, ଭାରତ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାର ସଫଳ ରୂପାୟନ ଏବଂ ସଚେତନତା ସୃଷ୍ଟି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଏହି ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଶନିବାର ଭୁବନେଶ୍ୱର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଜୋନ୍-୨ ଅଧୀନ ୮ ଜିଲାର ୧୩୦୦ ଗ୍ରାହକ ସେବା କେନ୍ଦ୍ରର ପ୍ରତିନିଧି ଉପସ୍ଥିତ ଥିଲେ। ଢେଙ୍କାନାଳ ଜିଲା ଗ୍ରାହକ ସେବା କେନ୍ଦ୍ରର ସ୍ୱତ୍ୱାଧିକାରୀ ବିମଳ କୁମାର ପଣ୍ଡା, ମୋନାଲିସା ରାଉତ, ଅଞ୍ଜନ କୁମାର ପଣ୍ଡା, ସତ୍ୟ ରଞ୍ଜନ ସ୍ୱାଇଁ, ବିଦୟ କୁମାର ପଣ୍ଡା, ଶୁଭେନ୍ଦୁ କୁମାର ମିଶ୍ର ପ୍ରମୁଖଙ୍କୁ ଷ୍ଟେଟ ବ୍ୟାଙ୍କ ଡିଜିଏମ୍ କୃଷ୍ଣଚନ୍ଦ୍ର ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ଷ୍ଟେଟବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ର ପକ୍ଷରୁ ଗ୍ରାହକଙ୍କୁ ରୂପେ କାର୍ଡ ପ୍ରଦାନ, ୟୋନା ଆପ୍ ବ୍ୟବହାର, ବ୍ୟାଙ୍କରଣ ପରିଶୋଧ ବ୍ୟବସ୍ଥାକୁ ଗ୍ରାମାଞ୍ଚଳକୁ ସମ୍ପ୍ରସାରିତ କରିବାକୁ ଡିଜିଏମ୍ ପରାମର୍ଶ ଦେଇଥିଲେ। ବରିଷ୍ଠ ଶାଖା ପ୍ରବନ୍ଧକ (ଅର୍ଥ) ପ୍ରକାଶଚନ୍ଦ୍ର ପାଟଯୋଶୀ ଧନ୍ୟବାଦ ଦେଇଥିଲେ।

## ୨ ଅଭିଯୁକ୍ତ କୋର୍ଟଚାଲାଣ

**କଣିହାଁ,୧୪।୯(ଡି.ଏନ.ଏ):** କଣିହାଁଥାନାପୋଲିସପାରିବାରିକବିବାଦକୁନେଇଗଣ୍ଡଗୋଳ ମାମଲାରେ ଶନିବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ଶୁକ୍ରବାର ସନ୍ଧ୍ୟାରେ ବଡ଼ ତ୍ରିବିଡ଼ା ଗ୍ରାମର ୨ ଭାଇ ବିନୟ କୁମାର ପ୍ରଧାନ ଓ ସଞ୍ଜୟ କୁମାର ପ୍ରଧାନଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ବଡ଼ ଭାଇ ସଞ୍ଜୟଙ୍କୁ ସାନ ଭାଇ ମାରପିଟ୍ କରିଥିଲେ। ସଞ୍ଜୟଙ୍କ ଅଭିଯୋଗକ୍ରମେ ନଂ. ୧୭୨/୧୯ରେ ମାମଲାକୁ ନେଇ ବିନୟଙ୍କୁ ଗିରଫ କରାଯାଇଛି। ସେହିପରି ସାନ ତ୍ରିବିଡ଼ା ଗ୍ରାମରେ ୨ ପଡୋଶୀ ମଧ୍ୟରେ ଝଗଡା ହୋଇଥିଲା। ସାବିତ୍ରୀ ସେଠୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୭୩/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅରୁଣ ବେହେରାଙ୍କୁ ଗିରଫ କରିଛି।

## କବୟିତ୍ରୀ ନୀରୋଦପ୍ରଭାଙ୍କ ବିୟୋଗ ଅପୂରଣୀୟ କ୍ଷତି

**ଭୁବନ,୧୪।୯(ଡି.ଏନ.ଏ)**

ଢେଙ୍କାନାଳ ଜିଲାର ଖ୍ୟାତନାମା ସାରସ୍ୱତ ସାଧିକା ତଥା ବାଣୀ ସାହିତ୍ୟ ସଂସଦର ପ୍ରତିଷ୍ଠାତା ନୀରୋଦପ୍ରଭା ସିଂ ସାମନ୍ତଙ୍କ ପରଲୋକରେ ଭୁବନ ପୂଜ୍ୟପୂଜା ପରିଷଦ ପକ୍ଷରୁ ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲରେ ଶୁକ୍ରବାର ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ନୀରୋଦପ୍ରଭାଙ୍କ ବିୟୋଗ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି। ସେ ଦୀର୍ଘଦିନ ଧରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟକରି ଅବସରଗ୍ରହଣ କରିଥିଲେ। ତାଙ୍କ ଉଦ୍ୟମରେ ଅରବିନ୍ଦ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ଏହାପରେ ସେ ନିଜକୁ ସାହିତ୍ୟ ସହ ଜଡ଼ିତ ରଖିଥିଲେ। ତାଙ୍କ ନିଆରା ରଚନାଶୈଳୀ ପାଇଁ ସେ ସବୁବେଳେ ମନେପଡ଼ିବେ ବୋଲି ମତପ୍ରକାଶ ପାଇଥିଲା। ପରିଷଦର ସଭାପତି ପଣ୍ଡିତ ପ୍ରମୋଦ କୁମାର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ସ୍ମୃତିସଭାରେ ତୁଷାରକାନ୍ତି ମିଶ୍ର, ଶିକ୍ଷକ ବାଳକୃଷ୍ଣ ସାହୁ, ଗଣେଶ୍ୱର ଦାସ, ସାମାଜିକ କର୍ମୀ ରାମଚନ୍ଦ୍ର ପୋଥାଳ, ଶ୍ରୀଧର ବେହେରା, କମଳଲୋଚନ ମହାରଣାଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି କବୟିତ୍ରୀଙ୍କ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ନଳିନୀ ମଞ୍ଜରୀ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଅଭିଭାବକ ଶିକ୍ଷା ବିକାଶର ମୂଳଦୁଆ



ମହିଳା କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧାପିକାଅଧାପକ, ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ।

**ଭୁବନ, ୧୪।୯(ଡି.ଏନ.ଏ.)**

ଅଭିଭାବକ ହେଉଛନ୍ତି ଛାତ୍ରୀଛାତ୍ରଙ୍କ ବିକାଶର ମୂଳଦୁଆ। ଶିକ୍ଷାର ଅଭିବୃଦ୍ଧିରେ ପିଲାମାନଙ୍କ ଯେତିକି ଭୂମିକା ତା'ଠାରୁ ଢେର ବେଶି ମା'ବାପାଙ୍କର। ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ଶିକ୍ଷାନୁଷ୍ଠାନର ଗୌରବ ବଢ଼ିବ ବୋଲି କହିଛନ୍ତି ଭୁବନସ୍ଥିତ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ଅଧକ୍ଷ ଡ. କିଶୋର ଚନ୍ଦ୍ର ଦାଶ। ଶନିବାର କଲେଜରେ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଅଧାପିକାଅଧାପକଙ୍କୁ ନେଇ ଆୟୋଜିତ ଆଲୋଚନାଚକ୍ରରେ ସେ ଏହା କହିଛନ୍ତି। ଅଧାପକ ପ୍ରଫୁଲ୍ଲ କୁମାର ଭୂୟାଁ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ।

ସେହିପରି ଭୁବନ ମହିଳା କଲେଜରେ ନୂତନ ଶିକ୍ଷା ପଦ୍ଧତି ସମ୍ପର୍କିତ ଆଲୋଚନା କାର୍ଯ୍ୟକ୍ରମରେ ଅଧକ୍ଷ ଦିଲୀପ କୁମାର ଦାସ ଅଧକ୍ଷତା କରିଥିଲେ। ଯୁକ୍ତ ୩ କଳା ଏବଂ ବିଜ୍ଞାନ ବିଭାଗର ଛାତ୍ରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଅଧାପିକା ଡ. ନମିତା ଦାସ, ପ୍ରମିଳା ଦାସ, ଅଧାପକ ପ୍ରଶାନ୍ତ କୁମାର ରାଉତରାୟ, ନିରଞ୍ଜନ ନାୟକ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।

# ପଥରଗଡ଼ରେ ଗୋଷ୍ଠୀ ସଂଘର୍ଷ, ୪ ଗୁରୁତର

**ପରଜଙ୍ଗ,୧୪।୯(ଡି.ଏନ୍.ଏ.)**

ଜୋରରେ ବିଷ ପକାଇ ମାଛ ମାରିବାକୁ କେନ୍ଦ୍ରକରି ପରଜଙ୍ଗ ଥାନା ମହାବିରୋଡ ଫାଣ୍ଡି ଅଧୀନ ବାମ ପଞ୍ଚାୟତ ପଥରଗଡ଼ ଗ୍ରାମରେ ଶନିବାର ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୪ଜଣ ଗୁରୁତର ହୋଇଛନ୍ତି। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗିରହିଛି। ପୋଲିସ ସୂଚନା ଅନୁଯାୟୀ, କୋହ୍ଲସାହିର କେତେଜଣ ବ୍ୟକ୍ତି ବଡ଼ଜୋରରେ ବିଷ ପକାଇ ମାଛ ମାରୁଥିଲେ। ବଉଳ ସାହିବାସୀ ଏହାର ପ୍ରତିବାଦ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ବରଜୁ ଜେରାଇ, ମକରା ଜେରାଇ, ଜିଙ୍ଗ୍ ଚାତର, ବେହରା ପୂର୍ତ୍ତି, କମନ ହେଁସ ପ୍ରମୁଖ ସେମାନଙ୍କୁ ଠେଙ୍ଗା ଏବଂ ଭୁଜାଲିରେ ଅତର୍କିତ ଆକ୍ରମଣ କରିଥିଲେ। ବଉଳ ସାହିର ବିଷ୍ଣୁପ୍ରସାଦ ସାହୁ, ତାଙ୍କ ବାପା ଲୋଚନ ସାହୁ, ଦାଦା ଆଦିତ୍ୟ ସାହୁ, ସମ୍ପର୍କୀୟ ଭାଇ ବଳଭଦ୍ର ସାହୁ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ ପରଜଙ୍ଗ ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପରଜଙ୍ଗ ଆଇଆଇସି ଆନନ୍ଦ ଡୁଙ୍ଗ୍‌ଡୁଙ୍ଗ୍, ମହାବିରୋଡ ଫାଣ୍ଡି ଅଧିକାରୀ ବିନୟ ସାହୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଛି।

## ଫଟୋରେ ଖବର




ଢେଙ୍କାନାଳ ପୂର୍ତ୍ତ ବିଭାଗ ପକ୍ଷରୁ ଶୁକ୍ରବାର ସ୍ୱଚ୍ଛତା ହିଁ ସେବା ଅଭିଯାନ ଦିବସ ପାଳିତ ହୋଇଯାଇଛି। ବିଭାଗର ସମସ୍ତ ଯନ୍ତ୍ରୀ ଏବଂ କର୍ମଚାରୀମାନେ ବ୍ୟାନର, ପ୍ଲାକାର୍ଡ ଧରି ସହରର ବିଭିନ୍ନ ଅଞ୍ଚଳରେ ଜମି ରହିଥିବା ଆବର୍ଜନା ସଫେଇ କରିଥିଲେ।




ଢେଙ୍କାନାଳ ଜାତୀୟ ରାଜପଥ ବିଭାଜନ ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଲିଥିନ, ପ୍ଲାଷ୍ଟିକ୍ ଭଳି ପ୍ରଦୂଷଣକାରୀ ସାମଗ୍ରୀ ବର୍ଜନ କରିବାକୁ କର୍ମକର୍ତ୍ତାମାନେ ସଚେତନ କରାଇଥିଲେ।

## ସଂକ୍ଷେପରେ

### ୩ ବାଇକ୍, ଶାଳ କାଠ ଜବତ

ଛେଣ୍ଡିପଦା,୧୪।୯(ସ୍ୱ.ପ୍ର.)- ଛେଣ୍ଡିପଦା ବନାଞ୍ଚଳ କଣଲୋଇ ପଞ୍ଚାୟତ ନୁହୁରାଣୀ ନାଳ ନିକଟରୁ ଶନିବାର ୩ଟି ବାଇକ୍ ଓ ୨୨ ଖଣ୍ଡ ଶାଳ କାଠ ବନ ବିଭାଗ ଜବତ କରିଛି। ବିଭାଗ ସୂତ୍ରରୁ ପ୍ରକାଶ, ସନ୍ଧ୍ୟାରେ ପାଟ୍ରୋଲିଂବେଳେ ସମ୍ବଲପୁର ଜିଲା କୁଡାନାଳୀ ଅଞ୍ଚଳରୁ କଣଲୋଇ ଅଭିମୁଖେ ୩ଟି ବାଇକ୍ ଚୋରା ଶାଳ କାଠ ନେଇ ଯାଉଥିଲା। ପାଟ୍ରୋଲିଂ ଗାଡ଼ି ଦେଖି ବାଇକ୍ ସେଠାରେ ଛାଡି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଉକ୍ତ ବାଇକ୍‌ଗୁଡିକୁ (ନଂ. ଓଆର୧୯ସି-୧୨୩୫, ଓଆର୧୯ ବି-୬୯୨୯, ଓଆର୧୭ ଡି-୬୮୬୩) ବିଭାଗ ପକ୍ଷରୁ ଜବତ କରାଯିବା ସହ ୩ଟି ମାମଲା ରୁଜୁ କରାଯାଇଛି। ଖୁବ ଶୀଘ୍ର ସେମାନଙ୍କୁ ଧରାଯିବ ବୋଲି ବନାଞ୍ଚଳ ଅଧିକାରୀ ଦୁର୍ଗାଚରଣ ସାହୁ କହିଛନ୍ତି।

### 'ଭାଷା ସଭ୍ୟତାର ପରିଚୟ'



ଅନୁଗୋଳ ଅଫିସ, ୧୪।୯- ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ଶନିବାର ଭାଗବତ ଜନ୍ମ ଓ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଆଚାର୍ଯ୍ୟା ସସ୍ମିତା ଦାଶ, ସରସ୍ୱତୀ ଦାଶ ଓ ତପସ୍ୱିନୀ ତ୍ରିପାଠୀ ଗୀତା ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ, ବରିଷ୍ଠ ଆଚାର୍ଯ୍ୟ ବିନୋଦ ବିହାରୀ ସାହୁ, ଆଚାର୍ଯ୍ୟା କଳ୍ପନା ପଣ୍ଡା, ମୀନା ପ୍ରଧାନ, ତପସ୍ୱିନୀ ତ୍ରିପାଠୀ ପ୍ରମୁଖ ହିନ୍ଦୀ ଦିବସର ଉଦ୍ଦେଶ୍ୟ ଏବଂ ଭାଷା କିଭଳି ସଭ୍ୟତାର ପରିଚୟ ସେ ସମ୍ବନ୍ଧରେ ଶିଶୁମାନଙ୍କୁ ଅବଗତ କରିଥିଲେ। ଏହି ପରିପ୍ରେକ୍ଷୀରେ ଶିଶୁମାନଙ୍କ ମଧ୍ୟରେ ହିନ୍ଦୀ ଭାଷାରେ ବକ୍ତୃତା, କବିତା ଆବୃତ୍ତି ଓ ସୁଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ଗୁରୁମା ଓ ଗୁରୁଜୀ ସହଯୋଗ କରିଥିଲେ।

### ଭାଜପା ପାଳିଲା ସେବା ସପ୍ତାହ

ଅନୁଗୋଳ ଅଫିସ, ୧୪।୯- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ସପ୍ତାହରେ ଅନୁଗୋଳ ଜିଲା ଭାଜପା ପକ୍ଷରୁ ସେବା ସପ୍ତାହ ପାଳନ କରାଯାଇଛି। ଏ ନେଇ ଶନିବାର ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟ ପୁରୁଷ ୱାର୍ଡ ଓ ଟ୍ରକ୍ ଆସୋସିଏଶନ୍ କ୍ୟାବିନରେ ଥିବା ରୋଗୀଙ୍କୁ ଭାଜପା ପକ୍ଷରୁ ଫଳ ବଣ୍ଟନ କରାଯାଇଥିଲା। ଆସନ୍ତା ୧୭ ତାରିଖରେ ମାଳତି ଚୌଧୁରୀ ଆଶ୍ରମରେ ପାଠ୍ୟ ପୁସ୍ତକ ବଣ୍ଟନ କରିବା ସହ କଳାକେନ୍ଦ୍ରଠାରେ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ଭାଜପା ପକ୍ଷରୁ ସୂଚନା ଦିଆଯାଇଛି। ଆଗକୁ ରକ୍ତଦାନ ସହ ପ୍ଲାଷ୍ଟିକ୍ ବର୍ଜନ ନେଇ ସଚେତନତା, ସଫେଇ କାର୍ଯ୍ୟକ୍ରମ ଓ ୩୭୦ ଧାରା ଉଚ୍ଛେଦ ଉପରେ ବୁଦ୍ଧିଜୀବୀଙ୍କୁ ନେଇ ଏକ ସମ୍ମିଳନୀ ଆୟୋଜନ ହେବ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଫଳ ବଣ୍ଟନ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ସରିତା ମିଶ୍ର, ଲୋଚନ ସାହୁ, ନମିତା ଦଳବେହେରା, ପ୍ରତିମା ମିଶ୍ର, ସୁଲୋଚନା ବେହେରା, ସଂଘମିତ୍ରା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଘରେ କଳାକନା ବୁଲାଇଲେ

ଅନୁଗୋଳ ଅଫିସ, ୧୪।୯- ଅନୁଗୋଳ ଶିମିଳିପଡ଼ା ମହୁରୀ କଲୋନୀରେ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। କଲୋନୀର ବିମଳ କୁମାର ମିଶ୍ରଙ୍କ ଘରେ ପଶି ଦୁର୍ବୃତ୍ତମାନେ ପ୍ରାୟ ୩୦ ହଜାର ଟଙ୍କା ସହ ଗୋଟିଏ ସୁନା ହାର, ୩ ହଳ କାନଫୁଲ ଓ ୨ଟି ସୁନା ମୁଦି ଚୋରି କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ନଂ. ୭୨୦/୧୯ରେ ମାମଲା ରୁଜୁ କରିଛି। ଏସ୍ଆଇ ସତ୍ୟ ରଞ୍ଜନ ଲେଙ୍କା ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ପଡ଼ୋଶୀଙ୍କ ଘରେ ଲାଗିଥିବା ସିସିଟିଭି ପୋଲିସ ଯାଞ୍ଚ କରିଥିବା ସୂଚନା ମିଳିଛି।

### ୨ ଶ୍ରମିକଙ୍କଠାରୁ ଲୁଟ୍

କଣିହାଁ,୧୪।୯(ଡି.ଏନ.ଏ)- କଣିହାଁ ବ୍ଲକ ସମଲ ଥାନା ପବିତ୍ରନଗର ବାଦିବାହାଳ ରାସ୍ତା ନିକଟରୁ ଶୁକ୍ରବାର ରାତିରେ ୨ ଶ୍ରମିକଙ୍କଠାରୁ ଲୁଟ୍ ହୋଇଛି। ଏ ନେଇ ଉଭୟେ ଥାନାରେ ଅଭିଯୋଗ କରିଛନ୍ତି। ଥାନା ତଦନ୍ତକାରୀ ଏଏସଆଇ ସନ୍ତୋଷ ଶତପଥୀ କହିଛନ୍ତି, ପାଲଲହଡ଼ା ଥାନା ରଜଡ଼ଙ୍ଗ ଗ୍ରାମର ଅନିଲ ଧୀର ଓ ପପୁନ ବେହେରା ଏକ ଠିକାସଂସ୍ଥାରେ ଜେସିବି ଡ୍ରାଇଭର ଭାବେ କାମ କରୁଛନ୍ତି। ଉଭୟେ ବାଇକ୍ ଯୋଗେ ୨୫ ହଜାର ଟଙ୍କା ଧରି ଫେରୁଥିବାବେଳେ ୪ ଜଣ ଦୁର୍ବୃତ୍ତ ମାଡ଼ମାରି ଟଙ୍କା ଓ ମୋବାଇଲ ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ନଂ. ୧୨୨/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ କରାଯାଉଛି।

---

ଭସାଣି ସହ ସରିଲା ତାଳଚେରର ଗଣପର୍ବ

# ବିଘ୍ନବିନାଶନଙ୍କୁ ଭାବବିହ୍ୱଳ ବିଦାୟ

ତାଳଚେର,୧୪।୯(ନି.ପ୍ର.)

- ନିଲାମ ହେଲା ୧୧ କୁଇଣ୍ଟାଲର ଶ୍ରଦ୍ଧାଲଡ଼ୁ
- ୭ଲକ୍ଷ ୫୦ ହଜାରରେ କିଣିଲେ ଲାଲବାଗ ରାଜା
- ଆଖି ଝଲସାଇ ଦେଲା ବାଦ୍ୟ, ନୃତ୍ୟ

ଶେଷ ହୋଇଛି ତାଳଚେରର ଗଣପର୍ବ ଗଣେଶପୂଜା। ୧୧ ଦିନ ଧରି ସହରରେ ପୂଜା ପାଇବା ପରେ ଶନିବାର ବେଶ୍ ଭାବବିହ୍ୱଳ ପରିବେଶରେ ବିଦାୟ ନେଇଛନ୍ତି ପ୍ରଭୁ ବିଘ୍ନବିନାଶନ। ମୋଟ୍ ୩୧ଟି ମେଢ଼କୁ ଆଖି ଝଲସାଇ ଦେଲା ଭଳି ଭସାଣି ଶୋଭାଯାତ୍ରାରେ ନିଆଯାଇ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଛି। ସେହିପରି ଶୋଭାଯାତ୍ରା ପୂର୍ବରୁ ୧୧ କୁଇଣ୍ଟାଲର ଶ୍ରଦ୍ଧାଲଡ଼ୁ ଓ ଆଞ୍ଜାମାଳକୁ ୭ ଲକ୍ଷ ୫୦ ହଜାର ଟଙ୍କାରେ ନିଲାମ କରାଯାଇଛି।

ଭସାଣି ଉତ୍ସବ ପୂର୍ବରୁ ପୂର୍ବାହ୍ନରେ ମେଳଣ ପଡିଆଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରୀୟ ପୂଜା କମିଟି ସଭାପତି ତଥା ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ଆମ ସଂସ୍କୃତି, ପରମ୍ପରା ପାଳନ କରି ଆଦର୍ଶ ହେବାକୁ ଆହ୍ୱାନ ଦେଇଥିଲେ। ସନ୍ଧ୍ୟା ୬ଟା ସୁଦ୍ଧା ଯେଉଁ ପୂଜା କମିଟି ଶୃଙ୍ଖଳାର ସହ ଶୋଭାଯାତ୍ରାରେ ଯାଇ ଭସାଣି କାର୍ଯ୍ୟ ସମାପନ କରିଥିବ ସେହି କମିଟିକୁ ୧ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଏମ୍‌ପି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ପ୍ରଭୁ ଗଜାନନଙ୍କ ଆଶୀର୍ବାଦ ଭିକ୍ଷା କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ଯୋଗଦେଇ ଦୀର୍ଘ ୧୧ ଦିନ ଧରି ପୂଜା ଶାନ୍ତିଶୃଙ୍ଖଳାରେ ହୋଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ସନ୍ତୋଷ ମିଶ୍ର, ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡା, ପୌର ନିର୍ବାହୀ ଅଧିକାରୀ ଅତସି ପରିଡା, ସାଧାରଣ ସମ୍ପାଦକ ଜୟନ୍ତ ଭୂତିଆ ପ୍ରମୁଖ ଯୋଗଦେଇଥିଲେ। ଡ. ରଶ୍ମିରଞ୍ଜନ ମିଶ୍ର ଅତିଥି ପରିଚୟ ଓ ଉପଦେଷ୍ଟା ଦେବୀ ମିଶ୍ର ସଭା କାର୍ଯ୍ୟ ସଂଯୋଜନା କରିଥିଲେ। କୋଷାଧ୍ୟକ୍ଷ ଅଶୋକ ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ। ଉପଦେଷ୍ଟା ରମେଶ ବେହେରା, ରଞ୍ଜିତ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରକାଶ ମହାରଣା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ କେନ୍ଦ୍ରୀୟ ପୂଜା କମିଟିର ସଦସ୍ୟ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସଭା କାର୍ଯ୍ୟ ପରେ ଶ୍ରଦ୍ଧା ଲଡୁ ଓ ଆଞ୍ଜାମାଳ ନିଲାମ କାର୍ଯ୍ୟ ଆରମ୍ଭ ହୋଇଥିଲା। ଲାଲବାଗ ରାଜା ଅନୁଷ୍ଠାନ ଚଳିତବର୍ଷ ସର୍ବାଧିକ ୭ଲକ୍ଷ ୫୦ ହଜାର ଟଙ୍କାରେ ୧୧ କୁଇଣ୍ଟାଲର ଲଡୁ ଓ ଆଞ୍ଜାମାଳ ନିଲାମରେ ନେଇଥିଲେ। ଏହାପରେ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ସକାଳୁ ମେଳଣ ପଡିଆରେ ଅପେକ୍ଷା କରିଥିବା ୩୧ ମେଢ ମଧ୍ୟରୁ ପ୍ରଥମେ ସିଦ୍ଧି ବିନାୟକ ପୂଜା କମିଟି ମେଢ ଶୋଭାଯାତ୍ରାରେ ବହାରିଥିଲା। ପରେ ଅନ୍ୟ ମେଢଗୁଡିକ ସହର ପରିକ୍ରମା କରି ଅସ୍ଥାୟୀ ଜଳାଶୟକୁ ବିସର୍ଜନ ପାଇଁ ଯାଇଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକକଳା, ଲୋକନୃତ୍ୟ ଦଳର ସାଂସ୍କୃତିକ କାର୍ଯ୍ୟକ୍ରମ ଭସାଣିକୁ ଅତ୍ୟନ୍ତ ଆକର୍ଷଣୀୟ କରିଥିଲା। ଅଞ୍ଚଳବାସୀଙ୍କ ସମେତ ହଜାର ହଜାର ଜନସାଧାରଣ ଏହାକୁ ଉପଭୋଗ କରିଥିଲେ। ମାଜିଷ୍ଟ୍ରେଟଙ୍କ ସମେତ ଜଣେ ଅତିରିକ୍ତ ଏସ୍‌ପି, ୨ ଡିଏସ୍‌ପି, ୯ ଇନ୍ସପେକ୍ଟର, ୫୧ ଅଫିସର, ୬୦ କନଷ୍ଟେବଳ, ୧୦୦ ହୋମଗାର୍ଡଙ୍କ ସହ ୫ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।













---

# ରାଷ୍ଟ୍ରୀୟ ଲୋକ ଅଦାଲତ

ଅନୁଗୋଳ ଅଫିସ, ୧୪।୯

ଅନୁଗୋଳ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଜିଲା କୋର୍ଟରେ ଏହା ଅନୁଷ୍ଠିତ ହୋଇଥିଲା। ଫ୍ୟାମିଲି କୋର୍ଟ ଜଜ ସୌମେନ୍ଦ୍ର କୁମାର ରାଜଗୁରୁ, ମୁଖ୍ୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ସୌମ୍ୟକ୍ ପାତ୍ର, କୋର୍ଟ ରେଜିଷ୍ଟ୍ରାର ବାସୁଦେବ ଆଚାର୍ଯ୍ୟ, ବରିଷ୍ଠ ଦେୱାନୀ ବିଚାରପତି ଲିଲିପ୍ସା ପଶାୟତ, ଅନୁବିଭାଗୀୟ ଦଣ୍ଡାଧିକାରୀ (ଏସ୍‌ଡିଜେଏମ୍) ବିଶ୍ୱଜିତ ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିଲୋଫର, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ସଞ୍ଜୀବ କୁମାର ପଣ୍ଡା, ସୁହାନି ପଟ୍ଟନାୟକ, ସ୍ମୃତିସ୍ୱରୂପା ସାହୁ ଓ ତାରିଣୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଲୋକ ଅଦାଲତରେ ୨୩୭ଟି ବ୍ୟାଙ୍କ ସମ୍ପର୍କିତ ମାମଲାର ଫଇସଲା କରାଯାଇ ୮୦ ଲକ୍ଷ ୭୫ ହଜାର ୨ ଶହ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ୭୫ଟି ବିଚାରାଧୀନ ମାମଲା ଫଇସଲା କରାଯାଇ ୧ କୋଟି ୬୩ ଲକ୍ଷ ୩୭ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ୭ଟି ଚେକ୍ ବାଉନ୍ସ ମାମଲାର ବିଚାର କରାଯାଇ ୧୦ ଲକ୍ଷ ୬୪ ହଜାର ୩୮୭ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ୭ଟି ଫୌଜଦାରି, ୬ଟି ପାରିବାରିକ, ୧୯ଟି ବିଚାରଧୀନ ବ୍ୟାଙ୍କ ସମ୍ପର୍କିତ ଓ ୧୯ଟି ଦେୱାନୀ ମାମଲାର ସମାଧାନ ହୋଇଥିଲା। ତାଳଚେର, ଆଠମଲ୍ଲିକ, ପାଲଲହଡ଼ା ଓ ଛେଣ୍ଡିପଦା ଠାରେ ଥିବା ଅଦାଲତଗୁଡ଼ିକ ଅଂଶଗ୍ରହଣ କରିଥିଲେ। ସରକାରୀ ଓକିଲ, ଅନୁଗୋଳର ଆଇନଜୀବୀ, କୋର୍ଟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅଭିନନ୍ଦିତା ପଣ୍ଡା ପରିଚାଳନା କରିଥିଲେ।

# ଥମୁନି ହାତୀ ଉପଦ୍ରବ

ମାଧପୁର, ୧୪।୯

ଆଠମଲ୍ଲିକ ବ୍ଲକ ବାସୁଦେବପୁର ପଞ୍ଚାୟତରେ କିଛିଦିନ ହେଲା ହାତୀ ଉପଦ୍ରବ ବଢିଚାଲିଛି। ଶୁକ୍ରବାର ରାତିରେ ଗୌତମପୁର ଗ୍ରାମର ବାବୁଲା ନାଏକ, ବସନ୍ତ ସେଠୀ, ବୈଲୋଚନ ସେଠୀ, ବାନାମ୍ବର ଗିରିଙ୍କ ଧାନ କ୍ଷେତରେ ହାତୀ ପଶି ଧାନ ଖାଇବା ସହିତ ମାଡି ଚକଟି ଫସଲ ନଷ୍ଟ କରଛନ୍ତି। ସେହିପରି କିଆକଟା ଗ୍ରାମର ଦେବଦତ୍ତ ପ୍ରଧାନ ତ୍ରିବେଣୀଛକ ରାସ୍ତାରେ ଦନ୍ତା ଆସୁଥିବା ଦେଖି ଦୌଡିବା ବେଳେ ପଡି ଖଣ୍ଡିଆଖାବରା ହୋଇଛନ୍ତି। ବୌଦ୍ଧ ମେଡିକାଲରେ ସେ ଚିକିତ୍ସିତ ହୋଇଛନ୍ତି। ଏ ନେଇ ଚାଷୀ ଚିନ୍ତାରେ ପଡିଥିବାବେଳେ ସାଧାରଣ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବନ ବିଭାଗ ପଦକ୍ଷେପ ନ ନେଲେ ଅଞ୍ଚଳବାସୀ ରେଞ୍ଜ ଅଫିସ ଘେରାଉ ସହ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି । ତେବେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ସାପ କାମୁଡ଼ାରେ ନାବାଳକ ମୃତ

# ମେଡିକାଲରେ ଗୁଣିଆ କଲେ ଝଡ଼ାଫୁଙ୍କା

ଅନୁଗୋଳ ଅଫିସ, ୧୪।୯



ଝଡ଼ାଫୁଙ୍କା କରିବାକୁ ମେଡିକାଲ ଆସିଥିବା ଗୁଣିଆ।

ସାପ କାମୁଡ଼ାରେ ଗୁରୁତର ହୋଇଥିବା ଜଣେ ନାବାଳକଙ୍କ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ତେବେ ମୃତ ଘୋଷଣା ପରେ ଶବ ବ୍ୟବଚ୍ଛେଦ କରିବା ପରିବର୍ତ୍ତେ ପରିବାର ଲୋକେ ସେଠାରେ ଗୁଣିଆକୁ ଡାକି ଝଡ଼ାଫୁଙ୍କା କରିବା ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ଛେଣ୍ଡିପଦା ବ୍ଲକ ପୋଡ଼ାପଡ଼ା ଗାଁର ଶକ୍ତି ପ୍ରସାଦ ନାଏକ(୧୫)ଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ସାପ କାମୁଡିଥିଲା। ପରିବାର ଲୋକ ତାଙ୍କୁ ସ୍ଥାନୀୟ ଛେଣ୍ଡିପଦା ମେଡିକାଲ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପକ୍ଷରୁ କୁହାଯାଇଥିଲା। ଅନୁଗୋଳ ପୋଲିସକୁ ମଧ୍ୟ ଅବଗତ କରାଯାଇଥିଲା। କିନ୍ତୁ ପୋଲିସ ପହଞ୍ଚି ପଞ୍ଚନାମା କରିବାକୁ ଯିବା ବେଳେ ପରିବାର ପକ୍ଷରୁ ବିରୋଧ କରାଯାଇଥିଲା। ଗୁଣିଆ ଆସି ଝଡ଼ାଫୁଙ୍କା କରିବା ପରେ ଯାହା କିଛି କରାଯିବ ବୋଲି କୁହାଯାଇଥିଲା। ପରେ ଗୁଣିଆ ଆସି ପହଞ୍ଚିବା ବେଳେ ପୋଲିସ ବିରୋଧ କରିଥିଲା। ହେଲେ ପରିବାର ଲୋକେ ପୋଲିସ କଥା ନ ଶୁଣି ଗୁଣିଆ ଉପରେ ବିଶ୍ୱାସ ରଖିଥିଲେ। କିନ୍ତୁ ଗୁଣିଆ ଫେଲ ମାରିବା ପରେ ପୋଲିସ ପରିବାର ଲୋକଙ୍କୁ ବୁଝାଶୁଝା କରି ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ ହିନ୍ଦୀ ଦିବସ

ଅନୁଗୋଳ ଅଫିସ, ୧୪।୯

ଛେଣ୍ଡିପଦା ବ୍ଲକ ମହିତଳାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁଙ୍କ ନେତୃତ୍ୱରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦିଲୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀମାନେ ହିନ୍ଦୀ ଗୀତ ପରିବେଷଣ ସହ ବକ୍ତୃତା ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ମଧ୍ୟରେ ହିନ୍ଦୀ ହସ୍ତାକ୍ଷର ପ୍ରତିଯୋଗିତା କରାଯାଇଥିଲା। ହିନ୍ଦୀ ଶିକ୍ଷୟିତ୍ରୀ ଜ୍ୟୋତି ଜିନ୍ଦଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଆରତି ମହାପାତ୍ର ଧନ୍ୟବାଦ ଦେଇଥିଲେ।




# ବ୍ୟାପୁଛି ଭୂତାଣୁ ଜନିତ ରୋଗ: ହଜାରେରୁ ଅଧିକ ଗୋରୁ ଆକ୍ରାନ୍ତ

ବନ୍ତଳା, ୧୪।୯(ଡି.ଏନ.ଏ.)

- ୨୩ ଗ୍ରାମର ଚାଷୀ ଭୟଭୀତ
- କମୁଛି ଦୁଗ୍ଧ ଉତ୍ପାଦନ କ୍ଷମତା

ଅନୁଗୋଳ ବ୍ଲକର ବିଭିନ୍ନ ଗ୍ରାମରେ ବ୍ୟାପୁଛି ଭୂତାଣୁଜନିତ ରୋଗ। ଏହି ରୋଗରେ ଅଞ୍ଚଳର ବହୁ ଗୋରୁ ଆକ୍ରାନ୍ତ ହେଉଥିବାରୁ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଗୋରୁଙ୍କ ଚର୍ମରେ ସଂକ୍ରମଣ ହୋଇ ଏହା ଦେହସାରା ମାଡ଼ିଯାଉଛି। ବଡ ବଡ ଫୋଟକା ହେବା ସହ ଏହା ଫାଟି ଘା' ହୋଇଯାଉଛି। ଫଳରେ ଗୋରୁ ଦୁର୍ବଳ ହୋଇପଡୁଛନ୍ତି। ଏଥିଯୋଗୁ ଗାଈର ଦୁଗ୍ଧ ଉତ୍ପାଦନ କ୍ଷମତା ମଧ୍ୟ ହ୍ରାସ ପାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଅନୁଗୋଳର ବଁଅରପାଳ, ଛେଣ୍ଡିପଦା, ବନ୍ତଳା ଅଞ୍ଚଳରେ ବହୁ ସଂଖ୍ୟାରେ ଚାଷୀ ଗୋରୁ, ପୋଢ଼, ଛେଳି, ମେଣ୍ଢା ପାଳି ଗୁଜୁରାଣ ମେଣ୍ଟାନ୍ତି।



ଏବେ ଏହି ଭୂତାଣୁ ଜନିତ ରୋଗ ବ୍ୟାପୁଥିବା ନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଗୋଟିଏ ଗୋରୁଠାରୁ ଅନ୍ୟ ଗୋରୁଙ୍କୁ ଏହା ସଂକ୍ରମିତ ହେଉଛି। ବନ୍ତଳା ପ୍ରାଣୀଧନ ଚିକିତ୍ସାଳୟ ଅଧୀନ ପୋକତୁଙ୍ଗା, ନନ୍ଦପୁର, ଗୋବିନ୍ଦପୁର, ଧକୁଟା, ଶଙ୍ଖପୁର, ଖିଣ୍ଡା, ତଲଗଡ଼, ବେଡା ଶାସନ, ବସଲା, ହମାମିରା, ଇଙ୍କର ବନ୍ଧ, କୁମୁରିସିଙ୍ଗା, ବନ୍ତଳା, ବଲାସିଙ୍ଗା, ଛେଳିଆ ପଡା, ଗଡ଼ ତରାସ, ଖିଣ୍ଡା, ବଡ଼କାନ୍ତକୁଳ ଆଦି ୨୩ ଟି ରୁ ଊର୍ଦ୍ଧ୍ୱ ଗ୍ରାମରେ ରୋଗ ବ୍ୟାପିବାରେ ଚାଲିଛି। ବେସରକାରୀ ଭାବେ ଅନୁଗୋଳ ବ୍ଲକ ଅଞ୍ଚଳରେ ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ ଗୋରୁ ଆକ୍ରାନ୍ତ ହୋଇଥିଲେ ହେଁ ସରକାରୀ ରିପୋର୍ଟରେ ଏହି ସଂଖ୍ୟା ପ୍ରାୟ ୧ ହଜାର ରହିଛି। ଏହି ରୋଗ ପ୍ରଥମେ ବାଂଲାଦେଶ ଓ ପରେ ପଶ୍ଚିମବଙ୍ଗରେ ଦେଖାଦେଇଥିଲା। ପ୍ରାଣୀବିଭାଗ ଏହାକୁ ନଡ୍ୟୁଲାର୍‌ସ ସ୍କିନ ଡିଜିଜ କହୁଥିବାବେଳେ ଏହାର ପ୍ରତିକାର ପାଇଁ କୌଣସି ନିର୍ଦ୍ଦିଷ୍ଟ ପ୍ରତିଷେଧକ ଟିକା ବାହାରି ନ ଥିବା ଜଣାପଡିଛି। ଶୁକ୍ରବାର ଜିଲା ପ୍ରାଣୀ ଧନ ଉପ ନିର୍ଦ୍ଦେଶକ ଡ. ଭରତ ଚନ୍ଦ୍ର ଗଡ଼ନାଏକ, ଜିଲା ପ୍ରାଣୀଧନ ଅଧିକାରୀ ଡା. ରଞ୍ଜିତ ନନ୍ଦ, ବନ୍ତଳା ପ୍ରାଣୀଧନ ଚିକିତ୍ସକ ଡା. ରାଜେଶ କୁମାର କବି ବେଡା ଶାସନ, ହମାମିରା, ବସଲା ଆଦି ଗ୍ରାମକୁ ଯାଇ ଲୋକମାନଙ୍କୁ ସଚେତନ କରାଇବା ସହିତ ଗୋରୁଙ୍କ ରକ୍ତ, ମଳ, ଚମଡା ନମୁନା ସଂଗ୍ରହ କରିଛନ୍ତି। ଏ ବିଷୟରେ ପ୍ରାଣୀଧନ ଉପ ନିର୍ଦ୍ଦେଶକ ଡ. ଭରତ ଚନ୍ଦ୍ର ଗଡ଼ନାଏକ କୁହନ୍ତି,ଏହା ଏକ ଭୂତାଣୁ ଜନିତ ରୋଗ। ନମୁନା ପରୀକ୍ଷା ପାଇଁ ପଠାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଟିକା ବାହାରି ନାହିଁ। ଏଥିରେ ଗୋରୁଙ୍କ ମୃତ୍ୟୁ ହେଉନାହିଁ। ୫ରୁ ୬ ଦିନ ହୋଇ ଏହା କମିଯାଉଛି। ଅନୁଗୋଳ ବ୍ଲକର ୨୩ ଗ୍ରାମର ୯ ଶହରୁ ଊର୍ଦ୍ଧ୍ୱ ଗୋରୁ ଆକ୍ରାନ୍ତ ହୋଇଛନ୍ତି। ଚିକିତ୍ସା ଚାଲିଛି।



ନିଜକୁ ସୁନ୍ଦର ଏବଂ ଷ୍ଟାଇଲିସ୍ ଲୁକ୍ ଦେବା ଲାଗି ବେଶ୍ ଆଗଭର ଆଜିର ଯୁବପିଢ଼ି । ଏଥିପାଇଁ ସେମାନେ ବ୍ୟୁଟିପାର୍ଲର, ସ୍ପା ସେଣ୍ଟର ଏବଂ ସେଲୋନ୍ ଯିବାକୁ ପଛାଉ ନାହାନ୍ତି। ହେଲେ ସୌନ୍ଦର୍ଯ୍ୟ ଆଳରେ କେବେ କେବେ ଅନେକେ ଅଜାଣତରେ ଠକାମିର ମାୟାଜାଲରେ ଫସି ଯାଉଥିବାର ନଜର ରହିଛି...





# ସୌନ୍ଦର୍ଯ୍ୟ ଆଳରେ

ବର୍ତ୍ତମାନ ପାଠ ପଢ଼ା, ଜବ୍ ଠାରୁ ଆରମ୍ଭ କରି ନାଚ, ଗୀତ, ଖେଳ ଇତ୍ୟାଦି ପର୍ଯ୍ୟନ୍ତ ସବୁଥିରେ ଚାଲିଛି ପ୍ରତିଯୋଗିତା । ତେବେ ଏହି ଦୌଡ଼ରୁ ବାଦ୍ ପଡ଼ିନି ସୌନ୍ଦର୍ଯ୍ୟ । ଅର୍ଥାତ୍ ନିଜକୁ ସୁନ୍ଦର ଏବଂ ଷ୍ଟାଇଲିସ୍ ଲୁକ୍ ଦେବା ଲାଗି ବର୍ତ୍ତମାନ ଅଧିକାଂଶ ବ୍ୟୁଟିପାର୍ଲର, ସ୍ପା ସେଣ୍ଟର ଏବଂ ସେଲୋନ୍ ଯାଉଥିବା ଦେଖିବାକୁ ମିଳୁଛି । ହେଲେ ସୌନ୍ଦର୍ଯ୍ୟ ବୃଦ୍ଧି ନିଶାରେ ସେମାନେ ଅଜାଣତରେ ବିଭିନ୍ନ ଆକର୍ଷଣୀୟ ଅଫରର ମାୟାଜାଲରେ ଫସି ଆବଶ୍ୟକରୁ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି ବୋଲି ଜାଣି ପାରୁନାହାନ୍ତି...

**ମେମ୍ବରଶିପ୍ ଅଫର:** ବର୍ତ୍ତମାନ ଅନେକ ବ୍ୟୁଟିପାର୍ଲର, ସ୍ପା ଏବଂ ସେଲୋନ୍‌ରେ ଏକ ବର୍ଷ, ୨ ବର୍ଷ, ଲାଇଫ୍ ଟାଇମ୍ ଭଳି ବିଭିନ୍ନ ମେମ୍ବରଶିପ୍ ଅଫର ଦିଆଯାଉଛି । ମେମ୍ବରଶିପ୍‌ର ସମୟସୀମା ଯେତେ ଅଧିକ ରହୁଛି ସେହି ଅନୁସାରେ ଟଙ୍କା ମଧ କମ୍ ରହୁଛି । କେବଳ ଏତିକି ନୁହେଁ ମଝିରେ ମଝିରେ ମେମ୍ବରମାନଙ୍କୁ ଫ୍ରି ଫେସିଆଲ, ହେୟାର ଷ୍ଟାଇଲ୍ କିମ୍ବା ସ୍ପା ଆଦି ଯୋଗାଇ ଦେଉଛନ୍ତି । ତେଣୁ ଅଧିକାଂଶ ଯୁବତୀଯୁବକ ମେମ୍ବରଶିପ୍ ନେଉଥିବା ଦେଖିବାକୁ ମିଳୁଛି । ହେଲେ ଏହାଦ୍ୱାରା ସେମାନେ ଏତେ ଦିନ ପାଇଁ ଟଙ୍କା ଦେବାକୁ ବାଧ ବୋଲି ବୁଝିପାରୁନାହାନ୍ତି ।


**ଡିସ୍କାଉଣ୍ଟର ଲୋଭ:** ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ସେଲୋନ୍ ଗୁଡ଼ିକରେ ବିଭିନ୍ନ ପ୍ରକାରର ଡିସ୍କାଉଣ୍ଟ ଦିଆଯାଉଛି । ଯେଉଁଥିରେ ଏକ ନିର୍ଦ୍ଦିଷ୍ଟରୁ ଅଧିକ ଟଙ୍କାର ଫେସିଆଲ ହେଉ କି ଅନ୍ୟ କିଛି କରାଇବା ଦ୍ୱାରା ୨୦%, ୩୦% ଡିସ୍କାଉଣ୍ଟ କିମ୍ବା ହେୟାର କଟିଂ ସହିତ ଫେସିଆଲ୍, ହେୟାର ସ୍ପା ସହିତ ଫେସ୍ କ୍ଲିନ୍‌ଅପ୍ କିମ୍ବା ପେଡ଼ି କିଓର, ମେନି କିଓର୍, ଦାଢ଼ି ଟ୍ରିମିଂ ଏବଂ ଶେପିଂ ଆଦି ଭଳି ବିଭିନ୍ନ କମ୍ବୋପ୍ୟାକ୍ ଉପରେ ସ୍ପେଶାଲ ଡିସ୍କାଉଣ୍ଟ ଦେଉଛନ୍ତି । ତେବେ ଏସବୁ ଡିସ୍କାଉଣ୍ଟ ଲୋଭରେ ସେଲୋନ୍ ବା ବ୍ୟୁଟିପାର୍ଲର ଗୁଡ଼ିକରେ ସବୁ ବର୍ଗ ବିଶେଷ କରି ଯୁବତୀ ଯୁବକଙ୍କର ଭିଡ଼ ଜମୁଥିବାର ଦେଖିବାକୁ ମିଳୁଛି ।

**ଆଡଭାନ୍ସ ପେମେଣ୍ଟ:** ଅନେକ ପାର୍ଲରରେ ଏକାଧିକ ବ୍ୟୁଟି ସଲ୍ୟୁଶନ୍‌ସ ପାଇଁ ଆଡଭାନ୍ସ ପେମେଣ୍ଟ ସିଷ୍ଟମ କରାଯାଇଛି । ସେଠାରେ ଥରେ ଥରେ ପେମେଣ୍ଟ କରି ଅଧିକ ଟଙ୍କା ଖର୍ଚ୍ଚ କରିବା ଅପେକ୍ଷା ଏକାଥରେ ଆଡ୍‌ଭାନ୍ସ ପେମେଣ୍ଟ ଦେଲେ କେତେ ଟଙ୍କାର ରିହାତି ସୁବିଧା ଯୋଗାଇ ଦେଉଥିବାରୁ ଅଧିକାଂଶ ଗ୍ରାହକ ଏହି ଜାଲରେ ଫସି ଯାଉଛନ୍ତି ।

**କପୁଲ୍ ଡିସ୍କାଉଣ୍ଟ:** ଦିନଥିଲା ମହିଳା ଏବଂ ପୁରୁଷଙ୍କ ବ୍ୟୁଟିପାର୍ଲର, ସେଲୋନ୍ ଏବଂ ସ୍ପା ଆଦି ସମ୍ପୂର୍ଣ୍ଣ ଅଲଗା ଅଲଗା ଥିଲା । ହେଲେ ବର୍ତ୍ତମାନ ଚାରିଆଡ଼େ ୟୁନିସେକ୍ସ ପାର୍ଲର ଖୋଲିଗଲାଣି । ଯେଉଁଠାରେ ଉଭୟ ପୁଅ ଏବଂ ଝିଅ ନିଜ ନିଜର ଆବଶ୍ୟକତା ଅନୁଯାୟୀ ଫେସିଆଲ୍ ଠୁ ଆରମ୍ଭ କରି ହେୟାର କଟିଂ, କଲରିଂ, ସ୍ପା ପର୍ଯ୍ୟନ୍ତ ବିଭିନ୍ନ ସୁବିଧା ପାଇ ପାରୁଛନ୍ତି । ତେବେ ଏଭଳି ବ୍ୟୁଟି କେୟାର ସେଣ୍ଟରଗୁଡ଼ିକ ଅଧିକରୁ ଅଧିକ ଗ୍ରାହକ ଆସିବା ଲାଗି କପ୍‌ଲ ଡିସ୍କାଉଣ୍ଟ ଯୋଗାଇ ଦେଉଛନ୍ତି । ଯେଉଁଥିପାଇଁ ବିବାହିତ ଦମ୍ପତି ହୁଅନ୍ତୁ ଅବା ପ୍ରେମୀଯୁଗଳ ଏଭଳି ଡିସ୍କାଉଣ୍ଟ ପ୍ୟାକ୍‌ର ସୁବିଧା ଅଧିକ ନେଉଥିବାର ଦେଖିବାକୁ ମିଳୁଛି ।



ଶୁଭ୍ରାଂଶୁ



ପ୍ରିୟାଙ୍କିଲ୍

## କ'ଣ କରନ୍ତି ଏମାନେ...

**ଶୁଭ୍ରାଂଶୁ ଶେଖର ସେନାପତି** (କର୍ମଜୀବୀ)– ନିଜର ପର୍ସନାଲିଟି ମେଣ୍ଟେନ୍ କରିବାକୁ ହେଲେ ଗେଟ୍‌ଅପ୍ ସହିତ ଲୁକ୍ ପ୍ରତି ମଧ ବିଶେଷ ଧାନ ଦେବାକୁ ପଡ଼ିଥାଏ । ତେଣୁ ଭଲ ଖାଇବା, ପିନ୍ଧିବା ଭଳି ମୁହଁକୁ ମଧ ଯଥା ସମ୍ଭବ ସୁନ୍ଦର ରଖିବାକୁ ଚେଷ୍ଟା କରେ । ସେଥିପାଇଁ ନିୟମିତ ସମୟ ଅନ୍ତରାଳରେ ସେଲୋନ୍ ଯାଇ ଦାଢ଼ି, କେଶ କଟିଂ ଏବଂ ଷ୍ଟାଇଲିଂ କରାଇଥାଏ । ତେବେ ଏସବୁ ପାଇଁ ଯଦି କୌଣସି ସେଲୋନ୍‌ରେ କିଛି ଡିସ୍କାଉଣ୍ଟ ଅବା କମ୍ ଟଙ୍କାରେ କମ୍ବୋ ପ୍ୟାକ୍ ମିଳିଯାଏ ତେବେ ଏହି ସୁଯୋଗ ହାତଛଡ଼ା କରେନି ।

**ପ୍ରିୟାଙ୍କିଲ୍ ନାୟକ**(କର୍ମଜୀବୀ, ଭୁବନେଶ୍ୱର)– ସୁନ୍ଦରତା ଭଗବାନଙ୍କ ବରଦାନ । ତେଣୁ ଏହାର ଠିକ ଯତ୍ନ ନେବା ଆବଶ୍ୟକ । ଆଉ ଏଥିପାଇଁ ନିୟମିତ ବିୟୁଟିପାର୍ଲର ଯିବାଠୁ ଭଲ ଅପ୍ସନ ଆଉ କ'ଣ ବା ହୋଇପାରେ । ହେଲେ ପାର୍ଲରରେ ବିଭିନ୍ନ ଅଫର ଆଦି ଆଳରେ ଫସି ଯାଇ ଅନାବଶ୍ୟକ ଖର୍ଚ୍ଚ ହେଉ କିମ୍ବା କୌଣସି ସୌନ୍ଦର୍ଯ୍ୟଜନିତ ସମସ୍ୟା ଯେପରି ନ ଭୋଗେ ସେଥିପାଇଁ କେବଳ ବିଶ୍ୱସ୍ତ ତଥା ପରୀକ୍ଷିତ ପାର୍ଲରକୁ ହିଁ ଯାଇଥାଏ ।



## ଏ ସପ୍ତାହର ପ୍ରଶ୍ନ

୧– .......... ରାଜ୍ୟରେ ମାତ୍ର ଜଣେ ଲୋକ ସଭା ସଦସ୍ୟ ଅଛନ୍ତି ?
୨–ମୁସା ପାରାଡିସିଆକା ........ ର ବୈଜ୍ଞାନିକ ନାମ ।
୩–ଓସ୍କାର ପାଇଥିବା ପ୍ରଥମ ଭାରତୀୟ .......... ?
୪– ଦି ଡାଏରୀ ଅଫ୍ ଏ ୟଙ୍ଗ୍ ଗାର୍ଲ ପୁସ୍ତକର ଲେଖିକା........ ?
୫– କୁଇନ୍ ଅଫ୍ ଆରବିଆନ୍ .........ଙ୍କୁ କୁହାଯାଏ ?

## ଗତ ଥରର ଉତ୍ତର

୧ ମେଘାଳୟ
୨ ୧୮୨ ମିଟର
୩ ୩ ପାଉଣ୍ଡ ବା ୧୪୦୦ଗ୍ରାମ୍
୪ ଦିଲ୍ଲୀ
୫ ଚାଣକ୍ୟ

## ଉତ୍ତର ଦାତା



ଅଜିତ୍ ପ୍ରସାଦ, ସୁନ୍ଦରଗଡ଼



ଚନ୍ଦ୍ରମା ହୋତା, ବଲାଙ୍ଗୀର



ଶେଖ୍ ମୋଜାହିଦ୍ ମହତାବ୍, ସୌଦି ଆରବ




ସ୍ୱପ୍ନରଞ୍ଜନ ପାଟ୍ଟଯୋଷୀ, ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

# କର୍ମକ୍ଷେତ୍ରରେ ସମୟାନୁବର୍ତ୍ତିତା...

କର୍ମକ୍ଷେତ୍ରରେ ବିଳମ୍ବରେ ପହଞ୍ଚିବା ଏଭଳି ଏକ ବଦାଭ୍ୟାସ ଯାହା କର୍ମଜୀବୀଙ୍କ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ଏହାକୁ କିପରି ସୁଧାରି ପାରିବେ ଜାଣି ରଖନ୍ତୁ ଟିପ୍ସ...



- ଟାଇମ୍ ମ୍ୟାନେଜ୍‌ମେଣ୍ଟର ଅଭାବ ହିଁ କାର୍ଯ୍ୟସ୍ଥଳରେ ବିଳମ୍ବରେ ପହଞ୍ଚିବାର ମୁଖ୍ୟ କାରଣ। ତେଣୁ ପ୍ରତ୍ୟେକ କାର୍ଯ୍ୟ ଲାଗି ଏକ ସମୟସୀମା ନିର୍ଦ୍ଧାରଣ କରନ୍ତୁ ଏବଂ ସେହି ଅନୁଯାୟ କାର୍ଯ୍ୟ କରନ୍ତୁ।
- ଆଜି ଯଥା ସମୟରେ କାମ ହୋଇଗଲା ଅର୍ଥାତ୍ ସବୁଦିନ ମଧ ହୋଇଯିବ ଭଳି ଭାବନା କେବେ କେବେ ମଣିଷକୁ ଅଳସୁଆ କରିଦିଏ। ତେଣୁ ଏଭଳି ଆଦୌ ନ ଭାବି ପ୍ରତିଦିନର କାମକୁ ଯଥା ସମୟରେ ସାରିଦିଅନ୍ତୁ।
- ବର୍ତ୍ତମାନ ସମୟରେ ମଲ୍ଟି ଟାସ୍କିଂ ହେବା କୌଣସି ଚ୍ୟାଲେଞ୍ଜ ଠୁ କମ୍ ନୁହେଁ। ହେଲେ ଏପରି କଲେ ଆପଣ ଗୋଟିଏ ସମୟରେ ଏକାଧିକ କାର୍ଯ୍ୟ କରିପାରିବା ସହ ଠିକ୍ ସମୟରେ ଅଫିସ୍‌ରେ ପହଞ୍ଚି ପାରିବେ।
- ଦୈନିକ ଶୋଇବା ଏବଂ ଉଠିବାର ଏକ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରନ୍ତୁ। ଅଧିକ ରାତିଯାଏ ଟିଭି, ଲ୍ୟାପ୍‌ଟପ୍, ମୋବାଇଲରେ ବ୍ୟସ୍ତ ନ ରହି ଶୀଘ୍ର ଶୁଅନ୍ତୁ। ପର୍ଯ୍ୟାପ୍ତ ନିଦ୍ରା ଆପଣଙ୍କୁ ସକାଳୁ ଠିକ ସମୟରେ ଉଠିବାରେ ସାହାଯ୍ୟ କରିବା ସହ ଦିନଯାକର କାର୍ଯ୍ୟ କରିବା ଲାଗି ସ୍ଫୁର୍ତ୍ତୀ ଯୋଗାଇବ।
- ଅଫିସ୍‌ରେ ପରବର୍ତ୍ତୀ ଦିନ କେଉଁ କେଉଁ କାର୍ଯ୍ୟ କରିବେ ତାହାକୁ ପୂର୍ବ ରାତିରୁ ଚିନ୍ତା କରି ରଖନ୍ତୁ। ଯେପରିକି ଅଫିସ୍‌ର କୌଣସି ଦରକାରୀ ଫାଇଲ୍ ଆଦି ପୂର୍ବ ରାତିରୁ ହିଁ ପ୍ୟାକ୍ କରିଦିଅନ୍ତୁ।
- ଘରୁ ବାହାରିବା ପୂର୍ବରୁ ସବୁବେଳେ ହାତରେ କିଛି ସମୟ ରଖିଥାନ୍ତୁ। ଫଳରେ ବାଟରେ ଟ୍ରାଫିକ ଜାମ୍ ହେଉ କିମ୍ବା ଅନ୍ୟ କୌଣସି କାରଣ ଯୋଗୁ କାର୍ଯ୍ୟସ୍ଥଳୀରେ ପହଞ୍ଚିବା ଯେପରି ଡେରି ନ ହୁଏ।
- ନିଜର ବ୍ୟକ୍ତିଗତ ତଥା ପାରିବାରିକ କାର୍ଯ୍ୟ କରିବାବେଳେ ଯେଉଁଭଳି ତତ୍ପରତା ଦେଖାଉଛନ୍ତି, ତାହାକୁ ନିଜ ପ୍ରଫେଶନାଲ ଲାଇଫ୍‌ରେ ମଧ କାର୍ଯ୍ୟକାରୀ କରନ୍ତୁ। କାର୍ଯ୍ୟକ୍ଷେତ୍ରରେ ସମୟ ପୂର୍ବରୁ ପହଞ୍ଚନ୍ତୁ ଏବଂ ସେଠାରେ ଛୋଟ ହେଉ କି ବଡ଼ ସମସ୍ତ କାର୍ଯ୍ୟକୁ ଯଥା ସମୟରେ ଶେଷ କରିବାକୁ ଚେଷ୍ଟା କରନ୍ତୁ। ଏହା ଆପଣଙ୍କୁ ଏକ ଦକ୍ଷ କର୍ମୀର ପରିଚୟ ଦେବ।

ୟୁଥ ଆଲର୍ଟ

# ଟାଟୁ କରୁଥିଲେ...



**ବର୍ତ୍ତମାନ ଅନେକଙ୍କ ପାଇଁ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଥିବା ଟାଟୁ ତ୍ୱଚା ସମ୍ବନ୍ଧିତ ବିଭିନ୍ନ ସମସ୍ୟାର କାରଣ ସାଜୁଛି।**

ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ଟାଟୁ କ୍ରେଜ୍ ବଢୁଥିବା ଦେଖିବାକୁ ମିଳୁଛି। କେବଳ ନାଁ ନୁହେଁ ଏହା ସହ ଫୁଲ, ଠାକୁରଙ୍କ ଚିତ୍ର, ବାଘ, ସିଂହ ଭଳି ପଶୁ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର କଳାକୃତି ଟାଟୁ କରାଉଛନ୍ତି। ଏମିତି କି ଅନେକ ପ୍ରେମୀଯୁଗଳଙ୍କ ଠାରେ ଟାଟୁ ନିଶା ଏତେ ଅଧିକ ଯେ, ସେମାନେ ପରସ୍ପରର ନାଁ ନିଜ ହାତରେ ଟାଟୁ କରାଇବାକୁ ବି ପଛାଉ ନାହାନ୍ତି। ହେଲେ ଆପଣ ଜାଣନ୍ତି କି, ବର୍ତ୍ତମାନ ଅନେକଙ୍କ ପାଇଁ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଥିବା ଟାଟୁ ତ୍ୱଚା ସମ୍ବନ୍ଧିତ ବିଭିନ୍ନ ସମସ୍ୟାର କାରଣ ସାଜୁଛି। ଜାଣି ରଖନ୍ତୁ ସେ ସମ୍ପର୍କରେ...

- ବର୍ତ୍ତମାନ ଅନେକଙ୍କ ଶରୀରର ବିଭିନ୍ନ ଅଂଶରେ ଟାଟୁ ଦେଖିବାକୁ ମିଳୁଛି। ହେଲେ ଏହା ଯୋଗୁ କେତେକଙ୍କଠାରେ ଲାଲ ପଡ଼ି ଫଳିଯିବା, ଫୁଲିବା ଭଳି ସମସ୍ୟ ଉପୁଜୁଛି। ବେଳେ ବେଳେ ଉକ୍ତ ସ୍ଥାନରେ ବ୍ୟାକ୍ଟେରିଆଲ୍ ଇନ୍‌ଫେଶନ୍ ବି ହୋଇଥାଏ।
- ଟାଟୁ କରିବାର ପ୍ରାୟ ୪ ମାସ ପର୍ଯ୍ୟନ୍ତ ରକ୍ତଦାନ କରିବା ମନା।
- ପରମାନେଣ୍ଟ ଟାଟୁ କଷ୍ଟରୁ ରକ୍ଷା ପାଇବା ଲାଗି ଅନେକେ ଷ୍ଟିକର ଟାଟୁ ବି ବ୍ୟବହାର କରୁଛନ୍ତି। ଏଥିରେ ଦିଆଯାଇଥିବା କେମିକାଲ ତ୍ୱଚା ଉପରେ ହାନିକାର ପ୍ରଭାବ ପକାଉଛି।
- ଟାଟୁ ପାର୍ଲରରେ ଟାଟୁ କରିବା ଲାଗି ବ୍ୟବହାର ହେଉଥିବା ଛୁଞ୍ଚି, ପଞ୍ଚିଂ ଗନ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଅନେକଙ୍କଠାରେ ବ୍ୟବହାର କରାଯାଇଥାଏ। ଏହାକୁ ଭଲ ଭାବେ ଜୀବାଣୁମୁକ୍ତ କରା ନ ଯାଇଥିବାରୁ ଏଚ୍‌ଆଇଭି, ହେପାଟାଇଟିସ୍ ଭଳି ରୋଗ ସଂକ୍ରମଣର ଆଶଙ୍କା ବଢ଼ିଯାଇଥାଏ।
- ଟାଟୁ କରିବା ଦ୍ୱାରା କେତେକଙ୍କ ଠାରେ କ୍ୟାନ୍ସର ଭଳି ମାରାତ୍ମକ ରୋଗ ବି ସୃଷ୍ଟି ହୋଇଥାଏ।
- ବର୍ତ୍ତମାନ କେବଳ ଗୋଟିଏ ରଙ୍ଗ(କଳା) ନୁହେଁ ବରଂ ଟାଟୁକୁ ଅଧିକ କଲରଫୁଲ୍ ଲୁକ୍ ଦେବାକୁ ସମସ୍ତେ ପସନ୍ଦ କରୁଛନ୍ତି। ହେଲେ ଜାଣନ୍ତିକି, ଏଥିପାଇଁ ବ୍ୟବହାର ହେଉଥିବା ରଙ୍ଗରେ ଆଲୁମିନିଅମ୍, ଟିଟାନିଅମ୍ ଡାଇଅକ୍ସାଇଡ୍, ଲେଡ୍, କ୍ରୋମିଅମ୍, ନିକେଲ୍, ଆଇରନ୍ ଅକ୍ସାଇଡ୍ ଭଳି ଅନେକ ଉପାଦାନ ରହିଥାଏ ଯାହାକି ପରବର୍ତ୍ତୀ ସମୟରେ ତ୍ୱଚାରେ ଆଲର୍ଜିଠାରୁ ଆରମ୍ଭ କରି ତ୍ୱଚା ସମ୍ବନ୍ଧିତ ବିଭିନ୍ନ ସମସ୍ୟାର କାରଣ ସାଜିଥାଏ।
- ଟାଟୁରେ କେତେକ ଡିଜାଇନ୍ କରିବା ଲାଗି ଛୁଞ୍ଚିକୁ ତ୍ୱଚାର ଅଧିକ ଭିତର ପର୍ଯ୍ୟନ୍ତ ଫୁଟାଇବାକୁ ହୋଇଥାଏ। ଫଳରେ ରଙ୍ଗ ମଧ ମାଂସପେଷୀ ଭିତରକୁ ଚାଲିଯାଇଥାଏ ଏବଂ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ। ବିଶେଷଜ୍ଞଙ୍କ ମତରେ ବିଶେଷ କରି କଳାଜାଇ ବା ତିଳ ଚିହ୍ନ ଥିବା ସ୍ଥାନରେ ଟାଟୁ କରାଇବା ଅଧିକ ସମସ୍ୟା ସୃଷ୍ଟି କରିଥାଏ।



# SUNDAY classifieds




## BRIDE WANTED

Deserving Khandayat Groom B.Tech, MBA (IIM) working as Software Engineer, (Cast-no-bar). Contact: 9861022751. D-14351

ଆପଣଙ୍କ ପୁଅଙ୍କ ପାଇଁ ଉପଯୁକ୍ତ କନ୍ୟାପାତ୍ରୀ ଖୋଜୁଛନ୍ତି କି for early marriage. 7978736177. D-14290

Son age 30 B.Tech IIT Dhanbad MBA XLRI Jamsedpur working in Manager at Pune salary 20laks 7008986003. (Caste-no-bar). D-14295

Khandayat son age 31 B.Tech IIT Kharagpur M.Tech IIM Bangalore working in Gartner Gurgaon salary 30lacs 8144589551. D-14297

## GROOM WANTED

ଗୋପାଳ କନ୍ୟା, 5'3", 28, Graduation, P.G ପାଇଁ ବର ଆବଶ୍ୟକ। Phone: 8847825195. D-64090

ନୟାଗଡ଼ ବାସିନ୍ଦା ଏକମାତ୍ର ଝିଅ (୨୫ବର୍ଷ) ଓଡ଼ିଆ ଭଣ୍ଡାରି ଜାତି, ମଧ୍ୟବିତ ପରିବାର ପାଇଁ ପୁଅ ଖୋଜୁଛୁ। ମୋ: ୮୮୨୦୪୬୫୨୨୫। ଧ-୧୪୩୪୭

**Now Matrimonial ads. only on Wednesday & Sunday Book 1 Get 1 FREE**

ଆପଣଙ୍କ ଝିଅଙ୍କ ପାଇଁ ଉପଯୁକ୍ତ ବରପାତ୍ର ଖୋଜୁଛନ୍ତି କି for early marriage. 7978736177. D-14289

Deputy Registrar ଭାବରେ Central Govt.ର ISMରେ କାର୍ଯ୍ୟରତ। ଛାଡପତ୍ରଥିବା ୪୦ବର୍ଷର ଝିଅ ପାଇଁ ସ୍ତ୍ରୀ ନଥିବା ବରପାତ୍ର ଆବଶ୍ୟକ। ୪୦ବର୍ଷ ଉପରକୁ ହୋଇଥିବା ବରପାତ୍ର ଯୋଗାଯୋଗ କରନ୍ତୁ। 8763284487 D-63785

Brahmin looking groom for girl B.Tech NIT MBA IIT Chennai working in MNC Company at Mumbai 6372748613. D-14296




## SALE

**4000 sqft plot sale at Patia (near Big Bazar), Bhubaneswar. Directly buyer Contact Deepak-9937329999.** D-66298

**Gharabari boundary plot Infocity-2 near 200ft. road side. Direct owner-8144391451.** D-66768

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-14319

**କଟକ – ଗୋପାଳପୁର ଧାକୁଲେଇପିଠରୁ 3k.m sqft.250/-, ବାଳକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440.** D-66769

2 lacs deposit ଦେଇ Bank loan ମାଧ୍ୟମରେ Bhubaneswarରେ plot କିଣନ୍ତୁ। Registration/ possession ନେଇ ଘର କରନ୍ତୁ। Mob: 8917412076. D-14282

**ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952.** D-66774

Simplex 2BHK, Tankapani road, Saitemple, 1500sqft land 27,40,000/, BJEM-(2) simplex 1200sqft 15,80,000/- (Finance available). 7735738102. D-14292

**4800 sft gharabari plot for sale at Pokhariput (Near DAV School), Bhubaneswar. Contact Deepak: 9937329999.** D-66292

New 2BHK flat with parking available for sale at Sundarpada price below 30 lakhs. Ph: 9938810414. D-66299

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ବିକ୍ରିହେବ। 9178660666. D-14262

Plot for sale 15420sqft. prime property wall boundary one owner near Dhauli Square, Bhubaneswar. Contact:9867329320, 9699446464. D-67226

**BDA approval ଯୋଗ୍ୟ ପ୍ଲଟ୍ Symphony Mall ପାଖରେ 50,40,000/-ରେ ବିକ୍ରିହେବ। Contact buyer only - 9040059669.** D-67063

3BHK Nos.2 flats sale at Manorama Estate in front of Esplanade, Rasulgarh. 9668678978. D-14349

50'x80' GA plot Sahid Nagar, 3200 sqft. Gajapatinagar, 37000 sqft. IDCO plot KIIT for sale 9439177563. D-14350

**ଭୁବନେଶ୍ୱର ସୁନ୍ଦରପଦା Xavier University ପଛପଟରେ Immediate registration & Possession ସହିତ ସ୍ଥିତିବାନ ପ୍ଲଟ ସୁଲଭମୂଲ୍ୟରେ ମିଳୁଅଛି। Contact: 8249292535.** D-66780

Gharabari plot at Atala near Hanspal Square, Bhubaneswar 30' wideroad, electricity, immediate registration / possession, boundary. 9438419823, 9437286655. D-67062

**Residential plot sale at Patrapada 600mtr from NH, Sqft-2200/- (Size-2024) near Kalinganagar DAV School (Nuagaon) Sqft. 1950/- (Gharabari). 9853606253, 7978332619.** D-66781

212 decml gharabari sthitiban plot, yellowzone on 60ft road adjacent to 200ft road at a distance of 100mtrs @ 1.1 crore for sale. Contact: Owner -9338342502. D-67390

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-14330

ଭୁବନେଶ୍ୱର IIT ଅରଗୁଳ ରେଲଓ୍ୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

**2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-14331

1500sqft gharabari plot 30ft wideroad 2km. before Xavier University, Bhubaneswar for sale. 9937162220. D-66188

BDA Plot 30' Road, Electricity ସହିତ ମାତ୍ର 7,00,000/-ରେ NH-16ରୁ 200 Mtr. distanceରେ ମିଳୁଅଛି। 9439101373, 7750068828. D-14348




Structural Engineer available for design residential, commercial, also steel building design by professor, GP Meher 9437056486 / 6309629747, Bhubaneswar. D-63957

## GENERAL SALE

Nice colour GSD puppies of Kennel club registered parents. 9437205577. D-67501

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66767




Cold store size 15x12x10 near Rasulgarh Chhaka, Bhubaneswar. 8917525377, 9777509408. D-14333

3BHK semifurnished modern flat at main road Unit-8, Soubhagya nagar. 9000004523. D-67706

Brick plant on rent. For Flyash brick one plant & machines having plant shed capacity 16000 sqft. land area 22000 sqft. with readymade office, store, staff quarter. Security deposit & rent negotiable. Contact: 9938810414, 9861022444. D-66300

2500sqft. for godown cum office at Bhanpur between Cuttack, Bhubaneswar. Please call: 9437033691. D-65688

25000sqft. open space / stockyard at Gudiapokhari, before Pipili, Puri. 9937443656. D-67228

3BHK, 3bathroom, tiled floor individual house, carshed at Ratnakarbag, Bhubaneswar. 9937024304. D-67227

**ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା NH-5, ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7008439019, 8895436651.** D-66763

3BHK near Bhagwan Tower, Canal road, Shanti Nagar, Jharpada, Bhubaneswar. Contact: 9885043645. D-67229




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Refresh your mind and soul with best therapy at Orchid Salon/Spa. 9937287222. D-66958

Kajal ayurvedic massage club fully relaxed by smart lady, home service available. 9937637219. D-66960

Ayurvedic herbal body massage trend therapist. Mob: 8018246332. D-66961

Herbal full body massage by smart / expert therapist. Contact: 8338067247. D-67386

Summer special mesmerizing offer expert therapeutic refreshing massage appointment. 9668374480. D-67387

Experience full body massage with us (expert). Call: 7377048581, 06742597822. D-67389

Full body herbal massage with refreshment expert therapist. 7381239385, 06742540855. D-67388

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Stitching long term project contract for tailoring, professionals. Gujarat Textile, Bhubaneswar. 7978852917. D-14329

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117

## AFFIDAVIT

By virtue of an affidavit before Executive Magistrate, Bhubaneswar I Biswa Ketan Panda changed my daughter's name from Aishawarya @ Divyanshi Panda to Divyanshi Panda. Henceforth she shall be known as Divyanshi Panda for all purposes. D-67065

### କୃତୀ ଛାତ୍ରୀ



**ସିଦ୍ଧିରୂପା ଦଳାଇ**

ଏକାମ୍ର ଶିକ୍ଷା ନିକେତନର ଛାତ୍ରୀ ସିଦ୍ଧିରୂପା ଦଳାଇ ବି.ଏମ୍.ସି ବୃତ୍ତି ପରୀକ୍ଷାରେ ୧ମ ଏବଂ ଭାରତୀୟ ଶିକ୍ଷା ପରିଷଦ ତରଫରୁ ରାଜ୍ୟରେ ୪ର୍ଥ ସ୍ଥାନ ଅଧିକାର କରି କୃତିତ୍ୱ ଅର୍ଜନ କରିଛନ୍ତି। ଧ-୬୬୯୬୨

## CLASSIFIED BOOKING STATIONS

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12
Chinmaya Choudhury
Ph:9338991113, 9439811130
Email: anitaadvt@gmail.com

**EUREKA ADVERTISER**
N-6/259, Jaydev Vihar, Bhubaneswar
Nihar Ranjana Mohanty
Ph: 0674-2360820, 9090660177
Email: eureka.advtr@gmail.com

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR
Prabina Kumar Mohanty
Ph: 9337336614, 7008967858

**ASSET PROPERTIES**
Plot- 3766, Lewis Road, BBSR-751014
Ph: (0674) 2435756 (Tel/Fax)
9337124748, 9439963384
Email: ramaprasad1961@gmail.com

**BISHNUPRIYA COMMUNICATION**
Shop-5, Ground Floor, P.D Market, BBSR
Contact: Chintu Choudhury
Ph: 9338301743, 9853533237

**ALFA COMMUNICATION**
B-7,Saheed Nagar, BBSR,
Contact person: B.B Nayak,
Ph: 2547912, 9437101739

**VIDYA PURI BOOK STORE**
Puri Badasankha,
Sibaram Pradhan, Mob : 9861446582

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

### ଆରମ୍ଭ ହେଲା ପିତୃପକ୍ଷ

# ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ତିଳତର୍ପଣ, ପିଣ୍ଡଦାନ



ମାର୍କଣ୍ଡେୟ ପୁଷ୍କରିଣୀରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଉଛି।

**ପୁରୀ ଅଫିସ, ୧୪।୯**

ଶନିବାରଠାରୁ ଆରମ୍ଭ ହୋଇଛି ପିତୃପକ୍ଷ। ଏହା ୧୫ ଦିନ ଅର୍ଥାତ୍ ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ଚାଲିବ। ଏହି ୧୫ ଦିନରେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ତିଳ ତର୍ପଣ ଓ ପିଣ୍ଡଦାନ କରାଯାଇଥାଏ। ଏଥିଲାଗି ଶ୍ରୀକ୍ଷେତ୍ରକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି। ପିତୃପକ୍ଷ ପ୍ରଥମ ଦିନରେ ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ସ୍ନାନ କରି ତିଳତର୍ପଣ କରିଛନ୍ତି। ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନକୁ ପିତୃପକ୍ଷ କୁହାଯାଏ। ପିତୃ ପୁରୁଷଙ୍କ ମୃତ୍ୟୁ ତିଥିରେ ତାଙ୍କ ଉତ୍ତର ପୁରୁଷ ତିଳତର୍ପଣ ସହ ମହାଳୟା ବିଧିରେ ଶ୍ରାଦ୍ଧ ପ୍ରଦାନ କରିଥାନ୍ତି। ଯେଉଁମାନେ ତିଥିରେ ଶ୍ରାଦ୍ଧ କରିପାରନ୍ତି ନାହିଁ ସେମାନେ ମହାଳୟା ଦିନ ଶ୍ରାଦ୍ଧ ପ୍ରଦାନ କରିଥାନ୍ତି। ତର୍ପଣ ଓ ଶ୍ରାଦ୍ଧ କରିବା ଦ୍ୱାରା ପିତୃଲୋକ ସନ୍ତୁଷ୍ଟ ହୋଇ ପରିବାରର ସୁଖ, ଶାନ୍ତି, ସମୃଦ୍ଧି ବୃଦ୍ଧି କରିଥାନ୍ତି। ଅନେକ ବ୍ୟକ୍ତି ଯେଉଁମାନେ ଘରେ ଶ୍ରାଦ୍ଧ ଦେଇ ନ ପାରନ୍ତି ସେମାନେ ବାଇଶ ପାହାଚରେ ପିଣ୍ଡଦାନ କରିଥାନ୍ତି। ଏହି ପିତୃପୁରୁଷଙ୍କୁ ଦୀପାବଳି ଅମାବାସ୍ୟା ଦିନ 'ଅନ୍ଧାରରେ ଆସ ଆଲୁଅରେ ଯାଅ' ବୋଲି କୁହାଯାଇ ବିଦାୟ ଦିଆଯାଏ।

### ଏମ୍‌ଭିଆଇ ପରିଚୟ ଦେଇ ବସ୍‌ରୁ ଲୁଟିଲେ

# ୫ଜଣଙ୍କୁ କାବୁକଲେ ତୀର୍ଥଯାତ୍ରୀ



ଲକ୍ଷ୍ମଣନାଥ ଟୋଲଗେଟ୍ ନିକଟରେ ତୀର୍ଥଯାତ୍ରୀମାନେ ବସ୍ ରଖି ରାସ୍ତା ଅବରୋଧ କରିଛନ୍ତି।

**ଜଳେଶ୍ୱର, ୧୪।୯**

ବାଲେଶ୍ୱର ଜିଲା ଜଳେଶ୍ୱର ନିକଟସ୍ଥ ୬୦ନଂ. ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲଗେଟ୍ ନିକଟରେ ବେଆଇନ ଭାବେ ଚାନ୍ଦା ଆଦାୟ ଚାଲିଛି। ନକଲି ଏମ୍‌ଭିଆଇ, ଆରଟିଓ ଏବଂ ପୋଲିସ ନାମରେ କେତେକ ଯୁବକ ବିଳମ୍ବିତ ରାତିରେ ଆସୁଥିବା ଗୋରୁ ବୋଝେଇ ଟ୍ରକ୍, ମାଛ ବୋଝେଇ ଟ୍ରକ ଓ ତୀର୍ଥଯାତ୍ରୀ ବସ୍‌ଠାରୁ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହୋଇଆସୁଥିଲା। ଶନିବାର ଭୋର୍ ସମୟରେ ଘଟିଥିବା ଘଟଣାରୁ ଏହା ସ୍ପଷ୍ଟ ହୋଇଛି।

ନେପାଳ, ଛତିଶଗଡ଼ ଓ ବିହାରର ୫ଟି ତୀର୍ଥଯାତ୍ରୀ ବସ୍ ଲକ୍ଷ୍ମଣନାଥ ଟୋଲଗେଟ ନିକଟରେ ଭୋର ସମୟରେ ପହଞ୍ଚିବା ପରେ ୬ରୁ ଊର୍ଦ୍ଧ୍ୱ ଯୁବକ ନିଜକୁ ଏମ୍‌ଭିଆଇ କହି ବସ୍‌ଗୁଡ଼ିକୁ ଘେରିଯାଇ କାଗଜପତ୍ର ଯାଞ୍ଚ ପାଇଁ ମାଗିଥିଲେ। ଡ୍ରାଇଭର କାଗଜପତ୍ର ଦେଖାଇ ସାରିବା ପରେ ସବୁ ଠିକ୍ ଥିବା ଦେଖି ଉକ୍ତ ଯୁବକମାନେ ପ୍ରତ୍ୟେକ ବସ୍‌ରୁ ୭ହଜାର ଲେଖାଏଁ ଟଙ୍କା ମାଗିଥିଲେ। ବସ୍‌ରେ ଥିବା ଯାତ୍ରୀମାନେ ସେମାନଙ୍କର ହାବଭାବ ଦେଖି ପରିଚୟପତ୍ର ମାଗିବା ସହ ମୋବାଇଲରେ ଭିଡ଼ିଓ ଉତ୍ତୋଳନ କରିଥିଲେ। ଏଥିରେ ଯୁବକମାନେ ଉତ୍ତେଜିତ ହୋଇ ଯାତ୍ରୀମାନଙ୍କର ମୋବାଇଲକୁ ଛଡ଼ାଇନେଇ ଭାଙ୍ଗି ଦେଇଥିଲେ। ଏହାପରେ ଆରମ୍ଭ ହୋଇଯାଇଥିଲା ସେମାନଙ୍କ ମାରପିଟ୍ ଓ ଲୁଟ୍‌ପାଟ। ଯୁବକମାନେ ଯାତ୍ରୀମାନଙ୍କୁ ମାର୍‌ପିଟ୍ କରିବା ସହ ଟଙ୍କା ଓ ଗହଣା ଲୁଟ୍ କରିବାକୁ ଲାଗିଥିଲେ। ସେମାନେ ଯାତ୍ରୀମାନଙ୍କଠାରୁ ପ୍ରାୟ ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଓ ସୁନାଗହଣା ଲୁଟ୍ କରିଥିଲେ। ଶେଷରେ ତୀର୍ଥଯାତ୍ରୀମାନେ ସାହସ ଜୁଟାଇ ସେହି ନକଲି ଏମ୍‌ଭିଆଇଙ୍କ ମଧ୍ୟରୁ ୫ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ପରେ ଯାତ୍ରୀମାନେ ରାସ୍ତାରେ ବସ୍‌ଗୁଡ଼ିକୁ ରଖି ଅବରୋଧ କରିଥିଲେ। ଯୁବକମାନଙ୍କ ମାଡ଼ରେ ଜଣେ ଡ୍ରାଇଭର ଓ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଜଳେଶ୍ୱର ଜିକେଭିଙ୍କର ହସ୍‌ପିଟାଲ ଓ ପରେ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଜଳେଶ୍ୱର ପୋଲିସ ପହଞ୍ଚିବା ପରେ ତୀର୍ଥଯାତ୍ରୀମାନେ ଅଟକ ରଖିଥିବା ୫ ଯୁବକଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ। ଏହି ଘଟଣା ନେଇ ତୀର୍ଥଯାତ୍ରୀମାନେ ତଥା ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ। ଜଳେଶ୍ୱର ଏସ୍‌ଡିପିଓ ସୁଦର୍ଶନ ଦାସ ଓ ଆଇଆଇସି ପ୍ରଦୀପ ମାଝି ପହଞ୍ଚି ଧାରଣା ଦେଇଥିବା ଲୋକଙ୍କୁ ବୁଝାଶୁଝା କରିଥିଲେ। ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପୋଲିସ ୫ ଯୁବକଙ୍କୁ ଅଟକ ରଖି ତଦନ୍ତ କରୁଛି। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବାର ପୋଲିସ କହିଛି।

### ପୋଲ ତଳକୁ ଖସିଲା କାର୍

# ଶିଶୁକନ୍ୟା ମୃତ, ୩ ଗୁରୁତର

**ବାହାନଗା, ୧୪।୯ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଓଳିଆପାଟଣାସ୍ଥିତ ୧୬ ନମ୍ବର ଜାତୀୟ ରାଜପଥରେ ଥିବା ପୋଲ ଉପରୁ ଶନିବାର ମଧ୍ୟାହ୍ନ ସମୟରେ ଏକ କାର୍ ଭାରସାମ୍ୟ ହରାଇ ୧୬ ଫୁଟ ତଳକୁ ଖସିପଡିଥିଲା। ଏଥିରେ ଥିବା ଜଣେ ଦେଢବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଥିବା ବେଳେ ୫ଜଣ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତରମାନଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ମେଡିକାଲରେ ଭର୍ତ୍ତି କରାଯାଇଛି।

ବାହାନଗା ବ୍ଲକ ପଣପଣା ଗ୍ରାମ ୧୦ ନମ୍ବର ୱାର୍ଡର ପ୍ରଫୁଲ୍ଲ ପଲେଇ, ତାଙ୍କ ସ୍ତ୍ରୀ ସରୋଜିନୀ ଓ ଦେଢବର୍ଷର ଝିଅ ଶିବାଙ୍ଗିନୀଙ୍କ ସହ ସମ୍ପର୍କୀୟ ରତ୍ନାକର ପ୍ରଧାନ, ସ୍ତ୍ରୀ ରଶ୍ମି ଓ ୬ ବର୍ଷର ପୁଅ ସୌମ୍ୟଜିତ୍‌ଙ୍କୁ ନେଇ କାର୍ (ଡିଏଲ-୧୨-ସିଇ ୪୩୨୧)ଯୋଗେ ବାଲେଶ୍ୱର ଅଭିମୁଖେ ଯାଉଥିଲେ। ଓଳିଆପାଟଣା ପୋଲ ନିକଟରେ କାର୍ ଭାରସାମ୍ୟ ହରାଇ ମଝି ଡିଭାଇଡର ଉପରେ ଚଢ଼ିଯାଇଥିଲା। ଫଳରେ ମଝିରେ ଲାଗିଥିବା କନିଅର ଗଛରେ କାର୍ ମାଡ ହୋଇ ଦୁଇ ରାସ୍ତାର ମଝିରେ ଥିବା ପୋଲ ତଳକୁ ଓଲଟି ପଡିଥିଲା। ପୋଲ ତଳେ ୪ଫୁଟର ପାଣି ଥିବାରୁ କାର୍‌ଟି ସମ୍ପୂର୍ଣ୍ଣ ବୁଡିଯାଇଥିଲା। ରାସ୍ତାରେ ଯାଉଥିବା କେତେକ ଯୁବକ ପାଣିକୁ ଡେଇଁ କାର ଭିତରୁ ପ୍ରଥମେ ସେମାନଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ସମୟରେ ପ୍ରଫୁଲ୍ଲଙ୍କ ଝିଅ ଶିବାଙ୍ଗିନୀଙ୍କ ମୃତ୍ୟୁ ହୋଇଯାଇଥିଲା। ଗାଡି ଚଳାଉଥିବା ପ୍ରଫୁଲ୍ଲ, ସ୍ତ୍ରୀ ସରୋଜିନୀ ଓ ସମ୍ପର୍କୀୟ ରତ୍ନାକର, ତାଙ୍କ ସ୍ତ୍ରୀ ରଶ୍ମି ଓ ପୁଅ ସୌମ୍ୟଜିତ୍‌ଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କୁ ଲୋକମାନେ ଆମ୍ବୁଲାନ୍ସ ଯୋଗେ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର-୨କୁ ନେଇଯାଇଥିଲେ। ସେଠାରୁ ସମସ୍ତଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ରତ୍ନାକରଙ୍କ ପୁଅ ସୌମ୍ୟଜିତ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ପଠାଯାଇଛି। ପ୍ରଫୁଲ୍ଲ ଓ ରତ୍ନାକର ସାମାନ୍ୟ ଆହତ ହୋଇଛନ୍ତି। ଖନ୍ତାପଡ଼ା ପୋଲିସ ପହଞ୍ଚି କ୍ରେନ ଲଗାଇ ପାଣିରୁ କାର୍ ଉଦ୍ଧାର କରି ଥାନାରେ ରଖିଛି।



କ୍ରେନ ସାହାଯ୍ୟରେ ଦୁର୍ଘଟଣାଗ୍ରସ୍ତ କାର୍‌କୁ ପାଣି ଭିତରୁ ଉଠାଯାଉଛି।

## ସଂକ୍ଷେପରେ

### ରୁପେ ଡେବିଟ କାର୍ଡରେ ଶପିଂ ହେବ ଶସ୍ତା



**ନୂଆଦିଲ୍ଲୀ,୧୪-୯:** ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ) ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବାକୁ ଯାଇ ରୁପେ ଡେବିଟ୍ କାର୍ଡ ଜରିଆରେ ନେଣଦେଣ ଉପରେ ମର୍ଚ୍ଚେଣ୍ଟ ଡିସ୍‌କାଉଣ୍ଟ ରେଟ୍(ଏମ୍‌ଡିଆର୍) ହ୍ରାସ କରିଛି। ନୂଆ ଏମ୍‌ଡିଆର୍ ଅକ୍ଟୋବର ୨୦ରୁ ଲାଗୁ ହୋଇଯିବ। ଏନ୍‌ପିସିଆଇର କହିବାନୁଯାୟୀ, ଡେବିଟ୍ କାର୍ଡରେ ନେଣଦେଣରେ ଦିଆଯାଉଥିବା ଛାଡ଼ ସମସ୍ତ ପ୍ରକାର ପଏଣ୍ଟ ଅଫ୍ ସେଲ୍(ପିଓଏସ୍)ରେ ଲାଗୁ ହେବ। ଏହାବ୍ୟତୀତ ଇକମ୍ ଏବଂ ଭାରତକ୍ୟୁଆର୍ କୋଡ୍ ଆଧାରିତ ମର୍ଚ୍ଚେଣ୍ଟ ନେଣଦେଣ ଉପରେ ମଧ ନୂଆ ହାର ଲାଗୁ ହେବ। ପଏଣ୍ଟ ଅଫ୍ ସେଲ୍, ଇକମ୍ ଓ ଭାରତକ୍ୟୁଆର କୋଡ୍ ଆଧାରିତ ବାଣିଜ୍ୟିକ ନେଣଦେଣ ଉପରେ ଏମ୍‌ଡିଆର୍ ସଂଶୋଧିତ ହୋଇଛି। ୨୦୦୦ ଟଙ୍କାରୁ ଅଧିକ ନେଣଦେଣ ଲାଗି ଏମ୍‌ଡିଆର୍ ୦.୬୦% ପର୍ଯ୍ୟନ୍ତ ସଂଶୋଧିତ ହୋଇଛି। ଯେଉଁଥିରେ ସର୍ବାଧିକ ୧୫୦ ଟଙ୍କା ପ୍ରତି ନେଣଦେଣ ରଖାଯାଇଛି। ବର୍ତ୍ତମାନ ଏହା ୧ହଜାର ଟଙ୍କାର ପ୍ରତି ନେଣଦେଣର ସର୍ବୋଚ୍ଚ ସୀମା ସହିତ ୨ ହଜାର ଟଙ୍କାରୁ ଅଧିକ ନେଣଦେଣ ଲାଗି ୦.୯% ଧାର୍ଯ୍ୟ ହୋଇଥିଲା। ଭାରତ କ୍ୟୁଆର୍ କୋଡ୍ ଆଧାରିତ ନେଣଦେଣ ଉପରେ ଏମ୍‌ଡିଆର୍‌କୁ ମଧ କମାଇ ୦.୫% କରାଯାଇଛି। ଏହାର ସର୍ବାଧିକ ଏମ୍‌ଡିଆର୍ ୧୫୦ ଟଙ୍କା ରଖାଯାଇଛି। ଏନ୍‌ପିସିଆଇର କହିବାନୁଯାୟୀ ଏମ୍‌ଡିଆର୍ ହାର କମାଇବା ସହ ସର୍ବାଧିକ ସୀମାକୁ କମାଯିବା ଯୋଗୁ ଲୋକେ ଡେବିଟ କାର୍ଡ ମାଧମରେ ନେଣଦେଣ ଲାଗି ପ୍ରୋତ୍ସାହିତ ହେବେ। ବର୍ତ୍ତମାନ ପର୍ଯ୍ୟନ୍ତ ଅଧିକ ଏମ୍‌ଡିଆର୍ କାରଣରୁ ଲୋକେ ଡେବିଟ୍ କାର୍ଡ ଜରିଆରେ ନେଣଦେଣ ପାଇଁ ପଛଘୁଞ୍ଚା ଦେଉଛନ୍ତି। ଏଥିପୂର୍ବରୁ ଏନ୍‌ପିସିଆଇ ଭୀମ୍ ୟୁପିଆଇ ଜରିଆରେ ନେଣଦେଣ ପାଇଁ ଏମ୍‌ଡିଆର୍‌କୁ ସଂଶୋଧନ କରିଥିଲେ ଏବଂ ଏହାର ସର୍ବୋଚ୍ଚ ସୀମା ୧୦୦ ଟଙ୍କା ରଖାଯାଇଛି। ସେହିପରି ୧୦୦ ଟଙ୍କାରୁ କମ୍ ୟୁପିଆଇ ନେଣଦେଣ ଉପରେ କ୍ୟୁଆର୍ କୋଡ୍ ସ୍କାନ ଦ୍ୱାରା କରାଯାଉଥିଲେ ଏମ୍‌ଡିଆର୍‌କୁ ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି।

### ଲେହ୍‌ରେ ଏସ୍‌ବିଆଇ ଖୋଲିଲା ନୂଆ ବ୍ରାଞ୍ଚ

**ଲେହ୍,୧୪-୯:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) କ୍ରମାଗତ ନିଜର ସୁବିଧା ବଢ଼ାଇବା ସହିତ ସୁଦୂର କ୍ଷେତ୍ରରେ ଉପସ୍ଥିତି ଜାହିର କରିବାରେ ଲାଗିଛି। ଏହି କ୍ରମରେ ଲଦାଖ୍‌ର ଲେହ୍‌ରେ ଏକ ବ୍ରାଞ୍ଚ ଖୋଲିଛି। ଏସ୍‌ବିଆଇ ଅଧକ୍ଷ ରଜନୀଶ କୁମାର ଲେହ୍ ଜିଲ୍ଲାର ନୁବ୍ରା ଉପତ୍ୟକାର ଦିସ୍କିତ୍ ଗାଁରେ ୧୪ତମ ବ୍ରାଞ୍ଚକୁ ଉଦ୍‌ଘାଟନ କରିଛନ୍ତି। ଏହି ଗାଁ ସମୁଦ୍ରପତ୍ତନଠାରୁ ପ୍ରାୟ ୧୦,୩୧୦ଫୁଟ ଉଚ୍ଚରେ ଅବସ୍ଥିତ। ଜମ୍ମୁ-କଶ୍ମୀରରୁ ୩୭୦ ଅନୁଚ୍ଛେଦ ଉଚ୍ଛେଦ ପରେ ଏସ୍‌ବିଆଇ ପକ୍ଷରୁ ପ୍ରଥମ ବ୍ରାଞ୍ଚ ସ୍ଥାପନ କରାଯାଇଛି। ଏହି ଗାଁରେ ପ୍ରାୟ ୧୭୬୦ ଜଣ ବସବାସ କରୁଛନ୍ତି। ନୂଆ ବ୍ରାଞ୍ଚ ଖୋଲିବା ପରେ ଏହି ଗ୍ରାମବାସୀମାନେ ବ୍ୟାଙ୍କିଙ୍ଗ୍ ଓ ଆର୍ଥିକ ସେବା ସହଜରେ ପାଇପାରିବେ।

> ଲିଙ୍ଗ ଭେଦ ବୃଦ୍ଧି ପାଉଥିବାରୁ ଏହାକୁ ରୋକିବା ଲାଗି ବାଧ୍ୟତାମୂଳକ ଭାବେ ୨୫ରୁ ୪୦ ପ୍ରତିଶତ ପାଣ୍ଠି ଉପଲବ୍ଧ କରାଯିବା ଉଚିତ୍।
> **- ସ୍ମୃତି ଇରାନୀ, କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ**



> ପର୍ଯ୍ୟଟନ ଶିଳ୍ପରେ ଦେଖାଦେଇଥିବା ଅସୁବିଧା ସମ୍ପର୍କରେ ଆଲୋଚନା କରିବା ଲାଗି ରାଜ୍ୟ ପର୍ଯ୍ୟଟନମନ୍ତ୍ରୀମାନଙ୍କର ବୈଠକ ଥିରୁଭାନନ୍ତପୁରମ୍‌ରେ ୧୬ରେ ଆୟୋଜନ କରାଯିବ।
> **- ପ୍ରହ୍ଲାଦ ସିଂ ପଟେଲ, କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ**



## ରିଅଲ ଇଷ୍ଟେଟ ଲାଗି ପ୍ୟାକେଜ ଘୋଷଣା

# ଫ୍ଲାଟ୍ କ୍ରେତାଙ୍କ ସ୍ୱପ୍ନ ହେବ ସାକାର

**ନୂଆଦିଲ୍ଲୀ,୧୪-୯**



ଦେଶର ଦେଖାଦେଇଥିବା ଆର୍ଥିକ ମାନ୍ଦାବସ୍ଥାର ପ୍ରଭାବ ରିଅଲ ଇଷ୍ଟେଟ ସେକ୍ଟରରେ ପଡ଼ିଛି। ଏହି ସେକ୍ଟର ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶନିବାର ପ୍ୟାକେଜ ଘୋଷଣା କରିଛନ୍ତି। ଅର୍ଦ୍ଧନିର୍ମିତ ଫ୍ଲାଟ୍‌ର ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ସରକାର ୨୦ ହଜାର କୋଟି ଟଙ୍କାର ଏକ ସ୍ପେଶାଲ ୱିଣ୍ଡୋ ଗଠନ କରିଛନ୍ତି। ଏଥିରେ ସରକାର ୧୦ହଜାର କୋଟି ଟଙ୍କା ଦେବେ। ସମ ପରିମାଣ ଅର୍ଥ ଏଲ୍‌ଆଇସି ଓ ଅନ୍ୟ ବାହ୍ୟ ନିବେଶକ ଦେବେ। ଏହାଦ୍ୱାରା ଲକ୍ଷ ଲକ୍ଷ ଲୋକଙ୍କ ଫ୍ଲାଟ୍ କିଣିବା ସ୍ୱପ୍ନ ପୂରା ହୋଇପାରିବ।

ଏହି ପାଣ୍ଠି ସହାୟତାରେ ସାରା ଦେଶରେ ୬୦% ପର୍ଯ୍ୟନ୍ତ କାମ ଶେଷ ହୋଇଥିବା ପ୍ରାୟ ୩.୫ ଲକ୍ଷ ଆଫୋର୍ଡେବଲ ଏବଂ ମିଡିଲ କ୍ଲାସ୍ ହାଉସିଂ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରାଯିବ। ତେବେ ଏନ୍‌ପିଏ ବା ଅନାଦାୟ ଋଣ ହୋଇ ନ ଥିବା, ଦେବାଳିଆ ବା ଆଇବିସି ଅଦାଲତରେ ସମାଧାନ ପାଇଁ ଯାଇ ନ ଥିବା ଏବଂ ନେଟ୍‌ୱର୍ଥ ପଜିଟିଭ ଥିବା ପ୍ରକଳ୍ପଗୁଡ଼ିକୁ ଶେଷ କରିବା ଲାଗି ସରକାର ସହାୟତା ପ୍ରଦାନ କରିବେ ବୋଲି ସର୍ତ୍ତାରୋପ କରାଯାଇଛି।

ଏହାଛଡ଼ା ହାଉସିଂ ଫାଇନାନ୍ସ କମ୍ପାନୀଗୁଡ଼ିକ ପାଇଁ ବିଦେଶରୁ ଋଣ ଆଣିବା ନିୟମକୁ କୋହଳ କରାଯାଇଛି ବୋଲି ଉଲ୍ଲେଖ କରି ସୀତାରାମନ୍ କହିଛନ୍ତି ଯେ, ହାଉସିଂ ବିଲ୍‌ଡିଂ ଆଡଭାନ୍ସ ଉପରେ ସୁଧ ହାରକୁ ହ୍ରାସ କରାଯାଇଛି। ଏହାଦ୍ୱାରା ଘର କିଣିବାକୁ ଚାହିଁ ବସିଥିବା ସରକାରୀ କର୍ମଚାରୀଙ୍କୁ ଫାଇଦା ମିଳିବ। ଏହାଦ୍ୱାରା ରିଅଲ ଇଷ୍ଟେଟ ସେକ୍ଟରରେ ଚାହିଦା ବଢ଼ିବ। ଅର୍ଥମନ୍ତ୍ରୀ କହିଛନ୍ତି ଯେ, ୪୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଘର କ୍ରୟ ଉପରେ ଟିକସ ଛାଡ଼ର ଫାଇଦା ଦେଖିବାକୁ ମିଳୁଛି। ସେ କହିଛନ୍ତି ଯେ, ଆଫୋର୍ଡେବଲ ହାଉସିଂ ଉପରେ ଏକ୍ସଟର୍ନାଲ କମର୍ସିଆଲ ବରୋଇଙ୍ଗ୍ (ଇସିବି)କୁ ସରଳ କରାଯିବ। ଉଲ୍ଲେଖଥାଉ କି, ଇସିବି ୱିଣ୍ଡୋ ମାଧମରେ ଭାରତୀୟ କମ୍ପାନୀମାନେ ଭିନ୍ନ ଭିନ୍ନ ଇନ୍‌ଷ୍ଟ୍ରୁମେଣ୍ଟ ଜରିଆରେ କେତେକ ବିଶେଷ ସ୍ଥିତିରେ ବିଦେଶରୁ ଋଣ ନେଇପାରୁଛନ୍ତି। ତାଙ୍କର କହିବାନୁଯାୟୀ, ଏ କ୍ଷେତ୍ରରେ ବିଦେଶୀ ଋଣ ନିୟମକୁ ସହଜ କରାଯାଇଛି। ଚାପଗ୍ରସ୍ତ ରିଅଲ ଇଷ୍ଟେଟ ପାଣ୍ଠି ଗଠନ ଲାଗି ସରକାରଙ୍କ ଘୋଷଣାକୁ ରିଅଲ ଇଷ୍ଟେଟ ସେକ୍ଟର ସ୍ୱାଗତ କରିଛି। ରିଅଲ ଇଷ୍ଟେଟ ଡେଭଲପର ସଂଗଠନ କ୍ରେଡାଇ ଅଧକ୍ଷ ଜକ୍ଷୟ ଶାହ କହିଛନ୍ତି ଯେ, ସଦ୍ୟତମ ଘୋଷଣା ଦ୍ୱାରା ସରକାର କେବଳ ଜମି ଯାଇଥିବା ଧୂଳିକୁ ହଟାଇଛନ୍ତି। ସରକାର ଏହି ସେକ୍ଟରର ପରିସ୍ଥିତି ଗମ୍ଭିରତା ବୁଝିପାରିନାହାନ୍ତି। ତେବେ ଏହା ସ୍ୱାଗତ ଯୋଗ୍ୟ। ସେହିପରି ନାରେଡକୋ ଅଧକ୍ଷ ନିରଞ୍ଜନ ହିରାନନ୍ଦାନି କହିଛନ୍ତି ଯେ, ୨୦ ହଜାର କୋଟି ଟଙ୍କାର ପାଣ୍ଠି ଗଠନ ନିଶ୍ଚିତ ଭାବେ ସ୍ୱାଗତ କରାଯାଇପାରେ। ଅନୁରୂପ ଭାବେ ଏନରକ୍ ଅଧକ୍ଷ ଅନୁଜ ପୁରି କହିଛନ୍ତି ଯେ, ଏହି ପାଣ୍ଠି ଯୋଗୁ ଶସ୍ତା ଘର ଓ ମଧ୍ୟବିତ୍ତ ଆୟକାରୀଙ୍କୁ ପାର୍ବଣର ଉପହାର କୁହାଯାଇପାରେ। ସମ୍ପତ୍ତି ପରାମର୍ଶଦାତା କମ୍ପାନୀ ନାଇଟ ଫ୍ରାଙ୍କ ଇଣ୍ଡିଆ ଅଧକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଶିଶିର ବଜାଜ କହିଛନ୍ତି ଯେ, ସରକାର ଉଚିତ ଦିଗରେ ପଦକ୍ଷେପ ନେଇଛନ୍ତି। ରିଅଲ ଇଷ୍ଟେଟ କ୍ଷେତ୍ରରେ ଦେଖାଦେଇଥିବା ଅସୁବିଧାକୁ ଅନେକାଂଶରେ ଦୂର କରିପାରିବ।

# ଦୁବାଇ ଢାଞ୍ଚାରେ ମେଗା ଶପିଂ ଫେଷ୍ଟିଭାଲ

**ନୂଆଦିଲ୍ଲୀ,୧୪-୯**

ମାନ୍ଦାବସ୍ଥାକୁ ଦୂର କରିବା ଲକ୍ଷ୍ୟରେ ରପ୍ତାନି କ୍ଷେତ୍ରକୁ ପ୍ରୋତ୍ସାହିତ କରିବାକୁ ଯାଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୫୦ ହଜାର କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ତେବେ ସରକାର ଦୁବାଇ ଷ୍ଟାଇଲରେ ନୂଆ କରି ମାର୍ଚ୍ଚ ୨୦୨୦ରୁ ଦେଶରେ ଶପିଂ ଫେଷ୍ଟିଭାଲ ଆରମ୍ଭ କରିବାକୁ ଯାଉଛନ୍ତି। ଦେଶର ୪ ବଡ଼ ସହରରେ ଏହାକୁ ଆୟୋଜନ କରାଯିବ। ଜେମ୍ସ ଆଣ୍ଡ ଜୁଏଲେରି, ଯୋଗ ଏବଂ ପର୍ଯ୍ୟଟନ, ବୟନଶିଳ୍ପ ଏବଂ ଚମଡା ଉଦ୍ୟୋଗ ସହ ସମ୍ପର୍କିତ ଫେଷ୍ଟିଭାଲ ଆୟୋଜନ କରାଯିବ। ଦିଲ୍ଲୀର ପ୍ରଗତି ମଇଦାନରେ ଯେପରି ପ୍ରତିବର୍ଷ ଟ୍ରେଡ୍ ଫେୟାର ଆୟୋଜନ କରାଯାଉଛି, ଠିକ୍ ସେହି ଢଙ୍ଗରେ ଶପିଂ ଫେଷ୍ଟିଭାଲ ଆୟୋଜନ କରାଯିବ। ଦୁବାଇରେ ଏଭଳି ଶପିଂ ଫେଷ୍ଟିଭାଲ ପ୍ରତିବର୍ଷ ଆୟୋଜନ କରାଯାଇଥାଏ।

ସେହିପରି ରପ୍ତାନି ପାଇଁ ଲାଗୁଥିବା ସମୟକୁ କମାଇବାକୁ ସରକାର ଚାହୁଁଛନ୍ତି। ଅର୍ଥାତ୍ ବନ୍ଦରଗୁଡ଼ିକରେ ରପ୍ତାନି ପାଇଁ ଆପଣାଯାଉଥିବା ପଦ୍ଧତିକୁ ଅଧିକ ସରଳ କରାଯିବ। ବର୍ତ୍ତମାନ ସାମଗ୍ରୀର କ୍ଲିୟରିଂ ଲାଗି ଅଧିକ ସମୟ ଲାଗିଥାଏ। ଏହାକୁ କମାଇ ଦିଆଯିବ। ନିର୍ମଳା ଆମେରିକା ଓ ଚାଇନାର ଉଦାହରଣ ଦେଇ କହିଛନ୍ତି ଯେ, ସେଠାରେ ବନ୍ଦରରେ ସାମଗ୍ରୀର କ୍ଲିୟରାନ୍ସ ଲାଗି ଗୋଟିଏ ଦିନରୁ କମ୍ ସମୟ ଲାଗିଥାଏ। କିନ୍ତୁ ଭାରତରେ ଏଥିପାଇଁ ୧ରୁ ଅଧିକ ଦିନ ଲାଗିଯାଏ। ସେହିପରି ରପ୍ତାନିକୁ ପ୍ରୋତ୍ସାହିତ କରିବା ଲାଗି ସରକାର ରପ୍ତାନି ଉତ୍ପାଦ ଉପରେ ଲାଗୁଥିବା ଶୁଳ୍କ ଏବଂ ଟିକସ ଛାଡ଼(ଆର୍‌ଓଡିଟିଇପି) ସ୍କିମ୍‌କୁ ଲାଗୁ କରିବାକୁ ଯାଉଛନ୍ତି। ଏହାଦ୍ୱାରା ସରକାରଙ୍କୁ ପ୍ରାୟ ୫୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ହେବ। ଆର୍‌ଓଡିଟିଇପି ସ୍କିମ୍ ୨୦୨୦ ଜାନୁୟାରୀ ପହିଲାରୁ ମର୍ଚ୍ଚାଣ୍ଡାଇଜ ଏକ୍ସପୋର୍ଟସ ଫ୍ରମ୍ ଇଣ୍ଡିଆ ସ୍କିମ୍(ଏମ୍‌ଇଆଇଏସ୍)ର ସ୍ଥାନ ନେବ। ପୁରୁଣା ସ୍କିମ୍ ଅଧୀନରେ ସରକାର ସାମଗ୍ରୀ ଏବଂ ଦେଶ ଆଧାରରେ ଶୁଳ୍କ ଉପରେ ଲାଭ ଉପଲବ୍ଧ କରାଇଥାଏ। ଦେଶର ରପ୍ତାନି ୬% ହ୍ରାସ ପାଇଥିବା ବେଳେ ଏହାକୁ ବୃଦ୍ଧି କରିବା ପାଇଁ ସରକାର ପ୍ୟାକେଜ ଘୋଷଣା କରିଛନ୍ତି। ବିଶେଷଜ୍ଞଙ୍କ ମତରେ ସରକାର ନିଷ୍ପତ୍ତି ନେବାରେ ବିଳମ୍ବ କରିଦେଇଛନ୍ତି। ସୀତାରାମନ୍ କହିଛନ୍ତି ଯେ, ରପ୍ତାନି କ୍ଷେତ୍ରରେ ଇ-ରିଫଣ୍ଡ ଶୀଘ୍ର ଲାଗୁ କରାଯିବ। ଏଥିସହିତ ଏକ୍ସପୋର୍ଟ କ୍ରେଡିଟ୍ ସ୍କିମ୍(ଇସିଜିସି)ର ରପ୍ତାନି ଋଣ ବୀମା ଯୋଜନା ପରିସରକୁ ବୃଦ୍ଧି କରାଯିବ। ଏହାଦ୍ୱାରା ସରକାର ବାର୍ଷିକ ୧୭୦୦ କୋଟି ଟଙ୍କା ଅଧିକ ଖର୍ଚ୍ଚ କରିବେ। ପ୍ରାଥମିକତା ଥିବା ସେକ୍ଟର ଅଧୀନରେ ଏକ୍ସପୋର୍ଟ କ୍ରେଡିଟ ଲାଗି ୩୬ହଜାର କୋଟି ଟଙ୍କାରୁ ୬୮ ହଜାର କୋଟି ଟଙ୍କାର ଅତିରିକ୍ତ ପାଣ୍ଠି ଜାରି କରାଯିବ ବୋଲି ସୀତାରାମନ୍ କହିଛନ୍ତି। ରପ୍ତାନି କ୍ଷେତ୍ର ଲାଗି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ପ୍ୟାକେଜ ଘୋଷଣାକୁ ଉଦ୍ୟୋଗ ଜଗତ ସ୍ୱାଗତ କରିଛି।

## ୨୦ରେ ଜିଏସ୍‌ଟି ପରିଷଦ ବୈଠକ

# ଟିକସ ହ୍ରାସ ନେଇ ହୋଇପାରେ ନିଷ୍ପତ୍ତି

**ନୂଆଦିଲ୍ଲୀ,୧୪-୯**

ଜିଏସ୍‌ଟି ପରିଷଦ ବୈଠକ ଚଳିତ ମାସ ୨୦ରେ ଗୋଆରେ ଅନୁଷ୍ଠିତ ହେବ। କାର ଏବଂ ବିସ୍କୁଟ ଉପରେ ଲାଗୁ ହେଉଥିବା ଜିଏସ୍‌ଟି ହ୍ରାସ କରିବା ଲାଗି ଶିଳ୍ପଜଗତ ପକ୍ଷରୁ ଦାବି ହେଉଥିବା ବେଳେ ଏ ଉପରେ ପରିଷଦ ନିଷ୍ପତ୍ତି ନେଇପାରେ। ଏହି ନିଷ୍ପତ୍ତିରେ ରାଜକୋଷ ଉପରେ ପ୍ରଭାବ କଣ ରହିବ ସେ ନେଇ ମଧ ବିଚାର କରାଯିବ। ଅପରପକ୍ଷରେ ଯଦି ଟିକସ ହ୍ରାସ ନେଇ ପରିଷଦ ନିଷ୍ପତ୍ତି ନିଏ ତେବେ ଏହାର ସିଧାସଳଖ ପ୍ରଭାବ ରାଜ୍ୟଗୁଡ଼ିକର ଆୟ ଉପରେ ପଡିବ ବୋଲି ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଅର୍ଥନୀତିରେ ବର୍ତ୍ତମାନ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଚାହିଦା ବଢାଇବା ଲାଗି ଶିଳ୍ପ ଜଗତ ଟିକସ ହ୍ରାସ ସପକ୍ଷରେ ରହିଛି। ଏହି ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଅଧକ୍ଷତା କରିବାକୁ ଥିବା ବେଳେ ଦେଶର ବିଭିନ୍ନ ରାଜ୍ୟରୁ ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକର ପ୍ରତିନିଧିମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ଦେଶର ଜିଡିପି ଅଭିବୃଦ୍ଧି ୫ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଥିବା ବେଳେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ସରକାର କେତେକ ଘୋଷଣା କରିଛନ୍ତି। ଢାଞ୍ଚାଗତ ଏବଂ ଚକ୍ରିୟ ଦୃଷ୍ଟିକୋଣରୁ ମାନ୍ଦାବସ୍ଥା ଆସିଥିବାରୁ ଜିଏସ୍‌ଟି ହ୍ରାସ ନେଇ କିଛି ରାଜ୍ୟ ଯୁକ୍ତି ବାଢିଛନ୍ତି। ପ୍ରଥମେ ରାଜସ୍ୱ ହ୍ରାସ ପ୍ରସଙ୍ଗକୁ ବିଚାର କଲାପରେ ଜିଏସ୍‌ଟି ହ୍ରାସ ନେଇ ଚିନ୍ତା କରାଯିବ ବୋଲି ଅଧିକାରୀ କହିଛନ୍ତି।

### ରାଜ୍ୟଗୁଡିକର ଦାବି: ୩ ବର୍ଷ ବଢୁ ଜିଏସ୍‌ଟି ସେସ୍



ଏନ୍.କେ. ସିଂ

ଦେଶରେ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବା ପରେ ରାଜସ୍ୱ କ୍ଷତି ସହୁଥିବା ଅଧିକାଂଶ ରାଜ୍ୟ ଜିଏସ୍‌ଟି ସେସ୍ ବଢାଇବା ଲାଗି ଦାବି କରୁଛନ୍ତି। ଏହାକୁ ଆଉ ୩ ବର୍ଷ ବଢାଇବା ଲାଗି ଦାବି ହେଉଥିବା ପଞ୍ଚଦଶ ଅର୍ଥକମିଶନ ଅଧକ୍ଷ ଏନ୍.କେ. ସିଂ ଶନିବାର କହିଛନ୍ତି। ଅଟୋମୋବାଇଲ, ମୃଦୁପାନୀୟ, କୋଇଲା, ତମାଖୁ, ପାନ ମସଲା ଭଳି କ୍ଷେତ୍ରରେ ଏହି ସେସ୍ ଲାଗୁ ହେଉଛି। ଏହା ହେଲେ ଖାଉଟିଙ୍କ ଉପରେ ପ୍ରଭାବ କ'ଣ ରହିବ ସେ ଉପରେ ସିଂ ଗୁରୁତ୍ୱାରୋପ କରିଛନ୍ତି। ଯେଉଁ ରାଜ୍ୟଗୁଡିକର ବାର୍ଷିକ ରାଜସ୍ୱ ଆଦାୟ ୧୪% ହାରରେ ବଢୁ ନାହିଁ ଉକ୍ତ କ୍ଷେତ୍ରରେ କ୍ଷତିପୂରଣ ଦେବାକୁ ୨୦୧୭ରେ ଜିଏସ୍‌ଟି ଲାଗୁ କରିବା ବେଳେ କେନ୍ଦ୍ର ସରକାର କହିଥିଲେ। ପଞ୍ଚଦଶ ଅର୍ଥ କମିଶନ କାର୍ଯ୍ୟ ଲାଗି ଭେଟିଥିବା ଅଧିକାଂଶ ରାଜ୍ୟ ଜିଏସ୍‌ଟି ସେସ୍ ବଢାଇବା ଲାଗି ଇଚ୍ଛୁକ ଥିବା ସିଂ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଜିଏସ୍‌ଟି ହ୍ରାସ ଲାଗି ଅଧିକାଂଶ ଶିଳ୍ପ ସଂସ୍ଥା ଦାବି କରୁଛନ୍ତି। ଏହା ହେଲେ ଚାହିଦା ବଢିବା ଦିଗରେ ସହାୟକ ହେବ ବୋଲି ସେମାନେ ଯୁକ୍ତି ବାଢିଛନ୍ତି। ସିଂଙ୍କର ଏହି ମନ୍ତବ୍ୟ ଶିଳ୍ପ ସଂସ୍ଥାଜଗତ ପାଇଁ କ'ଣ ରହିବ ତାହା ଦେଖିବାକୁ ବାକି ରହିଲା।



### ରାଜ୍ୟଗୁଡିକୁ ୧.୭୫ ଲକ୍ଷ କୋଟିର ଜିଏସ୍‌ଟି କ୍ଷତିପୂରଣ

ଚଳିତ ବର୍ଷ ଜୁଲାଇ ମାସ ଶେଷ ସୁଦ୍ଧା କେନ୍ଦ୍ର ସରକାର ରାଜ୍ୟଗୁଡିକୁ ଜିଏସ୍‌ଟି କ୍ଷତିପୂରଣ ବାବଦକୁ ୧.୭୫ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛନ୍ତି। ୨୦୧୭-୨୦୧୯ ମଧ୍ୟରେ ସରକାର ଜିଏସ୍‌ଟି କ୍ଷତିପୂରଣ ସେସ୍ ବାବଦକୁ ୧.୯୮ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଥିଲେ। ଏବେ କ୍ଷତିପୂରଣ ବାବଦ ପ୍ରଦାନ କରିବାକୁ ଥିବା ପାଣ୍ଠିରେ ୨୩,୩୯୧ କୋଟି ଟଙ୍କା ବଳକା ରହିଛି। ଏହି ପ୍ରସଙ୍ଗକୁ ମଧ ବୈଠକରେ ବିଚାର କରାଯିବ। ଟିକସ ସଂଗ୍ରହ କମୁଥିବାରୁ ପାଣ୍ଠିକୁ ଅର୍ଥ ଆସିବା ମଧ କମିଛି।

## ଜିଏସ୍‌ଟି ଠକେଇ ରୋକିବା ଉଦ୍ୟମ

# ନୂଆ ଡିଲରଙ୍କ ପାଇଁ ଆଧାର ଯାଞ୍ଚ ହେବ ବାଧ୍ୟତାମୂଳକ

**ବାଙ୍ଗାଲୋର,୧୪-୯**



- ପୂର୍ବରୁ ଇଚ୍ଛାଧୀନ ଥିଲା ଆଧାର
- ଜାଲ୍ ଇନ୍‌ଭଏସ ଦ୍ୱାରା ହେଉଛି ଠକେଇ

ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ବ୍ୟବସ୍ଥାରେ ହେଉଥିବା ଟିକସ ଠକେଇ ରୋକିବା ଦିଗରେ ସରକାର ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ଧାରାରେ ୨୦୨୦ ଜାନୁୟାରୀଠାରୁ ନୂଆ ଡିଲରଙ୍କ ଲାଗି ଆଧାର ଯାଞ୍ଚ ବାଧ୍ୟତାମୂଳକ କରାଯିବ। ପୂର୍ବରୁ ଏହା ଇଚ୍ଛାଧୀନ ରହିଥିବା ବେଳେ ଆଧାର ପ୍ରମାଣନ(ଅଥେଣ୍ଟିକେଶନ)କୁ ବର୍ତ୍ତମାନ ଅନିବାର୍ଯ୍ୟ କରାଯାଇଥିବା ଜିଏସ୍‌ଟି ନେଟ୍‌ୱର୍କ ମନ୍ତ୍ରୀ ଗୋଷ୍ଠୀର ମୁଖ୍ୟ ତଥା ବିହାର ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦି କହିଛନ୍ତି। ଜାଲ୍ ଇନ୍‌ଭଏସ ଦ୍ୱାରା ଲୋକମାନେ ଜିଏସ୍‌ଟିରେ ଠକେଇ କରୁଥିବା ଗତ ଦୁଇବର୍ଷ ହେବ ଦେଖିବାକୁ ମିଳୁଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଧାରରେ ନୂଆ ପଦକ୍ଷେପ ନିଆଯାଇଛି ବୋଲି ମୋଦି ଏଠାରେ ଖବରଦାତାଙ୍କୁ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଯେଉଁମାନେ ଆଧାର ପ୍ରମାଣନ କରିବାକୁ ଅନିଚ୍ଛୁକ ସେମାନେ ଦସ୍ତାବିଜ ଭାବେ ଏହାକୁ ଦର୍ଶାଇ ପାରିବେ। ଏହି ପ୍ରକ୍ରିୟା ଲାଗି ୩ ଦିନ ସମୟ ଲାଗିବ। ରିଫଣ୍ଡିଂ ବର୍ତ୍ତମାନ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଚଳିତ ବର୍ଷ ସେପ୍ଟେମ୍ବର ୨୪ଠାରୁ ଏକକ ସୋର୍ସରୁ ଅନ୍‌ଲାଇନ ରିଫଣ୍ଡ ଧାରାକୁ ଶେଷ କରିବାକୁ ଜିଏସ୍‌ଟିଏନ୍ ନିଷ୍ପତ୍ତି ନେଇଛି। କେନ୍ଦ୍ରୀୟ ଜିଏସ୍‌ଟି ବା ରାଜ୍ୟ ଜିଏସ୍‌ଟିକୁ ବିଚାରକୁ ନେଇ ଏହା କରିବାକୁ ଯୋଜନା କରାଯାଇଛି। ୨୦୨୦ ଜାନୁୟାରୀ ପହିଲାଠାରୁ ନୂଆ ସରଳୀକୃତ ଜିଏସ୍‌ଟି ରିଟର୍ନ ସିଷ୍ଟମ ଶୁଭାରମ୍ଭ କରିବାକୁ ଜିଏସ୍‌ଟିଏନ୍ ପକ୍ଷରୁ ଯୋଜନା ଚୂଡାନ୍ତ କରାଯାଇଛି।

## ଅର୍ଥ କମିଶନଙ୍କ ବିଷୟ, ସର୍ତ୍ତ ବଦଳ ପ୍ରସଙ୍ଗ

# ସରକାର ମୁଖ୍ୟମନ୍ତ୍ରୀମାନଙ୍କ ସହ ପରାମର୍ଶ କରନ୍ତୁ: ମନମୋହନ

**ନୂଆଦିଲ୍ଲୀ,୧୪-୯**

ମୋଦି ସରକାର ୧୫ତମ ଅର୍ଥ କମିଶନଙ୍କ ବିଷୟ ଓ ସର୍ତ୍ତରେ ପରିବର୍ତ୍ତନ କରିବା ଲାଗି ଏକତରଫା ପଦକ୍ଷେପ ନେଉଛନ୍ତି ବୋଲି ଅଭିଯୋଗ କରି ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ଡ.ମନମୋହନ ସିଂ କହିଛନ୍ତି ଯେ, ଏଭଳି ନିଷ୍ପତ୍ତି ନେବା ପୂର୍ବରୁ ସରକାର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରନ୍ତୁ। ଅର୍ଥ କମିଶନଙ୍କ ନିକଟରେ ଉପସ୍ଥାପିତ ଅତିରିକ୍ତ ବିଷୟ ଏବଂ ରାଜ୍ୟଗୁଡ଼ିକ ଉପରେ ପଡିବାକୁ ଥିବା ସମ୍ଭାବ୍ୟ ପ୍ରଭାବ ସମ୍ପର୍କରେ ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନମୋହନ କହିଛନ୍ତି ଯେ, ସରକାରଙ୍କ ଏକଚାଟିଆ ଚିନ୍ତାଧାରା ସଂଘୀୟ ନୀତି ଏବଂ ସହଯୋଗୀ ମହାସଂଘବାଦ ଲାଗି ଠିକ୍ ନୁହେଁ। ସେ କହିଛନ୍ତି ଯେ, ସରକାର ଅର୍ଥ କମିଶନଙ୍କ ବିଚାରଣୀୟ ବିଷୟ ଓ ସର୍ତ୍ତରେ ପରିବର୍ତ୍ତନ କରିବାକୁ ଚାହୁଁଥିଲେ ମୁଖ୍ୟମନ୍ତ୍ରୀମାନଙ୍କ ସମ୍ମିଳନୀ ଡାକି ସେମାନଙ୍କ ସହ ଆଲୋଚନା କରିବା ଉଚିତ ହେବ। କାରଣ ଏଥିଲାଗି ସେମାନଙ୍କର ସମର୍ଥନ ନେବା ନିହାତି ଜରୁରୀ। ଏହା କରା ନ ଗଲେ ପାଣ୍ଠି ଆବଣ୍ଟନ ମାମଲାରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକର ଅଧିକାର ଛଡ଼ାଇ ନେଉଛନ୍ତି ବୋଲି ବାର୍ତ୍ତା ଯିବ। ମନମୋହନ କହିଛନ୍ତି ଯେ, କମିଶନଙ୍କ ରିପୋର୍ଟ ଅର୍ଥ ମନ୍ତ୍ରଣାଳୟ ନିକଟକୁ ପଠାଯାଇଥାଏ। ଏହାପରେ ଏହାକୁ କ୍ୟାବିନେଟ ନିକଟରେ ଉପସ୍ଥାପନ କରାଯାଏ। ଏଭଳି ସ୍ଥିତିରେ ବର୍ତ୍ତମାନର ମୋଦି ସରକାର ରାଜ୍ୟଗୁଡ଼ିକ ବାବଦରେ କମିଶନ ଉପରେ ଏକତରଫା ଭାବେ ନିଜର ଦୃଷ୍ଟିକୋଣକୁ ଲଦିବା ବନ୍ଦ କରନ୍ତୁ। ଏହା ବଦଳରେ ପାର୍ଲାମେଣ୍ଟର ନିର୍ଦ୍ଦେଶକୁ ସରକାର ପାଳନ କରିବା ଉଚିତ୍ ହେବ।

# ଆଇଟି ରିଟର୍ନର ହେବ ଫେସ୍‌ଲେସ ଇ-ଆସେସ୍‌ମେଣ୍ଟ

**ମୁମ୍ବାଇ,୧୪-୯**

### ବିଜ୍ଞପ୍ତି ଜାରି କଲା ଅର୍ଥ ମନ୍ତ୍ରଣାଳୟ

- ଆୟକର ଅଧିକାରୀଙ୍କ ପାଖକୁ ଦୌଡ଼ିବାକୁ ପଡିବନି
- ଇଲେକ୍‌ଟ୍ରୋନିକ୍ ହେବ ସବୁ ଯୋଗାଯୋଗ
- ସମୟ ବଞ୍ଚିବ, ବ୍ୟବସ୍ଥାରେ ଆସିବ ସ୍ୱଚ୍ଛତା
- ଲାଗୁ କରାଇବା ହେବ ଚ୍ୟାଲେଞ୍ଜ: ବିଶେଷଜ୍ଞ



ଆୟକର ରିଟର୍ନ ପ୍ରକ୍ରିୟାରେ ଫେସ୍‌ଲେସ୍ (ସାମ୍ନାସାମ୍ନି ନ ହୋଇ) ଆସେସମେଣ୍ଟ କରାଇବା ପାଇଁ କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଇ-ଆସେସ୍‌ମେଣ୍ଟ ସ୍କିମ୍‌ର ବିଜ୍ଞପ୍ତି ଜାରି କରାଯାଇଛି। ନୂଆ ବ୍ୟବସ୍ଥା ଦ୍ୱାରା ଆୟକର ଅଧିକାରୀଙ୍କୁ ସାମ୍ନା ନ କରି ଟିକସଦାତାଙ୍କ ରିଟର୍ନ ଯାଞ୍ଚ ତଥା ଅନ୍ୟାନ୍ୟ କାର୍ଯ୍ୟ କରାଯାଇ ପାରିବ। ଏହାଦ୍ୱାରା ବ୍ୟବସ୍ଥାରେ ସ୍ୱଚ୍ଛତା, ସମୟ ସଞ୍ଚୟ ହୋଇ ପାରିବ। ନୂଆ ବ୍ୟବସ୍ଥାରେ ଏସବୁ ସୁବିଧା ସତ୍ତ୍ୱେ ଟିକସ ବିଶେଷଜ୍ଞମାନେ ଏଥିରେ ଚ୍ୟାଲେଞ୍ଜ ରହିଥିବା ପ୍ରକାଶ କରିଛନ୍ତି। ସାରା ଦେଶରେ ଇ-ଆସେସ୍‌ମେଣ୍ଟ ବ୍ୟବସ୍ଥା ଲାଗୁ କରାଇବା ଲାଗି ଆୟକର ବିଭାଗ ପ୍ରସ୍ତୁତ ଥିବା ୨୦୧୮ ଫେବୃୟାରୀରେ ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ବଜେଟ ଭାଷଣରେ ଘୋଷଣା କରିଥିଲେ। ଏହା ଦ୍ୱାରା ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ବିନା କୌଣସି ସାମ୍ନାସାମ୍ନି ସମ୍ପର୍କରେ ରିଟର୍ନର ତର୍ଜମା କରାଯିବ। ବ୍ୟବସ୍ଥା ଦୃଢ଼ୀକରଣ ତଥା ସ୍ୱଚ୍ଛତା ଆଣିବାରେ ଏହା ସହାୟକ ହେବ ବୋଲି ଜେଟ୍‌ଲୀ କହିଥିଲେ। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ଗତ ୨ ବର୍ଷ ହେବ ଏହି ବ୍ୟବସ୍ଥାକୁ ପରୀକ୍ଷାମୂଳକ ଭାବେ ଦେଶର ୧୦୨ ସହରରେ ବଛାବଛା ଟିକସଦାତାଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ କରାଇଛି।

ନୂଆ ବ୍ୟବସ୍ଥା ଅନ୍ତର୍ଗତ ସିବିଡିଟି ଜାତୀୟ ଏବଂ ଆଞ୍ଚଳିକ ସ୍ତରରେ ଇ-ଆସେସମେଣ୍ଟ ସେଣ୍ଟର ସ୍ଥାପନ କରିବ। ଏହା ବାଦ ଇ-ଆସେସ୍‌ମେଣ୍ଟର ଅନ୍ୟାନ୍ୟ ଆନୁଷଙ୍ଗିକ ୟୁନିଟ୍ ମଧ ସ୍ଥାପନ କରାଯିବାର ବ୍ୟବସ୍ଥା ରହିଛି। ଟିକସ ଅଧିକାରୀ ଏବଂ ଟିକସଦାତାଙ୍କ ମଧ୍ୟରେ ସମ୍ପର୍କ କେବଳ ଇଲେକଟ୍ରୋନିକ୍ସ ମାଧମରେ ହିଁ ହେବ। କୌଣସି ବ୍ୟକ୍ତିଙ୍କୁ ଆଇଟି ଅଫିସ ଯିବାକୁ ପଡିବ ନାହିଁ। କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଭିଡିଓ କନଫରେନ୍ସି ଯୋଗେ ମାମଲାର ଫଇସଲା କରାଯିବାକୁ ନିୟମରେ ଉଲ୍ଲେଖ ରହିଛି। କୌଣସି ମାମଲାର ଆସେସ୍‌ମେଣ୍ଟ ଅର୍ଡର ଚୂଡାନ୍ତ ହେବା ପରେ ଜାତୀୟ ଇ-ଆସେସ୍‌ମେଣ୍ଟ ସେଣ୍ଟର ସମସ୍ତ ଇଲେକଟ୍ରୋନିକ୍ ତଥ୍ୟକୁ ଜୁଡିସିଆଲ ଆଇଟି ଅଧିକାରୀଙ୍କୁ ପ୍ରଦାନ କରିବେ। ଏହି ଆଧାରରେ ଟିକସ ସଂଗ୍ରହ କିମ୍ବା ଜରିମାନା ଆଦାୟ ନେଇ ଅର୍ଡର ଜାରି କରାଯିବ। ଯଦି ଟିକସଦାତାଙ୍କର କୌଣସି ଅଭିଯୋଗ ଆସେ ତେବେ ଆଇଟି ଅଧିକାରୀ ଏଥି ସଂକ୍ରାନ୍ତ ରିପୋର୍ଟକୁ ଆପିଲେଟ୍ କମିଶନରଙ୍କୁ ପ୍ରଦାନ କରିବେ।

### କ'ଣ ରହିଛି ପ୍ରକ୍ରିୟା

- ନ୍ୟାଶନାଲ ଇ-ଆସେସ୍‌ମେଣ୍ଟ ସେଣ୍ଟର(ଏନ୍‌ଏସି) ଟିକସଦାତାଙ୍କୁ ଧାରା ୧୪୨(୨) ଅନୁସାରେ ନୋଟିସ ଜାରି କରିବ। ଆସେସ୍‌ମେଣ୍ଟ ସମୟରେ ରହିଥିବା ସମସ୍ୟାକୁ ଏଥିରେ ବିଭାଗ ଜଣାଇବ। ପଞ୍ଜୀକୃତ ଇ-ମେଲ ଆକାଉଣ୍ଟରେ ଟିକସଦାତା ବିଭାଗକୁ ଉତ୍ତର ରଖିବେ।
- ଏନ୍‌ଏସି କୌଣସି ଆସେସ୍‌ମେଣ୍ଟ ମାମଲାକୁ ନିର୍ଦ୍ଦିଷ୍ଟ ଆଞ୍ଚଳିକ ଇ-ଆସେସ୍‌ମେଣ୍ଟ ସେଣ୍ଟର (ଆର୍‌ଏସି)କୁ ପ୍ରଦାନ କରିବ। ଏହା ସ୍ୱୟଂକ୍ରିୟ ସିଷ୍ଟମ ଦ୍ୱାରା ହେବ।
- ଆସେସ୍‌ମେଣ୍ଟର ଯାଞ୍ଚ,ଟେକ୍ନିକାଲ, ରିଭ୍ୟୁ ୟୁନିଟ ଏନ୍‌ଏସି ସହ ସହଯୋଗ ଭିତ୍ତିରେ କାର୍ଯ୍ୟ କରିବେ। କେଉଁ କାର୍ଯ୍ୟ କାହା ପରିସରରେ ଆସିବ ତାହା ସ୍ୱୟଂକ୍ରିୟ ଭାବେ ନିର୍ଦ୍ଧାରଣ ହେବ।
- ଆର୍‌ଏସି ଡ୍ରାଫ୍ଟ ଆସେସ୍‌ମେଣ୍ଟ ଅର୍ଡର ପ୍ରସ୍ତୁତ କରିବା ସହ ଏହାକୁ ଏନ୍‌ଏସିକୁ ପଠାଇବ। ଉକ୍ତ ସେଣ୍ଟର ଏହାକୁ ଚୂଡାନ୍ତ କରିପାରେ କିମ୍ବା ଏହାର ପୁନଶ୍ଚ ତର୍ଜମା ଲାଗି ଅନ୍ୟ ରିଭ୍ୟୁ ୟୁନିଟକୁ ପଠାଇବ। ଦିଗରେ ଟିକସଦାତାଙ୍କୁ ସୁଯୋଗ ଦିଆଯିବ।
- ଯଦି ଡ୍ରାଫ୍ଟ ଅର୍ଡର ତର୍ଜମା ପ୍ରସଙ୍ଗ ପରିସରଭୁକ୍ତ ହୋଇଥାଏ ଏହାକୁ ପୁନଶ୍ଚ ଆସେସ୍‌ମେଣ୍ଟ ୟୁନିଟକୁ ପଠାଯିବ। ପରେ ଏହା ଏନ୍‌ଏସିକୁ ଆସିବ।
- ଆସେସ୍‌ମେଣ୍ଟ ଥରେ ସମ୍ପୂର୍ଣ୍ଣ ହେବା ପରେ ସମସ୍ତ ଇଲେକ୍‌ଟ୍ରୋନିକ୍ସ ରେକର୍ଡ ଆଇଟି ଅଧିକାରୀଙ୍କୁ ପ୍ରଦାନ କରାଯିବ। ସେହି ଅନୁଯାୟୀ ସେ ଟିକସ ଡିମାଣ୍ଡ ଅସୁଲ କରିବେ।



“ ଆମ ଦଳ ଏବେ ବେଶ୍ ସଂଗଠିତ। ଆମେରିକା ବିପକ୍ଷ ଅଲିମ୍ପିକ୍ସ କ୍ୱାଲିଫାୟାର ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବୁ ।

–ସବିତା ପୁନିଆ
ଭାରତୀୟ ମହିଳା ହକି ଦଳ ଉପଅଧିନାୟିକା

“ ଲୋକେ ମୋତେ ଭଲ ଅବା ମନ୍ଦ ଯାହା କୁହନ୍ତୁ ମୋ ପାଇଁ ଫରକ ନ ଥାଏ। ଦଳ ପାଇଁ କିପରି ମୁଁ ଶ୍ରେଷ୍ଠ ପ୍ରଦର୍ଶନ କରିବି ସେଥିପ୍ରତି ମୋର ଧ୍ୟାନ ଥାଏ ।

–ଷ୍ଟିଭ୍ ସ୍ମିଥ୍, ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ଫାଇନାଲରେ ଲକ୍ଷ୍ୟ, ସୌରଭ

**ଲେଉଭେନ (ବେଲଜିୟମ), ୧୪।୯(ପିଟି):** ଉଦୀୟମାନ ଭାରତୀୟ ଶଟଲର ଲକ୍ଷ୍ୟ ସେନ ଏଠାରେ ଚାଲିଥିବା ବେଲଜିୟମ ଅନ୍ତର୍ଜାତୀୟ ଚ୍ୟାଲେଞ୍ଜ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୧୮ ବର୍ଷୀୟ ଲକ୍ଷ୍ୟ ଡେନମାର୍କର କିମ ବ୍ରୁନଙ୍କୁ ହରାଇ ଦେଇଛନ୍ତି। ଶୁକ୍ରବାର ରାତିରେ ଅନୁଷ୍ଠିତ ମ୍ୟାଚ୍‌କୁ ସେ ୨୧-୧୮, ୨୧-୧୧ ଗେମ୍‌ରେ ଜିତି ନେଇଥିଲେ। ସିଧାସଳଖ ବିଜୟ ପାଇଁ ତାଙ୍କୁ ୪୮ ମିନିଟ୍ ଲାଗିଥିଲା। ଏସିଆନ ଜୁନିୟର ଚାମ୍ପିୟନ ଲକ୍ଷ୍ୟ ଫାଇନାଲରେ ଦ୍ୱିତୀୟ ସିଡ୍ ଭିକ୍ଟର ସ୍ୱେଣ୍ଡସେନଙ୍କୁ ଭେଟିବେ। ଅନ୍ୟପକ୍ଷରେ ଭିଏତନାମର ହୋ ଚି ମିନ ସିଟିଠାରେ ଚାଲିଥିବା ଭିଏତନାମ ଓପନ ଫାଇନାଲରେ ସୌରଭ ବର୍ମା ପ୍ରବେଶ କରିଛନ୍ତି। ଦ୍ୱିତୀୟ ସିଡ୍ ସୌରଭ ୨୨-୨୦, ୨୧-୧୫ ଗେମ୍‌ରେ ଜାପାନର କୋଗାକୁ ହରାଇଛନ୍ତି। ଚଳିତ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଗେମ୍ ହାରି ନ ଥିବା ସୌରଭ ଫାଇନାଲରେ ଚାଇନାର ସୁନ ଫେଇ ଜିଆଙ୍ଗଙ୍କୁ ଭେଟିବେ।

### ଆଜି ସରୋଜ ମହାସୁଆର ପୁରସ୍କାର ପ୍ରଦାନ

**ଭୁବନେଶ୍ୱର, ୧୪।୯ (ସ୍ପୋର୍ଟ୍ସ ବ୍ୟୁରୋ):** ସରୋଜ ମହାସୁଆର ପୁରସ୍କାର ପ୍ରଦାନ ଉତ୍ସବ ରବିବାର ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ କ୍ଲବ ପଡ଼ିଆରେ ଅନୁଷ୍ଠିତ ହେବ। ଯୁବ କ୍ରିକେଟର୍ ସ୍ୱସ୍ତିକ ସାମଲ ଓ ରାଜ୍ୟର ଦୁଇ ପ୍ରତିଷ୍ଠିତ ଅମ୍ପାୟର ସତ୍ୟେନ୍ଦ୍ର ମୋହନ ମହାନ୍ତି ଓ ଅନନ୍ତ ବାସୁଦେବ ମିଶ୍ରଙ୍କୁ ଏହି ଅବସରରେ ‘ସରୋଜ ମହାସୁଆର ସ୍ମୃତି ସମ୍ମାନ’ ପ୍ରଦାନ କରାଯିବ। ଗତ ୧୬ ବର୍ଷ ଧରି ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ରବିବାର ସନ୍ଧ୍ୟା ୫ଟାରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସ୍ମୃତି କମିଟି ଆବାହକ ମନୋଜ ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି।

### ଆଡଭାନୀ ଫାଇନାଲରେ

**ମଣ୍ଡାଲେ (ମ୍ୟାନମାର), ୧୪।୯ (ପି.ଟି.):** ଭାରତର ଟପ୍ କ୍ୟୁଇଷ୍ଟ ପଙ୍କଜ ଆଡଭାନୀ ଏଠାରେ ଚାଲିଥିବା ଆଇବିଏସ୍‌ଏଫ୍ ୱାର୍ଲ୍ଡ ବିଲିୟାର୍ଡ୍ସ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଇଂଲଣ୍ଡର ମାଇକ୍ ରସେଲଙ୍କୁ ସେ ୫-୨ରେ ହରାଇ ଦେଇଛନ୍ତି। କ୍ୟାରିୟରର ୨୨ତମ ବିଶ୍ୱ ଟାଇଟଲ ଲକ୍ଷ୍ୟରେ ଥିବା ଆଡଭାନୀ ଫାଇନାଲରେ ସ୍ଥାନୀୟ ଖେଳାଳି ନେ ଥ୍ୱେ ଉ’ଙ୍କୁ ଭେଟିବେ। ସୂଚନାଯୋଗ୍ୟ, ଥ୍ୱେ ଉ’ ଗତବର୍ଷ ଫାଇନାଲରେ ଆଡଭାନୀଙ୍କଠାରୁ ପରାସ୍ତ ହେବା ପୂର୍ବରୁ ରସେଲଙ୍କୁ ସେମିଫାଇନାଲରେ ପରାସ୍ତ କରିଥିଲେ।

# ମଜଭୁତ ସ୍ଥିତିରେ ଇଂଲଣ୍ଡ

## ଆଶେସ୍ ପଞ୍ଚମ ଟେଷ୍ଟ

**ଲଣ୍ଡନ, ୧୪।୯**

ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଆଶେସ ଟେଷ୍ଟରେ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଥିବା ଘରୋଇ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିଛି। ଦ୍ୱିତୀୟ ଇନିଂସରେ ଓପନର ଜୋ ଡେନ୍‌ଲି, ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଓ ଜୋଶ ବଟଲରଙ୍କ ଲଢୁଆ ବ୍ୟାଟିଂ ସହାୟତାରେ ଇଂଲଣ୍ଡ ବୃହତ୍ ଅଗ୍ରଣୀ ହାସଲ କରି ସ୍ଥିତି ଦୃଢ଼ କରିଛି। ପ୍ରଥମ ଇନିଂସରେ ୬୯ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ଇଂଲଣ୍ଡ ଶନିବାର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୯୧ ଓଭରରେ ୮ ଉଇକେଟ ହରାଇ ୩୧୩ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ୨ ଦିନ ବାକି ଥିବା ବେଳେ ଇଂଲଣ୍ଡ ୨ ଉଇକେଟ ହାତରେ ରଖି ୩୮୨ ରନର ବୃହତ୍ ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଟେଲଏଣ୍ଡର ଜୋଫ୍ରା ଆର୍ଚର ୩ ଓ ଜ୍ୟାକ ଲିଚ୍ ୫ ରନ କରି ଅପରାଜିତ ରହିଛନ୍ତି।

ଦ୍ୱିତୀୟ ଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୯/୦ରୁ ଇଂଲଣ୍ଡ ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ରୋରି ବର୍ନ୍ସ ୪ରୁ ଖେଳ ଆରମ୍ଭ କରି ୨୦ ରନ କରି ଆଉଟ ହୋଇଥିଲେ। ସେହିପରି ଓପନର ଜୋ ଡେନ୍‌ଲି ୧ ରନରୁ ଖେଳ ଆରମ୍ଭ କରି ୯୪ ରନର ପାଳି ଖେଳି ଆଉଟ ହେବା ସହ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ୬୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ଜୋଶ ବଟଲର ୪୭, ଅଧିନାୟକ ଜୋ ରୁଟ ୨୧, ଜନି ବେୟାରଷ୍ଟୋ ୧୪, ସାମ କୁରାନ ୧୭ ଓ କ୍ରିସ ୱୋକ୍ସ ୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ସ୍ପିନର ନାଥନ ଲିୟନ ୩, ପିଟର ସିଡଲ ଓ ମିଚେଲ ମାର୍ଶ ଦୁଇଟି ଲେଖାଏ ଓ ପ୍ୟାଟ କମିନ୍ସ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ଅର୍ଦ୍ଧ ଶତକୀୟ ଇନିଂସ୍ ଅବସରରେ ଷ୍ଟ୍ରେଟ୍ ଡ୍ରାଇଭ୍ ସଟ୍ ଖେଳୁଛନ୍ତି ଜୋ ଡେନଲି।

### ସଂକ୍ଷିପ୍ତ ସ୍କୋର

- ଇଂଲଣ୍ଡ ପ୍ରଥମ ଇନିଂସ- ୮୭.୧ ଓଭରରେ ୨୯୪ ଅଲଆଉଟ୍।
- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୬୮.୫ ଓଭରରେ ୨୨୫ ଅଲଆଉଟ୍
- ଇଂଲଣ୍ଡ ଦ୍ୱିତୀୟ ଇନିଂସ- ୯୧ ଓଭରରେ ୩୧୩/୮, (ଡେନଲି- ୯୪, ଷ୍ଟୋକ୍ସ- ୬୭, ବଟଲର- ୪୭, ଲିୟନ- ୩/୬୫, ସିଡଲ- ୨/୫୨, ମିଚେଲ ମାର୍ଶ୨/୪୦)

# ଜିମ୍ବାୱେକୁ ହରାଇଲା ଆଫଗାନିସ୍ତାନ

**ଢାକା, ୧୪।୯ (ଏଏଫ୍‌ପି):** ନାଜିବୁଲ୍ଲା ଜାଦ୍ରାନଙ୍କ ଅପରାଜିତ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ଆଫଗାନିସ୍ତାନ ଏଠାରେ ଚାଲିଥିବା ଅନ୍ତର୍ଜାତୀୟ ଟି୨୦ ତ୍ରିରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଜିମ୍ବାୱେକୁ ୨୮ରନରେ ପରାସ୍ତ କରିଛି। ନାଜିବୁଲ୍ଲା ୩୦ ବଲ୍ ସାମ୍ନା କରି ୫ ଚୌକା ଓ ୬ ଛକା ସହ ୬୯ ରନ କରି ଅପରାଜିତ ରହିଥିଲେ। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ୧୯୮ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଜିମ୍ବାୱେ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୬୯ରନ ସଂଗ୍ରହ କରିବାରେ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ରେଗିସ୍ ଚାକାବ୍‌ଭା ୪୨ରନ କରି ଅପରାଜିତ ରହିଥିଲେ। ଉଇକେଟକିପର ତଥା ଓପନର ବ୍ରେଣ୍ଡନ ଟେଲର ୨୭, ର୍‍ୟାନ ବୁରି ୨୫ରନ କରିଥିଲେ। ଆଫଗାନିସ୍ତାନ ତରଫରୁ ଫରିଦ ମଲିକ ଓ ଅଧିନାୟକ ରଶିଦ ଖାଁ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ପୂର୍ବରୁ ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ନିର୍ଦ୍ଧାରିତ ଓଭରରେ ୫ଉଇକେଟ ବିନିମୟରେ ୧୯୭ରନ କରିଥିଲା। ଦଳ ପକ୍ଷରୁ ନାଜିବୁଲ୍ଲାଙ୍କ ଦ୍ରୁତ ଅର୍ଦ୍ଧଶତକ ବ୍ୟତୀତ ଓପନର ତଥା ଉଇକେଟକିପର ରହମାନୁଲ୍ଲା ଗୁର୍‌ବାଜ ୪୩, ମହମ୍ମଦ ନବି ୩୮ରନ କରିଥିଲେ। ଜିମ୍ବାୱେ ତରଫରୁ ଟେଣ୍ଡାଇ ଚାଟରା ଏବଂ ସିନ୍ ୱିଲିୟମ୍ସ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍
ନାଜିବୁଲ୍ଲା ଜାଦ୍ରାନ

### ସଂକ୍ଷିପ୍ତ ସ୍କୋର

- ଆଫଗାନିସ୍ତାନ: ୨୦ ଓଭରରେ ୧୯୭/୫ (ନାଜିବୁଲ୍ଲା-୬୯*, ସିନ୍ ୱିଲିୟମ୍ସ-୨/୧୬, ଟେଣ୍ଡାଇ ଚାଟରା-୨/୫୩)।
- ଜିମ୍ବାୱେ: ୨୦ ଓଭରରେ ୧୬୯/୭ (ରେଗିସ୍ ଚାକାବ୍‌ଭା- ୪୨*, ବ୍ରେଣ୍ଡନ ଟେଲର-୨୭, ରଶିଦ ଖାଁ-୨/୨୯, ଫରିଦ ମଲିକ-୨/୩୫)।

# ପ୍ରଥମ ଦିବସରେ ଓଡ଼ିଶାକୁ ୨୩ ପଦକ






ଭୀମସେନ ଜାଙ୍କା, ସ୍ୱାଧୀନ ମାଝି, ଲକଚୁମାନ ଶର୍ମା ଓ ଦୀପାଳି ମହାପାତ୍ର।

**କଟକ ଅଫିସ,୧୪।୯:** ରାଞ୍ଚିର ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମରେ ୩୧ତମ ପୂର୍ବାଞ୍ଚଳ ଜୁନିୟର ଆଥ୍‌ଲେଟିକ ଚାମ୍ପିୟନଶିପ ଶନିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଆ ଆଥ୍‌ଲେଟମାନଙ୍କ ପ୍ରଭାବୀ ପ୍ରଦର୍ଶନ ଦେଖିବାକୁ ମିଳିଛି। ଓଡ଼ିଆ ଆଥ୍‌ଲେଟମାନେ ଶନିବାର ୨୩ଟି ପଦକ ଜିତିଛନ୍ତି । ଏହା ମଧ୍ୟରେ ୫ଟି ସ୍ୱର୍ଣ୍ଣ, ୧୨ଟି ରୌପ୍ୟ ଓ ୬ଟି ବ୍ରୋଞ୍ଜ ପଦକ ରହିଛି। ୧୮ବର୍ଷରୁ କମ୍ ବାଳକ ଶଟ୍‌ପୁଟରେ ଲକଚୁମାନ ଶର୍ମା, ୨୦ବର୍ଷରୁ କମ୍ ବାଳକ ହାଇଜମ୍ପରେ ସ୍ୱାଧୀନ କୁମାର ମାଝି, ୨୦ବର୍ଷରୁ କମ ବାଳିକା ୧୦୦ମିଟର ଦୌଡ଼ରେ ଦୀପାଳି ମହାପାତ୍ର, ୨୦ବର୍ଷରୁ କମ ବାଳକ ୧୫୦୦ମିଟର ଦୌଡ଼ରେ ଭୀମସେନ ଜାଙ୍କା ଓ ୨୦ବର୍ଷରୁ କମ୍ ବାଳକ ୪୦୦ମିଟର ରିଲେ ଦୌଡ଼ରେ ଶାନ୍ତନୁ ପଟିଆର, ସରୁଣ ପାୟାସିଂ, ବିଜୟ ଖାଲକୋ, ସାହିଲ କିରୋଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିଲା। ଦୁଇ ଦିନିଆ ଏହି ଚାମ୍ପିୟନଶିପରେ ୩୫ ବାଳିକା ଓ ୨୫ ବାଳକଙ୍କୁ ମିଶାଇ ମୋଟ ୬୦ଜଣିଆ ଓଡ଼ିଆ ଆଥଲେଟ ଏଥିରେ ଅଂଶଗ୍ରହଣ କରିଛନ୍ତି। ଚିତ୍ତରଞ୍ଜନ ମହାପାତ୍ର ବାଳକ ଦଳ ଓ ସସ୍ମିତା ସେଠୀ ବାଳିକା ଦଳ କୋଚ୍ ଭାବେ ଦଳରେ ରହିଛନ୍ତି। ବିଭୂତିଭୂଷଣ ପଣ୍ଡା ଓ ସୁସ୍ମିତା ଦତ୍ତ ଯଥାକ୍ରମେ ବାଳକ ଓ ବାଳିକା ଦଳର ମ୍ୟାନେଜର ଭାବେ ଗସ୍ତ କରିଛନ୍ତି।

# ଫାଇନାଲରେ ନାଗାଲ

**ବଞ୍ଜା ଲୁକା, ୧୪।୯ (ପି.ଟି):** ବୋସନିଆ ଓ ହର୍ଜଗୋଭିନାର ବଞ୍ଜା ଲୁକାଠାରେ ଚାଲିଥିବା ଚ୍ୟାଲେଞ୍ଜର ଟେନିସ ଟୁର୍ନାମେଣ୍ଟରେ ଭାରତୀୟ ଯୁବ ଖେଳାଳି ସୁମିତ ନାଗାଲ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ସେ ସ୍ଲୋଭାକିଆର ଫିଲିପ୍ ହୋରାନ୍‌ସ୍କିଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ବିଶ୍ୱ ର୍‍ୟାଙ୍କିଂରେ କ୍ୟାରିୟର ଶ୍ରେଷ୍ଠ ୧୭୪ତମ ସ୍ଥାନରେ ଥିବା ନାଗାଲ ପଞ୍ଚମ ସିଡ୍ ହୋରାନ୍‌ସ୍କିଙ୍କୁ ୭-୬, ୬-୨ ସେଟରେ ହରାଇ ଫାଇନାଲକୁ ଉଠିଛନ୍ତି। ବିଜୟୀ ହେବାପାଇଁ ନାଗାଲଙ୍କୁ ଏକ ଘଣ୍ଟା ୪୪ ମିନିଟ ସମୟ ଆବଶ୍ୟକ ହୋଇଥିଲା। ଟାଇଟଲ ପାଇଁ ସେ ଫାଇନାଲରେ ନେରଦଲାଣ୍ଡର ଟାଲୋନ ଗ୍ରିକ୍ସପୁଅରଙ୍କୁ ଭେଟିବେ।

ଗତମାସ ନାଗାଲ ୟୁଏସ୍ ଓପନ୍‌ରେ କ୍ୟାରିୟରରେ ପ୍ରଥମଥର ପାଇଁ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଖେଳିବାର ସୁଯୋଗ ପାଇଥିଲେ। ହରିୟାଣାର ୨୨ ବର୍ଷୀୟ ନାଗାଲ କ୍ୱାଲିଫାଇଙ୍ଗ ରାଉଣ୍ଡରେ ଦମ୍‌ଦାର ପ୍ରଦର୍ଶନ କରି ମୁଖ୍ୟ ଡ୍ରରେ ସାମିଲ ହୋଇଥିଲେ। ସେ ପ୍ରଥମ ରାଉଣ୍ଡରେ ସୁଇଜରଲାଣ୍ଡର ଅଭିଜ୍ଞ ଖେଳାଳି ରୋଜର ଫେଡରରଙ୍କୁ ପ୍ରଥମ ସେଟ୍‌ରେ ହରାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ପରେ ଫେଡରର ପ୍ରତ୍ୟାବର୍ତ୍ତନ କରିଥିଲେ ଓ ନାଗାଲ ୬-୪, ୧-୬, ୨-୬, ୪-୬ ସେଟରେ ପରାସ୍ତ ହୋଇଥିଲେ। ଅନ୍ୟପଟେ ସାଙ୍ଘାଇରେ ଚାଲିଥିବା ଚ୍ୟାଲେଞ୍ଜର ଟୁର୍ନାମେଣ୍ଟରେ ଭାରତର ଅନ୍ୟତମ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ସେ ଜାପାନର ୟାସୁଟାକା ଉଚିୟାମାଙ୍କଠାରୁ ୬-୭, ୪-୬ ସେଟରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

# ନିର୍ବାଚନ ଅଧିକାରୀଙ୍କୁ ଭେଟିଲେ ୩ ୟୁନିଟ୍

**କଟକ ଅଫିସ,୧୪।୯:** ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ନିର୍ବାଚନ ଅଧିକାରୀ ମାଖନଲାଲ ମଜୁମଦାରଙ୍କୁ ଶନିବାର ଅପରାହ୍ଣରେ ତିନି ଅନୁବନ୍ଧିତ ୟୁନିଟର କର୍ମକର୍ତ୍ତା ଭେଟିଛନ୍ତି। ଶୁକ୍ରବାର ପ୍ରକାଶ ପାଇଥିବା ପ୍ରଥମ ଭୋଟର ତାଲିକାକୁ ବିରୋଧ କରି ଏହି ୩ ୟୁନିଟ ଭେଟିଥିବା ଜଣାପଡ଼ିଛି। ଉକ୍ତ ୩ ଅନୁବନ୍ଧିତ ୟୁନିଟ ହେଲେ ଓଡ଼ିଶା ସରକାରୀ ମୁଦ୍ରଣାଳୟ(ଓଜିପି), ଏସ୍‌ବିଆଇ ଓ ଗଞ୍ଜାମ ଜିଲା। ଏମାନଙ୍କ କର୍ମକର୍ତ୍ତା ଦୀର୍ଘ ସମୟ ଧରି ନିର୍ବାଚନ ଅଧିକାରୀ ମାଖନଲାଲଙ୍କ ସହ ଆଲୋଚନା କରିଥିଲେ। ତେବେ ସେମାନଙ୍କ ଅଭିଯୋଗ ଗ୍ରହଣ କରାଯାଇଛି। ରବିବାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ ବୋଲି ନିର୍ଦ୍ଧାରଣ ହୋଇଥିବା ବେଳେ ସେମାନଙ୍କ ଅଭିଯୋଗକୁ ଆଧାର କରି କିଛି ପରିବର୍ତ୍ତନ ହେବାର ଆଶା ରହିଛି।

# ବାଏଙ୍କାଙ୍କୁ ଡବ୍ଲ୍ୟୁଡବ୍ଲ୍ୟୁଇ ବେଲ୍ଟ

**ନୂଆଦିଲ୍ଲୀ, ୧୪।୯:** ନୂଆକରି ୟୁଏସ୍ ଓପନ ଜିତିଥିବା କାନାଡାର ବାଏଙ୍କା ଆଣ୍ଡ୍ରେସ୍କୁଙ୍କୁ ବିଶ୍ୱ ରେଶଲିଂ ଚାମ୍ପିୟନଶିପ (ଡବ୍ଲ୍ୟୁଡବ୍ଲ୍ୟୁଇ)ର ମହିଳା ଡିଭିଜନ ଚାମ୍ପିୟନ ବେଲ୍ଟ ମିଳିଛି। ୨୩ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ସେରେନା ୱିଲିୟମ୍ସଙ୍କୁ ହରାଇ ଦେଇଥିବା ୧୯ ବର୍ଷୀୟ ଖେଳାଳି ଶୁକ୍ରବାର ଟୁଇଟ୍ କରି ଡବ୍ଲ୍ୟୁଡବ୍ଲ୍ୟୁଇକୁ ଉପହାର ପାଇଁ ଧନ୍ୟବାଦ୍ ଜଣାଇଛନ୍ତି। ଏଥିସହ ବେଲ୍ଟ ଧରିଥିବା ଫଟୋ ମଧ୍ୟ ଶେୟାର କରିଛନ୍ତି। ଏହାର ଜବାବ ଦେଇଛନ୍ତି ଡବ୍ଲ୍ୟୁଡବ୍ଲ୍ୟୁଇ ସୁପରଷ୍ଟାର ଟ୍ରିପଲ ଏଚ୍। ଡବ୍ଲ୍ୟୁଡବ୍ଲ୍ୟୁଇକୁ ତୁମକୁ ସର୍ବଦା ସ୍ୱାଗତ କରୁଛି। କିନ୍ତୁ ସେହି ଟାଇଟଲ ପାଇଁ ତୁମେ ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। ୟୁଏସ୍ ଓପନ ପାଇଁ ପୁଣି ଥରେ ଶୁଭେଚ୍ଛା ବୋଲି ଟ୍ରିପଲ ଏଚ୍ ଟୁଇଟ୍ କରିଛନ୍ତି। ଉକ୍ତ ଡବ୍ଲ୍ୟୁଡବ୍ଲ୍ୟୁଇ ବେଲ୍ଟରେ ଆଣ୍ଡ୍ରେସ୍କୁଙ୍କ ସମ୍ପୂର୍ଣ୍ଣ ନାମ ସହିତ ୟୁଏସ୍ ଓପନର ଲୋଗୋ ରହିଛି।





ଉଦ୍‌ଘାଟନୀ ଅବସରରେ ଅତିଥି ଓ ଅଫିସିଆଲ୍‌ଙ୍କ ଗହଣରେ ଦୁଇ ଦଳର ଖେଳାଳି।

# ନାଲ୍‌କୋ କପ୍ ହକି ଉଦ୍‌ଘାଟିତ

**କଟକ ଅଫିସ, ୧୪।୯:** ବାରବାଟୀ ଷ୍ଟାଡିୟମରେ ନାଲକୋ କପ୍ ରାଜ୍ୟ ହକି ଚାମ୍ପିୟନଶିପର ସପ୍ତଦଶ ସଂସ୍କରଣ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ୩ଟି ମ୍ୟାଚ୍ ଖେଳାଯାଇଥିଲା। କନ୍ଧମାଳ ୬-୦ ଗୋଲରେ ଅନୁଗୋଳକୁ ପରାସ୍ତ କରିଛି। କନ୍ଧମାଳ ପକ୍ଷରୁ ପ୍ରଥମ କ୍ୱାର୍ଟରରେ ଗୋଟିଏ, ଦ୍ୱିତୀୟ କ୍ୱାର୍ଟରରେ ୨ଟି ଓ ୪ର୍ଥ କ୍ୱାର୍ଟରରେ ୩ଟି ଗୋଲ ହୋଇଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ଝାରସୁଗୁଡ଼ା ୨-୧ ଗୋଲରେ କିଟକୁ ହରାଇଥିଲା। ପ୍ରଥମ ୩ଟି କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ପ୍ରାରମ୍ଭରୁ ଝାରସୁଗୁଡ଼ା ପକ୍ଷରୁ ୨ଟି ଗୋଲ ହୋଇଥିବା ବେଳେ ଅନ୍ତିମ କିଛି ମିନିଟରେ କିଟ ଗୋଟିଏ ଗୋଲ ଦେବାକୁ ସକ୍ଷମ ହୋଇଥିଲା। ସେହିଭଳି ପାରାଦୀପ ପୋର୍ଟ ଟ୍ରଷ୍ଟ ୫-୧ ଗୋଲରେ ସିଆରପିଏଫ ଭୁବନେଶ୍ୱରକୁ ହରାଇଛି। ପ୍ରଥମ କ୍ୱାର୍ଟରର ୪ର୍ଥ ମିନିଟରେ ସିଆର୍‌ପିଏଫ ଭୁବନେଶ୍ୱର ପ୍ରଥମ ଗୋଲ ଦେଇଥିଲା। ପରେ ପାରାଦୀପ ୫ଟି ଗୋଲ ସ୍କୋର କରି ସହଜ ବିଜୟ ହାସଲ କରିନେଇଥିଲା।

ଉଦ୍‌ଘାଟନୀ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଡ.ସୌମେନ୍ଦ୍ର ମୋହନ ପଟ୍ଟନାୟକ, ନାଲକୋର ଫାଇନାନ୍ସ ଡିରେକ୍ଟର ଶ୍ରୀଧର ପାତ୍ର, ପୂର୍ବତନ ମନ୍ତ୍ରୀ ସମୀର ଦେ ଅତିଥି ଭାବେ ଯୋଗ ଦେଇଥିଲେ। ହକି ଓଡ଼ିଶା ସଭାପତି ଜଷ୍ଟିସ ଏ.ଏସ ନାଇଡୁ, ସମ୍ପାଦକ ପ୍ରତାପ ଶତପଥୀ, ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା, ଭାରତୀୟ ମହିଳା ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଅଲିମ୍ପିୟାନ ଅନୁରାଧା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ପାରାଦୀପ ପୋର୍ଟ ଓ ସିଆର୍‌ପିଏଫ୍ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଧରିତ୍ରୀ
DHARITRI
ଢେଙ୍କାନାଳ, ରବିବାର, ୧୫ ସେପ୍ଟେମ୍ବର, ୨୦୧୯



“ ଟେଷ୍ଟ ଓପନର ଭାବେ ରୋହିତ ଶର୍ମା ସଫଳ ହେଲେ ଭାରତକୁ ବଡ଼ ବିଜୟ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ ।

– ସଞ୍ଜୟ ବାଙ୍ଗର, ପୂର୍ବତନ ସହକାରୀ କୋଚ୍



“ ଟି ୨୦ ସିରିଜରେ ଭାରତର ୩ ଅନଭିଜ୍ଞ ପେସ୍ ବୋଲର ନବଦୀପ, ଖଲିଲ ଓ ଦୀପକ ଖେଳିବାକୁ ଥିବାରୁ ଆମେ ତାହାର ଫାଇଦା ନେବୁ ।

–ଲାନ୍ସ କ୍ଲୁଜନର, ଦକ୍ଷିଣ ଆଫ୍ରିକା ସହକାରୀ ବ୍ୟାଟିଂ କୋଚ୍



## ସଂକ୍ଷେପରେ

### ରେକର୍ଡ ଲକ୍ଷ୍ୟରେ କୋହଲି, ରୋହିତ

**ଧର୍ମଶାଳା, ୧୪।୯:** ଏଠାରେ ରବିବାର ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଉପ-ଅଧିନାୟକ ରୋହିତ ଶର୍ମା ବ୍ୟକ୍ତିଗତ ରେକର୍ଡ ଅଧିକାରୀ ହୋଇପାରନ୍ତି। ରୋହିତ ବର୍ତ୍ତମାନ ଟି୨୦ ଫର୍ମାଟରେ ସର୍ବାଧିକ ରନ୍ କରିଥିବା ବ୍ୟାଟ୍ସମ୍ୟାନ। ତାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି କୋହଲି। ଦୁହିଁଙ୍କ ମଧ୍ୟରେ ୫୩ ରନ୍‌ର ବ୍ୟବଧାନ ରହିଛି। ରୋହିତ ୮୮ ଇନିଂସରେ ୨୪୨୨ ରନ୍ କରିଥିବାବେଳେ ୬୫ ଇନିଂସରେ କୋହଲି ୨୩୬୯ ରନ୍ କରିଛନ୍ତି। ଏଣୁ ରୋହିତ ଏକ ବଡ଼ ଇନିଂସ ଖେଳି ନିଜର ଅଗ୍ରଣୀ ବ୍ୟବଧାନକୁ ଅଧିକ ଦୂରକୁ ନେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଅନ୍ୟପକ୍ଷରେ କୋହଲି ଏକ ଜବରଦସ୍ତ ଇନିଂସ ଖେଳି ରୋହିତଙ୍କୁ ପଛରେ ପକାଇବାକୁ ଚାହିଁବେ। କେବଳ ଏତିକି ନୁହେଁ ଆଉ ଏକ ତାଲିକାରେ ମଧ ଦୁହେଁ ଆଗପଛ ହୋଇ ରହିଛନ୍ତି। କୋହଲି ଓ ରୋହିତ ଏବେ ଟି୨୦ ଫର୍ମାଟରେ ସବୁଠୁ ଅଧିକ ଅର୍ଦ୍ଧଶତକ ଲଗାଇଥିବା ବ୍ୟାଟ୍ସମ୍ୟାନଙ୍କ ତାଲିକାର ଶୀର୍ଷରେ ରହିଛନ୍ତି। ରୋହିତ ଏପର୍ଯ୍ୟନ୍ତ ୧୭ ଅର୍ଦ୍ଧଶତକ ଓ ୪ ଶତକ ଲଗାଇସାରିଛନ୍ତି। କୋହଲିଙ୍କ ନାମରେ ୨୧ ଅର୍ଦ୍ଧଶତକ ରହିଛି, ଯାହାକି ଟି୨୦ରେ ସବୁଠୁ ଅଧିକ।

### କପିଳ ଦେବ ହେଲେ କୁଳପତି

**ଚଣ୍ଡିଗଡ଼, ୧୪।୯ (ପି.ଟି.):** ସୋନିପତ ଜିଲାର ରାଇଠାରେ ଅବସ୍ଥିତ ହରିୟାଣା ସ୍ପୋର୍ଟ୍ସ ୟୁନିଭର୍ସିଟିର ପ୍ରଥମ କୁଳପତି ଭାବେ ନିଯୁକ୍ତି ପାଇଛନ୍ତି କ୍ରିକେଟ କିମ୍ବଦନ୍ତୀ କପିଳ ଦେବ। ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ଅନିଲ ଭିଜ୍ ଶନିବାର ଏବିଷୟରେ ଟୁଇଟ୍ କରିଛନ୍ତି। କୌଣସି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଏହା ହେଉଛି ଦେଶର ତୃତୀୟ ସ୍ପୋର୍ଟ୍ସ ୟୁନିଭର୍ସିଟି। ଅନ୍ୟ ଦୁଇଟି ହେଲା ସ୍ୱର୍ଣ୍ଣିମ ଗୁଜରାଟ ସ୍ପୋର୍ଟ୍ସ ୟୁନିଭର୍ସିଟି(ଗାନ୍ଧୀ ନଗର) ଏବଂ ତାମିଲନାଡୁ ଫିଜିକାଲ ଏଜୁକେଶନ ଆଣ୍ଡ୍ ସ୍ପୋର୍ଟ୍ସ ୟୁନିଭର୍ସିଟି(ଚେନ୍ନାଇ)। ରାଇ(ସୋନିପତ୍) ସ୍ଥିତ ସ୍ପୋର୍ଟ୍ସ ସ୍କୁଲକୁ ଏକ କ୍ରୀଡ଼ା ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବ ବୋଲି ଭିଜ୍ ପୂର୍ବରୁ ଘୋଷଣା କରିଥିଲେ। ନିକଟରେ ରାଜ୍ୟ କ୍ୟାବିନେଟରେ ଏହି ପ୍ରସ୍ତାବ ଅନୁମୋଦନ ଲାଭ କରିଥିଲା। ଭିଜ୍ କହିଛନ୍ତି, ବିଶ୍ୱବିଦ୍ୟାଳୟରେ ଶାରୀରିକ ଶିକ୍ଷା ଏବଂ ଖେଳ ବିଜ୍ଞାନରେ ଏକାଡେମିକ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହେବ, ଯେଉଁଥିରେ ସ୍ପୋର୍ଟ୍ସ ଟେକ୍ନୋଲୋଜି ଅନ୍ତର୍ଭୁକ୍ତ। ପାଠ୍ୟକ୍ରମରେ ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ ଟ୍ରେନିଂ, ସ୍ପୋର୍ଟ୍ସ ଇନ୍‌ଫ୍ରାଷ୍ଟ୍ରକ୍ଚର ଇଞ୍ଜିନିୟରିଂ, ସ୍ପୋର୍ଟ୍ସ ସାଇକୋଲୋଜି, ସ୍ପୋର୍ଟ୍ସ ନ୍ୟୁଟ୍ରିଶନ, ସ୍ପୋର୍ଟ୍ସ ଜର୍ନାଲିଜମ ଏବଂ ସ୍ପୋର୍ଟ୍ସ ମାର୍କେଟିଂ ସାମିଲ କରାଯାଇଛି।।

# ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି୨୦ ଆଜି

**ଧର୍ମଶାଳା, ୧୪।୯ (ପି.ଟି.)**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆରମ୍ଭ ହେବାକୁ ଯାଉଛି ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ। ସ୍ଥାନୀୟ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ (ଏଚ୍‌ପିସିଏ) ଷ୍ଟାଡିୟମରେ ରବିବାର ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବାର

**ବିଶ୍ୱକପ୍ ପ୍ରସ୍ତୁତି ଲକ୍ଷ୍ୟରେ ଭାରତ**

କାର୍ଯ୍ୟକ୍ରମ ଥିବାରୁ ଏହି ସିରିଜ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ବିରାଟ କୋହଲିଙ୍କ ନେତୃତ୍ୱରେ ଏକ ଉଚ୍ଚକୋଟୀର ପ୍ରତିଭାସମ୍ପନ୍ନ ଭାରତୀୟ ଦଳ ବିଶ୍ୱକପ୍ ପ୍ରସ୍ତୁତି ଲକ୍ଷ୍ୟରେ ପଡିଆକୁ ଓହ୍ଲାଇବ। ଦିନିକିଆ ବିଶ୍ୱକପ୍‌ରେ ସେମିଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହେବା ପରେ ଭାରତ ଏହି ତିକ୍ତ ଅନୁଭୂତିକୁ ଅବଶ୍ୟ ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜରେ ଭୁଲିଥିଲା। ଟି୨୦ ସିରିଜରେ ଭାରତ ୩–୦ରେ ଘରୋଇ ୱେଷ୍ଟଇଣ୍ଡିଜକୁ ହରାଇଥିଲା। ଯୁବ ଖେଳାଳିଙ୍କୁ ନେଇ ଗଠିତ ଭାରତୀୟ ଦଳ କ୍ୱିଣ୍ଟନ ଡିକକ୍‌ଙ୍କ ଦକ୍ଷିଣ ଆଫ୍ରିକା ବିପକ୍ଷ ଏହି ସିରିଜରେ ଅବଶ୍ୟ ଚାପର ସମ୍ମୁଖୀନ ହେବ। ଦକ୍ଷିଣ ଆଫ୍ରିକା ଦଳରେ କ୍ୱିଣ୍ଟନ ଡିକକ୍ ଓ କାଗିସୋ ରାବାଡ଼ାଙ୍କ ଭଳି ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ରାବାଡ଼ା କିମ୍ବା ଡେଭିଡ ମିଲରଙ୍କ ଗୋଟିଏ ଭଲ ସ୍ପେଲ୍ ଭାରତକୁ ସମସ୍ୟାରେ ପକାଇପାରେ। ସେହିପରି ଫାଫ୍ ଡୁପ୍ଲେସି ଓ ହାସିମ ଅମଲାଙ୍କ ଭଳି ଅଭିଜ୍ଞ ଖେଳାଳିଙ୍କ ଅନୁପସ୍ଥିତିରେ ଟେଷ୍ଟ ସ୍ପେଶାଲିଷ୍ଟ ଟେମ୍ବା ବଭୁମା ଓ ଅନରିଚ୍ ନୋର୍ଜଙ୍କୁ ନିଜର ଦକ୍ଷତା ପ୍ରମାଣ କରିବାକୁ ହେବ। ଆସନ୍ତା ବର୍ଷ ଅକ୍ଟୋବରରେ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବା ପୂର୍ବରୁ ଭାରତ ପାଖାପାଖି ୨୦ଟି ମ୍ୟାଚ୍ ଖେଳିବାର ସୁଯୋଗ ହାସଲ କରିବ। ତେଣୁ ଅଧିନାୟକ କୋହଲିଙ୍କ ସମେତ ହେଡ୍ କୋଚ ରବି ଶାସ୍ତ୍ରୀ ଏକ ଶକ୍ତିଶାଳୀ ତଥା ସନ୍ତୁଳିତ ଦଳ ଗଠନ ଉପରେ ଗୁରୁତ୍ୱ ଦେବା ଆଶା କରାଯାଉଛି। ଆଗାମୀ ୧୩ ମାସ ମଧ୍ୟରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳାଯିବ। ତେବେ ଏହି ସମୟ ଅବଧିରେ ଟିମ୍ ମ୍ୟାନେଜମେଣ୍ଟକୁ ଏକାଧିକ ପ୍ରଶ୍ନର ଉତ୍ତର ଦେବାକୁ ହେବ। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ତଥା କାର୍ଯ୍ୟଭାର ଯୋଗୁ କୋହଲି, ତାଙ୍କ ଡେପୁଟି ରୋହିତ ଶର୍ମା, ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ଯଥେଷ୍ଟ ବିଶ୍ରାମ ଦେବାର ଆବଶ୍ୟକତା ରହିଛି। ମହେନ୍ଦ୍ର ସିଂ ଧୋନୀ ଅବସର ନେଇ ନିଜେ ନିଷ୍ପତ୍ତି ନେବେ। ତେବେ ତାଙ୍କୁ ଦଳରେ ସାମିଲ କରାଯିବ କି ନା ସେ ନେଇ ଟିମ୍ ମ୍ୟାନେଜମେଣ୍ଟ ସହ ଚୟନ କମିଟି ନିଶ୍ଚିତ ଭାବେ ଦ୍ୱନ୍ଦ୍ୱରେ ଥିବେ। ରିଷଭ ପନ୍ତଙ୍କ ବେପରୁଆ ବ୍ୟାଟିଂ କୋହଲି ଓ ଶାସ୍ତ୍ରୀଙ୍କୁ ଚିନ୍ତାରେ ପକାଇଛି। ମନୀଷ ପାଣ୍ଡେ ପ୍ରତିଭା ସମ୍ପନ୍ନ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଆଶାନୁରୂପ ବ୍ୟାଟିଂ କରିବାରେ ବିଫଳ ହୋଇଛନ୍ତି। ତେଣୁ ୪ ନମ୍ବରରେ ପାଣ୍ଡେ କିମ୍ବା ୱେଷ୍ଟଇଣ୍ଡିଜ୍ ଗସ୍ତରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଶ୍ରେୟାସ ଆୟାର ବ୍ୟାଟିଂ କରିବା ଆଶା କାରଯାଉଛି। ସ୍ପିନ୍ ଯୋଡି ୟୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ପୁଣି ଦମ୍ ଦେଖାଇବା ଆଶା କରାଯାଉଛି। ସେହିପରି ରାଜସ୍ଥାନ ଯୁବ ସ୍ପିନର ରାହୁଲ ଚହରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି କୁହାଯାଉଛି। ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ଭଲ ଫର୍ମରେ ଅଛନ୍ତି। ରବୀନ୍ଦ୍ର ଜାଡେଜା ମଧ ଅଭିଜ୍ଞତାରୁ ଫାଇଦା ଉଠାଇବା ଆଶା କରାଯାଉଛି। ଉଭୟ ଭଲ ବ୍ୟାଟିଂ କରିବା ସହ ଭଲ ସ୍ପିନ୍ ମଧ ବୋଲିଂ କରିଥାନ୍ତି। ଦଳରେ ମଧ ବ୍ୟାକ୍‌ଅପ୍ ଫିଙ୍ଗର ସ୍ପିନର ୱାଶିଂଟନ ସୁନ୍ଦର ରହିଛନ୍ତି। ଦ୍ରୁତ ବୋଲିଂରେ ଯଶପ୍ରୀତ ବୁମ୍‌ରାଙ୍କ ଅନୁପସ୍ଥିତିରେ ଦୀପକ ଚହର, ନବଦୀପ ସଇନି, ଖଲିଲ ଅହମ୍ମଦ ଦାୟିତ୍ୱ ସମ୍ଭାଳିବେ। ବିଶ୍ୱକପ୍ ପୂର୍ବରୁ ଆଗାମୀ ୧୩ ମାସ କୋହଲି ଓ ଶାସ୍ତ୍ରୀଙ୍କ ପାଇଁ ଏକ ପ୍ରକାର ଆହ୍ୱାନ ସୃଷ୍ଟି କରିଛି। ସିରିଜ ତଥା ଗସ୍ତର ପ୍ରଥମ ମ୍ୟାଚ୍ ହୋଇଥିବାରୁ ଉଭୟ ଦଳ ବିଜୟୀ ହେବା ପାଇଁ ପ୍ରୟାସ କରିବେ।



ନୂଆ ଜର୍ସି ଉନ୍ମୋଚନ ଅବସରରେ ଡାହାଣରୁ ଭାରତୀୟ ଦଳର କୋଚ୍ ରବି ଶାସ୍ତ୍ରୀ, ଅଧିନାୟିକ ବିରାଟ କୋହଲି ଓ ରୋହିତ ଶର୍ମା ।

■ **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ରିଷଭ ପନ୍ତ (ଉଇକେଟ- କିପର), ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, କ୍ରୁନାଲ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ରାହୁଲ ଚହର, ଖଲିଲ ଅହମ୍ମଦ, ଦୀପକ ଚହର ଓ ନବଦୀପ ସଇନି।

■ **ଦକ୍ଷିଣ ଆଫ୍ରିକା ଦଳ:** କ୍ୱିଣ୍ଟନ ଡିକକ୍ (ଅଧିନାୟକ), ରାସି ଭାନ ଡେର ଡୁସେନ, ଟେମ୍ବା ବଭୁମା, ଜୁନିୟର ଡାଲା, ବିଜର୍ନ ଫର୍ଚ୍ୟୁନ୍, ବେଉରାନ ହେଣ୍ଡ୍ରିକ୍ସ, ରିଜା ହେଣ୍ଡ୍ରିକ୍ସ, ଡେଭିଡ ମିଲର, ଅନରିଚ୍ ନୋର୍ଜ, ଆଣ୍ଡିଲ ଫେଲୁକ୍ୱାଓ, ଡ୍ୱେନ ପ୍ରିଟୋରିୟସ, କାଗିସୋ ରାବାଡ଼ା, ତାବରେଜ ଶାମସି ଓ ଜର୍ଜ ଲିଣ୍ଡେ।

**ସ୍ଥାନ: ଧର୍ମଶାଳା, ସମୟ: ସନ୍ଧ୍ୟା ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

## ପୂଜାରା, ରାହୁଲ, ଜାଡେଜା ଘୋଷଣା କରିବେ କେଉଁଠି ଦେବେ ଡୋପ ଟେଷ୍ଟ

**ନୂଆଦିଲ୍ଲୀ, ୧୪।୯:** ଭାରତୀୟ କ୍ରିକେଟରଙ୍କ ଲାଗି ଜାତୀୟ ଆଣ୍ଟି ଡୋପିଂ ସଂସ୍ଥା (ନାଡା) ପକ୍ଷରୁ ପ୍ରଥମ ଥର ରେଜିଷ୍ଟର ଟେଷ୍ଟିଂ ପୁଲ (ଆରଟିପି) ପ୍ରସ୍ତୁତ କରାଯାଇଛି। ଏହି ତାଲିକାରେ ୫ ଷ୍ଟାର ପୁରୁଷ ଓ ମହିଳା ଖେଳାଳି ରହିଛନ୍ତି। ଏଥିରେ ଚେତେଶ୍ୱର ପୂଜାରା, ଲୋକେଶ ରାହୁଲ ଓ ରବୀନ୍ଦ୍ର ଜାଡେଜା ଏବଂ ମହିଳା କ୍ରିକେଟର ସ୍ମୃତି ମନ୍ଧାନା ଓ ଦୀପ୍ତି ଶର୍ମା ରହିଛନ୍ତି। ଏମାନେ ପ୍ରଥମ ସେଟ୍ କ୍ରିକେଟର ଭାବେ କେଉଁଠାରେ ଡୋପ୍ ଟେଷ୍ଟ ଦେବେ, ତାହା ନାଡା ଡିଜିଓଙ୍କୁ ଜଣାଇବେ। ନାଡାର ମୁଖ୍ୟ କାର୍ଯ୍ୟାଳୟରେ ଚଳିତ ମାସ ‘ହ୍ୱେୟାରଏବାଉଟ୍’ କ୍ଲଜ ସମ୍ପର୍କରେ ଏକ କର୍ମଶାଳା ଆୟୋଜନ ହେବ। ଆସନ୍ତା ୩ ମାସ ପର୍ଯ୍ୟନ୍ତ ଉପରୋକ୍ତ କ୍ରିକେଟରମାନଙ୍କୁ ପ୍ରତ୍ୟେକ ଦିନ ଏକ ଘଣ୍ଟାର ସ୍ଲଟ ନାଡାକୁ ଦେବାକୁ ପଡ଼ିବ। ଉକ୍ତ ସ୍ଲଟରେ ସେମାନେ ଡୋପ ନମୁନା ଦେବା ପାଇଁ ଉପଲବ୍ଧ ରହିବେ। ଆରଟିପି ଅନୁଯାୟୀ, ନାଡା ଡୋପ ନମୁନା ସଂଗ୍ରହ କରିବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ନିଜର ଏକ ରେଜିଷ୍ଟର ଭାରତୀୟ କ୍ରିକେଟରଙ୍କ ପୁଲ ରହିଛି। ସେଥିରେ ଜାଡେଜା, ପୂଜାରା, ରାହୁଲ, ମନ୍ଧାନା ଓ ଦୀପ୍ତିଙ୍କ ନାମ ସ୍ଥାନ ପାଇ ନାହାନ୍ତି। ଏମାନଙ୍କ ବ୍ୟତୀତ ଆଇସିସି ଆରଟିପି ତାଲିକାରେ ଥିବା ଖେଳାଳିଙ୍କ ନମୁନା ଆଇସିସି ଅନୁମତି ପରେ ସଂଗ୍ରହ କରାଯିବ। ନାଡାର ଟେଷ୍ଟିଂ ଲାବ୍ରୋଟୋରି ଏନ୍‌ଡିଟିଏଲ ୬ ମାସ ବାସନ୍ଦ ହୋଇଛି। ହେଲେ ନାଡା କ୍ରିକେଟରଙ୍କ ନମୁନା ସଂଗ୍ରହ କରିବା ଜାରି ରଖିଛି।

# ରାୟୁଡୁ ହାଇଦ୍ରାବାଦ ଅଧିନାୟକ ନିଯୁକ୍ତ

**ହାଇଦ୍ରାବାଦ, ୧୪।୯**

ଅବସର ନିଷ୍ପତ୍ତିରୁ ଓହରିବାର ପାଖାପାଖି ୨ ସପ୍ତାହ ପରେ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁଙ୍କୁ ଆଗାମୀ ବିଜୟ ହଜାରେ ଟ୍ରଫି ଲାଗି ହାଇଦ୍ରାବାଦ କ୍ରିକେଟ୍ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଚଳିତ ମାସ ଅନ୍ତିମ ଭାବରେ ୫୦ ଓଭର ବିଶିଷ୍ଟ ଘରୋଇ କ୍ରିକେଟ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫି ଆରମ୍ଭ ହେବ। ଗତ ବିଶ୍ୱକପ୍‌ରେ ଭାରତର ୪ ନମ୍ବର ସ୍ଥାନରେ ବ୍ୟାଟିଂ ପାଇଁ ରାୟୁଡୁ ଦୌଡ଼ର ସର୍ବାଗ୍ରେ ରହିଥିଲେ ମଧ ତାଙ୍କୁ ଅଣଦେଖା କରାଯାଇଥିଲା। ତେବେ ଷ୍ଟାଣ୍ଡବାଏ ଖେଳାଳି ତାଲିକାରେ ରହିଥିଲେ ମଧ ବିଜୟ ଶଙ୍କରଙ୍କ ବଦଳ ଖେଳାଳି ଭାବେ ମୟଙ୍କ ଅଗ୍ରୱାଲଙ୍କୁ ପ୍ରାଧାନ୍ୟ ଦିଆଯିବା ପରେ ରାୟୁଡୁ ଚୟନକର୍ତ୍ତାଙ୍କ ନିଷ୍ପତ୍ତିରେ କ୍ଷୋଭ ପ୍ରକାଶ କରି ସମସ୍ତ ପ୍ରକାର ଫର୍ମାଟ୍‌ରୁ ଅବସର ଘୋଷଣା କରିଥିଲେ। କିନ୍ତୁ ପରେ ପ୍ରାକ୍ତନ ହାଇଦ୍ରାବାଦ ବ୍ୟାଟ୍ସମ୍ୟାନ ଭି.ଭି.ଏସ୍. ଲକ୍ଷ୍ମଣ, ନୋଏଲ୍ ଡେଭିଡ୍ ଓ ଚେନ୍ନାଇ ସୁପର୍ କିଙ୍ଗ୍ସର ଅଫିସିଆଲ ପ୍ରମୁଖ ରାୟୁଡୁଙ୍କୁ ମନାଇବାରେ ସଫଳ ହେବାପରେ ସେ ପୁନର୍ବାର କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଚଳିତ ବର୍ଷ ମୋଟ ୩୭ ଦଳ ବିଜୟ ହଜାରେ ଟ୍ରଫିରେ ଅଂଶଗ୍ରହଣ କରୁଥିବାବେଳେ ମୁମ୍ବାଇ ଡିଫେଣ୍ଡିଂ ଚାମ୍ପିୟନ ରହିଛି। ଗ୍ରୁପ୍-ବି’ରେ ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ଦିଲ୍ଲୀ, ହରିୟାଣା, କେରଳ, ସୌରାଷ୍ଟ୍ର ଓ ଉତ୍ତର ପ୍ରଦେଶ ସହ ହାଇଦ୍ରାବାଦ ସ୍ଥାନ ପାଇଛି।





## ଅମିତ ପଙ୍ଘାଲଙ୍କ ସହଜ ବିଜୟ

**ଏକାଟରିନବର୍ଗ (ରୁଷିଆ), ୧୪।୯ (ପି.ଟି.):** ଏସିଆନ ଚାମ୍ପିୟନ ଅମିତ ପଙ୍ଘାଲ ସହଜ ବିଜୟ ସହ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ତାଙ୍କ ପଦକ ଅଭିଯାନ ଆରମ୍ଭ କରିଛନ୍ତି। ଶନିବାର ସେ ଚାଇନିଜ ତାଇପେର ତୁ ପୋ–ୱିଙ୍କ ବିପକ୍ଷ ତାଙ୍କ ଓପନିଂ ବାଉଟରେ ବିଜୟ ଲାଭ କରିଛନ୍ତି। ଏଠାରେ ଦ୍ୱିତୀୟ ସିଡ୍ ତଥା ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ୨୩ବର୍ଷୀୟ ପଙ୍ଘାଲ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୫–୦ରେ ପରାସ୍ତ କରି ପ୍ରି–କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଭାରତୀୟ ବକ୍ସରଙ୍କୁ ପ୍ରଥମ ରାଉଣ୍ଡରେ ବାଇ ମିଳିଥିଲା। ପୋ–ୱିଙ୍କ ବିପକ୍ଷରେ ପଙ୍ଘାଲ ଆରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ ସହ ପ୍ରାଧାନ୍ୟ ବିସ୍ତାର କରିଥିଲେ। ପ୍ରଥମ ରାଉଣ୍ଡ ସହଜରେ ଜିତିନେଇଥିଲେ। ତାଇପେ ବକ୍ସର ଅଧିକାଂଶ ସମୟ ପଙ୍ଘାଲଙ୍କୁ ମୁହାଁମୁହିଁ ହେବାକୁ ଏଡାଇଯାଉଥିବା ଦେଖି ରେଫରି ତାଙ୍କୁ ତାଗିଦ କରିବାକୁ ବାଧ୍ୟ ହୋଇଥିଲେ। ହମବର୍ଗଠାରେ ବିଶ୍ୱ ଚାମ୍ପିୟନଶିପ୍‌ର ଗତ ସଂସ୍କରଣ କ୍ୱାର୍ଟରଫାଇନାଲିଷ୍ଟ ପଙ୍ଘାଲଙ୍କୁ ଚ୍ୟାଲେଞ୍ଜ କରିବାରେ ପୋ–ୱି ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ପଙ୍ଘାଲ ତାଙ୍କ ଓଜନ କାଟେଗୋରି ୪୯କେଜିରୁ ୫୨କେଜିକୁ ପରିବର୍ତ୍ତନ କରିଥିଲେ।

# ଶାହାବାଜ ଜିତିଲେ ଇଷ୍ଟ ଜୋନ୍ ସ୍ନୁକର



ବାମରୁ ଟୁର୍ନାମେଣ୍ଟ କୋଅର୍ଡିନେଟର ଗୋବିନ୍ଦ ଶର୍ମା,’ରନର୍ସଅପ୍ ସୁବ୍ରତ ଦାସ, ମିଶାଲ ସ୍ୱାଇଁ, କୁନାଲ ଅଗ୍ରୱାଲ, ଚାମ୍ପିୟନ ଶାହାବାଜ ଆଦିଲ ଖାଁ ଓ ୬ ପକେଟ୍ସ କ୍ଲବ୍ ମାଲିକ ଜିତେନ ଷଡ଼ଙ୍ଗୀ।

**ଭୁବନେଶ୍ୱର, ୧୪।୯(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ପଟିଆସ୍ଥିତ ୬ ପକେଟ୍ସଠାରେ ଚାଲିଥିବା ଫାଲ୍‌କନ ଚିଲିକା ଇଷ୍ଟ ଜୋନ୍ ସ୍ନୁକର ଚାମ୍ପିୟନଶିପ୍ ଶନିବାର ଶେଷ ହୋଇଛି। ପଶ୍ଚିମବଙ୍ଗର ଶାହାବାଜ ଆଦିଲ ଖାଁ ଟାଇଟଲ ହାସଲ କରିଛନ୍ତି। ପ୍ରତିଯୋଗିତାର ଦଶମ ଦିବସରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ସେ ଓଡ଼ିଶାର ସୁବ୍ରତ ଦାସଙ୍କୁ ୬–୪ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଫାଇନାଲ ମ୍ୟାଚ୍‌ରେ ସଂଘର୍ଷ ଦେଖିବାକୁ ମିଳିଥିଲା। ତେବେ ଶାହାବାଜ ୫୮–୬୩, ୪୨–୬୮, ୬୩– ୨୫, ୫୮–୧୪, ୬୭–୦, ୪୩– ୫୭, ୬୯– ୪୩, ୬୫– ୯୧, ୫୮– ୦୧, ୭୧–୧୭ ଫ୍ରେମ୍‌ରେ ବିଜୟୀ ହୋଇ ବାଜି ମାରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଶାହାବାଜ ନିଜ ରାଜ୍ୟର ମନୀଷ ଜୈନଙ୍କୁ ୫–୩ (୬୨– ୨୭, ୪୭– ୭୬, ୩୦– ୫୬, ୪୭– ୩୪, ୭୨–୦, ୪୨– ୭୨, ୧୨୦–୦, ୬୯– ୨୬)ରେ ହରାଇ ଫାଇନାଲକୁ ଉଠିଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ସୁବ୍ରତ ଓଡ଼ିଶାର ଅନ୍ୟତମ ଖେଳାଳି ଆକାଶ ମହାପାତ୍ରଙ୍କୁ ୫–୧ (୫୯– ୫୭, ୫୯– ୩୨, ୬୩– ୬୭, ୬୦– ୩୫, ୬୧– ୧୭, ୪୦– ୧୪)ରେ ହରାଇ ଫାଇନାଲରେ ପ୍ରବେଶ କରଥିଲେ। ୧୦ ଦିନ ଧରି ଚାଲିଥିବା ଏହି ସ୍ନୁକର ଟୁର୍ନାମେଣ୍ଟ ସଫଳତାର ସହ ଅନୁଷ୍ଠିତ ହୋଇଛି। ଟୁର୍ନାମେଣ୍ଟ କୋଅର୍ଡିନେଟର ଗୋବିନ୍ଦ ଶର୍ମା ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରିଥିଲେ। ଏହି ଅବସରରେ ସମସ୍ତ ପ୍ରାୟୋଜକ ଓ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ଖେଳାଳିଙ୍କୁ ୬ ପକେଟ୍ସ କ୍ଲବ ତରଫରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

# ଭାରତୀୟ ଦଳକୁ ରେକର୍ଡ ଟାଇଟଲ୍

**କଲମ୍ବୋ, ୧୪।୯**

ବାମହାତୀ ସ୍ପିନର ଅଥର୍ବ ଆଙ୍କୋଲେକରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତୀୟ ଦଳ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛି। ସ୍ଥାନୀୟ ଆର୍. ପ୍ରେମଦାସ ଷ୍ଟାଡିୟମରେ ଅନୁଷ୍ଠିତ ଏକ ଲୋ ସ୍କୋରିଂ ମ୍ୟାଚ୍‌ରେ ଭାରତୀୟ ଦଳ ୫ ରନ୍‌ରେ ବାଂଲାଦେଶକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଭାରତ ଇନିଂସ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫଳରେ ଦଳ ମାତ୍ର ୩୨.୪ ଓଭରରେ ୧୦୬ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ୩ ଜଣ ବ୍ୟାଟ୍ସମ୍ୟାନ ଖାତା ଖୋଲିପାରି ନ ଥିବାବେଳେ ୫ ଜଣ ଦୁଇ ଅଙ୍କ ସ୍କୋର ଛୁଇଁପାରି ନ ଥିଲେ। କେବଳ କରନ ଲାଲ ୩୭, ଅଧିନାୟକ ଧ୍ରୁବ ଜୁରେଲ ୩୩ ଓ ଶାଶ୍ୱତ ରାୱତ ୧୯ ରନ୍ କରିଥିଲେ। ବାଂଲାଦେଶ ପକ୍ଷରୁ ମୃତ୍ୟୁଞ୍ଜୟ ଚୌଧାରୀ ଓ ଶାମିମ ହୋସେନ ୩ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବାଂଲାଦେଶ ବ୍ୟାଟିଂ ଲାଇନ ଅପ୍ ମଧ ସମାନ ଦଶା ଭୋଗିଥିଲା। ୧୦୭ ରନ୍‌ର ଛୋଟିଆ ଟାର୍ଗେଟ ନେଇ ଓହ୍ଲାଇଥିବା ବାଂଲାଦେଶ ୩୩ ଓଭରରେ ୧୦୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଅଧିନାୟକ ଆକବର ଅଲି ୨୩, ମୃତ୍ୟୁଞ୍ଜୟ ୨୧, ତାନ୍‌ଜିମ ହାସନ ସାକିବ ୧୨ ଓ ରକିବୁଲ ହାସନ ୧୧ ରନ୍ କରିଥିଲେ। ୧୮ ବର୍ଷୀୟ ଆଙ୍କୋଲେକର ୮ ଓଭର ବୋଲିଂ କରି ୨୮ ରନ୍ ବ୍ୟୟରେ ୫ ଉଇକେଟ ନେଇ ବିଜୟରେ ନାୟକ ସାଜିଥିଲେ। ତାଙ୍କୁ ଭରପୂର ସହାୟତା କରିଥିଲେ ଆକାଶ ସିଂ। ସେ ୩ ଉଇକେଟ ନେଇଥିବାବେଳେ ବିଦ୍ୟାଧର ପାଟିଲ ଓ ସୁଶାନ୍ତ ମିଶ୍ର ଗୋଟିଏ ଲେଖାଏ ସଫଳତା ପାଇଥିଲେ। ଭାରତୀୟ ଦଳ ରେକର୍ଡ ୭ମ ଥର ପାଇଁ ଏସିଆ କପ୍ ଜିତିଛି।



ଟ୍ରଫି ସହ ଚାମ୍ପିୟନ ଭାରତୀୟ ଦଳ ଖେଳାଳି ।

**୧୯ ବର୍ଷରୁ କମ୍ ଏସିଆ କପ୍ ବିଜେତା**

୧୯୮୯: ଭାରତ
୨୦୦୩: ଭାରତ
୨୦୧୨: ଭାରତ ଓ ପାକିସ୍ତାନ (ଯୁଗ୍ମ)
୨୦୧୪: ଭାରତ
୨୦୧୬: ଭାରତ
୨୦୧୭: ଆଫଗାନିସ୍ତାନ
୨୦୧୮: ଭାରତ
୨୦୧୯: ଭାରତ

**ସଂକ୍ଷିପ୍ତ ସ୍କୋର**

**୧୯ ବର୍ଷରୁ କମ୍ ଭାରତ ଦଳ:** ୩୨.୪ ଓଭରରେ ୧୦୬/ଅଲଆଉଟ୍ (ଧ୍ରୁବ ଜୁରେଲ ୩୩, କରନ ଲାଲ ୩୭, ଶାଶ୍ୱତ ରାୱତ ୧୯, ଶମିମ ହୋସେନ ୩/୮, ମୃତ୍ୟୁଞ୍ଜୟ ଚୌଧାରୀ ୩/୧୮)।

**୧୯ ବର୍ଷରୁ କମ୍ ବାଂଲାଦେଶ ଦଳ:** ୩୩ ଓଭରରେ ୧୦୧/ଅଲଆଉଟ୍ (ଆକବର ଅଲି ୨୩, ମୃତ୍ୟୁଞ୍ଜୟ ଚୌଧାରୀ ୨୧, ଆଙ୍କୋଲେକର ୫/୨୮, ଆକାଶ ୩/୧୨)।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ରବିବାର, ୧୫ ସେପ୍ଟେମ୍ବର /୨୦୧୯, Dhenkanal, Sunday, September 15 / 2019

## ସଂକ୍ଷେପରେ

### ଗାଡ଼ି ପାର୍କିଂ ସ୍ଥାନ ଚିହ୍ନଟ

ଅନୁଗୋଳ ଅଫିସ, ୧୪।୯- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗାଡ଼ି ପାର୍କିଂ ପାଇଁ ଆବଶ୍ୟକ ସ୍ଥାନ ନାହିଁ। କିନ୍ତୁ ଯେତିକି ସ୍ଥାନ ରହିଛି, ସେଠାରେ କେମିତି ସୁରୁଖୁରୁରେ ଗାଡ଼ି ଗୁଡ଼ିକ ପାର୍କିଂ ହୋଇପାରିବ ସେ ନେଇ ମେଡିକାଲ କର୍ତ୍ତୃପକ୍ଷ ପ୍ରୟାସ ଆରମ୍ଭ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ୫ ମହଲା, ଟ୍ରକ୍ ଆସୋସିଏଶନ୍ ୱାର୍ଡ, ନିରାମୟ ସମ୍ମୁଖ ଓ ଏଡିଏମ୍‌ଓ ମେଡିକାଲ ସମ୍ମୁଖରେ ପ୍ରଶାସନ ପକ୍ଷରୁ କଳା ଦାଗ ମରାଯାଇଛି। ଏହି ସ୍ଥାନ ଭିତରେ ଗାଡ଼ି ରଖିବାକୁ ଲୋକଙ୍କୁ କୁହାଯିବ। ଫଳରେ ମେଡିକାଲରେ ଚଳପ୍ରଚଳ ସହ ଯାତାୟାତରେ ସୁବିଧା ହେବ ବୋଲି କୁହାଯାଇଛି।

### ଅଙ୍ଗନୱାଡ଼ି କର୍ମୀଙ୍କଠାରୁ ଲୁଟ୍

ତାଳଚେର, ୧୪।୯(ଡି.ଏନ.ଏ.)- ତାଳଚେର ବ୍ଲକ ବାଲୁଙ୍ଗା ଅଙ୍ଗନୱାଡ଼ି କର୍ମୀ ସରୋଜିନୀ ବେହେରାଙ୍କଠାରୁ ସୁନା ଚେନ ଲୁଟ୍ ହୋଇଥିବା ତାଳଚେର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଶୁକ୍ରବାର ମଧ୍ୟାହ୍ନରେ ସେ ଅଙ୍ଗନୱାଡ଼ି କେନ୍ଦ୍ରରେ ଥିବାବେଳେ ୩ ଜଣ ଯୁବକ ଏକ ବାଇକ୍‌ରେ ସେଠାରେ ପହଞ୍ଚିଥିଲେ। ନିଜକୁ ବ୍ଲକ ଅଫିସର କର୍ମଚାରୀ ବୋଲି ପରିଚୟ ଦେଇ ଅଙ୍ଗନୱାଡ଼ି କେନ୍ଦ୍ରରେ ପାଚେରି ନିର୍ମାଣ ହେବ ବୋଲି ଦୁର୍ବୃତ୍ତମାନେ କହିଥିଲେ। ପରେ ଆଲୋଚନା ପାଇଁ ଅଭିଯୁକ୍ତମାନେ ସରୋଜିନୀଙ୍କୁ ବାହାରକୁ ଡାକିଥିଲେ। ସରୋଜିନୀ ବାହାରକୁ ଆସିବା ପରେ ଦୁର୍ବୃତ୍ତମାନେ ତାଙ୍କର ୨୫ ଗ୍ରାମ ଓଜନର ସୁନା ଚେନ୍ ଛିଣ୍ଡାଇ ନେଇ ପଳାଇଥିଲେ। ପୋଲିସ ନଂ. ୨୩୫/୧୯ରେ ଏକ ମାମଲା ରୁଜୁ କରିଛି।

### ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ

ବଇଣ୍ଡା,୧୪।୯(ଡି.ଏନ.ଏ)- ୫୫ ନଂ. ଜାତୀୟ ରାଜପଥର ନାକିଚିଠାରେ ଶନିବାର ହଣ୍ଡପା ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡ଼ିଗୁଡ଼ିକୁ ଅଟକାଇ ହେଲମେଟ, କାଗଜପତ୍ର ଆଦି ଯାଞ୍ଚ କରାଯାଇ ୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ହଣ୍ଡପା ଥାନା ଏଏସ୍‌ଆଇ ପି.କେ ଆଇଚଙ୍କ ନେତୃତ୍ୱରେ ଏହି ଯାଞ୍ଚ କରାଯାଇଥିଲା।

## ମେଡିକାଲର ୩ଶହ କର୍ମଚାରୀ ନେଲେ ତାଲିମ

# ପଢ଼ିଲେ ଅଗ୍ନି ନିରାପତ୍ତା ପାଠ

ଅନୁଗୋଳ ଅଫିସ, ୧୪।୯




ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ମଚାରୀଙ୍କୁ ଶନିବାର ଅଗ୍ନି ନିରାପତ୍ତା ପାଠ ପଢ଼ାଯାଇଛି। କୌଣସି ସ୍ଥାନରେ ଅଗ୍ନି ସଂଯୋଗ ହେଲେ କିପରି ତୁରନ୍ତ ରୋକାଯାଇ ପାରିବ ସେ ସମ୍ପର୍କରେ ସକାଳ ୯ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ଏହି ପାଠ ପଢ଼ାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ୫ ମହଲା ଅଟ୍ଟାଳିକା ନିକଟରେ ୩ଶହ କର୍ମଚାରୀଙ୍କୁ ଏହି ତାଲିମ ପ୍ରଦାନ କରାଯାଇଥିଲା। ଅନୁଗୋଳ ଅଗ୍ନିଶମ ଅଧିକାରୀ ସର୍ବେଶ୍ୱର ବରାଳଙ୍କ ସମେତ ଅନ୍ୟମାନେ ମେଡିକାଲ ପରିସରରେ ମକ୍ ଡ୍ରିଲ କରି ଅଗ୍ନି ନିରାପତ୍ତା ସମ୍ପର୍କରେ କର୍ମଚାରୀଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଏଡିଏମ୍‌ଓ ମେଡିକାଲ ଲକ୍ଷ୍ମୀନାରାୟଣ ବିଶୋଇଙ୍କ ସହ ମ୍ୟାନେଜର ଉପସ୍ଥିତ ଥିଲେ।

ମେଡିକାଲ କାନ୍ଥରେ ଝୁଲୁଥିବା ଅଗ୍ନି ନିରାପତ୍ତା ସିଲିଣ୍ଡରକୁ କିପରି ବ୍ୟବହାର କରାଯିବ ସେ ନେଇ କର୍ମଚାରୀଙ୍କୁ ଅଗ୍ନିଶମ ବିଭାଗ ପକ୍ଷରୁ ବୁଝାଯାଇଥିଲା। ସେହିପରି ବିଦ୍ୟୁତ୍ ଶଟସର୍କିଟକୁ କିପରି ଆୟତ୍ତ କରାଯିବ ଓ ଲୋକଙ୍କୁ ସୁରକ୍ଷିତ ରଖାଯିବ ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା। ମେଡିକାଲ କର୍ମଚାରୀ, ନର୍ସ, ସୁରକ୍ଷା କର୍ମଚାରୀ ଓ ଅନ୍ୟମାନେ ଏହି ତାଲିମ ନେଇଥିଲେ। ଅଗ୍ନିଶମ ଅଧିକାରୀ ବରାଳଙ୍କ ସମେତ ରବୀନ୍ଦ୍ର କୁମାର ନାୟକ, ରାଜେନ୍ଦ୍ର କୁମାର ଦେଓ, କ୍ଷୀରୋଦ ପ୍ରସାଦ ସାହୁ, ରଶ୍ମିରଞ୍ଜନ ଲେଙ୍କାଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଦ୍ୟାବଧି ଅଗ୍ନି ନିରାପତ୍ତା ନେଇ ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇନାହିଁ। ୨୦୧୬ ପୂର୍ବରୁ ମିଳିଥିବା ପ୍ରମାଣପତ୍ରକୁ ଧରି କର୍ତ୍ତୃପକ୍ଷ ଚିକିତ୍ସାଳୟ ପରିଚାଳନା କରୁଛନ୍ତି। ତେବେ ୨୦୧୭ ନଭେମ୍ବରରୁ ନୂଆ ନିୟମ ଆସିଥିଲେ ମଧ୍ୟ କର୍ତ୍ତୃପକ୍ଷ ଅଗ୍ନିନିରାପତ୍ତା ପାଇଁ ଆବେଦନ କରିନାହାନ୍ତି। ଏ ନେଇ ଅଗ୍ନିଶମ ଅଧିକାରୀ ଏଡିଏମ୍‌ଓ ମେଡିକାଲ ବିଶୋଇଙ୍କୁ ଜଣାଇବା ସହ ତୁରନ୍ତ ଫର୍ମ ୩ରେ ଆବେଦନ କରିବାକୁ ପରାମର୍ଶ ଦେଇଥିଲେ। ଆସନ୍ତା ୪ ଦିନ ମଧ୍ୟରେ ମେଡିକାଲର ଅଗ୍ନି ନିରାପତ୍ତା ପାଇଁ ଆବେଦନ କରାଯିବ ବୋଲି ଏଡିଏମ୍‌ଓ ମେଡିକାଲ ବିଶୋଇ ପ୍ରକାଶ କରିଛନ୍ତି।

## ଉଚ୍ଛେଦ ହେଲା, ଥଇଥାନ ହେଉନି

# ଦୁର୍ଦ୍ଦଶାରେ ଉଠା ଦୋକାନୀ

ବଇଣ୍ଡା,୧୪।୯(ଡି.ଏନ.ଏ)

କିଶୋରନଗର ବ୍ଲକର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ବଇଣ୍ଡା ଛକ ଏବେ ଛାରଖାର ହୋଇଯାଇଛି। ୫୫ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଉଭୟପାର୍ଶ୍ୱରେ ଥିବା ୫ଶହ ଉଠା ଦୋକାନୀ ଓ ବାସଗୃହ ଉଚ୍ଛେଦ ହୋଇଥିବାବେଳେ ଏବେ ଉଠା ଦୋକାନୀଙ୍କ ସମସ୍ୟା ଜଟିଳ ହେଉଛି। ସେମାନଙ୍କୁ ଥଇଥାନ ଏବଂ କ୍ଷତିପୂରଣ ଦିଆଯାଉ ନ ଥିବା ଯୋଗୁ ଅସନ୍ତୋଷ ଦେଖାଦେଇଛି। ଗତ ବର୍ଷ ମେ ୧୭, ୧୮ରେ ଉଚ୍ଛେଦ କରାଯାଇଥିଲା। ସେହି ସମୟରେ କ୍ଷତିପୂରଣ ଦିଆଯାଇ ନ ଥିବାବେଳେ ପୋଲିସ ଛାଉଣୀ କରି ତରବରିଆ ଭାବେ ଉଚ୍ଛେଦ କରାଯାଇଥିଲା। ଏଥିରେ ୪ ଶହ ଉଠାଦୋକାନୀ କ୍ଷତିଗ୍ରସ୍ତ ହୋଇଥିଲେ। ଇତିମଧ୍ୟରେ ଉଚ୍ଛେଦକୁ ଦୀର୍ଘ ୧୬ ମାସ ବିତିଯାଇଥିଲେ ମଧ୍ୟ କ୍ଷତିଗ୍ରସ୍ତଙ୍କୁ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଯୋଗାଇ ଦିଆଯାଇ ନ ଥିବାବେଳେ ଥଇଥାନ ମଧ୍ୟ କରାଯାଇ ନାହିଁ। ଗତ ୧୧,୧୨, ୧୩ ତାରିଖରେ ୧୪୪ ଧାରା ଲାଗୁ କରାଯାଇ ପୁଣି ଉଚ୍ଛେଦ କରାଯାଇଛି। ଏଥିରେ ୩୫ରୁ ଊର୍ଦ୍ଧ୍ୱ ଦୋକାନୀ କ୍ଷତିଗ୍ରସ୍ତ ହୋଇଛନ୍ତି। ତୁରନ୍ତ ରାଜ୍ୟ ସରକାର ଦୃଷ୍ଟି ଦେଇ ଉଠାଦୋକାନୀଙ୍କୁ ଥଇଥାନ ସହ କ୍ଷତିପୂରଣ ଯୋଗାଇ ଦେବା ପାଇଁ ବ୍ୟବସାୟୀ ସଂଘ ପକ୍ଷରୁ ଦାବି ହୋଇଛି।



ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ କହିଛନ୍ତି, ନୂତନ ଭାବେ ଯୋଗ ଦେଇଛି। ବ୍ୟବସାୟୀଙ୍କ ସମସ୍ୟା ବିଷୟରେ ଅବଗତ ଅଛି। କ୍ଷତିଗ୍ରସ୍ତ ଉଠାଦୋକାନୀ କିଭଳି ଥଇଥାନ ହେବେ ସେ ସମ୍ପର୍କରେ ଅନୁଧ୍ୟାନ କରାଯିବ।



ନୁନୁକାପଶି ସରପଞ୍ଚ ଜଳଧର ସାହୁ କହିଛନ୍ତି, ଉଚ୍ଛେଦ ପ୍ରକ୍ରିୟା ଯୋଗୁ ବଇଣ୍ଡା ଅଞ୍ଚଳ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଦୋକାନୀଙ୍କୁ କିଭଳି ଥଇଥାନ କରାଯିବ ସେଥିପ୍ରତି ପ୍ରଶାସନର ସହାୟତାରେ ପଞ୍ଚାୟତ ପକ୍ଷରୁ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଉଛି।

### ବ୍ୟବସାୟୀଙ୍କ ମତ



**ଉଚ୍ଛେଦ ପାଇଁ ସମୟ ଦେଲେନି**

ଛବୀନ୍ଦ୍ର ପ୍ରଧାନ କୁହନ୍ତି, ଆମ ଦୋକାନ ଗୃହକୁ ନେଇ କୋର୍ଟରେ ମାମଲା ଚାଲିଛି। ପ୍ରଶାସନ ପକ୍ଷରୁ ହଠାତ ୧୪୪ ଧାରା ଲାଗୁ କରାଯାଇ ଭାଙ୍ଗି ଦିଆଗଲା। ଦୋକାନରୁ ସାମଗ୍ରୀ ବାହାର କରିବା ପାଇଁ ସମୟ ଦେଲେ ନାହିଁ। ୨ ଘଣ୍ଟା ମଧ୍ୟରେ ସମସ୍ତ ସାମଗ୍ରୀ ସ୍ଥାନାନ୍ତର ସମୟରେ କ୍ଷତିଗ୍ରସ୍ତ ହୋଇଛି।



**କ୍ଷତିପୂରଣ ମିଳିନି**

ପ୍ରକାଶ ଚନ୍ଦ୍ର ବାରିକ କୁହନ୍ତି, ଦୋକାନ ଉଚ୍ଛେଦକୁ ୧୬ ମାସ ବିତିଯାଇଛି। ତଥାପି ଦୁଃଖ ସରିନି। କ୍ଷତିପୂରଣ ପାଇଁ ବହୁବାର ଆବେଦନ କରାଯାଇଛି। ହେଲେ କେହି ଶୁଣୁନାହାନ୍ତି। ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାସହ ଥଇଥାନ କରାଯାଉ।



**ଶୀଘ୍ର ଥଇଥାନ କରାଯାଉ**

ସନାତନ ସାହୁ କୁହନ୍ତି, ରାସ୍ତା ଦୁଇ ପାର୍ଶ୍ୱରେ ବହୁ ଉଠା ଦୋକାନୀ ଦୋକାନ ଦେଇ ପରିବାର ପ୍ରତିପୋଷଣ କରୁଥିଲେ। ସେମାନେ ଏବେ ବେସାହାରା। ଜିଲା ପ୍ରଶାସନ ଦୃଷ୍ଟିଦେଇ ତୁରନ୍ତ ସେମାନଙ୍କୁ ଥଇଥାନ କରୁ।



**ବସଷ୍ଟାଣ୍ଡ ନିର୍ମାଣ ହେଉ**

ସୁଧାକର ବେହେରା କୁହନ୍ତି, ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ବହୁ ଦୋକାନୀ ଜୀବିକା ହରାଇନ୍ତି। ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ। ବସଷ୍ଟାଣ୍ଡ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ତୁରନ୍ତ ଜିଲା ପ୍ରଶାସନ ବସଷ୍ଟାଣ୍ଡ ନିର୍ମାଣ କରି ବ୍ୟବସାୟୀଙ୍କୁ ଥଇଥାନ କରୁ।

## ପୋକତୁଙ୍ଗାରେ ଗଣେଶ ଭସାଣି

ବନ୍ତଳା, ୧୪।୯(ଡି.ଏନ.ଏ.)



ଅନୁଗୋଳ ଜିଲା ବନ୍ତଳା ଥାନା ପୋକତୁଙ୍ଗା ଦେହୁରୀ ସାହି ଫ୍ରେଣ୍ଡସ କ୍ଲବ ପକ୍ଷରୁ ଗୁରୁବାର ରାତିରେ ଗଣେଶଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡିଜେ ସାଉଣ୍ଡ, ଆଲୋକ, ବାଣ, ଗୀତ, ନୃତ୍ୟରେ ଶୋଭାଯାତ୍ରାରେ ଠାକୁରଙ୍କୁ ନିଆଯାଇଥିଲା। ଏହା ପୂର୍ବରୁ ପ୍ରାୟ ୫ ହଜାର ଗ୍ରାମବାସୀଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା। କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବୃଦ୍ଧଙ୍କୁ ମାଡ଼ମାରି ଜଣେ ଗିରଫ

ବଇଣ୍ଡା,୧୪।୯(ଡି.ଏନ.ଏ)

ଠାକୁରଗଡ଼ ଥାନା ଆଡେଶ୍ୱର ଗ୍ରାମର ବିଦେଶୀ ପ୍ରଧାନ(୬୦)ଙ୍କୁ ମାମୁରିଝରଣ ଗ୍ରାମର ବୀଭତ୍ସ ପ୍ରଧାନ ଏକ ଠେଙ୍ଗାରେ ବୁଧବାର ରାତିରେ ମାଡ଼ ମାରିଥିବା ଶୁକ୍ରବାର ଅଭିଯୋଗ ହୋଇଛି। ପୋଲିସ ଏ ନେଇ ନଂ. ୯୩/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବିଭତ୍ସଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ପୋଲିସ କହିଛି, ଉଭୟଙ୍କ ମଧ୍ୟରେ ପୂର୍ବରୁ ଜମିବାଡ଼ିକୁ ନେଇ ଗଣ୍ଡଗୋଳ ଲାଗି ରହିଥିଲା। ବୁଧବାର ରାତିରେ ବୀଭତ୍ସ ଏକ ଠେଙ୍ଗାରେ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ଆଜି ଖୋଲାଯିବ ରେଙ୍ଗାଳି ଗେଟ୍

କଣିହାଁ,୧୪।୯(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି ପାଇଥିବାରୁ ରବିବାର ପୂର୍ବାହ୍ନ ୯ଟାରେ ଗୋଟିଏ ଗେଟ ଖୋଲାଯିବ ବୋଲି ଡ୍ୟାମ୍ ନିର୍ବାହୀ ଅଧିକାରୀ ଅଜିତ କୁମାର ଜେନା ଗଣମାଧ୍ୟମକୁ ଜଣାଇଛନ୍ତି। ଜେନା କହିଛନ୍ତି, ଶନିବାର ରାତି ୯ଟା ସୁଦ୍ଧା ନଦୀ ବନ୍ଧକୁ ୧୪୪୪.୭୮ ଘନ ମିଟର ଜଳ ପ୍ରବେଶ କରୁଛି। ବିଦ୍ୟୁତ୍ ଉତ୍ପାଦନକୁ ନେଇ ପ୍ରତି ସେକେଣ୍ଡରେ ପାୱାର ହାଉସରୁ ୫୩୩.୬୦ ଘନ ମିଟର ଜଳ ନିଷ୍କାସନ ହେଉଛି। ଡ୍ୟାମ୍‌ର ଜଳଧାରଣ କ୍ଷମତା ୧୨୩.୫୦ ମିଟର ଥିବାବେଳେ ଜଳସ୍ତର ୧୨୩.୧୬ ମିଟରରେ ପହଞ୍ଚିଛି। ତେଣୁ ୨ୟ ଥର ପାଇଁ ୭ନଂ. ଗେଟ ରବିବାର ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯିବ। ଗତ ୮ ତାରିଖରେ ଗୋଟିଏ ଗେଟ୍ ଖୋଲାଯାଇଥିଲା।




## ସ୍କୁଲ ପରିଦର୍ଶନ ବେଳେ ଡିଇଓ ଖପ୍ପା

ବନ୍ତଳା, ୧୪।୯(ଡି.ଏନ.ଏ.)

ଅନୁଗୋଳ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ସଚ୍ଚିଦାନନ୍ଦ ବେହେରା ଶନିବାର ବନ୍ତଳା ଅଞ୍ଚଳର ବିଭିନ୍ନ ସ୍କୁଲକୁ ଅଚାନକ ପରିଦର୍ଶନରେ ଆସିଥିଲେ। ବିଦ୍ୟାଳୟଗୁଡ଼ିକୁ ଯାଇ ଛାତ୍ରୀଛାତ୍ରଙ୍କୁ ପାଠ ପଚାରିବା ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। ହେଲେ କେତେକ ପ୍ରଶ୍ନର ଉତ୍ତର ନ ପାଇ ଶିକ୍ଷା ଅଧିକାରୀ ଅସନ୍ତୋଷ ପ୍ରକାଶ କରିଥିଲେ।

ପ୍ରଥମେ ଡିଇଓ ନନ୍ଦପୁର ୟୁପି ସ୍କୁଲ, ପରେ କଳିଙ୍ଗ ହାଇସ୍କୁଲ, ନନ୍ଦପୁର ଓ କରତପଟା ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ।



ପୋକତୁଙ୍ଗା ବିଦ୍ୟାଳୟରେ ଜିଲା ଶିକ୍ଷା ଅଧିକାରୀ।

ହେଲେ ଅଧିକାଂଶ ପିଲା ଏବିସିଡି ମଧ୍ୟ କହି ପାରୁ ନ ଥିବା ସହ ଅନେକେ ବହି ପଢ଼ିପାରି ନ ଥିଲେ। ଶିକ୍ଷକ କଳାପଟାରେ ଲେଖୁଥିବା ପାଠ ଅନେକେ ବୁଝି ପାରୁ ନ ଥିବା ଡିଇଓ ଦେଖିବାକୁ ପାଇଥିଲେ। ଅନ୍ୟପକ୍ଷରେ ସ୍କୁଲରେ କେତେ ଛାତ୍ରୀଛାତ୍ର ଉପସ୍ଥିତ ରହୁଛନ୍ତି ସେ ବିଷୟରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ନ କହିପାରିବାରୁ ଡିଇଓ ଖପ୍ପା ହୋଇଥିଲେ। ସେହିପରି ପାଇଖାନା, ନିଆଁ ଲିଭା ଯନ୍ତ୍ର, ଲେଶନ ପ୍ଲାନ, ଫ୍ୟାନ, ଲାଇଟ ଆଦି ବୁଲି ଦେଖିଥିଲେ। ପୋକତୁଙ୍ଗା ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଖାଇ ଏହାର ମାନ ପରୀକ୍ଷା କରିଥିଲେ। ସେଠାରୁ ପୋକତୁଙ୍ଗା ସରକାରୀ ହାଇସ୍କୁଲ ଓ ପାଟଣାସାହି ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ। ଏଥିସହ ଶିକ୍ଷାଦାନର ମାନ ବଢାଇ ଠିକ୍ ଭାବେ ପାଠ ପଢାଇବାକୁ ଶିକ୍ଷା ଅଧିକାରୀ ବେହେରା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ତାଗିଦ୍ କରିଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରା ଉପସ୍ଥିତ ଥିଲେ।

## ପ୍ରତିଶ୍ରୁତି ପରେ ହଟିଲା ଆନ୍ଦୋଳନ

କଣିହାଁ,୧୪।୯(ଡି.ଏନ.ଏ.)

କଣିହାଁ ବ୍ଲକ ମସୁଣିହତା ଗ୍ରାମବାସୀଙ୍କ ଚାଷ ଜମିରେ ପାଉଁଶ ସମସ୍ୟାକୁ ନେଇ ଚାଲିଥିବା ଆନ୍ଦୋଳନ ଶନିବାର ପ୍ରତ୍ୟାହୃତ ହୋଇଛି। ଆନ୍ଦୋଳନକାରୀଙ୍କ କ୍ଷୟକ୍ଷତି ସମସ୍ୟାକୁ ନେଇ କଣିହାଁ ଥାନାରେ ଆଲୋଚନା ବେଳେ ଏନ୍‌ଟିପିସି କର୍ତ୍ତୃପକ୍ଷ ଜମି ଅଧିଗ୍ରହଣ ସହିତ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଛି। ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ଏନ୍‌ଟିପିସି କର୍ତ୍ତୃପକ୍ଷ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ବୁଝାମଣା ହୋଇଛି। ବର୍ତ୍ତମାନ ପାଉଁଶ ପୋଖରୀ କାର୍ଯ୍ୟ ସ୍ୱାଭାବିକ ହୋଇଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ